



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 155 | ଭାଗ ୩୩ | ସଂଖ୍ୟା ୧୫୫ | Tuesday 26 August 2025 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର ୨୬ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ନବୀନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ରାଜ୍ୟପାଳ



- ନବୀନ ନିବାସରେ ପହଞ୍ଚି ଦେଲେ ଉପହାର
- ସୁର ରାଉତରାୟ ବି ଭେଟିଲେ

ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ): ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବୀନ ନିବାସରେ ପହଞ୍ଚି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିବା ବେଳେ ଆଜି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ମଧ୍ୟ ନବୀନ ନିବାସରେ ପହଞ୍ଚିଥିଲେ। ସେ ଶ୍ରୀ ପଟ୍ଟନାୟକଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଉଭୟଙ୍କ ମଧ୍ୟରେ ୧୫ ମିନିଟ୍ ଧରି ଆଲୋଚନା ହୋଇଥିଲା। ଏହି ଅବସରରେ ରାଜ୍ୟପାଳ ଡ. କମ୍ଭମପାଟି ଉପହାର ସ୍ୱରୂପ ଶ୍ରୀ ପଟ୍ଟନାୟକଙ୍କୁ ଫଳ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ସେହିପରି ଆଜି ମଧ୍ୟ ପୂର୍ବତନ ଜଟଣୀ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ ନବୀନ ନିବାସରେ ପହଞ୍ଚି ଶ୍ରୀ ପଟ୍ଟନାୟକଙ୍କୁ ଭେଟିବା ସହ ତାଙ୍କ ସୁସ୍ଥତା କାମନା କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ୧୭ ତାରିଖ ସନ୍ଧ୍ୟାରେ ନବୀନ ଡିହାଇଡ୍ରେସନ୍ ଯୋଗୁଁ ଅସୁସ୍ଥ ➪ପୃଷ୍ଠା-୬

### ପୂର୍ବାଞ୍ଚଳ ବେସାମରିକ ବିମାନ ପରିବହନ ମନ୍ତ୍ରିସ୍ତରୀୟ ସମ୍ମିଳନୀ

## ଓଡ଼ିଆ ଆଦିବାସୀ ଝିଅ ହେବେ ପାଇଲଟ୍

- କ୍ୟାଡେଟ୍ ପାଇଲଟ୍ ପ୍ରୋଗ୍ରାମ୍‌ରେ ଦିଆଯିବ ସ୍ୱତନ୍ତ୍ର ଟ୍ରେନିଂ
- ଏୟାର ୱାର୍କ୍ସ ସହ ବୁଝାମଣା
- ବିପିଆଇଏରେ ସ୍ଥାପିତ ହେବ ଆଧୁନିକ ଏମ୍ଆରଓ
- ୧୪ ମାସରେ ୧୫ ନୂଆ ଗନ୍ତବ୍ୟସ୍ଥଳ ସହ ଯୋଡ଼ିହୋଇଛି ଓଡ଼ିଶା
- ଏୟାରପୋର୍ଟରେ ହେବ ଫ୍ଲାଇଟ ଓ ୟୁଏଭି ଟ୍ରେନିଂ, ଏୟାରସ୍ପୋର୍ଟ୍ସ ବ୍ୟବସ୍ଥା
- ବିରାଶାଳଠାରେ ନିର୍ମାଣ ହେବ ବିଶ୍ୱସ୍ତରୀୟ ବିମାନ ପ୍ରଶିକ୍ଷଣ କେନ୍ଦ୍ର
- ଅକ୍ଟୋବରରୁ ଚିଲିକାରେ ସି-ପ୍ଲେନ ସେବା!




ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ): ଓଡ଼ିଶା ପର୍ଯ୍ୟଟନର ବିକାଶ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। କମ୍ ସମୟରେ, କମ୍ ଭଡ଼ାରେ ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ବୁଲିବେ ପର୍ଯ୍ୟଟକ। ଆଉ ତାହା ବି ପୁଣି ହେଲିକପ୍ଟରରେ। ସେହିଭଳି ଚିଲିକା ଓ ହୀରାକୁଦରେ ସି-ପ୍ଲେନ ଚଲାଇ ପର୍ଯ୍ୟଟକଙ୍କୁ ଓଡ଼ିଶାମୁହାଁ କରିବାକୁ ଅଣ୍ଟା ଭିଡ଼ିଛନ୍ତି ସରକାର। ଏହାବାଦ୍ ଦୁବାଇ ଓ ସିଙ୍ଗାପୁରକୁ ବିମାନ ଚଳାଚଳ ବନ୍ଦ ଆଶଙ୍କାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ସେହିପରି ଆସନ୍ତା ଅକ୍ଟୋବରରୁ ଚିଲିକା ଓ ହୀରାକୁଦରେ ଆରମ୍ଭ ହେବ ସି-ପ୍ଲେନ ସେବା। ଏଥିପାଇଁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ଲୋଡ଼ିଛନ୍ତି ରାଜ୍ୟ ➪ପୃଷ୍ଠା-୬

### ଦୁବାଇ ଓ ସିଙ୍ଗାପୁରକୁ ବନ୍ଦ ହେବନି ସେବା

## ଖୁବ୍‌ଶୀଘ୍ର ବିପିଆଇଏର ତୃତୀୟ ଟର୍ମିନାଲ୍

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର (ବିପିଆଇଏ) ସମ୍ପ୍ରସାରଣ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏଠାରେ ତୃତୀୟ ଟର୍ମିନାଲ ହେବ। ସେଥିରେ ଓଡ଼ିଶାର କଳା, ସଂସ୍କୃତି ଓ ଇତିହାସର ଝଲକ ଦେଖିବାକୁ ମିଳିବ। ୧୦ ବର୍ଷରେ ଦେଶରେ ବେସାମରିକ ବିମାନ ଚଳାଚଳର ଅଭିବୃଦ୍ଧି ହୋଇଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ସ୍କିମ୍‌ରେ ୩୫୦ ନୂଆ ଏୟାରପୋର୍ଟ ହେବାର ଯୋଜନା ରହିଛି ବୋଲି କେନ୍ଦ୍ର ବେସାମରିକ ବିମାନ ପରିବହନ ରାଷ୍ଟ୍ର ମନ୍ତ୍ରୀ କେ. ରାମମୋହନ ନାଇଡୁ ➪ପୃଷ୍ଠା-୬

## ଓଡ଼ିଶା ହେବ ଆଇଟି ଓ ଇଲେକ୍ଟ୍ରୋନିକ୍ସ ହବ୍

- ରାଜ୍ୟ ଆଇଟି ନୀତି-୨୦୨୫କୁ କ୍ୟାବିନେଟ ମଞ୍ଜୁରୀ
- ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବ ଓଡ଼ିଶା
- ଓପିଏସସିରେ ନିଯୁକ୍ତିକୁ ମିଳିଲା ଅନୁମୋଦନ



ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ): ରାଜ୍ୟରେ ଡିଜିଟାଲ ଓ ଏଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଆସିବ ବିରାଟ ପରିବର୍ତ୍ତନ। ଏହି ଦୁଇ କ୍ଷେତ୍ରର ବିକାଶକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ଆଜି ଦୁଇଟି ଗୁରୁତ୍ୱପୂର୍ଣ୍ଣ ନୀତିକୁ ମଞ୍ଜୁରୀ ଦେଇଛନ୍ତି। ରାଜ୍ୟ ଆଇଟି ନୀତି-୨୦୨୫ ଓ ଏଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ନୀତି-୨୦୨୫କୁ ନୀତିଗତ ଭାବେ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏଥିସହ କ୍ୟାବିନେଟ ଆଜି ୪ଟି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି।

ଓଡ଼ିଶାର ଡିଜିଟାଲ୍ ରୂପାନ୍ତରଣକୁ ଆଗେଇ ନେବା ଏବଂ ବୈଷୟିକ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ରଣନୈତିକ ପଦକ୍ଷେପ ସ୍ୱରୂପ କ୍ୟାବିନେଟ ଆଜି ଓଡ଼ିଶା ଆଇଟି ନୀତି ୨୦୨୫କୁ ଅନୁମୋଦନ କରିଛି। ଏହି ଦୂରଦୃଷ୍ଟିସମ୍ପନ୍ନ ନୀତି ଓଡ଼ିଶାକୁ ବୈଷୟିକ ଜ୍ଞାନ ଏବଂ ଉଦ୍ଭାବନ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାପିତ କରିବାକୁ ଉଦ୍ଦିଷ୍ଟ। କୃତ୍ରିମ ବୁଦ୍ଧିମତା, କ୍ଲାଉଡ୍ କମ୍ପ୍ୟୁଟିଂ ଏବଂ ଡାଟା ଆନାଲିଟିକ୍ସ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳକୁ ଆପଣାଇ ଏହି ନୀତି ଶାସନକୁ ମଜବୁତ କରିବା, ସର୍ବସାଧାରଣ ସେବା ଯୋଗାଇବାରେ ଉନ୍ନତି ଆଣିବା ଏବଂ ଏକ ଡିଜିଟାଲ୍ ଅନ୍ତର୍ଭୁକ୍ତ ସମାଜକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖୁଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଏହା ଉଦ୍ଭାବନ, ଉଦ୍ୟୋଗିତା ଏବଂ ସ୍ଥାୟୀ ବିକାଶକୁ ସମର୍ଥନ କରୁଥିବା ଏକ ଦୃଢ଼ ଡିଜିଟାଲ୍ ପରିବେଶ ସୃଷ୍ଟି କରିବା ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି।

ଓଡ଼ିଶା ଆଇଟି ନୀତି ୨୦୨୫ରେ ଆଇ.ଟି ଓ ଆଇ.ଟି.ଇ.ଏସ୍ କ୍ଷେତ୍ରରେ ୧୦ ଲକ୍ଷ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ➪ପୃଷ୍ଠା-୬

### ଉଚ୍ଚସ୍ତରୀୟ ଟାସ୍କଫୋର୍ସର ତୃତୀୟ ବୈଠକ

## ଦାଦନ ରୋକିବାକୁ କାର୍ଯ୍ୟକାରୀ ହେବ ଜୀବିକା ପ୍ରଣାଳୀ



- ପ୍ରବାସୀ ଶ୍ରମିକଙ୍କୁ ମିଳିବ ତାଲିମ୍
- କଲ୍ୟାଣ ପାଇଁ ଗଠନ ହେବ କମିଟି

ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନରେ ଦାଦନ ଶ୍ରମିକ ହ୍ରାସ ନେଇ ଗଠିତ ଉଚ୍ଚସ୍ତରୀୟ ଟାସ୍କଫୋର୍ସର ତୃତୀୟ ବୈଠକ ଅନୁଷ୍ଠିତ ହୋଇଛି । ପୂର୍ବ ବୈଠକରେ ଦାଦନ ପାଇଁ ପ୍ରବାସ ଯାଉଥିବା ପଛର କାରଣ ଓ ସମାଧାନ ଅଧ୍ୟୟନ ସକାଶେନିଷ୍ପତ୍ତି ହୋଇଥିଲା ଓ ଏହି ସର୍ଭେ ପାଇଁ ଦି ନଜ୍ ଫାଉଣ୍ଡେସନ୍‌କୁ ଦାୟିତ୍ୱ ଦିଆଯାଇଥିଲା। ସର୍ଭେ ଓ ସରକାରଙ୍କ ପାଖରେ ଉପଲବ୍ଧ ତଥ୍ୟ ଆଧାରରେ ଦାଦନ ଶ୍ରମିକ ପ୍ରବାସ ରୋକିବା ସକାଶେ ଓଡ଼ିଶା ପିଭିଟିଜି ଜୀବିକା ମଡେଲ ଓ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଭଳି ପ୍ରଭାବଶାଳୀ ଜୀବିକା ପ୍ରଣାଳୀ କାର୍ଯ୍ୟକାରୀ କରିବା ସକାଶେ ନିଷ୍ପତ୍ତି ନିଆଯାଇଛି। ପ୍ରବାସୀ ଶ୍ରମିକମାନଙ୍କୁ ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦିଆଯିବ। ବର୍ତ୍ତମାନ ସମୟରେ ଚାଲୁଥିବା ବିଭିନ୍ନ ସରକାରୀ ଜନକଲ୍ୟାଣକାରୀ ଯୋଜନା ଯଥା ଏମଜିନରେଗା, ସୁଭଦ୍ରା, କୃଷକମାନଙ୍କୁ ଇନପୁଟ୍ ସହାୟତା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କାମଧେନୁ ଯୋଜନା, ଛେଳି ପାଳନ, ଚାରା ରୋପଣ ଭଳି କାର୍ଯ୍ୟକ୍ରମ ଚାଲୁ ରହିଛି। ସରକାର ପ୍ରବାସ ପ୍ରବଣ ଜିଲ୍ଲା ଓ ବ୍ଲକର ପ୍ରତିଟି ପରିବାରକୁ ଏହି ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ଶତ ପ୍ରତିଶତ କଭରେଜ୍ ସୁନିଶ୍ଚିତ କରିବେ। ଏହି ଉଦ୍ଦେଶ୍ୟରେ ସାଚୁରେସନ୍ ଡ୍ରାଇଭ୍ କରାଯିବ ଓ ବିଭିନ୍ନ ବିଭାଗର ଅଧିକାରୀ, ସଚିବ ଉପରୋକ୍ତ ଯୋଜନାଗୁଡିକର ଶତପ୍ରତିଶତ ➪ପୃଷ୍ଠା-୬

## ନବୀନଙ୍କ ଟିମ୍‌କୁ ବଦନାମ କରୁଛନ୍ତି ଲଗାମଛଡ଼ା ମୁଖପାତ୍ର

### ଶବ୍ଦ ସଂଯୋଜନାରେ ନାହିଁ ଶାଳୀନତା



ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ): ନବୀନ ପଟନାୟକଙ୍କ ଅସୁସ୍ଥତାକୁ ନେଇ ଦଳମତ ନିର୍ବିଶେଷରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପିସିସି ସଭାପତି ଏପରିକି ଖୋଦ ପ୍ରଧାନମନ୍ତ୍ରୀ ବି ସମବେଦନା ଜଣାଉଛନ୍ତି। ନବୀନଙ୍କ ଭାବମୂର୍ତ୍ତି ପାଇଁ ସବୁ ମହଲରେ ତାଙ୍କର ଆଦୃତି ରହିଛି। ହେଲେ ତାଙ୍କ ଟିମକୁ ବଦନାମ କରୁଛନ୍ତି କିଛି ଅପାଠୁଆ ମୁଖପାତ୍ର। ସେମାନେ ସାମ୍ବାଦିକ ସମ୍ମିଳନୀରେ ଶବ୍ଦ ସଂଯୋଜନାରେ ଶାଳୀନତା ରଖୁନାହାନ୍ତି। ଯେଉଁଥିପାଇଁ ନବୀନଙ୍କ ଟିମ ଆଡକୁ ବିପକ୍ଷ ଦଳ ଆଙ୍ଗୁଳି ଉଠାଇବାର ସୁଯୋଗ ପାଉଛନ୍ତି।

ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଲେଲିନ ମହାନ୍ତି ନବୀନଙ୍କ ଚିକିତ୍ସା ସମୟରେ ପାଣ୍ଡିଆନ ଓ ସୁଜାତାଙ୍କ ଉପସ୍ଥିତିକୁ ନେଇ ବିରୋଧୀ ଦଳ ଉଠାଉଥିବା ପ୍ରଶ୍ନର ଜବାବ ଦେଇଛନ୍ତି। ହେଲେ ଏଥିରେ ଲେଲିନ ଅତି ଉତ୍ସାହିତ ହୋଇ ନବୀନଙ୍କୁ ଖୁସି କରିବାକୁ ଯାଇ ଏପରି ଏକ ଶବ୍ଦ ବ୍ୟବହାର କରିଛନ୍ତି ଯାହା ଉପରେ ସମୀକ୍ଷକମାନେ ଆପତ୍ତି ଉଠାଇଛନ୍ତି। କହୁକହୁ ଲେଲିନ 'ପୋଡୁଛି' ବୋଲି କହିଥିଲେ। ଓଡ଼ିଆରେ ଏହି ଶବ୍ଦଟିକୁ ଅଶାଳୀନ ବୋଲି ବିବେଚନା କରାଯାଏ। ରାଜନୀତିରେ ନବୀନ ସବୁବେଳେ ➪ପୃଷ୍ଠା-୬

### ବୈତରଣୀ, ସୁବର୍ଣ୍ଣରେଖା ଓ ବ୍ରାହ୍ମଣୀରେ ବନ୍ୟା ବିପ୍ଳାତ

## ଆତଙ୍କିତ ଅବସ୍ଥାରେ ନଦୀକୂଳବାସୀ




- ସଜାଗ ରହିବାକୁ ପ୍ରଶାସନର ପରାମର୍ଶ
- ଶହ ଶହ ପରିବାର ପାଣି ଘେରରେ
- କାଣୀ ନଦୀରେ ୩୦ ଫୁଟର ଘାଇ

ଭଦ୍ରକ/ବାଲେଶ୍ୱର, ୨୫।୮ (ସଂଚାର ବ୍ୟୁରୋ): ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବୈତରଣୀ, ସୁବର୍ଣ୍ଣରେଖା,ବ୍ରାହ୍ମଣୀ ନଦୀରେ ଭୟଙ୍କର ବନ୍ୟା ପରିସ୍ଥିତି ଦେଖାଦେଇଛି। ବିଭିନ୍ନ ଗାଁ ବୁଡ଼ି ରହିଥିବା ବେଳେ ଏକର ଏକର ଚାଷଜମି ଜଳଚର ହୋଇପଡ଼ିଛି। ଆଗକୁ ଚାରିଦିନ ବର୍ଷା ବିପ୍ଳାତ ଥଇବାରୁ ପରିସ୍ଥିତି ସଙ୍ଗିନ ରୂପ ଧାରଣ କରିବାର ଆଶଙ୍କା ପ୍ରକାଶ ପାଇଛି। ଆଖୁଆପଦା ଠାରେ ବିପଦ ସଂକେତ ଉପରେ ରହିଛି ବୈତରଣୀ ନଦୀର ଜଳସ୍ତର। ଏଠାରେ ବିପଦ ସଂକେତ ୧୮.୩୩ ମିଟର ରହିଥିବା ବେଳେ ଆଜି ପୂର୍ବାହ୍ନ ୧୦ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୧୮.୮୧ ମିଟରରେ ପ୍ରବାହିତ ହେଉଛି। ଅନ୍ୟପକ୍ଷରେ ଜଳସ୍ତର ବୃଦ୍ଧି ପାଉଥିବାରୁ ନଦୀକୂଳିଆ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

ସେହିଭଳି ସୁବର୍ଣ୍ଣରେଖା ନଦୀର ଜଳ ସ୍ତର ସାମାନ୍ୟ ହ୍ରାସ ପାଇଥିଲେ ହେଁ ଏବେବି ରାଜଘାଟ ଠାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଭୋଗରାଇ ବ୍ଲକର ୬ଟି ପଞ୍ଚାୟତର ପ୍ରାୟ ୧୫ରୁ ଅଧିକ ଗାଁ ଜଳବନ୍ଦୀ ଅବସ୍ଥାରେ ରହିଛି। ତଳିଆ ଅଞ୍ଚଳରେ ଶହ ଶହ ପରିବାର ପାଣିଘେରରେ ରହିଛନ୍ତି। ଫଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ଅନ୍ୟପକ୍ଷରେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିଛି। ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି।

ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ ଦେଇ ପ୍ରବାହିତ ବୈତରଣୀ ନଦୀର ଶାଖା ନଦୀ କାଣୀ ନଦୀରେ ବନ୍ୟା ➪ପୃଷ୍ଠା-୬

## ମାଧ୍ୟମିକ ଶିକ୍ଷା ବୋର୍ଡରେ କୋଟି କୋଟି ଲୁଟ!




### ତଥ୍ୟ ଦେଉନାହାନ୍ତି ଅଧିକାରୀ

କଟକ,୨୫।୮(ସଂଚାର ବ୍ୟୁରୋ): ପ୍ରଶ୍ନପତ୍ର ଲିକ ଘଟଣାରେ ଚର୍ଚ୍ଚାରେ ଥିବା ମାଧ୍ୟମିକ ଶିକ୍ଷା ବୋର୍ଡ଼ ଯେ ଦୁର୍ନୀତିର ଗନ୍ତାଘର ପାଲଟିଛି କହିବା ଅତ୍ୟୁକ୍ତି ହେବ ନାହିଁ। ଜିଲ୍ଲା ଅଡିଟ ଅଫିସର ସୂଚନା ଅଧିକାର ଆଇନରେ ଦେଇଥିବା ତଥ୍ୟକୁ ଦେଖିଲେ ଏହା ସ୍ପଷ୍ଟ ହେଉଛି। ଏହି ତଥ୍ୟ କହୁଛି, ବୋର୍ଡରେ ୨୦୨୧-୨୨, ୨୦୨୨-୨୩, ୨୦୨୩-୨୪ ଆର୍ଥିକ ବର୍ଷର ଅଡିଟ ହୋଇନାହିଁ। କିନ୍ତୁ ୨୦୧୪-୧୫ଠାରୁ ୨୦୨୦-୨୧ କୋଟି କୋଟି ଟଙ୍କା ଲୁଟ ହୋଇଥିବା ନେଇ ଅଡିଟରେ ଦର୍ଶାଯାଇଛି। ଏହାକୁ ଆଦାୟ କରିବାକୁ ଅଡିଟ ରିପୋର୍ଟରେ ସୁପାରିସ୍ କରାଯାଇଥିଲା। ହେଲେ ସୂଚନା ଆଇନରେ ପୂରା ତଥ୍ୟ ମାଗିଲେ ତଥ୍ୟ ଦିଆଯାଉନାହିଁ। ସେହିଭଳି କୋଟି କୋଟି ଟଙ୍କା ଆପତ୍ତିଜନକ ରାଶି ଭାବେ ରଖାଯାଇଛି। ଯଦି ଅଗ୍ରୀମ ବର୍ଷ ଅଡିଟ ସମୟରେ ଉକ୍ତ ରାଶି ଉପରେ ଉପଯୁକ୍ତ ବିଲ ➪ପୃଷ୍ଠା-୬



### କାନ ଡେରିଆ

ମଧୁର ବଚନ ମଧୁର ମଧୁର
ମଧୁର ତାଙ୍କ ଚାହାଣି
ମନ୍ଦାକିନୀ ହସ ମନ୍ଦ ମୁହେଁ ଥାଏ
ମନ୍ଦ ଲାଗେ ତା କାହାଣୀ
ମଧୁରାଧିପତି ବାଣୀ...
ମନ୍ଦ ମୁହଁ ପାଦ ସୁନ୍ଦର ସୁନ୍ଦର
ମନ କିନ୍ତୁ କୁଜି କାଣୀ ।

■ ଦେବାଶିଷ

### ୨୦୨୫ ଜାତୀୟ ଶିକ୍ଷକ ପୁରସ୍କାର ଘୋଷଣା

## ଓଡ଼ିଶାରୁ ପାଇବେ ବସନ୍ତ ରଣା ଓ ତରୁଣ ଦାଶ



ଭୁବନେଶ୍ୱର,୨୫।୮ (ସଂଚାର ବ୍ୟୁରୋ): ରାଜ୍ୟର ଦୁଇ ଜଣ ଶିକ୍ଷକ ୨୦୨୫ ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଏନେଇ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ଏହି ଦୁଇ ଶିକ୍ଷକ ହେଲେ ବସନ୍ତ କୁମାର ରାଣା ଓ ତରୁଣ କୁମାର ଦାଶ। ସେମାନଙ୍କୁ ଆସନ୍ତା ସେପ୍ଟେମ୍ବର ୫ ଗୁରୁ ଦିବସ ଅବସରରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଆୟୋଜିତ ହେବାକୁ ଥିବା ଏକ ସମାରୋହରେ ସମ୍ମାନିତ କରାଯିବ। ବସନ୍ତ କୁମାର ରଣା ମାଲକାନଗିରି ଜିଲ୍ଲାର କୋରକୁଣ୍ଡା ବ୍ଲକ ଅନ୍ତର୍ଗତ କୋଣ୍ଡେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି ଓ ତାଙ୍କର ନୂତନ ଶିକ୍ଷଣ ପଦ୍ଧତି ପାଇଁ ସେ ବେଶ୍ ପରିଚିତି ହାସଲ କରିଛନ୍ତି। ସେହିପରି ତରୁଣ ➪ପୃଷ୍ଠା-୬

## କାହିଁକି ରୁଷିଛନ୍ତି ଋଷି ଓ ରାଜା?

- ଦଳକୁ ଖାଲରେ ପକାଉଛନ୍ତି
- କର୍ମୀଙ୍କ ନଜରରେ ଦଳଡିଆଁ ଲକ୍ଷଣ



ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ): ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓରଫ ରାଜା ଓ ସାଂସଦ ଦେବାଶିଷ ସାମନ୍ତରାୟ ଓରଫ ଋଷିଙ୍କୁ ନେଇ ବିଜେଡିରେ ଜୋରଦାର ଚର୍ଚ୍ଚା। ଦଳର ଏହି ଦୁଇ ନେତା କାହିଁକି ବାରମ୍ବାର ରୁଷୁଛନ୍ତି ଓ ମଉକା ଦେଖି ଦଳକୁ ଖାଲରେ ପକାଉଛନ୍ତି, ତାହାକୁ ନେଇ ଅଙ୍କକଷା ଚାଲିଛି।

ରାଜା ଏବେ ଆଠଗଡ଼ର ବିଧାୟକ ଥିବାବେଳେ ଋଷିଙ୍କୁ ବିଜେଡି ରାଜ୍ୟସଭାକୁ ପଠାଇଛି। ବର୍ତ୍ତମାନ ନବୀନ ଅସୁସ୍ଥ ଥିବା ବେଳେ ଦୁଇ ନେତା କିନ୍ତୁ ବୁଲେଇବଙ୍କେଇ ପାଣ୍ଡିଆନଙ୍କୁ ନିଶାଣ କରିବାରେ ଲାଗିଛନ୍ତି। ୱାକଫ୍ ବିଲ୍ ସପକ୍ଷରେ ବିଜେଡି ରାୟ ଦେବା ସମୟରେ ଋଷି ବିଷ ଓଗାଳିଥିବା ବେଳେ ନିର୍ବାଚନ ପରଠାରୁ ନିୟମିତ ଭାବେ ରାଜା ଦଳର ପରାଜୟ ପାଇଁ ପାଣ୍ଡିଆନଙ୍କ ଉପରକୁ ଦୋଷ ଠେଲିବାରେ ଲାଗିଛନ୍ତି। ଯଦିଓ ସିଧାସଳଖ କିଛି କହୁନାହାନ୍ତି, କିନ୍ତୁ ଜଣଙ୍କ ପାଇଁ ଦଳ ହାରିଗଲା ବୋଲି ସେ ବୁଲି ବୁଲି କହିବାକୁ ପଛାଉନାହାନ୍ତି।

ନବୀନ ପଟ୍ଟନାୟକ ଚିକିତ୍ସିତ ହେଉଥିବା ସମୟରେ ପାଣ୍ଡିଆନ ଡାକ୍ତରଖାନାରେ ତାଙ୍କ ପାଖେ ପାଖେ ରହି ସେବା କରୁଥିଲେ। ଏତିକିବେଳେ ରାଜାଙ୍କୁ ପାଣ୍ଡିଆନ ଡାକ୍ତରଖାନାରେ ଅସମ୍ମାନ କଲେ ବୋଲି ଖବର ବୁଲିଲା। ସେହିଭଳି ପିସିସି ସଭାପତି ଭକ୍ତ ଦାସଙ୍କୁ ମଧ୍ୟ ସେ ନବୀନଙ୍କ ନିକଟକୁ ଛାଡ଼ିଲେ ନାହିଁ ବୋଲି କୁହାଗଲା। ଭକ୍ତ ଗଣମାଧ୍ୟମକୁ ଆସି ଏଭଳି ମନଗଢା ଖବରକୁ ଖଣ୍ଡନ କରିଥିବା ବେଳେ ରାଜା କିନ୍ତୁ ନିରବ ରହିଲେ। ଶେଷରେ ଅମର ପଟ୍ଟନାୟକଙ୍କୁ ଆଗକୁ ଆସିବାକୁ ପଡିଲା। ଏବେ ଉଭୟ ରାଜା ଓ ଋଷି ପୁଣିଥରେ ଆକ୍ରମଣାତ୍ମକ ମୁଦ୍ରାରେ ଥିବା ଲକ୍ଷ୍ୟ କରାଯାଉଛି।

ବିଜେଡିର ପରାଜୟ ➪ପୃଷ୍ଠା-୬

# ରାସ୍ତାରେ ଖାଲଖମା ଯୋଗୁଁ ଲୋକେ ହିନସ୍ତା




**ପଟ୍ଟାମୁଣ୍ଡାଇ,୨୫।୮ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ସହରର ଜନଗହଳିପୂର୍ଣ୍ଣ କଲେଜ ରୋଡ, ବାସୁପାତ୍ର ଛକ ଠାରୁ ବକ୍ତାରପୁର ଛକ ପର୍ଯ୍ୟନ୍ତ ରାସ୍ତାରେ ଖାଲଖମା ଯୋଗୁଁ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପୂର୍ତ୍ତବିଭାଗ ଅଧିନରେ ଥିବା ବିଜୁପଟ୍ଟନାୟକ ଛକ ଠାରୁ ବକ୍ତାରପୁର ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତାସାରା ଖାଲ ଖମା ସୃଷ୍ଟିହୋଇ ମରଣଯନ୍ତ୍ରାରେ ପରିଣତ ହୋଇଛି। ପ୍ରତ୍ୟେକ ଦିନ ହଜାର ହଜାର ଜନସାଧାରଣ, ସ୍କୁଲ କଲେଜର ଛାତ୍ରଛାତ୍ରୀ ଏହି ରାସ୍ତାରେ ଯାତାୟାତ କରିଥାନ୍ତି। ଏହି ରାସ୍ତାରେ ସମସ୍ତ ଜାତୀୟ ବ୍ୟାଙ୍କ, ପୋଖରିଆପଡା ମାଇନର ସ୍କୁଲ, ଏମ୍ ଏନ୍ ହାଇସ୍କୁଲ, ମହିଳା କଲେଜ, ପଟ୍ଟାମୁଣ୍ଡାଇ କଲେଜ୍, ବଡବଡ ବ୍ୟବସାୟ ଅନୁଷ୍ଠାନ ଲୁଗା ଦୋକାନ ଠାରୁ ଆରମ୍ଭ କରି ଜଳଖିଆ, ତେଜରାତି,ଷ୍ଟେସିନାରୀ ଦୋକାନ ଥିବାରୁ ଏଠାରେ ନାହିଁ ନଥିବା ଭିଡ ଜମିଥାଏ। ରାସ୍ତାରେ ବଡ ବଡ ଗାତରେ ପାଣି ଜମି ରହିଥିବାରୁ ଗାତରେ ପଡି ଲୋକମାନେ ଖଣ୍ଡିଆ ଖାବରା ହେଉଛନ୍ତି।

ବିଶେଷକରି ସହରର ରାସ୍ତା ଗୁଡିକ ଖରାପ ହେବାର ମୁଖ୍ୟ କାରଣ ହେଉଛି, ଜଳ ନିଷ୍କାସନ। ସହରରୁ ଜଳ ନିଷ୍କାସନ ହୋଇ ନପାରିବାରୁ ଖାଲୁଆ ଜାଗାରେ ପାଣି ଜମି ରାସ୍ତାରେ ଖାଲଖମା ସୃଷ୍ଟି ହେଉଛି। ଆଗ ଅପେକ୍ଷା ପଟ୍ଟାମୁଣ୍ଡାଇ ସହରର ରୂପରେଖ ବଦଳି ଥିଲେ ମଧ ମୁଖ୍ୟ ଜଳନିଷ୍କାସନ ସମସ୍ୟା ଏଯାବତ ବଦଳି ପାରିଲା ନାହିଁ। ମୁନସିପାଲଟି ପକ୍ଷରୁ ପ୍ରତ୍ୟେକ ବର୍ଷ କୋଟି କୋଟି ଟଙ୍କା ଜଳନିଷ୍କାସନ ବାବଦରେ ଖର୍ଚ୍ଚ ହେଉଥିଲେ ମଧ କୌଣସି ସ୍ଥାୟୀ ସମାଧାନ ହୋଇପାରିଲାନାହିଁ। ଯାହାଫଳରେ ବର୍ଷାଦିନ ଆସିଲେ ଲୋକମାନଙ୍କ ମନରେ ଛନକା ପଶୁଛି। ଚଳିତବର୍ଷ ଆଜକୁ ୪ମାସରୁ ଊର୍ଦ୍ଧ୍ୱହେବ ବର୍ଷା ଲାଗିରହିଥିବାରୁ ସହରର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଆଣ୍ଠୁଏଲେଖା ପାଣି ଜମି ରହିଛି। ମେଡିକାଲ, ପଶୁ ଡାକ୍ତରଖାନା, ବ୍ଲକ, ଜମି ରେଜିଷ୍ଟ୍ରେସନ କାର୍ଯ୍ୟାଳୟ, ରାମମନ୍ଦିର ନିକଟ ଯଜ୍ଞ ପଡିଆ, ତହସିଲ ଅଫିସ ନିକଟ ପୁରୁଣାହାଟ ସମ୍ମୁଖରେ ପାଣି ଜମିରହି କୃତ୍ରିମବନ୍ୟା ସୃଷ୍ଟି ହୋଇଛି। ଫଳରେ ରୋଗିମାନଙ୍କ ଠାରୁ ଆରମ୍ଭକରି ସାଧାରଣ ଜନତା ପ୍ରଭାବିତ ହେଉଛନ୍ତି। ତେଣୁ ପୌର ପ୍ରଶାସନ ଓ ପୂର୍ତ୍ତବିଭାଗ ସମସ୍ୟାକୁ ଗୁରୁତ୍ୱଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବୀ ହେଉଛି।

## ପେଣ୍ଟରୁ ବଉଳା କୁମ୍ଭୀର ଉଦ୍ଧାର



**ରାଜନଗର,୨୫।୮ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ହାତିନା ପଞ୍ଚାୟତ ଅନ୍ତର୍ଗତ ପେଣ୍ଟ ଗ୍ରାମର ରବୀନ୍ଦ୍ର ମହାନ୍ତିଙ୍କ ପୋଖରୀରୁ ଆଜି ୮ ଫୁଟ ୨ ଇଞ୍ଚର ଏକ ଅଣ୍ଡିରା କୁମ୍ଭୀର ଉଦ୍ଧାର କରାଯାଇଛି। କୁମ୍ଭୀରକୁ ପୋଖରୀରୁ ଉଦ୍ଧାର କରାଯାଇ ଭିତରକନିକା ଜାତୀୟ ଉଦ୍ୟାନର ଗୁପ୍ତି ନିକଟସ୍ଥ ହବାଳି କ୍ରିକରେ ଛଡାଯାଇଛି। କୁମ୍ଭୀରଟି ନିକଟସ୍ଥ ନାଳରୁ ପୋଖରୀ ମଧକୁ ଚାଲି ଆସିଥିବା ଅନୁମାନ କରାଯାଉଛି। ଡିଏଫଓ ଭରଦରାଜ ଗାଓଁଙ୍କର ନିର୍ଦ୍ଦେଶ କ୍ରମେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ତ୍ରିଦୀପ ପ୍ରଧାନ, ସବିତା ବେହେରା, , ଚନ୍ଦନ ମଲିକ, ସଞ୍ଜୟ ସେଠୀ, ଦୋଳଗୋବିନ୍ଦ ନାୟକ, ଦୁର୍ଯ୍ୟୋଧନ ଦାସ, ରଞ୍ଜନ ସେଠୀ, କଳାକାର ବେହେରା ପ୍ରମୁଖ ବନ କର୍ମଚାରୀ ବହୁତ ପରିଶ୍ରମ କରି କୁମ୍ଭୀରଟି କୁ ଉଦ୍ଧାର କରିଥିଲେ। ୪ ଦିନ ତଳେ କୁମ୍ଭୀର ତାଙ୍କ ଛେଳିକୁ ଖାଇଦେଇଥିବା ନେଇ ରବୀନ୍ଦ୍ର ବନ ବିଭାଗରେ ଅଭିଯୋଗ କରିଥିଲେ। ବନକର୍ମଚାରୀମାନେ ପହଞ୍ଚି ପୋଖରୀରେ କୁମ୍ଭୀର ଭାସୁଥିବା ଦେଖିଥିଲେ। ଆଜି ଜାଲ ବିଛାଇ କୁମ୍ଭୀରକୁ ଧରିବାରେ ସଫଳ ହୋଇଛନ୍ତି।

● ଅଗ୍ନିକାଣ୍ଡରେ ଗୋରୁ ଜୀବନ୍ତ ଦଗ୍ଧ ଘଟଣା

## ପରିବାରକୁ ଭେଟି ସହାୟତା ଦେଲେ ବିଭ୍ରାଂଶୁ



**ମହାକାଳପଡ଼ା,୨୫।୮(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଦେଉଳପଡା ପଞ୍ଚାୟତ ଅଧୀନ ରାମକଣୀ ଗ୍ରାମର ଗିରିଧାରୀ ବେହେରାଙ୍କ ଗୁହାଳେ ଗତ ୨୩ ତାରିଖ ରାତି ପ୍ରାୟ ୧୧.୩୦ ମିନିଟ ସମୟରେ ଅଗ୍ନିକାଣ୍ଡ ଘଟି ଗୋଟିଏ ଗାଈ ଓ ଗୋଟିଏ ବାଛୁରୀ ଜୀବନ୍ତ ଦଗ୍ଧ ହୋଇଯିବା ସହିତ ଗୋଟିଏ ଗାଈ ଗୁରୁତର ଆହତ ହୋଇଛି। ଗୋରୁଙ୍କ ନିଧନରେ ପରିବାର ଭାଙ୍ଗି ପଡିଛନ୍ତି। ଖବର ପାଇ କଂଗ୍ରେସ ଯୁବ ନେତା ବିଭ୍ରାଂଶୁ ଲେଙ୍କା ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପରିବାରକୁ ତ୍ୱରିତ ସରକାରୀ ସହାୟତା ପ୍ରଦାନ ପାଇଁ ସେ ଦାବି କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ କ୍ଷୀରୋଦ ବେହେରା, ଭାବଗ୍ରାହୀ ଦାସ, ଅଶୋକ ଦାସ ଓ ମଳୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସୋୟାବିନ ମେସିନ ନାଁରେ କୋଟିଏ ଟଙ୍କା ହଡ଼ପ ଅଭିଯୋଗ

**କେନ୍ଦ୍ରାପଡା,୨୫।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ କେରେଡାଗଡ ବାଲିସାହି ପାଟଣା ଗ୍ରାମର ଶତାଧିକ ମହିଳା ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲିକଙ୍କୁ ଭେଟି ସୋୟାବିନ ମେସିନ ବସେଇବାକୁ କହି ସେହି ଗ୍ରାମର ସ୍ୱାମୀ ସ୍ତ୍ରୀ କୋଟିଏ ଟଙ୍କା ହଡପ କରିଥିବା ନେଇ ଯାଇଥିବା ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ସେହି ଗ୍ରାମର ମମତା ମାଝି ସ୍ୱାମୀ-ସଂଜୟ ମାଝି ଏହି ଦୁଇ ଜଣ ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମାନଙ୍କୁ ବୁଝାଇ ଏଠାରେ ସୋୟାବିନ ଫ୍ୟାକ୍ଟିର ବସିଲେ ତୁମର ରୋଜଗାର ହେବ ବୋଲି କହି ଏମାନଙ୍କ ଠାରୁ ପ୍ରାୟ କୋଟିଏ ଟଙ୍କା ନେଇ ଯାଇଥିବା ଅଭିଯୋଗ କରିଛନ୍ତି । ଏହି ମହିଳା ମାନେ ସ୍ୱୟଂ ସହାୟିକା ଗୋଷ୍ଠୀର ଟଙ୍କା ଓ ଧାର ଉଧାର କରି ଏମାନଙ୍କୁ ଟଙ୍କା ଦେଇଥିଲେ । ଏହି ବ୍ୟକ୍ତି ଜଣକ ଉକ୍ତ ଟଙ୍କାରେ ନିଜ ଜାଗାରେ ଘର କରି ସୋୟାବିନ ଫ୍ୟାକ୍ଟିର ନକରି ନେଇଥିବା ଟଙ୍କା ଫେରାଉ ନଥିବା ଅଭିଯୋଗ କରି ଟଙ୍କା ଫେରସ୍ତ ପାଇବା ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନା ସମୟରେ ଶାନ୍ତିଲତା ସ୍ୱାଇଁ, ଫୁଲରାଣି ମାଝି, ରୂପାଲୀ ମାଝି, ଅନିତା ଭୂୟାଁ, ମୀନା ମାଝି, କବିତା ମାଝି ପ୍ରମୁଖଙ୍କ ସହ ଶତାଧିକ ମହିଳା ଉପସ୍ଥିତ ଥିଲେ ।

## ଚୋରାରେ ବକ୍ରି ହେଉଛି ଉଜ୍ଜ୍ୱଳା ଗ୍ୟାସ

**କେନ୍ଦ୍ରାପଡା,୨୫।୮(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଯୋଜନା ଉଜ୍ଜଳା ଗ୍ୟାସର ଦୂରୁପଯୋଗ କରାଯାଇ ଚୋରା ରେ କଳାବଜାରୀ ରେ ବିକ୍ରି ହେଉଥିବା ଜିଲ୍ଲାପାଳ ଓ ସିଏସଓଙ୍କ ନିକଟରେ ଅଭିଯୋଗ ହୋଇଛି । ରାଜକନିକା ର ବହୁ ହିତାଧିକାରୀ ଏନେଇ ଗ୍ୟାସ ନପାଇ ବିତରକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଅଭିଯୋଗ ମୁତାବକ ରାଜକନିକା ବ୍ଲକର ଏଚପି ଡିଲର ମେରିନା ଗ୍ୟାସ ଏଜେନ୍ସି ଏଭଳି କଳାବଜାରୀ କାର୍ଯ୍ୟରେ ସଂପୃକ୍ତ ଥିବା ଅଭିଯୋଗ ହୋଇଛି । ଲଗାଣ ବର୍ଷା ସମୟରେ ୧୦ଦିନ ଆଗରୁ ବଳରମପୁର ଗ୍ରାମର କନକଲତା ମୁଦୁଲି ରନ୍ଧନ ଗ୍ୟାସ ବୁକ୍ କରିଥିଲେ । ମାତ୍ର ଗ୍ୟାସ ଏଜେନ୍ସି ଆଜିକାଲି କହି ସମୟ ଗଡାଇବା ସହ ଫୋନ ନଂକୁ ବ୍ଲକ କରି ଉପଭୋକ୍ତାଙ୍କୁ ହଇରାଣ ହରକତ କରୁଥିବା ନେଇ ଜିଲ୍ଲ ବେସାମରିକ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ ଓ ଅତିରିକ୍ତ ଜିଲ୍ଲପାଳ ରବିନ୍ଦ୍ର କୁମାର ମଲିକଙ୍କ ନିକଟରେ ଉପଭୋକ୍ତା ଅଭିଯୋଗ କରି ତାଙ୍କୁ ଠିକ୍ ସମୟରେ ରନ୍ଧନ ଗ୍ୟାସ ଯୋଗାଇବାକୁ ଦାବି କରିଛନ୍ତି ।

## ୧କିଲୋ ୮୦୦ଗ୍ରାମ ଗଂଜେଇ ଜବତ, ୧ ଗିରଫ



**ପଟ୍ଟାମୁଣ୍ଡାଇ, ୨୫।୮ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ର ପୁର ପଂଚାୟତ ବାଲିପାଟଣା ଗ୍ରାମର ନିରଞ୍ଜନ ବାଇଙ୍କ ଠାରୁ ଆଜି ପଟ୍ଟାମୁଣ୍ଡାଇ ଅବକାରୀ ପୋଲିସ ୧ କିଲୋ ୮୦୦ଗ୍ରାମ ଗଂଜେଇ ଜବତ କରିବା ସହିତ ଚୋରା ଗଂଜେଇ କାରବାର ଅଭିଯୋଗରେ ନିରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ଦାଦନ ଦୁଃଖ ଦୁଇ ଗୋଡ଼ ହରାଇଥିବା ଯୁବକଙ୍କୁ ସହାୟତା



**ରାଜନଗର,୨୫।୮ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକରେ ଦାଦନ ଦୁଃଖ ବଢ଼ିବାରେ ଲାଗିଛି। ବାଙ୍ଗାଲୋରରେ ଦାଦନ ଖଟୁଥିବା ଯୁବକ ଲୋକାଲ ଟ୍ରେନରୁ ଖସିପଡ଼ି ଗୁରୁତର ଆହତ ହେବା ଓ ଡାକ୍ତରଖାନାରେ ତାଙ୍କର ଦୁଇ ଗୋଡ କଟାହେବା ଭଳି ଦୁଃଖଦ ଖବର ଘଟିଛି। ରାଜନଗର ବ୍ଲକ ଭିତରଗଡ଼ ପଞ୍ଚାୟତ ବିଷ୍ଣୁପଡା ଗ୍ରାମର ଅଙ୍କୁର ଚରଣ ଚଣ୍ଡଙ୍କ ପୁଅ ଅରୁଣ (୩୦ ବର୍ଷ) ଦୁଇବର୍ଷ ତଳେ ବାଙ୍ଗାଲୋରକୁ ଦାଦନ ଖଟିବାକୁ ଯାଇଥିଲେ। ଏକ ସପ୍ତାହ ତଳେ ଅରୁଣ କମ୍ପାନୀରୁ କାମ ସାରି ରହୁଥିବା ଭଡା ଘରକୁ ଫେରିବା ପାଇଁ ଲୋକାଲ ଟ୍ରେନରେ ଚଢ଼ିବା ବେଳେ ପଡ଼ିଯାଇଥିଲେ। ଟ୍ରେନ ତାଙ୍କର ଗୋଡ ଉପରେ ଚଢ଼ି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା। ଅରୁଣଙ୍କ ଜୀବନ ବଞ୍ଚାଇବା ପାଇଁ ତାଙ୍କର ଦୁଇ ଗୋଡକୁ ଆଣ୍ଠୁ ପକ୍ଷରୁ କାଟିବାକୁ ପଡ଼ିଥିଲା। ଅରୁଣଙ୍କ ପରିବାର ଅତ୍ୟନ୍ତ ଗରିବ। ସେ ଦାଦନ ଖଟିଲେ ପରିବାର ଚଳେ। ଘରେ ତାଙ୍କର ବାପା, ମାଆ ଓ ପତ୍ନୀ ଅଛନ୍ତି। ତାଙ୍କର ଚିକିତ୍ସା ପାଇଁ ବହୁ ଅର୍ଥ ଆବଶ୍ୟକ ବୋଲି ଡାକ୍ତର କହୁଛନ୍ତି। କିନ୍ତୁ ଅରୁଣଙ୍କ ପରିବାର ଗରିବ ଦିନ ମଜୁରିଆ ହୋଇଥିବାରୁ ଏତେ ଯୋଗାଡ଼ କରିବା ସମ୍ଭବ ନୁହେଁ ବୋଲି ଜଣାପଡ଼ିବା ପରେ ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ସହାୟତା ପ୍ରଦାନ କରାଯାଇଛି।

ଜୟ ଜଗନ୍ନାଥ ଫାଉଣ୍ଡେସନ ରାଜନଗର କେନ୍ଦ୍ରାପଡ଼ା ପରିବାରର ସଦସ୍ୟମାନେ ବାଙ୍ଗାଲୋର ଥିବା ଇଏସଆଇ ହସ୍ପିଟାଲରେ ଅରୁଣ ଚଣ୍ଡ ଚିକିତ୍ସିତ ହେଉଥିବାରୁ ତାଙ୍କ ପାଖରେ ପହଞ୍ଚି ତାଙ୍କୁ ୨୦ ହାଜର ଟଙ୍କା ଆର୍ଥିକ ରାଶି ଦେଇ ସହାୟତା ଯୋଗାଇ ଦେଇଛନ୍ତି। ସେହିପରି ମା'ଶାରଳା ଚାରିଟେବୁଲ ଟ୍ରଷ୍ଟ (କେନ୍ଦ୍ରାପଡ଼ା) ମୁଖ୍ୟ ପ୍ରତିଷ୍ଠାତା ମହେଶ୍ୱର ସାହୁ, ଦୀପ୍ତିରଞ୍ଜନ, ଯାଦବ ପାତ୍ରଙ୍କ ସମେତ ବୀରକିଶୋର ରାଉତ ହସ୍ପିଟାଲ ରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଚିକିତ୍ସା ପାଇଁ ରକ୍ତଦାନ କରିଛନ୍ତି। ସରକାର ଓ ବ୍ୟକ୍ତିବିଶେଷ, ସଂଗଠନ ଅରୁଣଙ୍କ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରିବାକୁ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି।

## ଫେରାର, ଅପହରଣ ଓ ଗଣଦୁଷ୍କର୍ମ ନେଇ ନିକିରାଇ ଥାନାରେ ଅଭିଯୋଗ

**ଡେରାବିଶ,୨୫।୮(ସଂଚାର ବ୍ୟୁରୋ):** ନିକିରାଇ ଥାନାରେ ଫେରାର ଓ ଅପହରଣ, ଗଣଦୁଷ୍କର୍ମ ନେଇ ଦୁଇଟି ଅଭିଯୋଗ ହୋଇଛି। ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବେଣୀପୁର ଗ୍ରାମର ନବବଧୂ ବିବାହର ୨୫ ଦିନ ପରେ ଫେରାର ହୋଇଥିବା ଅଭିଯୋଗ ହୋଇଛି। ଗତ ଜୁନ ମାସ ୨୧ ତାରିଖରେ ବିଭାଘର ହୋଇଥିବାବେଳେ ନବବଧୂ କୌଣସି କାରଣରୁ ଜୁଲାଇ ୧୫ ତାରିଖରେ ଫେରାର ହୋଇଯାଇଥିଲେ। ପରିବାର ଲୋକ ବହୁତ ଖୋଜାଖୋଜି କରି ଶେଷରେ ନିରାଶ ହୋଇ ନିକିରାଇ ଥାନାରେ ୧୬ ତାରିଖରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କିଛିଦିନ ପରେ ନବବଧୂ ସ୍ଥାନୀୟ ଥାନାରେ ଦୁଷ୍କର୍ମ ଅଭିଯୋଗ କରିଛନ୍ତି। ମୋତେ ବେଣୀପୁର ଓ ରାଜନଗରର କେତେକ ଯୁବକ ନିଶାଦ୍ରବ୍ୟ ଶୁଙ୍ଘାଇ ହାଇଦ୍ରାବାଦ ନେଇଯାଇଥିଲେ। ସେଠାରେ ୬ ଜଣ ମିଶି ଗଣଦୁଷ୍କର୍ମ କରିଥିଲେ । ଏହାର ପ୍ରତିବାଦ କରିବାରୁ ମୋତେ ମାଡ଼ ମାରିବା ସହ ଚେଙ୍କ ଦେଇଛନ୍ତି। ସୁନା ଗହଣା ଲୁଟି ନେଇଥିବା ପୀଡ଼ିତା ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି । ଏହାକୁ ନେଇ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଜାଲ ବିଛାଯାଇଥିବା ଥାନା ଆଇଆଇସି ପଦ୍ମାଳୟା ପ୍ରଧାନ କହିଛନ୍ତି । ପୀଡ଼ିତା ଥାନାରେ ଦ୍ୱାରସ୍ଥ ହୋଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିବାବେଳେ ପୁଅଘର ଲୋକ ବି ନ୍ୟାୟ ଦାବି କରିଛନ୍ତି । ଏହାର ତଦନ୍ତ କରାଯାଇ ଦୁଇ ଅଭିଯୋଗର କେତେ ସତ୍ୟାସତ୍ୟ ରହିଛି, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।

## ପୌର ପରିଷଦର ସଚେତନତା ଶୋଭାଯାତ୍ରା



**ପଟ୍ଟାମୁଣ୍ଡାଇ,୨୫।୮(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ବର୍ଜ୍ୟ ବସ୍ତୁ ସୁପରିଚାଳନା ଓ ପାଇଖାନା ଟାଙ୍କି ସଫା ରଖି ସ୍ୱଚ୍ଛ ଓ ନିର୍ମଳ ପରିବେଶ ସୃଷ୍ଟି ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଏହି ଶୋଭାଯାତ୍ରାକୁ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ଓ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ ଉଦଘାଟନ କରିଥିଲେ। ଏହି ଶୋଭାଯାତ୍ରା ପଟ୍ଟାମୁଣ୍ଡାଇ ସହର ସମେତ ବିଭିନ୍ନ ଅଂଚଳ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲା । ଏହି କାର୍ଯ୍ୟକ୍ରମକୁ ସ୍ୱଚ୍ଛାସାଥୀ ସୁପର ଭାଇଜର ପୁଷ୍ପାଞ୍ଜଳି ପାତ୍ର,ପୌର ପରିଷଦ ସାନିଟାରୀ ଇନିସ୍ପେକ୍ଟର ପ୍ରଫୁଲ୍ଲ ଦାଶ, ସରୋଜ ପଣ୍ଡା, ତପସ୍ୱିନୀ ଦାଶ, ଗଙ୍ଗାଧର ନାୟକ, ଗଣେଶ ଦାଶ, ମନୋରଞ୍ଜନ ଦାଶ ଓ ହୃଷିକେଶ ନାଥ ପରିଚାଳନା କରିଥିଲେ ।

## ତୃତୀୟ ବନ୍ୟାରେ ଧୋୟା ଦଶ ପଞ୍ଚାୟତ

### ବାହ୍ୟ ଜଗତରୁ ବିଚ୍ଛିନ୍ନ, ଡଙ୍ଗା ଭରସାରେ ଲୋକେ



**ଆଳି,୨୫।୮(ସଂଚାର ବ୍ୟୁରୋ):** ତୃତୀୟ ବନ୍ୟାରେ ଆଳି ଅଞ୍ଚଳର ଧୋୟା ଦଶ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି । ବ୍ଲକ, ତହସିଲ, ଥାନା ମେଡ଼ିକାଲ ଆସିବାକୁ ହେଲେ ଡଙ୍ଗା ଏବେ ଧୋୟାବାସୀଙ୍କ ଏକ ମାତ୍ର ଭରସା ପାଲଟିଛି । ଲଗାଣ ବର୍ଷା ଯୋଗୁଁ ଖରସ୍ରୋତା, ବ୍ରାହ୍ମଣୀ ଓ କାଣୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଖରସ୍ରୋତା ଓ ଏହାର ଶାଖା କାଣୀ ନଦୀରେ ବନ୍ୟା ଆସିବା ଯୋଗୁଁ ଆଳି ଗୋବିନ୍ଦପୁର ମୁଖ୍ୟ ରାସ୍ତାର ମାନପୁର ଘୋଷରା ନିକଟରେ ପ୍ରାୟ ୩ ଫୁଟର ବନ୍ୟାଜଳ ପ୍ରବାହିତ ହେଉ ଥିବାରୁ ଦୁଇଟି ଡଙ୍ଗା ଯୋଗେ ପାର ହୋଇଥିବା ଦେଖା ଯାଇଛି । ଏହି ରାସ୍ତା ଦେଇ ଲୋକେ ସଦର ମହକୁମାକୁ ଯାଉଥିବା ବେଳେ ପ୍ରତ୍ୟେକ ଦିନ ଯାହାଫଳରେ ବନ୍ୟା ଆସିବାରୁ ଧୋୟାଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ସହ ଯାଜପୁର ଜିଲ୍ଲାକୁ ମଧ ଯାତାୟାତ ଠପ୍ ହୋଇଯାଇଛି। ସ୍ଥାନୀୟ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏହି ପଞ୍ଚାୟତ ଗୁଡ଼ିକ ମଧରେ ଗୋବିନ୍ଦପୁର, ଜୁଆଣିଆ, ସଂସିଧା ପେତପଡା, ପାଳିମି, ଦେସାହି, ଅର୍ଗଳ, ଏରଡଙ୍ଗ ଡିମିରିପାଳ ପଞ୍ଚାୟତ ମଧ ପାଣି ଘେରରେ ରହିଛି। ଅନ୍ୟ ପଟେ ହଜାର ହଜାର ହେକ୍ଟର ଜମି ପାଣି ଘେରରେ ଥିବାରୁ ଚାଷୀ କୂଳ ଏବେ ଚିନ୍ତାରେ। ଦୁଇଟି ବନ୍ୟା ଚାଷୀଙ୍କ କମର ଭାଙ୍ଗି ଥିବା ବେଳେ ତୃତୀୟ ବନ୍ୟା ଏବେ ବୋଝ ଉପରେ ନଳିତା ବିଡା ସଦୃଶ୍ୟ ହୋଇଛି। ସେହିପରି ବନ୍ୟା ପରିସ୍ଥିତି ଉପରେ ପ୍ରଶାସନ ନଜର ରଖିଥିବା କୁହାଯାଉଛି ।

## ଗୁମୁରି କାନ୍ଦୁଛନ୍ତି କମଳା ମହାରଣା, ଘୋଷାଡ଼ି ହୋଇ କରୁଛନ୍ତି ନିତ୍ୟକର୍ମ

### ମିଳିନି ଭିନ୍ନକ୍ଷମ ପ୍ରମାଣପତ୍ର, ନାହିଁ ରାସନ୍ କାର୍ଡରେ ନାମ



**ମାର୍ଶାଘାଇ, ୨୫।୮ (ସଂଚାର ବ୍ୟୁରୋ):** ଚାଲିବାକୁ ଅକ୍ଷମ। ଘୋଷାଡି ହୋଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇ ନିଜର ନିତ୍ୟକର୍ମ କରୁଛନ୍ତି। ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ ମଧ ଏଯାଏଁ ତାଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ମିଳି ପାରିନାହିଁ। ରାସନ୍ କାର୍ଡରେ ନାମ ମଧ ନଥିବା ସେ ଅଭିଯୋଗ କରିଛନ୍ତି। ବୟସର ଅପରାହ୍ନରେ ପହଞ୍ଚି ଗୁମୁରି ଗୁମୁରି କାନ୍ଦିବାକୁ ବାଧ ହେଉଛନ୍ତି।

ଏମିତି ଏକ ଆଖି ଭିଜା ଘଟଣା ଦେଖିବାକୁ ମିଳିଛି ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ କୁହୁଡ଼ି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁହୁଡ଼ି ଗ୍ରାମର କମଳା ମହାରଣାଙ୍କ କ୍ଷେତ୍ରରେ। କମଳାଙ୍କୁ ବୟସ ୬୫ ଛୁଇଁଲାଣି। ପଚିଶ ବର୍ଷ ତଳୁ ସ୍ୱାମୀ ଆଦିକନ୍ଦ ମହାରଣାଙ୍କ ଦେହାନ୍ତ ହୋଇ ସାରିଛି। ଆଠ ବର୍ଷ ତଳେ ଏକ ସଡ଼କ ଦୁର୍ଘଟଣାରେ ଶୀକାର ହୋଇ ଚାଲିବାକୁ ଅକ୍ଷମ ହୋଇ ପଡିଛନ୍ତି। ୧୦ ମାର୍ଚ୍ଚ ୨୦୨୫ ରୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ ମଧ ଏଯାଏଁ ତାଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇନାହିଁ। ନିଜ ନାମରେ ରାସନ୍ କାର୍ଡ ଖଣ୍ଡିଏ ନଥିବାରୁ ଚାଉଳ ମୁଠିଏ ପାଇବାରୁ ବଞ୍ଚିତ ଅଛନ୍ତି। ସରକାରୀ ସହାୟତା କହିଲେ କେବଳ ମାସକୁ ମିଳୁଥିବା ଏକ ହଜାର ଭତ୍ତା ଟଙ୍କା। ନିଜର ଭିନ୍ନକ୍ଷମ ପ୍ରମାଣପତ୍ର ଓ ରାସନ୍ କାର୍ଡ ପାଇଁ କେତେ କାହାକୁ ଗୁହାରି କରିଛନ୍ତି ହେଲେ ତାଙ୍କ କଥାକୁ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଆଖି ଛଳଛଳ କରି କହିଛନ୍ତି କମଳା। ତାଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ହୋଇ ପାରିଲେ ସେ ବର୍ଦ୍ଧିତ ଭତ୍ତା ଟଙ୍କା ପାଇ ପାରନ୍ତେ।

ତୁରନ୍ତ ପ୍ରଶାସନ ଏହି ଘଟଣାରେ ଦୃଷ୍ଟି ଆକର୍ଷଣ କରି କମଳା ମହାରଣାଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଓ ରାସନ୍ କାର୍ଡ ପ୍ରଦାନ କରିବାକୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଓ ରଶ୍ମି ରେଖା ସୁଭାଷିନୀ ଦାବି କରିଛନ୍ତି।

## ଋଣ ଖିଲାପକାରୀଙ୍କ ବିରୁଦ୍ଧରେ କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର କାର୍ଯ୍ୟାନୁଷ୍ଠାନ

**କେନ୍ଦ୍ରାପଡ଼ା,୨୫।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ କାର୍ଯ୍ୟଦକ୍ଷତା ପ୍ରତିପାଦନ କରି ରାଜ୍ୟରେ ପ୍ରଥମ ସ୍ଥାନ ଅର୍ଜ୍ଜନ କରିଛି । ଏହି ସଫଳତାକୁ ବଳବର ରଖିବା ପାଇଁ ବ୍ୟାଙ୍କ ପ୍ରଶାସନ ଏନପିଏକୁ କମ୍ କରିବା ନିମନ୍ତେ ଋଣ ଖୀଲାପୀକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପି ନେଇ କାର୍ଯ୍ୟ ଆରମ୍ଭ କରିଛି । ଏନପିଏ ଆଦାୟ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କର ସରଫାସି ଆଇନ୍-୨୦୦୨ର ଧାରା ୧୩(୨)ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଅଛି । ଋଣ ଖିଲାପକାରୀଙ୍କ ଠାରୁ ସମୂଳ ସୁଧ ସହିତ ଆଇନଗତ ଖର୍ଚ୍ଚ ବହନ କରିବା ନିମନ୍ତେ କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କ ପ୍ରଶାସନ ନୋଟିସ ଜାରି କରିଛି । ଉକ୍ତ ଆଇନ ଅନୁଯାୟୀ ଋଣ ବାବଦକୁ ବନ୍ଧକ ଥିବା ସମ୍ପିକୁ ନିଲାମ କରାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷର ୪ମାସ ମଧରେ ୨ଜଣ ଋଣ ଖିଲାପୀକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବ୍ୟାଙ୍କ ପ୍ରଶାସନ ନିଷ୍ପି ନେଇଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ପରେ ଋଣ ଖିଲାପୀକାରୀଙ୍କ ମଧରେ ଆତଙ୍କ ଖେଳି ଯାଇଛି ।

## ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ




**ଗରଦପୁର,୨୫।୮(ସଂଚାର ବ୍ୟୁରୋ):** ଲୋକନାଥ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ନୂତନ ଛାତ୍ରଛାତ୍ରୀଙ୍କ ଉପଲକ୍ଷେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଅଛି। ମହାବିଦ୍ୟାଳୟର ଅଧ୍ଯକ୍ଷ ବିଜୟ କୁମାର ନାୟକ ମୁଖ୍ୟ ଅତିଥି ଓ ପ୍ରଶାସନିକ ଅଧିକାରୀ ପ୍ରାଧାପକ ଦିଲ୍ଲୀପ କୁମାର ସାହୁ ଅନ୍ୟତମ ଅତିଥି ରୂପେ ସଭାରେ ଯୋଗଦାନ କରି ନୂତନ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟ ରେ ବକ୍ତବ୍ୟ ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡଃ ସୁଶାନ୍ତ କୁମାର ପରିଡ଼ା ଏଥିରେ ସଭାପତିତ୍ୱ କରିଥିଲେ। ବିଭାଗର ଅଧାପକ ସତ୍ୟବ୍ରତ ବେହେରା, ସୁମନ ମଲ୍ଲିକ, ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉକ୍ତ ଅବସରରେ ଉପସ୍ଥିତ ଥିଲେ । ପରିଶେଷରେ ଶେଷ ବର୍ଷ ଛାତ୍ରୀ ଗାୟତ୍ରୀ ମଲିକ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍‌ଏସି ମାନ୍ୟତା ପ୍ରଦାନ କରାନଯିବା ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ




**ସାଲେପୁର,୨୫।୮(ସଂଚାର ବ୍ୟୁରୋ):** ସାଲେପୁର ସହରକୁ ଏନ୍.ଏ.ସି. ମାନ୍ୟତା ପ୍ରଦାନ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏହାର ପ୍ରତିବାଦରେ ଆଜି ସାଲେପୁର କଂଗ୍ରେସ କମିଟି ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯଦି ସାଲେପୁର ସହରକୁ ତୁରନ୍ତ ଏନ୍‌ଏସି ମାନ୍ୟତା ପ୍ରଦାନ କରାନଯାଏ, ତେବେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସାଲେପୁର କଂଗ୍ରେସ ନେତା ଆକ୍ୟୁବ୍ ଖାଁ ପ୍ରକାଶ କରିଛନ୍ତି।

ସମସ୍ତ ଭିତିଭୂମି ଥାଇ ସାଲେପୁର ଅଦ୍ୟାବଧି ଏନ୍‌ଏସି ମାନ୍ୟତା ପ୍ରଦାନ କରାଯାଇନାହିଁ। ଉଭୟ ବିଜେପି ଓ ବିଜେଡି ସରକାର ଲୋକମାନଙ୍କୁ ଭୂଆଁ ବୁଲାଇବାପାଇଁ ଏନ୍‌ଏସିକୁ ନେଇ ଖାଲି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି କଂଗ୍ରେସ ନେତା ଆକ୍ୟୁବ୍ ଖାଁ ଅଭିଯୋଗ କରିବା ସହ ସରକାର ସାଲେପୁର ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିବାରେ ବିଳମ୍ବ କରୁଥିବାରୁ ଏହାର ପ୍ରତିବାଦରେ ଆଜି ଶତାଧିକ କଂଗ୍ରେସ କର୍ମୀ ସାଲେପୁର କଂଗ୍ରେସ ନେତା ଆକ୍ୟୁବ୍ ଖାଁଙ୍କ ନେତୃତ୍ୱରେ ସ୍ଥାନୀୟ ମଧୁମଣ୍ଡପଠାରୁ ଏକ ଶୋଭାଯାତ୍ରାରେ ବାହାରି ସାଲେପୁର-କୁଆଁପାଳରୋଡ୍ ଦେଇ ସାଲେପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ତୁରନ୍ତ ସାଲେପୁରକୁ ଏନ୍.ଏ.ସି. ମାନ୍ୟତା ପ୍ରଦାନ କରାନଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟସରକାରଙ୍କ ଉଦ୍ଦେଶ୍ୟରେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।



**ନିରୁଦ୍ଦିଷ୍ଟ**

ନାମ – ଗୀତାଞ୍ଜଳି ଦାସ ( ମାନୁ )
ବୟସ – ୩୫ ବର୍ଷ
ଠିକଣା – ରୟତସାହି , ଝିମାଣି

ଆଜି ତା- ୨୪.୦୮.୨୦୨୫ ରିଖ ସକାଳ ୫ ଘଟିକା ଠାରୁ ନିଖୋଜ ହୋଇଯାଇଛନ୍ତି। କୌଣସି ସହୃଦୟ ବ୍ୟକ୍ତି ଯଦି ଉକ୍ତ ମହିଳା ଙ୍କ ଖବର ପାଆନ୍ତି ତେବେ ପୋଲିସ କିମ୍ବା ତଳେ ଦିଆହୋଇଥିବା ନମ୍ବର ରେ ଯୋଗାଯୋଗ କରନ୍ତୁ ।

Contact No –
- ୯୯୩୮୪୦୭୪୧୭ ( କୁନା )
- ୯୬୬୮୪୫୦୨୦୦ ( ମୁନା )
- ୯୭୭୬୧୪୫୨୫୫ ( ପପି )
- ୬୨୬୦୯୫୯୫୧ ( ସିଲୁ )




ପୁରୀର ନୂତନ ଏସପି ଭାବେ ଦାୟିତ୍ୱ ଗ୍ରହଣ ପୂର୍ବରୁ ମହାପ୍ରଭୁ ଜଗନ୍ନାଥଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରୁଛନ୍ତି ବରିଷ୍ଠ ଆଇପିଏସ ପ୍ରତୀକ ସିଂ।

■ ପୁରୀରେ ନୂଆ ଏସ୍‌ପି ଭାବେ ପ୍ରତୀକ ସିଂଙ୍କ ଯୋଗଦାନ

## ଶ୍ରୀମନ୍ଦିର, ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ପ୍ରାଥମିକତା

**ପୁରୀ, ୨୫ ।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଏସପି. ଭାବେ ସୋମବାର ପ୍ରତୀକ ସିଂ ଯୋଗ ଦେଇଛନ୍ତି। ଜିଲ୍ଲାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସିଂହଦ୍ୱାର ଠାରେ ସାଷ୍ଟାଙ୍ଗ ପ୍ରଣିପାତ କରିଛନ୍ତି। ରତ୍ନ ସିଂହାସନରେ ବିଜେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଛନ୍ତି। ଦର୍ଶନ କରି ଫେରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ, ଶ୍ରୀମନ୍ଦିରର ସୁରକ୍ଷା, ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ। ଜିଲ୍ଲାରେ ଭଲ କାମ କରିବା ପାଇଁ ଲକ୍ଷ୍ୟ ରଖିଛି। ମହାପ୍ରଭୁଙ୍କ ସ୍ଥାନରେ ଯୋଗ ଦେଇଥିବାରୁ ନିଜକୁ ଧନ୍ୟ ମନେକରୁଛି। କର୍ତ୍ତବ୍ୟନିଷ୍ଠ ହୋଇ ଦାୟିତ୍ୱ ତୁଲାଇବି। ଶ୍ରୀମନ୍ଦିର ଭିତରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସେବାୟତଙ୍କ ସହଯୋଗ ଲୋଡ଼ିଥିଲେ। ଶ୍ରୀ ସିଂ ଏଥି ପୂର୍ବରୁ କଟକ ଗ୍ରାମାଞ୍ଚଳ ଏସପି ଭାବେ କାର୍ଯ୍ୟରତ ଥିଲେ।

### ମୁଖ୍ୟ ଶାସନ ସଚିବଙ୍କ ଉଚ୍ଚସ୍ତରୀୟ ବୈଠକ

# ନିଶାମୁକ୍ତ ଶିକ୍ଷାନୁଷ୍ଠାନ ପାଇଁ ସମ୍ମିଳିତ ପଦକ୍ଷେପ ଜରୁରୀ

**ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ):** ବେଆଇନ୍ ମାଦକ ଦ୍ରବ୍ୟ ଚୋରାଚାଲାଣ ଓ ନିଶାଦ୍ରବ୍ୟ ରୋକିବା ସମ୍ପର୍କରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଶ୍ରୀ ଆହୁଜା ଆଜି ସ୍ଥାନୀୟ ଲୋକସେବା ଭବନରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟର ସ୍ଥିତି ଅନୁଧ୍ୟାନ କରିଛନ୍ତି। ବୈଠକରେ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଗତ ଜୁଲାଇ ଶେଷ ସୁଦ୍ଧା ତଥା ଅଦ୍ୟାବଧି ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି। ବୈଠକରେ ଅବକାରୀ ବିଭାଗ, ପୁଲିସ୍ ପ୍ରଶାସନ, ଉଚ୍ଚ ଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବଙ୍କ ସହ ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଯୋଗଦେଇଥିଲେ।

ସମୀକ୍ଷାରେ ଶ୍ରୀ ଆହୁଜା ବିଶେଷ ଭାବେ ବିଦ୍ୟାଳୟ, ମହାବିଦ୍ୟାଳୟ ପରିସର ଓ ଆଖପାଖ ଅଞ୍ଚଳରେ ବେଆଇନ୍ ନିଶାଦ୍ରବ୍ୟ ବିକ୍ରି, ସେବନ ଓ କାରବାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ପାଇଁ ସବୁ ବିଦ୍ୟାଳୟ ମହାବିଦ୍ୟାଳୟକୁ ନିଶାମୁକ୍ତ କରିବା ପାଇଁ ସଚେତନତା ସହ ନିରାପଦ ଶିକ୍ଷା ପରିବେଶ ସୃଷ୍ଟି ପାଇଁ ଶୂନ୍ୟ ସହନଶୀଳ ନୀତି ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ସେଥିପାଇଁ ପିତାମାତା ଶିକ୍ଷକଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକ ପ୍ରଧାନଶିକ୍ଷୟିତ୍ରୀ, ଅଧ୍ୟାପକଅଧ୍ୟାପିକା, ଅଧ୍ୟକ୍ଷଅଧ୍ୟକ୍ଷାମାନଙ୍କ ସହ ପୁଲିସ ପଦାଧିକାରୀମାନେ ମିଳିତ ଭାବେ ଆଲୋଚନା କରିବା ସହ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସକାଶେ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପୁଲିସ ପ୍ରଶାସନ, ଅବକାରୀ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚ ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ଅନ୍ୟ ସମ୍ପୃକ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଟାସ୍କ ଫୋର୍ସ ମାଧ୍ୟମରେ ବ୍ୟାପକ ଚଢ଼ାଉ ଓ ସଚେତନତାକୁ ଗୁରୁତ୍ୱ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ, ମହାବିଦ୍ୟାଳୟ ପରିସର ଓ ସଂଲଗ୍ନ ଅଞ୍ଚଳରେ ସଚେତନତା ପାଇଁ ସୂଚନା, ଶିକ୍ଷା, ଯୋଗାଯୋଗ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ମଧ୍ୟ ବୈଠକରେ ପରାମର୍ଶ ଦିଆଯାଇଛି ।




ଗତ ଜୁଲାଇ ଶେଷ ସୁଦ୍ଧା ୧୬୮୦ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହେବା ସହ ୩୮୫ଟି ମାମଲା ରୁଜୁ ହୋଇଥିବା ବେଳେ ୧୧୬୨ ଜଣଙ୍କୁ ଗିରଫ କରାଯାଇଛି। ୯.୭୯୯ କିଗ୍ରା ବାଉନ୍‌ସୁଗର ଜବତ ହୋଇ ୧୪୨ଟି ମାମଲା ରୁଜୁ କରାଯିବା ସହ ୨୯୨ ଜଣଙ୍କୁ ଗିରଫ କରାଯାଇଛି। ସେହିଭଳି ୧୦୦ ମିଲି ବିଶିଷ୍ଟ ୨୬,୮୭୪ ବୋତଲ କଫ୍ ସିରପ ଜବତ ପୂର୍ବକ ୨୮ଟି ମାମଲା ରୁଜୁ ସହ ୮୩ ଜଣଙ୍କୁ ଗିରଫ କରାଯାଇଛି। ୨୭୭୨୨ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯିବା ସହ ୬୩୨ଟି ମାମଲା ରୁଜୁ ହୋଇଥିବା ନେଇ ବୈଠକରୁ ସୂଚନା ମିଳିଛି। ଗୃହ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା, ପଞ୍ଚାୟତିରାଜ ଓ ପାନୀୟ ଜଳ, ଅବକାରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ କଲ୍ୟାଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଆଦି ବିଭାଗ ପକ୍ଷରୁ ସମନ୍ୱିତ ପଦକ୍ଷେପ ସକାଶେ ପରାମର୍ଶ ଦିଆଯାଇଛି। ଗୃହ ବିଭାଗ ଚଢ଼ାଉର ନେତୃତ୍ୱ ନେବା ସହ ତଥ୍ୟ ସଂଗ୍ରହ ଓ ସୀମାରେ ଯାଞ୍ଚ ପ୍ରକ୍ରିୟାକୁ ବ୍ୟାପକ କରିବା ସକାଶେ ମଧ୍ୟ ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି।

## କରେନ୍ଦ୍ର ମାଝୀଙ୍କ ବିୟୋଗ ଅପୂରଣୀୟ କ୍ଷତି: ମନମୋହନ

**ରାଜ୍ୟ କାର୍ଯ୍ୟାଳୟରେ ପ୍ରମୁଖ ନେତାଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ**

**ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ):** ବାଲିଗୁଡ଼ାର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେପି ନେତା କରେନ୍ଦ୍ର ମାଝୀଙ୍କର ଗତ ଏଠାକାର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୨ ବର୍ଷ ବୟସ ହୋଇଥିଲା। ତାଙ୍କ ପରଲୋକରେ ରାଜ୍ୟ ବିଜେପି ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ସ୍ୱର୍ଗତ ମାଝୀ ବିଜେପିରୁ ୨୦୦୪ ଓ ୨୦୦୯ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବିଜେପିକୁ ତୃଣମୂଳ ସ୍ତରରୁ ସଙ୍ଗଠିତ କରି ମଜବୁତ୍ କରିବାରେ ତାଙ୍କ ଅବଦାନ ଅବିସ୍ମରଣୀୟ ହୋଇ ରହିବ। ତାଙ୍କ ବିୟୋଗରେ ରାଜ୍ୟ ଓ ବିଜେପି ପରିବାର ପାଇଁ ଅପୂରଣୀୟ କ୍ଷତି ହୋଇଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ସ୍ୱର୍ଗତଃ ମାଝୀଙ୍କ ପାର୍ଥିବ ଶରୀର ପହଞ୍ଚିବା ପରେ ସେଠାରେ ଶ୍ରୀ ସାମଲଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ରବି ନାରାୟଣ ନାଏକ, କୃଷ୍ଣଚନ୍ଦ୍ର ପାତ୍ର, ନିତ୍ୟାନନ୍ଦ ଗଣ୍ଡ, ମୁକେଶ ମହାଲିଙ୍ଗ, କୃଷ୍ଣଚନ୍ଦ୍ର ମହାପାତ୍ର, ଗଣେଶ ରାମ ସିଂ ଖୁଣ୍ଟିଆ, ଗୋକୁଳାନନ୍ଦ ମଲ୍ଲିକ, ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ମାନସ କୁମାର ମହାନ୍ତି, ସାଂସଦ ବଳଭଦ୍ର ମାଝୀ, ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଦିଲୀପ ମହାନ୍ତି, ଦିଲୀପ ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ବରିଷ୍ଠ ନେତା ମହେଶ ମହାନ୍ତି, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ସମେତ ବିଜେପି ନେତୃବୃନ୍ଦପହଞ୍ଚି ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

### ଗାଡ଼କଣ ଅଳିଆ ଗଦା ସ୍ଥାନାନ୍ତର ଦାବି

## ପ୍ରଦୂଷଣ ବୋର୍ଡ କାର୍ଯ୍ୟାଳୟ ଘେରାଉ ଚେତାବନୀ



**ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ):** ଆଜି ସୈନିକ ସ୍କୁଲ ବଞ୍ଚାଅ ଓ ଅଳିଆ ଗଦା ହଟାଅ ଅଭିଯାନ ପକ୍ଷରୁ ଏକ ପ୍ରତିନିଧି ଦଳ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟରେ ପହଞ୍ଚି ମେମ୍ବର ସେକ୍ରେଟାରୀଙ୍କୁ ଭେଟିବାକୁ ଯାଇଥିଲେ ମଧ୍ୟ ସେ ଅନୁପସ୍ଥିତ ଥିବାରୁ ଅଭିଯାନର ସଦସ୍ୟମାନେ ତାଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ ଆସନ୍ତା ୧ ତାରିଖ ସୁଦ୍ଧା ଗାଡ଼କଣ ଅଳିଆ ଗଦା ନ ହଟିଲେ, ପ୍ରଦୂଷଣ ବୋର୍ଡ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦିଆଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ ୨୦୦୨ରୁ ସୈନିକ ସ୍କୁଲ କ୍ୟାମ୍ପସରେ ଥିବା ବେଆଇନ ଡମ୍ପିଂୟାର୍ଡକୁ ପରୋକ୍ଷରେ ପ୍ରୋତ୍ସାହନ ଦେଇ ଭୁବନେଶ୍ୱରର ଲକ୍ଷାଧିକ ଲୋକଙ୍କୁ ବୋର୍ଡ ମରଣଯନ୍ତାକୁ ଠେଲି ଦେଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ବିଏମସି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନଜିଟି), ପୂର୍ବ ଜୋନ୍ ବେଞ୍ଚ, କୋଲକାତା ଓ ହାଇକୋର୍ଟଙ୍କ ସମ୍ମୁଖରେ ଦାଖଲ କରାଯାଇଥିବା ଏକ ସତ୍ୟପାଠରେ ଦାବି କରାଯାଇଛି ଯେ ସୈନିକ ସ୍କୁଲ କ୍ୟାମ୍ପସରେ ଅସ୍ଥାୟୀ ସ୍ଥାନାନ୍ତର ଷ୍ଟେସନ (ଟିଟିଏସ) ଅନୁମତି ନେଇଛି। ଟିଟିଏସ୍ ପ୍ରତିଦିନ ୫୧୦ ମେଟ୍ରିକ୍ ଟନ୍ ଅପଚୟ ପରିଚାଳନା କରି କାର୍ଯ୍ୟ ଜାରି ରଖିବ। ଏଥିରେ ବୋର୍ଡର ଭୂମିକା ସନ୍ଦେହ ଘେରରେ ରହିଛି। ବେଆଇନ ଡମ୍ପିଂ ୟାର୍ଡକୁ ଆଜି ପର୍ଯ୍ୟନ୍ତ କାହିଁକି ବନ୍ଦ କରାଯାଇନାହିଁ ବୋଲି ଅଭିଯାନର ସଦସ୍ୟମାନେ ପ୍ରଶ୍ନ କରିଛନ୍ତି। ଏଥିସହ ବୋର୍ଡ ମଧ୍ୟ ବିଏମ୍‌ସି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ନଥିବାରୁ ଅଭିଯାନ ପକ୍ଷରୁ ଏହାକୁ କଡ଼ା ସମାଲୋଚନା କରାଯାଇଛି। ଏଥିସହ ସଦସ୍ୟମାନେ ବେଆଇନ ଡମ୍ପିଂୟାର୍ଡକୁ ବନ୍ଦ କରିବା ସହ ତୁରନ୍ତ ପଦକ୍ଷେପ ନେବାକୁ ବୋର୍ଡ ନିକଟରେ ଦାବୀ କରିଛନ୍ତି। ଏହାଛଡ଼ା ବୋର୍ଡ ଗାଡ଼କଣ ଅଳିଆ ପ୍ରକ୍ରିୟକରଣ ୟୁନିଟ୍‌ରେ ତୁରନ୍ତ କାର୍ଯ୍ୟ ବନ୍ଦ, ଏସ୍‌ଇଆଇଏଏରୁ ମଞ୍ଜୁରୀ ପାଇଁ ଆବେଦନ କରିବାକୁ ବିଏମସିକୁ ତାଗିଦ, ସିଟିଇର ସର୍ତ୍ତାବଳୀ ପୂରଣ ଓ ସିଟିଓ ପାଇଁ ଆବେଦନ କରିବାକୁ ଦାବି କରାଯାଇଛି। ଏହାଛଡ଼ା ଆହୁରି କେତେକ ଦାବି ଉପସ୍ଥାପନ କରାଯାଇଥିବା ବେଳେ ଏ ଦିଗରେ ତୁରନ୍ତ ପଦକ୍ଷେପ ନେଲେ ଆସନ୍ତା ୧ ତାରିଖରେ ବୋର୍ଡ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଅଭିଯାନର ଆବାହକ ଭିକ୍ଷାକରି ତ୍ରିପାଠୀ ଚେତାବନୀ ଦେଇଛନ୍ତି।

● ଆଗାମୀ ୨୪ ଘଣ୍ଟାରେ ଭୀଷଣ ବର୍ଷା

## ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

**ଭୁବନେଶ୍ୱର, ୨୫ ।୮ (ସଂଚାର ବ୍ୟୁରୋ):** ଆଗାମୀ ୫ ଦିନ ମଧ୍ୟରେ ଭୀଷଣରୁ ଅତି ଭୀଷଣ ବର୍ଷା ହେବା ସହ ଝଡ଼ କିମ୍ବା ବଜ୍ରପାତ ଓ ପବନ ବହିବା ନେଇ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଭୀଷଣ ବର୍ଷା, ବଜ୍ରପାତ ଓ ପବନ ନେଇ ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏହି ସମୟରେ ଚେତାବନୀ ଜାରି ହୋଇଥିବା ଜିଲ୍ଲା ଗୁଡିକ ମଧ୍ୟରୁ କେତେକ ସ୍ଥାନରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ରହିପାରେ। ସେହିପରି ୨୬ ଓ ୨୭ ତାରିଖରେ ଭୀଷଣରୁ ଅତି ଭୀଷଣ ବର୍ଷା, ବଜ୍ରପାତ ଓ ପବନ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ୨୮ ତାରିଖରେ ଭୀଷଣ ବର୍ଷା, ବଜ୍ରପାତ ଓ ପବନ ନେଇ ୧୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ୨୯ ତାରିଖରେ ଭୀଷଣ ବର୍ଷା, ବଜ୍ରପାତ ଓ ପବନ ନେଇ ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଆସନ୍ତା ୩୦ ଓ ୩୧ ତାରିଖ ପାଇଁ କୌଣସି ଚେତାବନୀ ନାହିଁ। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

## ସୋୟାବିନ ମେସିନ ବସେଇବାକୁ କହି କୋଟିଏ ଟଙ୍କା ହଡ଼ପ

**କେନ୍ଦ୍ରାପଡ଼ା, ୨୫ ।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ କେରେଡ଼ାଗଡ଼ ବାଲିସାହି ପାଟଣା ଗ୍ରାମର ଶତାଧିକ ମହିଳା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲିକଙ୍କୁ ଭେଟି ସୋୟାବିନ ମେସିନ ବସେଇବାକୁ କହି ସେହି ଗ୍ରାମର ସ୍ୱାମୀ ସ୍ତ୍ରୀ କୋଟିଏ ଟଙ୍କା ହଡପ କରିଥିବା ନେଇ ଯାଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ସେହି ଗ୍ରାମର ମମତା ମାଝି ସ୍ୱାମୀ-ସଞ୍ଜୟ ମାଝି ଏହି ଦୁଇ ଜଣ ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନଙ୍କୁ ବୁଝାଇ ଏଠାରେ ସୋୟାବିନ ଫ୍ୟାକ୍ଟିର ବସିଲେ ତୁମର ରୋଜଗାର ହେବ ବୋଲି କହି ଏମାନଙ୍କ ଠାରୁ ପ୍ରାୟ କୋଟିଏ ଟଙ୍କା ନେଇ ଯାଇଥିବା ଅଭିଯୋଗ କରିଛନ୍ତି। ଏହି ମହିଳାମାନେ ସ୍ୱୟଂ ସହାୟିକା ଗୋଷ୍ଠୀର ଟଙ୍କା ଓ ଧାର ଉଧାର କରି ଏମାନଙ୍କୁ ଟଙ୍କା ଦେଇଥିଲେ। ଏହି ବ୍ୟକ୍ତି ଜଣକ ଉକ୍ତ ଟଙ୍କାରେ ନିଜ ଜାଗାରେ ଘର କରି ସୋୟାବିନ ଫ୍ୟାକ୍ଟିର ନକରି ନେଇଥିବା ଟଙ୍କା ଫେରାଉ ନଥିବା ଅଭିଯୋଗ କରି ଟଙ୍କା ଫେରସ୍ତ ପାଇବା ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନା ସମୟରେ ଶାନ୍ତିଲତା ସ୍ୱାଇଁ, ଫୁଲରାଣି ମାଝି, ରୂପାଲୀ ମାଝି, ଅନିତା ଭୂୟାଁ, ମୀନା ମାଝି, କବିତା ମାଝି ପ୍ରମୁଖଙ୍କ ସହ ଶତାଧିକ ମହିଳା ଉପସ୍ଥିତ ଥିଲେ।

## ନାବାଳିକା ଗଣଦୁଷ୍କର୍ମକାରୀଙ୍କୁ ଆଜୀବନ କାରାଦଣ୍ଡାଦେଶ



**ବାରିପଦା, ୨୫ ।୮ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ଜଜ ପ୍ରତିମା ପାତ୍ର ସୋମବାର ଏକ ନାବାଳିକା ଗଣଦୁଷ୍କର୍ମ ମାମଲାର ବିଚାର କରି ୨ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସଙ୍ଗେ ସଙ୍ଗେ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହା ସହିତ ୬୦ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୧ ବର୍ଷ ୬ ମାସର କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀ ଦ୍ୱୟ ହେଲେ ଉଦଳା ଥାନା ଅନ୍ତର୍ଗତ ଛଦଦା ଗ୍ରାମର ସମୟ ମୁର୍ମୁ(୩୩) ଓ ମଟୁ ମୁର୍ମୁ (୩୩)। ପୀଡିତାକୁ ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସହାୟତା ବିଭାଗଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ନାବାଳିକା ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୨୦ ବର୍ଷ ଜେଲ

**କନ୍ଧମାଳ, ୨୫ ।୮ (ସଂଚାର ବ୍ୟୁରୋ):** ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋସ୍କୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଆଜି ଏକ ୧୬ ବର୍ଷର ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ମାମଲାର ୧୫ ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟ ଓ ପୀଡିତାଙ୍କ ବୟାନ ଆଧାରରେ ବିଚାର କରି ମାମଲାର ଅଭିଯୁକ୍ତ ଫିରିଙ୍ଗିଆ ଥାନା ଅନ୍ତର୍ଗତ ବାଡାଜରି ଗ୍ରାମର ସଞ୍ଜିବ ଦିଗାଲ୍ (୨୦)କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୫ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ତାକୁ ଆଉ ଅଧିକ ୨ ବର୍ଷ ଛଅ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ବିଚାରପତି। ମାମଲାକୁ ସରକାରଙ୍କ ତରଫରୁ ଫାଷ୍ଟ ଟ୍ରାକ୍ ପୋସ୍କୋ କୋର୍ଟର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ପରିଚାଳନା କରୁଥିଲେ।

## ଲକ୍ଷାଧିକ ଟଙ୍କାର ମେଡିସିନ ପୋଡ଼ି ପାଉଁଶ

**ଖୋର୍ଦ୍ଧା, ୨୫ ।୮ (ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତିରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ବଜାର ଚିଆଙ୍କ ସାହି ଛକରେ ଥିବା ଏକ ମେଡ଼ିସିନ ଦୋକାନରେ ସଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ମେଡ଼ିସିନ ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ମୁତାବକ, ବାଣପୁର ବ୍ଲକ ବରଡ଼ି ଗ୍ରାମର ଶ୍ରୀଧର ପଟ୍ଟନାୟକ ଦୀର୍ଘ ବର୍ଷ ହେଲା ବାଣପୁର ବଜାର ଚିଆଙ୍କ ସାହି ଛକରେ ଏକ ମେଡ଼ିସିନ ଷ୍ଟୋର କରିଥିଲେ। ତେବେ ଗତକାଲି ବିଳମ୍ବିତ ରାତ୍ରିରେ ଉକ୍ତ ମେଡ଼ିସିନ ଷ୍ଟୋରରେ ସଟସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ମେଡ଼ିସିନ ଷ୍ଟୋର ମାଲିକ ଶ୍ରୀ ପଟ୍ଟନାୟକ ଦୋକାନରେ ପହଞ୍ଚି ଦେଖିଲା ବେଳକୁ ଦୋକାନରେ ଥିବା ସମସ୍ତ ମେଡ଼ିସିନ ଓ ଅନ୍ୟ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ତେବେ ପୋଡିଯାଇଥିବା ମେଡିସିନର ମୂଲ୍ୟ ପାଖାପାଖି ୪୦ ଲକ୍ଷ ଟଙ୍କାର ହୋଇଥିବା ନେଇ ଶ୍ରୀ ପଟ୍ଟନାୟକ କହିଛନ୍ତି। ତେବେ ଏହି ଅଗ୍ନିକାଣ୍ଡ ପରେ ବାଣପୁରରେ ଥିବା ମା' ଭଗବତୀ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନର ସଭାପତି ପ୍ରଶାନ୍ତ ପଣ୍ଡା ଏବଂ ସଭ୍ୟ ମାନେ ଘଟଣାସ୍ଥଳରେ ପହଞ୍ଚି ଶ୍ରୀଧରଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ଖୋର୍ଦ୍ଧା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନକୁ ଚିଠି କରାଯାଇଥିବା ଜଣାପଡ଼ିଛି।

## ରୌପ୍ୟ ବିଜେତା ପୁରୁଷ କନିଷ୍ଠ ହକି ଦଳକୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ):** କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓଡ଼ିଶା କନିଷ୍ଠ ପୁରୁଷ ହକି ଦଳକୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଦଳ ନିକଟରେ ଅନୁଷ୍ଠିତ ପଞ୍ଚଦଶ କନିଷ୍ଠ ଜାତୀୟ ହକି ଚାମ୍ପିଅନ୍‌ଶିପ୍‌ରେ ରୌପ୍ୟ ପଦକ ହାସଲ କରିଥିଲା। ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ କ୍ରୀଡ଼ାମନ୍ତ୍ରୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ଭବିଷ୍ୟତରେ ଦଳ ମଧ୍ୟ ଉଚ୍ଚକୋଟୀର ପ୍ରଦର୍ଶନ ମାଧ୍ୟମରେ ପଦକ ଅର୍ଜନ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡ. ୟେଦୁଲା ବିଜୟ, ହକି ପ୍ରମୋସନ କାଉନସିଲ, ଓଡ଼ିଶାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପଙ୍କର ମହାପାତ୍ର ଉପସ୍ଥିତ ଥିଲେ।

## ସମାଜ ଓ ସଂସ୍କୃତି ପକ୍ଷରୁ 'ଏଇ ଆମରି ଗାଁ'

**ଭୁବନେଶ୍ୱର, ୨୫।୮ (ସଂଚାର ବ୍ୟୁରୋ) :** ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ସମାଜ ଓ ସଂସ୍କୃତି' ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ 'ଏଇ ଆମରି ଗାଁ' ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନିଶିକାନ୍ତ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ଗିରିଜା ଶଙ୍କର ଦାଶଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜଣାଶୁଣା କଣ୍ଠଶିଳ୍ପୀମାନେ ଯୋଗ ଦେଇ ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟତଃ ଗ୍ରାମ୍ୟ ଜୀବନ, ପରମ୍ପରା ଓ ସଂସ୍କୃତିକୁ ନେଇ ବିଭିନ୍ନ ସମୟରେ କରାଯାଇଥିବା ମନଛୁଆଁ ଗୀତଗୁଡ଼ିକ ଏଥିରେ ସ୍ଥାନ ପାଇଥିଲା। ସହରବାସୀଙ୍କ ମଧ୍ୟରେ ଗ୍ରାମ୍ୟ ଜୀବନର ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଏପରି କାର୍ଯ୍ୟକ୍ରମ ପରିକଳ୍ପନା କରାଯାଇଛି ବୋଲି ସମ୍ପାଦକ ଶ୍ରୀ ଦାଶ କହିଥିଲେ। ଗତ ୧୦ ବର୍ଷ ହେଲା ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱରରେ ଏହିପରି କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଆସୁଛି।

## ୬ ରେଳ କର୍ମଚାରୀ ସମ୍ମାନିତ



**ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ):** ଉତ୍ସର୍ଗୀକୃତ ସେବା ଓ ସତର୍କତାକୁ ସ୍ୱୀକୃତି ଦେଇ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଟ୍ରେନ ପରିଚାଳନାର ନିରାପତ୍ତା ଓ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଓ ସତର୍କତା ପାଇଁ ୬ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। ବିଷମକଟକରେ କାର୍ଯ୍ୟରତ ଟ୍ରାକ୍ ରକ୍ଷଣାବେକ୍ଷଣକାରୀ ଜନ୍ ଏଡୱାର୍ଡ ତିର୍କୀ, ମୁନିଗୁଡ଼ାଠାରେ କାର୍ଯ୍ୟରତ ଟ୍ରାକ୍ ରକ୍ଷଣାବେକ୍ଷଣକାରୀ ଅମରଜିତ କୁମାର ସିଂହ, ଲୋଇସିଂହାଠାରେ କାର୍ଯ୍ୟରତ ଟ୍ରାକ୍ ରକ୍ଷଣାବେକ୍ଷଣକାରୀ ଲକ୍ଷ୍ମଣ କୁମାର ପାତ୍ର ଓ ମନୋଜ ସିକା, ଜୋରନ୍ଦା ରୋଡରେ କାର୍ଯ୍ୟରତ ଟ୍ରାକ୍ ରକ୍ଷଣାବେକ୍ଷଣକାରୀ ବିଜୟ କୁମାର ବେହେରା ଓ ହୁମ୍ମାଠାରେ କାର୍ଯ୍ୟରତ ପଏଣ୍ଟସମ୍ୟାନ୍ ପ୍ରଦ୍ୟୁମ୍ନ କୁମାର ପଣ୍ଡା, ସେମାନଙ୍କ ନିୟମିତ କର୍ତ୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ପ୍ରଦର୍ଶନ କରିଛନ୍ତି ଓ ଉପସ୍ଥିତି ବୁଦ୍ଧି ପ୍ରଦର୍ଶନ କରି ଦ୍ରୁତ ଓ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି, ଯାହା ଟ୍ରେନର ନିରାପଦ ଏବଂ ସୁଗମ ପରିଚାଳନା ସୁନିଶ୍ଚିତ କରିବାରେ ସହାୟକ ହୋଇଛି। ଏଥିସହ ଉକ୍ତ କର୍ମଚାରୀମାନଙ୍କୁ ଶ୍ରୀ ଫୁଙ୍କୱାଲ୍ ପ୍ରଶଂସା କରିଛନ୍ତି।

## ରାୟଗଡ଼ାରେ ବେଦାନ୍ତର ମାଗଣା ଚକ୍ଷୁ ପରୀକ୍ଷା ଶିବିର




**ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଭୁବନେଶ୍ୱରର ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ସହ ମିଶି ରାୟଗଡ଼ାର କାଶୀପୁର ବ୍ଲକସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି) ରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରିଥିଲା। ଏଥିରେ କାଶୀପୁର ବ୍ଲକ ଓ ନିକଟସ୍ଥ ଗ୍ରାମଗୁଡ଼ିକର ୧୬୫ରୁ ଅଧିକ ବାସିନ୍ଦା ସେମାନଙ୍କ ଚକ୍ଷୁ ପରୀକ୍ଷା କରାଇବା ସହ ମାଗଣାରେ ଔଷଧ ପାଇଥିଲେ। ଶିବିରରେ ମୋତିଆବିନ୍ଦୁ ଓ ଅନ୍ୟାନ୍ୟ ଚକ୍ଷୁ ସମ୍ବନ୍ଧୀୟ ସମସ୍ୟାର ପ୍ରାରମ୍ଭିକ ଚିହ୍ନଟ ଉପରେ ଧ୍ୟାନ ଦିଆଯାଇଥିଲା। ଏହାଦ୍ୱାରା ସମୟୋଚିତ ଚିକିତ୍ସା ସହ ଗ୍ରାମାଞ୍ଚଳରେ ଚକ୍ଷୁ ସ୍ୱାସ୍ଥ୍ୟ ପ୍ରତି ସଚେତନତା ବୃଦ୍ଧି କରାଯିବାର ଲକ୍ଷ୍ୟ ରହିଛି। କାଶୀପୁରର ଭାରପ୍ରାପ୍ତ ଇନ୍ସପେକ୍ଟର ଦେବବ୍ରତ ମଲ୍ଲିକ, କାଶୀପୁରର ସିଏଚସି ମୁଖ୍ୟ ଡକ୍ଟର ନେତ୍ରାନନ୍ଦ ନାୟକଙ୍କ ଉପସ୍ଥିତିରେ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀ ଏବଂ ସମ୍ପ୍ରଦାୟ ପ୍ରତିନିଧିଙ୍କ ସହ ଏହି ଶିବିର ପରିଚାଳିତ ହୋଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧ ସୁନିଶ୍ଚିତ କରିବା ଆମର ସମ୍ପ୍ରଦାୟ ବିକାଶ ପ୍ରୟାସର ମୂଳଦୁଆ। ଚକ୍ଷୁ ଶିବିର ଭଳି ପଦକ୍ଷେପ ମାଧ୍ୟମରେ ଆମେ ଅତ୍ୟାବଶ୍ୟକ ଚିକିତ୍ସା ସେବାକୁ ସେହି ସମ୍ପ୍ରଦାୟଗୁଡ଼ିକ ନିକଟରେ ପହଞ୍ଚାଇବାକୁ ଚେଷ୍ଟା କରୁଛୁ। ଏହି ପ୍ରୟାସଗୁଡ଼ିକ ସମାଜକୁ ସୁସ୍ଥ, ଅଧିକ ସୂଚନାପ୍ରଦ ଜୀବନଯାପନ ପାଇଁ ସଶକ୍ତ କରିବା ଦିଗରେ ବେଦାନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସେହିପରି ବେଦାନ୍ତର ଏପରି ଏକ ପ୍ରୟାସକୁ ପ୍ରଶଂସା କରିବା ସହ କମ୍ୟୁନିଟି ହେଲଥ ସେଣ୍ଟରର ମୁଖ୍ୟ ଡକ୍ଟର ନାୟକ କହିଛନ୍ତି ଯେ ଗ୍ରାମୀଣ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ କରିବାରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଚକ୍ଷୁ ସ୍ୱାସ୍ଥ୍ୟ ସଚେତନତାକୁ ଆଗକୁ ବଢ଼ାଇବା ଓ ଆମ ସମ୍ପ୍ରଦାୟ ପାଇଁ ଗୁଣାତ୍ମକ ସେବାକୁ ଅଧିକ ସୁଲଭ କରିବାରେ ବେଦାନ୍ତର ସହଭାଗୀତା ବାସ୍ତବରେ ପ୍ରଶଂସନୀୟ।

# ଆଇଟିଡିଏ ଜିଲ୍ଲା, ପ୍ରତିଷ୍ଠା ହେବ ଆଦର୍ଶ ବିଦ୍ୟାଳୟ




**ଭୁବନେଶ୍ୱର,୨୫।୮:** ୨୧ଟି ଆଇଟିଡିଏ ଜିଲ୍ଲାରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଏହି ଆଦର୍ଶ ବିଦ୍ୟାଳୟଗୁଡିକୁ ଅମର ଶହୀଦ ଲକ୍ଷ୍ମଣ ନାଏକଙ୍କ ନାମରେ ନାମିତ ହେବ। ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ସହିଦ ଲକ୍ଷ୍ମଣ ନାଏକ ଓ ଅନ୍ୟ ସଂଗ୍ରାମୀମାନଙ୍କ ବଳିଦାନର ଅମର ଗାଥା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରଚାର ପ୍ରସାର କରିବାପାଇଁ ବିଦ୍ୟାଳୟ ପାଠ୍ୟକ୍ରମରେ ଅଗ୍ରାଧିକାର ଭିତ୍ତିରେ ରଖାଯିବା ସକାଶେ ଉଦ୍ୟମ ଚାଲିଛି। ବିଶେଷକରି ସ୍ୱାଧୀନତା ସଂଗ୍ରାମରେ ଆଦିବାସୀ ସମ୍ପ୍ରଦାୟର ଯୋଗଦାନ ଓ ବଳିଦାନ ସଂକ୍ରାନ୍ତରେ ସ୍ୱତନ୍ତ୍ର ପାଠ୍ୟପୁସ୍ତକମାନ ପ୍ରଣୟନ କରାଯାଇ ବିଭିନ୍ନ ଶ୍ରେଣୀରେ ପଢ଼ାଯିବ।

ଉଲ୍ଲେଖନୀୟ ଯେ ପାପଡାହାଣ୍ଡିଠାରେ ସ୍ୱାଧୀନତା ସଂଗ୍ରାମକାଳରେ ହୋଇଥିବା ପୁଲିସ୍ ଗୁଳିରେ ଅନ୍ୟୁନ ୧୯ଜଣ ସହିଦ ହୋଇଥିବାବେଳେ ୧୪୦ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରୁ ୨୫ରୁ ଅଧିକ ପୁଲିସ୍‌ର ଅତ୍ୟାଚାର ଓ ଜେଲ୍ ଭିତରେ ଠିକଣା ଚିକିତ୍ସା ଓ ଖାଦ୍ୟ ନପାଇ ମୃତ୍ୟୁବରଣ କରିଥିଲେ। ମାଥିଲି ଗୁଳିକାଣ୍ଡରେ ବି ଅନ୍ୟୁନ ୬ ଜଣ ସହିଦ ହୋଇଥିବା ବେଳେ ଲକ୍ଷ୍ମଣ ନାଏକଙ୍କୁ ମିଛ ମାମଲାରେ ଫାଶି ଦିଆଯାଇଥିଲା। ମାଥିଲି ଘଟଣାରେ ୫୪ ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଥିବାବେଳେ ସେମାନଙ୍କ ଭିତରୁ ୪୯ଜଣଙ୍କୁ କାରାଦଣ୍ଡ ଓ ଲକ୍ଷ୍ମଣ ନାଏକଙ୍କୁ ମୃତ୍ୟୁ ଦଣ୍ଡାଦେଶ ହୋଇଥିଲା। ଏହାଛଡା ମାଥିଲି ଘଟଣାରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ କେତେକ ଜେଲରେ ଓ ଜେଲ୍ ବାହାରେ ପୁଲିସ୍ ଅତ୍ୟାଚାରରେ ମଧ୍ୟ ମରିଥିଲେ।

ସୁନ୍ଦରଗଡ଼ ଜିଲ୍ଲାର ଆମ୍‌କୋ-ସିମ୍‌କୋ ଗୁଳିକାଣ୍ଡରେ ୪୦ରୁ ଅଧିକ ଆଦିବାସୀ ଜୀବନ ଦେଇଥିଲେ। ସେତେବେଳେ ସେଠାରେ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲୁଥିଲା। ସେହିଭଳି ପାଇକ ବିଦ୍ରୋହ ସମୟରେ ଘୁମୁସରର କନ୍ଧମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏମିତିକି ବନ୍ଦୀ ପାରଳା ଗଜପତିଙ୍କୁ କାରାମୁକ୍ତ କରିବା ପାଇଁ ମହାରାଣୀଙ୍କ ନେତୃତ୍ୱରେ ଯେଉଁ ସଂଗ୍ରାମ ହୋଇଥିଲା ସେଥିରେ ବି ଅନେକ ଆଦିବାସୀ ସୈନିକ ସେମାନଙ୍କ ବୀରତ୍ୱର ପରାକାଷ୍ଠା ଦେଖାଇଥିଲେ।

ଓଡ଼ିଶାର ନୀଳଗିରି ଭାରତର ପ୍ରଥମ ଗଡଜାତ ହିସାବରେ ମିଶିଥିଲା। ନୀଳଗିରି ପ୍ରଜା ଆନ୍ଦୋଳନରେ ଆଦିବାସୀମାନଙ୍କର ସକ୍ରିୟ ଯୋଗଦାନ ରହିଥିଲା। କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, ବୌଦ୍ଧ, କନ୍ଧମାଳ, ନୟାଗଡ, ତାଳଚେର, ଢେଙ୍କାନାଳ ଆଦିରେ ମଧ୍ୟ ବହୁ ଆଦିବାସୀ ପ୍ରଜାମଣ୍ଡଳ ଆନ୍ଦୋଳନରେ ସାମିଲ ହୋଇଥିଲେ। ଦୋରା ବିଷୋୟୀ, ଚକରା ବିଷୋୟୀ, ଲୋଚନ ବିଷୋୟୀ, କଷ୍ଟି ଡାକୁଆ, ରେଣ୍ଡୋ ମାଝୀ, ମାଧୋ ସିଂ, ବିର୍ସା ମୁଣ୍ଡା ଆଦିଙ୍କ ବଳିଦାନ ଇତିହାସରେ ଯେଭଳି ସ୍ଥାନିତ ହେବାକଥା ତାହା ଏଯାବତ୍ ହୋଇପାରିନାହିଁ।

ଏ ସଂକ୍ରାନ୍ତରେ ବାରମ୍ବାର ବିଭିନ୍ନ ମହଲରୁ ଦାବି ହେଉଥିବା ପରିପ୍ରେକ୍ଷୀରେ ରାଜ୍ୟ ସରକାର ସ୍ୱତନ୍ତ୍ର କମିଟି ମାଧ୍ୟମରେ ଓଡିଶାରେ ସ୍ୱାଧୀନତା ସଂଗ୍ରାମର ଇତିହାସ ଓ ସେଥିରେ ଆଦିବାସୀମାନଙ୍କ ଯୋଗଦାନର ବ୍ୟାପକ ତଥ୍ୟ ସଂଗ୍ରହ କରି ଖୁବଶୀଘ୍ର ସେଗୁଡ଼ିକୁ ପାଠ୍ୟପୁସ୍ତକରେ ସାମିଲ କରିବେ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି। (ତଥ୍ୟ)

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

# ପରକୀୟା: ଏକ ସାମାଜିକ ବ୍ୟାଧି

ଆଧୁନିକ ସମାଜରେ ପରକିୟା ଏକ ଗମ୍ଭୀର ସାମାଜିକ ବ୍ୟାଧି ରୂପେ ପରିଗଣିତ ହୋଇଛି। ଏହା କେବଳ ବ୍ୟକ୍ତିଗତ ସ୍ତରରେ ନୁହେଁ, ପରିବାର ଏବଂ ସମାଜର ମୂଳଭିତ୍ତିକୁ ଦୁର୍ବଳ କରି ପକାଉଛି। ପରକିୟା ଅର୍ଥାତ୍ ବିବାହିତ ଜୀବନରେ ଅନ୍ୟ ସମ୍ପର୍କ ସ୍ଥାପନ କରିବା, ଯାହା ବିଶ୍ୱାସଘାତକତାର ରୂପ ନେଇ ସମ୍ପର୍କଗୁଡ଼ିକୁ ଭାଙ୍ଗି ଦିଏ। ଭାରତୀୟ ସମାଜରେ, ଯେଉଁଠାରେ ପରିବାର ହେଉଛି ସମାଜର ମୂଳଭିତ୍ତି, ଏହି ବ୍ୟାଧି ଧୀରେ ଧୀରେ ବ୍ୟାପି ଯାଉଛି ଏବଂ ଏହାର ପରିଣାମ ଭୟଙ୍କର।



ପରକିୟାର କାରଣଗୁଡ଼ିକ ବହୁମୁଖୀ। ଆଧୁନିକ ଜୀବନଶୈଳୀ, ସାମାଜିକ ମାଧ୍ୟମର ପ୍ରଭାବ, ଆର୍ଥିକ ସ୍ୱାଧୀନତା ଏବଂ ପାରସ୍ପରିକ ବୁଝାମଣାର ଅଭାବ ଏହାର ମୂଳ କାରଣ। ସାମାଜିକ ମାଧ୍ୟମ ଯେପରି ଫେସବୁକ୍, ଇନଷ୍ଟାଗ୍ରାମ୍ ଆଦି ପ୍ଲାଟଫର୍ମ ଦ୍ୱାରା ଲୋକମାନେ ସହଜରେ ନୂତନ ସମ୍ପର୍କ ସ୍ଥାପନ କରୁଛନ୍ତି, ଯାହା ପରେ ପରକିୟାର ରୂପ ନେଉଛି। ବିଶେଷକରି ସହରୀ ଅଞ୍ଚଳରେ ଏହି ସମସ୍ୟା ଅଧିକ ଦେଖାଯାଉଛି। ମହିଳାମାନଙ୍କର ବଢ଼ୁଥିବା ସ୍ୱାଧୀନତା ଏବଂ ପୁରୁଷମାନଙ୍କର ପରିବର୍ତ୍ତିତ ମନୋଭାବ ମଧ ଏହାକୁ ପ୍ରୋତ୍ସାହିତ କରୁଛି, କିନ୍ତୁ ଏହାର ପରିଣାମ କେବଳ ବ୍ୟକ୍ତିଗତ ନୁହେଁ, ସାମାଜିକ। ପରିବାର ଭାଙ୍ଗିବା, ଶିଶୁମାନଙ୍କର ମାନସିକ ବିକାଶରେ ପ୍ରଭାବ, ସମାଜରେ ଅବିଶ୍ୱାସର ବାତାବରଣ ସୃଷ୍ଟି ହେବା ଆଦି ଏହାର ପ୍ରତ୍ୟକ୍ଷ ପରିଣାମ। ପରକିୟାର ପ୍ରଭାବ ବହୁଳ ଭାବରେ ଦେଖାଯାଏ। ଏହା ପରିବାରର ସମ୍ପର୍କକୁ ବିନାଶ କରିଦିଏ। ଅନେକ କ୍ଷେତ୍ରରେ ଏହା ବିବାହ ବିଚ୍ଛେଦର କାରଣ ହୋଇଥାଏ, ଯାହା ଭାରତରେ ବଢ଼ୁଥିବା ବିବାହ ବିଚ୍ଛେଦ ହାରକୁ ସୂଚାଉଛି। ଶିଶୁମାନେ ପିତା-ମାତାଙ୍କ ବିଚ୍ଛେଦ ଯୋଗୁଁ ମାନସିକ ଆଘାତ ପାଉଛନ୍ତି, ଯାହା ସେମାନଙ୍କର ଭବିଷ୍ୟତକୁ ପ୍ରଭାବିତ କରେ। ସମାଜରେ ଏହା ନୈତିକତାର ହ୍ରାସ ଘଟାଉଛି। ମହିଳାମାନେ ପ୍ରାୟତଃ ଏହି ସମ୍ପର୍କରେ ଶୋଷଣର ଶିକାର ହୁଅନ୍ତି, ଯାହା ସାମାଜିକ ଅନ୍ୟାୟକୁ ବଢ଼ାଉଛି। ଏହା ମଧ ଯୌନ ରୋଗ, ଏଚ୍‌ଆଇଭି ଆଦିର ବ୍ୟାପନକୁ ପ୍ରୋତ୍ସାହିତ କରେ, ଯାହା ସାମାଜିକ ସ୍ୱାସ୍ଥ୍ୟରେ ପ୍ରଭାବ ପକାଏ। ଅନେକ ଦେଶରେ ପରକିୟାକୁ ଆଇନଗତ ଅପରାଧ ରୂପେ ଦେଖାଯାଉଛି, କିନ୍ତୁ ଭାରତରେ ଏହାର ଆଇନଗତ ଦୃଢ଼ତା ଅଭାବ ରହିଛି।

ଏହି ବ୍ୟାଧିର ନିରାକରଣ ପାଇଁ ବହୁମୁଖୀ ପଦକ୍ଷେପ ଆବଶ୍ୟକ। ପ୍ରଥମେ, ଶିକ୍ଷା ଏବଂ ନୈତିକ ମୂଲ୍ୟବୋଧର ପ୍ରଚାର କରିବା ଦରକାର। ବିଦ୍ୟାଳୟ ଏବଂ କଲେଜରେ ସମ୍ପର୍କ ଏବଂ ନୈତିକତା ବିଷୟରେ ଶିକ୍ଷା ଦିଆଯାଉ। ସାମାଜିକ ମାଧ୍ୟମର ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଆବଶ୍ୟକ। ପରିବାରରେ ପାରସ୍ପରିକ ବୁଝାମଣା ଏବଂ ଯୋଗାଯୋଗକୁ ବଢ଼ାଇବା ଦ୍ୱାରା ଏହାକୁ ରୋକାଯାଇପାରିବ। ସରକାର ଏବଂ ସମାଜସେବୀ ସଂସ୍ଥାଗୁଡ଼ିକ କାଉନସେଲିଂ ସେଣ୍ଟର ସ୍ଥାପନ କରି ସହାୟତା ଯୋଗାଇବା ଉଚିତ୍। ଆଇନଗତ କଡ଼ାକଡ଼ି ମଧ ଏହାକୁ ନିୟନ୍ତ୍ରଣ କରିପାରିବ। ଉଦାହରଣ ସ୍ୱରୂପ, ସିଙ୍ଗାପୁର ଏବଂ ଇଣ୍ଡୋନେସିଆ ଭଳି ଦେଶରେ ପରକିୟାକୁ ଦଣ୍ଡନୀୟ ଅପରାଧ ରୂପେ ଦେଖାଯାଉଛି। ପରକିୟା କେବଳ ଏକ ବ୍ୟକ୍ତିଗତ ସମସ୍ୟା ନୁହେଁ, ଏହା ସମଗ୍ର ସମାଜର ଅଧଃପତନର ସଙ୍କେତ। ଆମେ ସମସ୍ତେ ମିଳିମିଶି ଏହାର ବିରୋଧରେ ଆବାଜ ଉଠାଇବା ଆବଶ୍ୟକ। ନୈତିକତା, ବିଶ୍ୱାସ ଏବଂ ପରସ୍ପର ସମ୍ମାନର ଆଧାରରେ ନିର୍ମିତ ଏକ ସୁସ୍ଥ ସମାଜ ହିଁ ଏହି ବ୍ୟାଧିରୁ ମୁକ୍ତି ଦେଇପାରିବ। ଏହାକୁ ଅଣଦେଖା କଲେ ଆମର ସମାଜର ଭବିଷ୍ୟତ ଅନ୍ଧକାରମୟ ହୋଇଯିବ।

# ଧରଳିରୁ କିସ୍ତୱାର, କାଠୁଆ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ହିମାଳୟ ଅଞ୍ଚଳରେ ମାତ୍ର ପନ୍ଦର ଦିନ ମଧ୍ୟରେ ତିନୋଟି ପ୍ରାକୃତିକ ବିପର୍ଯ୍ୟାୟ ତଥା ବାଦଲଫଟା ବର୍ଷା କେବଳ ତିନୋଟି ଚରମ ଜଳବାୟୁ ଘଟଣା ନୁହେଁ, ପ୍ରକୃତିର କୋପର ପରିଣତି ବୋଲି କୁହାଯାଇପାରିବ। ଏହା ନିସନ୍ଦେହ ଯେ, ବାଦଲଫଟା ବର୍ଷା, ଏବେ ଆଉ ଅସ୍ୱାଭାବିକ ଘଟଣା ନୁହେଁ। ଉତରାଖଣ୍ଡର ଧରାଳିରେ ବାଦଲଫଟା ବର୍ଷାର ବିପର୍ଯ୍ୟାୟର ୧୦ଦିନ ପରେ କାଶ୍ମୀରର କିସ୍ତୱାର ଓ କାଠୁଆରେ ମାତ୍ର ତିନି ଦିନ ମଧ୍ୟରେ ଦୁଇଟି ବାଦଲଫଟା ବର୍ଷା, ଆକସ୍ମିକ ବର୍ଷା, ଭୂସ୍ଖଳନ, ଧ୍ୱଂସ ଓ ମୃତ୍ୟୁର ତାଣ୍ଡବ ରଚିଛି। କେବଳ ହିମାଳୟ ଅଞ୍ଚଳ ନୁହେଁ, ଦେଶର ବିଭିନ୍ନ ଅଞ୍ଚଳରେ ବାଦଲଫଟା ବର୍ଷା, ଅତିବୃଷ୍ଟି ଏବେ ଭୂସ୍ଖଳନର ତାଣ୍ଡବର ରୂପ ନେଇଛି ବୋଲି କହିଲେ ଭୁଲ ହୋଇନପାରେ। ପାର୍ବତ୍ୟ ଅଞ୍ଚଳରେ ଅଣଯୋଜନାକୃତ ନିର୍ମାଣ, ଜନବସତି ପ୍ରତିଷ୍ଠା, ଶିଳ୍ପ ପ୍ରତିଷ୍ଠା, ଆଖିବୁଜା ଗଛ କଟା ଏବଂ ଜଳଧାରାର ଗତିପଥ ନିୟନ୍ତ୍ରଣ ଏବଂ ଭୂମିରେ ଅସ୍ଥିରତା ଏବେ ବାଦଲଫଟା ଓ ଭୂସ୍ଖଳନର କାରଣ ହୋଇଛି। ଅତୀତରେ ଉତରାଖଣ୍ଡର ଯୋଶୀମଠ, ବଦ୍ରିନାଥ, କେରଳର ୱାୟନାଡ ଅଞ୍ଚଳରେ ବାଦଲଫଟା ବର୍ଷା, ଭୂସ୍ଖଳନ ଓ ମୃତ୍ୟୁର ତାଣ୍ଡବ ରଚିଥିବାବେଳେ ପନ୍ଦର ଦିନ ମଧ୍ୟରେ ଧରାଳି, କିସ୍ତିୱାର ଓ କାଠୁଆରେ ବାଦଲଫଟା ବର୍ଷା, ଆକସ୍ମିକ ବନ୍ୟା, ଭୂସ୍ଖଳନ ସମଗ୍ର ମାନବ ସମାଜ ପାଇଁ ସତର୍କ ଘଣ୍ଟି ସଦୃଶ ହୋଇଛି। କାରଣ ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧି ପ୍ରଭାବରେ। ଆସନ୍ତାକାଲି ଆଉ କେଉଁଠି ଚରମ ପ୍ରାକୃତିକ ବିପର୍ଯ୍ୟାୟ ଘଟଣା ସମ୍ଭାବନାକୁ ଅଣଦେଖା କରାଯାଇନପାରେ। ଏହା ସତ୍ୟ ଯେ, ବିଶ୍ୱ ଜଳବାୟୁ ପରବର୍ତ୍ତିନ ଓ ବିଶ୍ୱ ତାପମାତ୍ରା ବୃଦ୍ଧି ଏବେ କେବଳ ଭାରତ ତଥା ହିମାଳୟ ଭୂଖଣ୍ଡର ସମସ୍ୟା ନୁହେଁ। ଏହାର ପ୍ରଭାବ ଏବେ ସାରା ବିଶ୍ୱରେ ପରିଲିଖିତ ହୋଇଛି। ଗଲା ଜୁନ୍ ମାସରେ ପର୍ତ୍ତୁଗାଲର ତାପମାତ୍ରା ୪୬ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥିଲା। ୟୁରୋପର ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ୨୦୦୦ରୁ ଉର୍ଦ୍ଧ୍ୱ ଜଙ୍ଗଲ ଜମି ପୋଡି ପାଉଁଶ ହୋଇଯାଇଥିବାବେଳେ ହଜାର ହଜାର ଲୋକ ସ୍ଥାନାନ୍ତର ହୋଇଥିଲେ। କେବଳ ଆମେରିକା କିମ୍ବା ୟୁରୋପ ନୁହେଁ, ଏସିଆ ମହାଦେଶର ବିଭିନ୍ନ ଅଞ୍ଚଳରେ ବିଶ୍ୱ ତାପମାତ୍ରା ପ୍ରଭାବରେ ଅସହ୍ୟ, ଗ୍ରୀଷ୍ମ ପ୍ରବାହ, ବନ୍ୟା, ବାତ୍ୟା ଅନିମୟିତ ମୌସୁମୀ ବର୍ଷା, ହିମଶୃଙ୍ଗ ତରଳିବା, ସମୁଦ୍ର ଜଳ ପତନ ବୃଦ୍ଧି ପାଇବାରେ ଲାଗିଛି। ବନ୍ୟା, ବାତ୍ୟା, ଗ୍ରୀଷ୍ମ ପ୍ରବାହ ମୃତ୍ୟୁର ତାଣ୍ଡବ ରଚୁଛି। ଭାରତରେ ପ୍ରାକୃତିକ ବିପର୍ଯ୍ୟାୟର ପ୍ରଭାବ କ୍ରମଶଃ ବଢ଼ିବାରେ ଲାଗିଥିବାବେଳେ ୨୦୧୫ ରୁ ୨୦୨୪ ମଧ୍ୟରେ ୩୨.୩ ମିଲିଅନ ଲୋକ ସ୍ଥାନାନ୍ତର ହୋଇଥିବା ଜେନେଭା ସ୍ଥିତ ଇଂଟର ନ୍ୟାଶନାଲ ବିସ୍ଥାପିତ ମନିଟରିଂ ସେଂଟର(ଆଇଡିଏମସି) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ସେହିପରି ବୈଶ୍ୱିକ ପରିସଂଖ୍ୟାନ ମଧ ଅତି ଗମ୍ଭୀର। ଏହି ଅବଧି ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟାୟ କାରଣରୁ ୨୬୪.୮ ମିଲିଅନ ବିସ୍ଥାପିତ ହେବାକୁ ବାଧ ହୋଇଥିବା କୁହାଯାଏ। ପୂର୍ବ ଓ ଦକ୍ଷୀଣ ଏସୀୟ ଅଞ୍ଚଳ ଏହି ସମୟ ମଧ୍ୟରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ରିପୋର୍ଟରେ କୁହାଯାଇଛି। ଭାରତ ବ୍ୟତୀତ ଚୀନ, ଫିଲପାଇନସ୍, ବଙ୍ଗଳାଦେଶ ମଧ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟରେ କୁହାଯାଇଛି। ଆଇଡିଏମସି ରିପୋର୍ଟରେ ବିଶ୍ୱର ସର୍ବାଧିକ ପ୍ରାକୃତିକ ବିପଦ ସଂକୁଳ ରାଷ୍ଟ୍ର ତାଲିକାରେ ଚୀନ ପ୍ରଥମ ସ୍ଥାନରେ ରହିଥିବାବେଳେ ଫିଲପାଇନସ୍ ଦ୍ୱିତୀୟ ଏବଂ ଭାରତ ତୃତୀୟ ସ୍ଥାନରେ ରହିଛି। ସେହିପରି ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ପରିଚାଳନା ମନ୍ତ୍ରଣାଳୟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରକାଶିତ ରିପୋର୍ଟରେ ତାପମାତ୍ରା ବୃଦ୍ଧି ନେଇ ଯେଉଁ ତଥ୍ୟ ପ୍ରକାଶ ପାଇଛି ତାହା ଅତ୍ୟନ୍ତ ଚିନ୍ତାଜନକ। ଏକବିଂଶ ଶତାବ୍ଦୀର ପ୍ରଥମ ତ୍ରୟରେ ହାରାହାରି ତାପମାତ୍ରା ୧୫ଡିଗ୍ରୀ ବୃଦ୍ଧି ପାଇଛି। ୨୦୨୧ରେ ହାରାହାରି ତାପମାତ୍ରା ୨୫.୫ ଡିଗ୍ରୀ ଥିବାବେଳେ ୨୦୨୪-ରେ ୨୫.୭୪ ଡିଗ୍ରୀ ସେଲସିୟସ୍‌କୁ ବୃଦ୍ଧି ପାଇଛି। ଉଭୟ ଦିନ ଓ ରାତ୍ରିର ତାପମାତ୍ରା ଏହି ଅବଧି ମଧ୍ୟରେ ୧ଡିଗ୍ରୀ ବୃଦ୍ଧି ପାଇଛି। କେବଳ ଏତିକି ନୁହେଁ, ଗତ ବର୍ଷ ଭାରତରେ ସର୍ବାଧିକ ୨୦ ହିଟୱେଭ୍ ଦିବସ ଥିବା ରେକର୍ଡ କରାଯାଇଛି। ଯାହାକି ଗତ ୧୪ବର୍ଷ ମଧ୍ୟରେ ସର୍ବାଧିକ। ଏହା ନିସନ୍ଦେହ ଯେ, ପ୍ରକୃତି ଉପରେ କ୍ରମାଗତ ଅତ୍ୟାଚାର ବିଶ୍ୱ ତାପମାତ୍ରା ଓ ଜଳବାୟୁ ପରିବର୍ତ୍ତନ ବଢ଼ିଚାଲିଛି। ଏହାର ପ୍ରଭାବରେ ପ୍ରାକୃତିକ ବିପର୍ଯ୍ୟାୟ ବଢ଼ିଚାଲିଛି। ଏବେ ଧରାଳି, କିସ୍ତୱାର ଓ କାଠୁଆରେ ପ୍ରାକୃତିକ ବିପର୍ଯ୍ୟାୟ ଘଟିଛି। ବେଳହୁଁ ସତର୍କ ନ ହେଲେ ହିମାଳୟରେ ଆହୁରି ବିପର୍ଯ୍ୟାୟ ଘଟିବା ସମ୍ଭାବନାକୁ ଅଣଦେଖା କରାଯାଇନପାରେ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

# ଅଦୃଶ୍ୟ ଶକ୍ତି



ଆଶୁତୋଷ ନାୟକ

ସୃଷ୍ଟିର ଆରମ୍ଭରୁ ଏହା ପ୍ରମାଣିତ ଯେ ପ୍ରକୃତି ବିଜ୍ଞାନ ଠାରୁ ବଳଶାଳୀ। ମଣିଷ ନିଜର ସମସ୍ତ ସାମର୍ଥ୍ୟ ପ୍ରୟୋଗ କରି ମଧ ପ୍ରକୃତି ଉପରେ ନିଜର ଆଧିପତ୍ୟ ବିସ୍ତାର କରିବା ଅସମ୍ଭବ। ଯେଉଁ ମନୁଷ୍ୟ ମାନେ ଭଗବାନଙ୍କର ଅସ୍ତିତ୍ୱ ଉପରେ ସର୍ବଦା ପ୍ରଶ୍ନବାଚୀ ସୃଷ୍ଟି କରନ୍ତି ସେମାନେ ଜାଣି ରଖିବା ଉଚିତ ପ୍ରକୃତିର ସୃଷ୍ଟି ବିଜ୍ଞାନର ଅନ୍ତରୁ ହିଁ ଆରମ୍ଭ ହୋଇଥାଏ। ନିଜର ଅର୍ଥ, ବ୍ୟାଙ୍କ ବାଲାନ୍ସ, ପ୍ରତିଷ୍ଠା, କ୍ଷମତା, ସୁନ୍ଦର ଆକର୍ଷଣୀୟ ଚେହେରା ପାଇଁ ଅହଂକାର କରୁଥିବା ମନୁଷ୍ୟ ଆଜି କିନ୍ତୁ ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ପ୍ରତି ମୁହୂର୍ତ୍ତରେ ବଞ୍ଚିବା ପାଇଁ ସଂଗ୍ରାମ କରୁଛି।

ଏକବିଂଶ ଶତାବ୍ଦୀର ମନୁଷ୍ୟ କୃତିମ ବୃଦ୍ଧିମତା ପ୍ରୟୋଗ କରି ଅନେକ ଅସାଧ କର୍ମ ସଂପାଦନ କରୁଛି। କୃତିମ ବୃଦ୍ଧିମତା ଦ୍ୱାରା ଅନେକ ଘାତକ ଦୂରାରୋଗ୍ୟ କ୍ୟାନସର, ହାର୍ଟଷ୍ଟୋକ, ବ୍ରେନଷ୍ଟୋକ, ହାର୍ଟ ଅପେରସନ, କିଡ଼ନୀ ଟ୍ରାନ୍ସପ୍ଲାଣ୍ଟ ଇତ୍ୟାଦି ସହଜରେ ଚିକିତ୍ସା କରାଯାଇ ପାରୁଛି। ବିଭିନ୍ନ ଅତ୍ୟାଧୁନିକ ସାଟେଲାଇଟ, ମିଶାଇଲ, ଇତ୍ୟାଦିର ପ୍ରେରଣ ସମ୍ଭବ ହୋଇପାରୁଛି। ଏକବିଂଶ ଶତାବ୍ଦୀର ମନୁଷ୍ୟ ନିଜର ବୃଦ୍ଧି, ବିବେକ, ଜ୍ଞାନ ବଳରେ ବଳୀୟାନ ହୋଇ ବିଜ୍ଞାନ ଦ୍ୱାରା ଅସମ୍ଭବ କୁ ସମ୍ଭବ କରୁଛି କିନ୍ତୁ ସବୁ କିଛି ଥାଇ ମଧ ଏ ବିଶ୍ୱ ବ୍ରହ୍ମାଣ୍ଡରେ ଥିବା ଅଗଣିତ ପ୍ରାଣୀଙ୍କ ମଧ୍ୟରେ ନିଜକୁ ସର୍ବଶକ୍ତିମାନ, ବୃଦ୍ଧିମାନ ପ୍ରାଣୀ ଭାବେ ବିବେଚନା କରୁଥିବା ରକ୍ତମାଂସଧାରୀ ମନୁଷ୍ୟ ପ୍ରକୃତି ପାଖରେ ଅସହାୟ ହୋଇପଡୁଛି। ଯେତେବେଳେ କୌଣସି ପ୍ରାକୃତିକ ଦୁର୍ବିପାକ ଯେପରି ଭୂମିକମ୍ପ, ସୁନାମି, ପ୍ରଳୟକାରୀ ବନ୍ୟା, ବାତ୍ୟା, ଘୁର୍ଣ୍ଣିଝଡ଼ ପରି ବିପଦକୁ ସାମନା କରୁଛି ସେତେବେଳେ କୌଣସି ଉପାୟ ନପାଇ ନିଜ ଜୀବନ ବଞ୍ଚାଇବା ପାଇଁ ଈଶ୍ୱରଙ୍କ ପାଖରେ ଆକୁଳ ନିବେଦନ କରୁଛି କାରଣ ସେତେବେଳେ ହିଁ ମନୁଷ୍ୟ ଈଶ୍ୱରଙ୍କ ସତ୍ତା ଉପଲବ୍ଧି କରୁଛି ଯେତେବେଳେ ସେ ବଞ୍ଚିବାର ରାହା ଖୋଜୁଛି। ସେ ଅଦୃଶ୍ୟ ଶକ୍ତି ଈଶ୍ୱରଙ୍କ ବ୍ୟତୀତ ଏ ବିଶ୍ୱବ୍ରହ୍ମାଣ୍ଡରେ ଆଉ କୌଣସି ଶକ୍ତି ମନୁଷ୍ୟକୁ ଭୟଙ୍କର ବିପତ୍ତିରୁ ଉଦ୍ଧାର କରିବାର ସାମର୍ଥ ନାହିଁ ସେତେବେଳେ ମନୁଷ୍ୟ ଉପଲବ୍ଧି କରୁଛି।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ପୁଳାପୁଳା ଟଙ୍କା, ବାଟି ବାଟି ସମ୍ପତ୍ତିର ଲୋଭାସ୍ତକ ହୋଇ ନିଜର ପରିବାର, ସ୍ତ୍ରୀ, ସନ୍ତାନ, ବନ୍ଧୁ ପରିଜନମାନଙ୍କୁ ହତ୍ୟା କରିବାକୁ ମଧ ପଛଘୁଞ୍ଚା ଦିଅନ୍ତି ନାହିଁ। କରୋନା ମହାମାରୀ ସମୟରେ ନିଜକୁ ସବୁଠାରୁ ବଳଶାଳୀ ମନେକରୁଥିବା ସମଗ୍ର ମାନବଜାତି ନିଜର ଅସ୍ତିତ୍ୱ ପାଇଁ ଗୃହବନ୍ଦୀ ହୋଇରହିଥିଲା। ସମଗ୍ର ବିଶ୍ୱ ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷିଆ, ଜାପାନ, ଚୀନ, ଫ୍ରାନ୍ସ, ଜର୍ମାନୀ ଇତ୍ୟାଦି କରୋନା ଭୁତାଣୁ ଆଗରେ ନତମସ୍ତକ ହୋଇପଡ଼ିଥିଲା। ସେମାନଙ୍କ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା, ଉନ୍ନତ ଜ୍ଞାନକୌଶଳ ସବୁକିଛି ବ୍ୟର୍ଥ ହୋଇଯାଇଥିଲା। ବିକଶିତ ରାଷ୍ଟ୍ର ମାନଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଥିଲା।ଲକ୍ଷ ଲକ୍ଷ ଲୋକ ପୋକମାଛି ପରି ମୃତ୍ୟୁବରଣ କରୁଥିଲେ। ଅନେକ ବ୍ୟକ୍ତିଙ୍କ ଖାଦ୍ୟ ଅଭାବରୁ ସେ ସମୟରେ ଜୀବନ ପ୍ରଦୀପ ଲିଭିଯାଇଥିଲା। ପ୍ରାଣଘାତୀ ମାରାତ୍ମକ କରୋନା ଭୁତାଣୁ ପାଖରେ ସମଗ୍ର ବିଶ୍ୱ ଯେପରି ଅସହାୟ ଓ ନିରୁପାୟ ହୋଇପଡ଼ିଥିଲା ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ।

୧୪୦ଖଣ୍ଡ କାରରେ ବସି ବୁଲୁଥିବା ଏବଂ ୧୦୦୦୦କୋଟିରୁ ଅଧିକ ସମ୍ପତ୍ତିର ଅଧିକାରୀ ଥିବା ଆମ ଓଡିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବହୁ ଚେଷ୍ଟା କରି ମଧ ନିଜ ଜୀବନ ବଞ୍ଚାଇପାରିନଥିଲେ। ଯଦି ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ବଳରେ ସବୁକିଛି ହୋଇପାରୁଥାନ୍ତା ତାହେଲେ ସବୁ ନେତା, ମନ୍ତ୍ରୀ, ଅଫିସର ଅମର ହୋଇଯାଇଥାନ୍ତେ। ସେଥିପାଇଁ ଆମ ଶାସ୍ତ୍ରରେ କୁହାଯାଇଛି

**'ଦଇବ ଦଉଡି ମଣିଷ ଗାଈ**
**ଯେଣିକି ଟାଣଇ ଶେଣିକି ଯାଇ'।**

ଝିଟିପିଟି ଯେପରି ରାତିସାରା ଅନେକ ପୋକ ଝିଣ୍ଟିକା ଖାଇ ପ୍ରାତଃ ସମୟରେ ମହାପୁରୁଷଙ୍କ ଫୋଟ ପଛପଟେ ଲୁଚି ଯାଏ ଏକ ବିଂଶ ଶତାବ୍ଦୀ ମନୁଷ୍ୟର ଚରିତ୍ର ଠିକ୍ ସେହିପରି। ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିରେ ବୃଦ୍ଧିମାନ ଜୀବ ହେଉଛି ମଣିଷ। ମନୁଷ୍ୟ ନିଜର ବୃଦ୍ଧି ଓ ବିବେକ ବଳରେ ଜଳ, ସ୍ଥଳ, ଆକାଶ ପଥରେ ନିଜର ଆଧିପତ୍ୟ ବିସ୍ତାର କରିଛି। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ମନୁଷ୍ୟ ନିଜର ବୃଦ୍ଧି ଅସତ ଉପାୟରେ ପରିଚାଳିତ କରି ପ୍ରକୃତି ଉପରେ ଅନବରତ ଅତ୍ୟାଚାର କରିଚାଲିଛି ଏବଂ ନିଜର ଅର୍ଥବଳ, ବାହୁବଳ ପ୍ରୟୋଗ କରି ଦୁର୍ବଳ ଉପରେ ଅତ୍ୟାଚାର କରିଚାଲିଛି। ନିଜର ସ୍ୱାର୍ଥସାଧନ ପାଇଁ ମନୁଷ୍ୟ ଜଙ୍ଗଲ, ଗଛଲତା, ବନ୍ୟପ୍ରାଣୀ, ଜୀବଜନ୍ତୁ ଧ୍ୱଂସ କରିଚାଲିଛି। ସେଥିପାଇଁ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଘଟୁଛି। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଆମ ପାଇଁ ସତର୍କ ଘଣ୍ଟି। ଆମେ ନିଜେ ହିଁ ନିଜର ଧ୍ୱଂସ କରୁଛୁ। ସେଥିପାଇଁ କୁହାଯାଏ 'ଆପଣା ହସ୍ତେ ଜିହ୍ୱା ଛେଦି କେ ଅଛି ତାର ପ୍ରତିବାଦୀ '

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ନିଜକୁ ସର୍ବଶେଷ୍ଠ ସର୍ବଶକ୍ତିମାନ ମନେକରୁଥିବା ଏକବିଂଶ ଶତାବ୍ଦୀର ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତିର ଅଧିକାରୀ ହୋଇମଧ ଅନେକ ବ୍ୟକ୍ତି ଅଶାନ୍ତିରେ କାଳାତିପାତ କରୁଛନ୍ତି। ସବୁକିଛି ସୁଖ ସ୍ୱାଛନ୍ଦ୍ୟ, ଦାମୀ ଗାଡି, ସୁରମ୍ୟ ଅଟ୍ଟାଳିକା, ସୁନା, ରୁପା, ହୀରା ଅଳଙ୍କାର ଥିଲେ ମଧ ମାନସିକ ଅବସାଦ ଏବଂ ଅତ୍ୟଧିକ ଚାପଗ୍ରସ୍ତ ହୋଇ ସୁଶାନ୍ତ ସିଂ ରାଜପୁତଙ୍କ ଠାରୁ ଆରମ୍ଭ କରି ଅନେକ ହିନ୍ଦୀ, ତେଲୁଗୁ, କନ୍ନଡ଼ ସିନେମା ଅଭିନେତା, ଉଚ୍ଚପ୍ରଦସ୍ତ ଅଧିକାରୀ, ପୋଲିସ ଅଫିସର, ଆଇଏସ ଅଫିସର ଆତ୍ମହତ୍ୟାର ରାସ୍ତା ବାଛିନେଉଛନ୍ତି। ଏହାର ଅନେକ ଦୃଷ୍ଟାନ୍ତ ରହିଛି।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶେଷ୍ଟ, ସର୍ବଶକ୍ତିମାନ ମନେକରୁଛି। ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ। ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର।ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି। ଏହାଛଡା ନିରୀହ ପଶୁ, ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି। କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି।

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ। ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ। ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ। ଏହା ଚିରନ୍ତନ ସତ୍ୟ। ମନୁଷ୍ୟ ଜୀବନ ମଧ କ୍ଷଣସ୍ଥାୟୀ। ପାଣି ଫୋଟକା ପରି ମନୁଷ୍ୟ ର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ।

ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟ ରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ। ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ 'ଧର୍ମ 'ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି। ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭାର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯ୍ୟାତନା ଓ ଅତ୍ୟାଚାର ସହିବାକୁ ପଡ଼ିଥିଲା। ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ, ବଳ, କୌଶଳ ଉପଯୋଗ କରିଥିଲେ। ସେ ହୃଦୟ ବିଦାରକ ନିର୍ଯ୍ୟାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ। ଧର୍ମନିରପେକ୍ଷତା ଆଜି କେବଳ ଆଧୁନିକ ଭାରତର ଏକ ସ୍ଲୋଗାନ ନୁହେଁ, ଏହାର ଐତିହ୍ୟ ସୁପ୍ରାଚୀନ ଅଟେ। ବୁଦ୍ଧଦେବ, ଯୀଶୁ, ମହମ୍ମଦ, ଶଙ୍କରାଚାର୍ଯ୍ୟ, ବଳରାମ ଦାସ, ଶ୍ରୀ ଚୈତନ୍ୟ ଦେବ, ସନ୍ଥ ତୁଳସୀ ଦାସ, ମହାତ୍ମା କବୀର, ସ୍ୱାମୀ ବିବେକାନନ୍ଦ ପରି ମହାପୁରୁଷ ଏଠାରେ ଜନ୍ମଗ୍ରହଣ କରି ସେମାନଙ୍କ ମାନବବାଦ ବାଣୀ ଶୁଣାଇ ଯାଇଛନ୍ତି। କେହି କୁତ୍ରାପି କୌଣସି ଧର୍ମ ପତି ବିଦ୍ୱେଷ ଭାବ ପୋଷଣ କରି ନାହାନ୍ତି।

ଏକବିଂଶ ଶତାବ୍ଦୀର ମନୁଷ୍ୟ ପ୍ରଭୁ ଶ୍ରୀରାମଙ୍କର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ ସମ୍ପାଦନ କରିପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ। ପିତୃସତ୍ୟ ପାଳନ କରିବା ପାଇଁ ଯେପରି ଭଗବାନ ଶ୍ରୀରାମ ୧୪ବର୍ଷ ଧରି ବନବାସରେ ଅତିବାହିତ କରିଥିଲେ। ସେହିପରି ମନୁଷ୍ୟ ଜୀବନ ରେ ଯେତେ ବାଧାବିଘ୍ନ, ଦୁଃଖକଷ୍ଟ, ଘାତପ୍ରତିଘାତ ଆସିଲେ ମଧ କଦାପି ସତ୍ୟପଥରୁ ବିଚ୍ୟୁତ ହେବା କାପୁରୁଷର ଲକ୍ଷଣ। ଭଗବାନ ଶ୍ରୀରାମ ସତ୍ୟ, ଧର୍ମ, ନ୍ୟାୟ ଏବଂ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ।

ଏହିସବୁ ମହନୀୟ ଗୁଣ ମନୁଷ୍ୟ ନିଜର ବାସ୍ତବ ଜୀବନରେ ଉପଯୋଗ କରିପାରିଲେ ସେ ନିଜକୁ ପ୍ରତିଷ୍ଠିତ କରିପାରିବ। ଭଗବାନ ଶ୍ରୀରାମ ଯେପରି ବିଶ୍ୱବ୍ରହ୍ମାଣ୍ଡର ଛୋଟ କୀଟପତଙ୍ଗ ଠାରୁ ଆରମ୍ଭ କରି ପଶୁପକ୍ଷୀ, ମନୁଷ୍ୟ ପ୍ରଯ୍ୟନ୍ତ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ। ତାଙ୍କ ପାଖରେ ଉଚ୍ଚନୀଚର ଭେଦଭାବ ନଥିଲା। ସେହିପରି ଆମକୁ ଅହଂକାର ପରିହାର କରି ସମସ୍ତଙ୍କୁ ଆପଣାର ଭାବିବାକୁ ପଡ଼ିବ, କାହାକୁ ବି ହେୟଜ୍ଞାନ ମନେକରିବା ଉଚିତ ନୁହେଁ। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ। ପ୍ରଭୁ ଶ୍ରୀରାମ ଯେପରି ନମ୍ର ଶାଳୀନତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ ତାହା ଏକବିଂଶ ଶତାବ୍ଦୀର ମନୁଷ୍ୟ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟୀ। ମନୁଷ୍ୟକୁ ସଫଳ ହେବାକୁ ହେଲେ ବାସ୍ତବ ଜୀବନରେ ନମ୍ର, ଉଦାରବାଦୀ, ଦୟାଳୁ, କର୍ତ୍ତବ୍ୟନିଷ୍ଠ, ସତ୍ୟବାଦୀ ହେବାକୁ ପଡ଼ିବ। ଭଗବାନ ଶ୍ରୀରାମ ଆଦର୍ଶବାଦୀ, ନ୍ୟାୟବନ୍ତ, ପ୍ରଜାଅନୁରାଗୀ, ସତ୍ୟନିଷ୍ଠ ରାଜା ଥିଲେ। ଠିକ୍ ସେହିପରି ଏକବିଂଶ ଶତାବ୍ଦୀର ରାଜନେତା କ୍ଷମତା ମୋହରେ ଅନ୍ଧ ନହୋଇ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ଅସହାୟ ଜନତାଙ୍କ ସେବା କରିବା ଉଚିତ। ପ୍ରଭୁ ଶ୍ରୀରାମ ଯେପରି ନିଜର ନୀତି, ଆଦର୍ଶ, ନୈତିକତା ସହିତ କୌଣସି ସାଲିସ କରୁନଥିଲେ ଠିକ୍ ସେହିପରି ଯେତେ ବାଧାବିଘ୍ନ ଘାତପ୍ରତିଘାତ ଆସିଲେ ମଧ୍ୟ ଆମେ ନିଜର ନୈତିକତା, ନୀତି, ଆଦର୍ଶ ସହିତ ସାଲିସ କରିବା ଅନୁଚିତ। ଯେପରି ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ମୃତ୍ୟୁଶଯ୍ୟାରେ ପଡ଼ିରହିଥିବା ଅହଂକାରୀ ଦାନବ ରାବଣ ଠାରୁ ଶିକ୍ଷା ଗ୍ରହଣ କରିବା ପାଇଁ ନିଜର କନିଷ୍ଠ ଭାତ୍ରା ଲକ୍ଷ୍ମଣଙ୍କୁ ପ୍ରେରଣ କରି ନିଜର ମହାନତା, ନମ୍ରତାର ପରିଚୟ ଦେଇଛନ୍ତି ଏହା ସଦାସର୍ବଦା ମାନବଜାତି ପାଇଁ ପ୍ରେରଣାଦାୟୀ।

ଦ୍ୱାପର ଯୁଗ ସମୟରେ ପାଣ୍ଡବମାନେ କୌରବଙ୍କ ଠାରୁ ଜୁଆ ଖେଳରେ ହାରିବା ପରେ କୁରୁସଭା ସ୍ଥଳରେ କୌରବମାନେ ଯେପରି ଦ୍ରୌପଦୀଙ୍କ ବସ୍ତ୍ରହରଣ କଲେ ସେତେବେଳେ ଦ୍ରୌପଦୀ ସମସ୍ତଙ୍କୁ ସହାୟତା ପାଇଁ ଆକୁଳ ନିବେଦନ କଲେ ହେଲେ ଗଙ୍ଗା ପୁତ୍ର ପିତାମହ ଭୀଷ୍ମଙ୍କ ଠାରୁ ଆରମ୍ଭ କରି ଗୁରୁ ଦ୍ରୋଣାଚାର୍ଯ୍ୟ, ପଞ୍ଚପାଣ୍ଡବ, ଦୁତରାଷ୍ଟ୍ର ପ୍ରଯ୍ୟନ୍ତ ସମସ୍ତେ ନିରବ ରହିଲେ କେହି ଜଣେ ହେଲେ ବି ଏ ଅନ୍ୟାୟର ପ୍ରତିବାଦ କଲେନାହିଁ।ସେତେବେଳେ ନିରୁପାୟ ହୋଇ ଦ୍ରୌପଦୀ ସମ୍ପୂର୍ଣ୍ଣ ସମର୍ପିତ ଭାବରେ 'ବାସୁଦେବ ଶ୍ରୀକୃଷ୍ଣ ମୋର ଲଜ୍ୟା ନିବାରଣ କରନ୍ତୁ ବୋଲି ଆକୁଳ ନିବେଦନ କଲେ ସେତେବେଳେ ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କୋଟି ବସ୍ତ୍ର ଦେଇ ଦ୍ରୌପଦୀଙ୍କ ଲଜ୍ୟା ନିବାରଣ କଲେ।

ଚାରିଯୁଗରେ ମହାପ୍ରଭୁ କାଳିଆ ସାଆନ୍ତ ମାନବ ସମାଜକୁ ଈଶ୍ୱରୀୟ ବାର୍ତ୍ତା ପ୍ରଦାନ କରିଛନ୍ତି।ଭକ୍ତର ମାନକୁ ସର୍ବାଗ୍ରେ ରଖିବା ପାଇଁ କେତେ ନିନ୍ଦା, ଅପମାନ, ତିରସ୍କାର, ମାଡ଼ ଭି ସହିଛନ୍ତି ପୁଣି କେତେବେଳେ ଅର୍ଜୁନଙ୍କ ରଥରେ ସାରଥୀ ସାଜିଛନ୍ତି, ଶୂଦ୍ର ଜାତିରେ ଜନ୍ମ ହେଇଥିବା ଶବରୀର ଅଇଠା ଖାଇବାରେ କୌଣସି ସଂକୋଚ ପ୍ରକାଶ କରିନାହାନ୍ତି ଏବଂ ବାଲ୍ୟସଖା ସୁଦାମାକୁ ଭେଟ କରିବା ପାଇଁ ରାଜସିଂହାସନ ଛାଡି ନିଜେ ରାଜା ହୋଇ ଖାଲି ପାଦରେ ବିନା ସୈନ୍ୟସାମନ୍ତରେ ଦିନହୀନ ସୁଦାମାଙ୍କ କାଳବିଳମ୍ବ ନକରି ପହଞ୍ଚିଯାଇଥିଲେ ଏବଂ ସେ ଆଣିଥିବା ଖୁଦଭଜା ଅତି ଆନନ୍ଦରେ ସେବନ କରିଥିଲେ।ସେଥିପାଇଁ ଭଗବାନ ସଦାସର୍ବଦା ନିଜର ଭକ୍ତକୁ ଖୁସି କରେଇବା ପାଇଁ ସବୁକିଛି କରନ୍ତି ସେଥିପାଇଁ ମହାପ୍ରଭୁ କାଳିଆ ସାଆନ୍ତଙ୍କ ଅନ୍ୟନାମ କୃପାସିନ୍ଧୁ।

ମହାପ୍ରଭୁ କାଳିଆ ସାଆନ୍ତ ଭକ୍ତର ତିରସ୍କାର, ନିନ୍ଦା, ଅପମାନ ସହ୍ୟ କରନ୍ତି କିନ୍ତୁ କାହାରି ଅହମିକା, ଅହଂକାର ସହ୍ୟ କରିପାରନ୍ତି ନାହିଁ।ସେଥିପାଇଁ କୁହାଯାଏ 'ଗର୍ବ ଗଞ୍ଜନ୍ତି ନରହରି, ଗର୍ବେ ନସହନ୍ତି କାହାରି 'ରୁ

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରାରେ ଅନେକ ସାଧାରଣ ମନୁଷ୍ୟକୁ ଆଚମ୍ବିତ କଲା ପରି ଘଟଣାମାନ ଘଟିବାରେ ଅନେକ ପ୍ରମାଣ ମିଳେ।ଭକ୍ତର ମାନ ରକ୍ଷା ପାଇଁ କେତେବେଳେ ଭଗବାନ ବଳରାମ ଦାସଙ୍କ ବାଲି ରଥରେ ବିଜେ କରିଛନ୍ତି ତ କେତେବେଳେ ରାଜାଙ୍କୁ ସ୍ୱପ୍ନାଦେଶ ଦେଇ ଭକ୍ତ ଜଗନ୍ନାଥ ଦାସଙ୍କୁ ବନ୍ଦୀଶାଳାରୁ ମୁକ୍ତ କରିଛନ୍ତି ତ ଆଉ କେତେବେଳେ ଭକ୍ତର ଭୋକ ଦୂରପାଇଁ ନିଜକୁ ଅର୍ପିତ ସୁନାଥାଳିର ଦିବ୍ୟଅନ୍ନ ପ୍ରଦାନ କରିଛନ୍ତି ଭକ୍ତ ବନ୍ଧୁ ମହାନ୍ତିଙ୍କ ହାତରୁ ଦୂରରେ ଥାଇ ଏବଂ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ଶ୍ରଦ୍ଧା ପୂର୍ବକ ଗ୍ରହଣ କରିଛନ୍ତି ବଡ଼ଠାକୁର କାଳିଆ ସାଆନ୍ତ ନିଜର ମହାବାହୁ ବଢ଼ାଇ।

**ଗୋପାଳପୁର, , ବାଲେଶ୍ୱର, ,**
**ମୋବାଇଲ୍: ୭୦୨୦୬୧୧୩୦୦**

# ରଥେତୁ ବାମନଂ ଦୃଷ୍ଟ୍ବା ପୁନର୍ଜନ୍ମ ନ ବିଦ୍ୟତେ



ଅଲେଖ ଚନ୍ଦ୍ର ସାମଲ

ରଥରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କଲେ, ପୁନର୍ଜନ୍ମ ହୋଇନଥାଏ ଅର୍ଥାତ୍ ଦୁଃଖ ନିବୃତ୍ତି ଓ ପରମାନନ୍ଦପ୍ରାପ୍ତି ହୋଇଥାଏ। ଶ୍ରୀଜଗନ୍ନାଥ ହେଉଛନ୍ତି ଦାରୁବ୍ରହ୍ମ ଅର୍ଥାତ ନିମକାଠରେ ନିର୍ମିତ। ବିଗ୍ରହ ମଧ୍ୟରେ ବ୍ରହ୍ମଙ୍କୁ ସ୍ଥାପନା କରଯାଇଛି। ଶ୍ରୀଜଗନ୍ନାଥ ହେଉଛନ୍ତି ବ୍ରହ୍ମ, ପରମାତ୍ମା, ଈଶ୍ୱର, ପରମେଶ୍ୱରଙ୍କ ପ୍ରତୀକ। ତାଙ୍କ ଦର୍ଶନ ବ୍ରହ୍ମ, ପରମାତ୍ମା, ଈଶ୍ୱର, ପରମେଶ୍ୱରଙ୍କ ଦର୍ଶନ। ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଶାର ଗର୍ବ ଓ ଗୌରବ। ମନୁଷ୍ୟଙ୍କ ଲକ୍ଷ୍ୟ ଦୁଇ ପ୍ରକାରର ଯଥା : ସାଂସାରିକ ଲକ୍ଷ୍ୟ ଏବଂ ପାରମାର୍ଥିକ ଲକ୍ଷ୍ୟ। ସାଂସାରିକ ଲକ୍ଷ୍ୟ ସଂସାର ସମ୍ବନ୍ଧୀୟ ଏବଂ ପରମାର୍ଥିକ ଲକ୍ଷ୍ୟ ହେଲା ବ୍ରହ୍ମ, ଈଶ୍ୱପର, ପରମାତ୍ମା, ପରମେଶ୍ୱରଙ୍କ ଅନୁଭୂତି, ଉପଲବ୍ଧି, ଦର୍ଶନ ସାକ୍ଷାତକାର ଇତ୍ୟାଦି ଅର୍ଥାତ୍ ଜନ୍ମ ମୃତ୍ୟୁ ଚକ୍ରରୁ ମୁକ୍ତି ଅର୍ଥାତ୍ ଦୁଃଖ ନିବୃତ୍ତି ଏବଂ ପରମାନନ୍ଦ ପ୍ରାପ୍ତି ଅର୍ଥାତ୍ ମୁକ୍ତି ବା ମୋକ୍ଷ ପ୍ରାପ୍ତି ଭକ୍ତି ଓ ଶ୍ରଦ୍ଧା ସହ ବାରମ୍ବାର ଶ୍ରୀଜଗନ୍ନାଥ ବିଗ୍ରହଙ୍କୁ ଦର୍ଶନ କଲେ, ଭକ୍ତ ତତ୍ତ୍ୱଦର୍ଶନ ଦିଗରେ ଅଗ୍ରସର ହୋଇଥାନ୍ତି।

ପରମାମା, ଈଶ୍ୱର, ପରମେଶ୍ୱର ସାକାର ନୁହନ୍ତି। ତାଙ୍କର ପ୍ରାପ୍ତି ବା ଦର୍ଶନ ବା ସାକ୍ଷାତକାର ଅର୍ଥ ତାଙ୍କର ଅନୁଭୂତି, ଉପଲବ୍ଧି ଅର୍ଥାତ୍ ଈଶ୍ୱରଙ୍କ ଗୁଣ କର୍ମ ସ୍ୱଭାବ ତଥା ସ୍ୱରୂପଙ୍କୁ ଅନୁଭବ ବା ଉପଲବ୍ଧି କରିବା। ଈଶ୍ୱର ନିରାକାର। ତାଙ୍କର ଦର୍ଶନ ଅର୍ଥ ତାଙ୍କୁ କେବଳ ଖାଲି ଆଖିରେ ଦେଖିବା ନୁହେଁ। ଦର୍ଶନ ବା ଦେଖିବାର ପ୍ରକୃତ ଅର୍ଥ ହେଲା, ଯାହାଦ୍ୱାରା ଯାହା ଗ୍ରହଣ ବା ଅନୁଭବର ଯୋଗ୍ୟ, ତା'ଦ୍ୱାରା ତାଙ୍କୁ ଜାଣିବା ବା ଅନୁଭବ କରିବା। ଭଗବତ ପ୍ରାପ୍ତି ବା ଦର୍ଶନର ଅର୍ଥ ଆତ୍ମାରେ ପରମାତ୍ମାଙ୍କୁ ଦର୍ଶନ କରିବା। ଈଶ୍ୱର ସତ୍ ଚିତ୍ ଆନନ୍ଦ ସ୍ୱରୂପ, ସର୍ବଜ୍ଞ, ସର୍ବଶକ୍ତିମାନ, ସର୍ବବିଦ୍ୟମାନ ଆଦି ଗୁଣର ଅନୁଭୂତି ବା ଉପଲବ୍ଧି କରିବା ହିଁ ଭଗବତ ବା ଈଶ୍ୱରପ୍ରାପ୍ତି, ସାକ୍ଷାତକାର ଦର୍ଶନ, ଅନୁଭୂତି, ଉପଲବ୍ଧି ଇତ୍ୟାଦି କୁହାଯାଏ। ସତ୍ୟର ଅନୁସନ୍ଧାନ ଦ୍ୱାରା ସତ୍ୟର ଅନୁଭୂତି ବା ଉପଲବ୍ଧି ହୋଇଥାଏ। ଏହା ସମାଧି ଅବସ୍ଥାରେ ପ୍ରାପ୍ତ ହୋଇଥାଏ। ଜଗନ୍ନାଥ ବା ପରମାତ୍ମାଙ୍କ ତତ୍ତ୍ୱଦର୍ଶନ ହିଁ ବାସ୍ତବିକ ଦର୍ଶନ। ବ୍ରହ୍ମ ସାକ୍ଷାତକାର ବା ଦର୍ଶନ ପରେ ଆଉ କୌଣସି ପ୍ରକାର ଜ୍ଞାନର ଆବଶ୍ୟକତା ନଥାଏ କାରଣ ବ୍ରହ୍ମ ବା ଈଶ୍ୱର ବା ଭଗବତ୍ ପ୍ରାପ୍ତି ଜ୍ଞାନର ଶେଷସୀମା।

**ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର**
**ମୋବାଇଲ୍: ୯୪୩୭୨୫୭୧୨୩**

# ନାରୀ ମନର କଥା, କଥା ଅନେକ...



ଅନୁପମା ଭୂୟାଁ

ଚହଟା ରାମ ମନ୍ଦିର ମହାନଦୀ ତଳଗଡ଼ାରେ କଥା ପଡ଼ିଥିଲା ସାବିତ୍ରୀ ମାଉସୀ ଆଉ ରମା ମାଉସୀ, ସେଠି ବାସନ୍ତୀ, ଟୁଇଁଆ, ରଙ୍ଗ ଆଉ ଫୁଲ ଏମିତି ସବୁ ବସିଥିଲେ। କଥା ପଡ଼ିଲା, ଜାଣିଛ ନା ନୈରାଗୀ ନନା ଘର କଥା। କଥା କ'ଣ କି ଟୁଇଁଆ କହିଲା ନୈରାଗୀ ନନା ଆମ ଅଲାଇ ଗାଁରେ ଭାରି ଲୋକପ୍ରିୟ ଡାକ୍ତର ଥିଲେ। ନୈରାଗୀ ନନାଙ୍କ ବଡ଼ ଝିଅ ହେଉଛି କିନୁ। କିନ୍ତୁ ଘରର ବଡ଼ ଝିଅ, ଜୀବନରେ ଯାହା ଚାହିଁଲେ ଯେମିତି ଚାହିଁଲେ ନୈରାଗୀ ନନା ସବୁ ବୁଝିଲେ। ଆଉ ଝିଅ ଘର ପାଇଁ ସାନ ଭାଇ ଭଉଣୀଙ୍କ ପାଇଁ ସେହି ଗାଁରେ ବି ଘର ସଂସାର କରିଲେ। କଥା କିନ୍ତୁ ସେଠି ଅଟକି ନାହିଁ, ଅଟକିଛି ନୈରାଗୀ ନନାଙ୍କ ଝିଅ କିନୁ କ'ଣ ଜୀବନରେ ଦାୟିତ୍ୱ ନିର୍ବାହ କରିପାରିଲେ। ଜୀବନର କଥା ଏମିତି ଆରମ୍ଭ ହୁଏ ଅନେକଙ୍କ ପରିବାରରେ। ଘରର ଦାୟିତ୍ୱ ନିର୍ବାହ କରିବା ପାଇଁ ବଡ଼ ଝିଅ ପୁଅ ପରି ତଳ ଭାଇ ଭଉଣୀଙ୍କ ଦାୟିତ୍ୱ ସବୁ ତୁଲାଇଥାନ୍ତି କିନ୍ତୁ ଯେଉଁ ସ୍ୱାର୍ଥପାଇଁ ନିଜ ଜୀବନର ଶିକ୍ଷା ଓ ସମ୍ଭାବନାର ସମସ୍ତ ସମ୍ଭାବନାକୁ ଜଳାଞ୍ଜଳୀ ଦେଇ ଗାଁ ଜୀବନକୁ ଆଦରି ଥିଲେ ସେ ତାଙ୍କ ସଂସାର ପାଇଁ ଶ୍ରେଷ୍ଠ ପତିଧର୍ମ ନିର୍ବାହର ମର୍ଯ୍ୟାଦାବନ୍ତ ହୋଇପାରନ୍ତି କିନ୍ତୁ ଯେଉଁ ପରିବାର ପାଇଁ ଭବିଷ୍ୟତର ସବୁ ସାନ ପିଲାଙ୍କ ସମ୍ଭାବନାକୁ ଉଜ୍ଜ୍ୱଳ କରିବା ପାଇଁ ନିଷ୍ପତ୍ତି ସବୁକିଛି କିନ୍ତୁ ବଦଳି ଯାଏ ସମୟର ଗତି ଚକ୍ର କ'ଣ ଏହିପରି? ଜୀବନରେ ଉତ୍ତମ ମାତା ଦାୟିତ୍ୱ ନିର୍ବାହ ପୂର୍ବରୁ ପତିବ୍ରତାର ଶ୍ରେଷ୍ଠତା ସହିତ ସଂସାରର ଦାୟିତ୍ୱ ଭିତରେ ଶାଶୁ ଶ୍ୱଶୁର, ଦିଅର -ନଣନ୍ଦ, ପିଲାମାନଙ୍କର.... ଏମିତି ଦାୟିତ୍ୱ ଥାଏ। କିନ୍ତୁ ନିଜ ପରିବାରର ଭାଇ ଭଉଣୀଙ୍କ ଦାୟିତ୍ୱ ନିର୍ବାହ ସମୟରେ ପତିବ୍ରତାର ଶ୍ରେଷ୍ଠତା ଏପରି ଏକ କଠୋରତାର ରଜ୍ଜୁରେ ବାନ୍ଧିଦିଏ ଯେ ରକ୍ତଜମାନେ ଦିଶନ୍ତି ଯେପରି ଶତ୍ରୁ। ସେମାନଙ୍କୁ ଅପମାନିତ, ଭାଷା, କଥା ଏବଂ ଅଶାଳୀନତାର ଅନେକ କଷ୍ଟ ଭିତରକୁ ସାମ୍ନା କରିବାକୁ ପଡ଼ିଥାଏ। ମାଆଙ୍କ ଭୂମିକା ପିଲାମାନଙ୍କୁ ଗଢ଼ି ତୋଳିବାରେ ମଧ ଅନେକ ରହିଥାଏ। ଉତ୍ତମ ମାତାର ଦାୟିତ୍ୱ କେବଳ ତାଙ୍କ ପରିବାରର ନୁହଁ ବରଂ ଏ ସମାଜ ପାଇଁ ଅନେକ ଗୁରୁତ୍ୱ ରଖିଥାଏ। ଆଧ୍ୟାତ୍ମିକ ସଂଗଠନର ପଦପଦବୀରେ ରହି ନିଜକୁ ବିଜ୍ଞପିତ କରିବା ପ୍ରବୃତ୍ତି ଭିତରେ ଜୀବନର ଅସଲତା ଭରି ରହୁ। ଯିଏ ତୁମର ଗୁରୁ, ଇଷ୍ଟ, ଭଗବାନ ତାଙ୍କରି ପ୍ରଦତ୍ତ 'ସତ୍ୟ' ପଥରେ ଅବଲମ୍ବନ କରା ସତ୍ୟ ନାମରେ, ଅସତ୍ୟର ପ୍ରଚାର ଆଦୌ କରନାହିଁ। ଜୀବନର ପ୍ରଥମ ସତ୍ୟ ଭିତରେ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ଗୁରୁଙ୍କ ପ୍ରତି ସମର୍ପଣ ଓ ଗୁଣିଆଙ୍କ ପ୍ରତି ସମର୍ପଣ ଆଦୌ ସମ୍ଭବ ନୁହାଁ। କୌଣସି ଧର୍ମଶାସ୍ତ୍ରରେ ତଥାକଥିତ ଗୁଣୀ ମାନଙ୍କ ଶରଣାପନ୍ନ ହେବା ନେଇ ଉଲ୍ଲେଖ ରହିନାହିଁ। କିନ୍ତୁ ତନ୍ତ୍ର ପଦ୍ଧତି ସମ୍ପୂର୍ଣ୍ଣ ଭିନ୍ନ। କିନ୍ତୁ ଆମ ଆଲୋଚନା ଭିତରେ ଥିବା ଆଧାତ୍ମିକ ଆଲୋକିତ ପ୍ରଚାରିତ ମାତା ଯଦି ଗୁଣୀ ଶରଣାପନ୍ନ ହୋଇ ଗୁରୁଙ୍କ ସମର୍ପଣରେ ବିଜ୍ଞାପିତ ପ୍ରଦର୍ଶନ କରନ୍ତି ତାହାହେଲେ କେବଳ ତାଙ୍କ ପରିବାର ନୁହେଁ ସମାଜ ବି କିପରି ଓ କେଉଁ ଶିକ୍ଷା ପାଇବ? ନିଜେ ପତିବ୍ରତା ସମର୍ପଣର ଢ଼ୋଲକୁ ବେଶ ବଜାଇ ପାରିଥିବାରୁ ପତିଙ୍କ ବ୍ୟକ୍ତିଗତତାକୁ ମଧ ସତର୍କ ନିୟନ୍ତ୍ରଣ ଯେ ଘାତକ ଏହା ସେ ବୁଝି ପାରନ୍ତି ନାହିଁ ଏହି କର୍ମ ଓ ଚେତନା ନିଶ୍ଚିନ୍ତ ଭାବେ ନିଜେ ପିଲାମାନଙ୍କୁ ଆକ୍ରାନ୍ତ ଓ ଶିକ୍ଷା ଯୋଗାଇଥାଏ। ବିଶୃଙ୍ଖଳା ଅନ୍ୟ ମାନଙ୍କ ପରିବାରରେ ଶାନ୍ତି ଓ ଆନନ୍ଦ ବ୍ୟାଘାତ ସୃଷ୍ଟି କରିଥାନ୍ତି। ପରିଣତ ବୟସ ଅଭିମୁଖେ ପିତୃ ସମାନ ବଡ଼ଭାଇ ଯଦି ପୁତ୍ରତୁଲ୍ୟ ମଧୁର ବନ୍ଧୁ ମାନଙ୍କୁ ଯୋଗ୍ୟ ଓ ସମ୍ମାନିତ ମାନନ୍ତି ନାହିଁ ତାହାହେଲେ ସଂସାରରେ ଶାଳୀନତାର ଦିଗ ଯେ କିପରି ପତନାଭିମୁଖୀ ଦେଖନ୍ତୁ। ନିତିଦିନିଆ ଜୀବନ ଭିତରେ ଏ ସବୁ ଅଙ୍ଗେନିଭା ଅନେକ ଘଟଣା କେବଳ ନଦୀ ଘାଟର ସେ ଦିନର ଆଲୋଚନା ନୁହେଁ। ଅନେକ ପରିବାରରେ ଏହିପରି ସତ୍ୟନିଷ୍ଠ ମାର୍ମିକ କୋହ ଭରି ରହିଥିଲେ ମଧ ତାହା ଦୁନିଆର ବାହାର ପରିଧିକୁ ଆସିପାରି ନଥାଏ।

ପରିବାର ଭିତରେ ଗୋଟିଏ ସଂସାର ଭିତରେ ଜଣେ ଯଦି ଅନ୍ୟ ମାନଙ୍କ ପ୍ରତି ଅଗ୍ରହଣୀୟ, ଅସମ୍ମାନନୀୟ, ଅପ୍ରିୟ ମଧ ଭାବନ୍ତି। ତାହାହେଲେ ପରିବାର ପୁଷ୍ପର ଗୋଟିଏ କଢ଼ ଯାହା ଖସିଯାଏ ତଳକୁ। ଦୁନିଆ କିନ୍ତୁ ଏପରି ବିଷାଦମୟ ସଂସାର ଭିତରେ ଆନନ୍ଦର, ଉଲ୍ଲାସର କ୍ଷେତ୍ର ବି ତିଆରି ହୋଇଥାଏ। କିଏ ବଡ଼ଲୋକ ହୋଇପାରନ୍ତି, କିଏ ଆର୍ଥିକ ଭାବରେ ଆଧିପତ୍ୟ ଦେଖାଇ ନପାରନ୍ତି କିନ୍ତୁ ଭିକାରୀ ତ ହୋଇନଥାନ୍ତି। ତଥାକଥିତ ଔକାତ୍ ଲେସ ଶବ୍ଦ ଯିଏ ବି ଉଚ୍ଚାରଣ ସୃଷ୍ଟି କରନ୍ତି ସିଏ ଯେ ନିଜେ ସେହି ଔକାତ୍‌ଲେସର ସୃଷ୍ଟି ବୋଧେ ବୁଝି ପାରନ୍ତି ନାହିଁ ଏ ଦୁନିଆରେ ସମସ୍ତଙ୍କର ଔକାତ୍ ସ୍ୱତନ୍ତ୍ର, ଅନନ୍ୟ ଆଉ ଏକ ଖାଣ୍ଟି ପରିଚୟ ମଧ ତିଆରି କରିଥାଏ। ନିଜ ଜୀବନକୁ ସୋସିଆଲ ମିଡ଼ିଆରେ ଯେପରି ଅର୍ଥପୂର୍ଣ୍ଣ ଭାବେ ସତ୍ୟ ଉପସ୍ଥାପିତ କରିଛ ବ୍ୟକ୍ତିଗତ ଜୀବନରେ ତାହା ହିଁ ପାଳନ କର। ଅନ୍ତତଃ ନିଜ ରକ୍ତଜମାନଙ୍କୁ, ନିଜ ପିଲାମାନଙ୍କୁ ଭଲ ବାଟରେ ଯିବାର ଅସଲ ବାଟ ଦେଖାଅ। ନିଜେ ସତ୍ୟବାଦୀ ହୁଅ, ଅନ୍ୟ ମାନଙ୍କ ପାଇଁ ସତ୍ୟର ପ୍ରତୀକ ସାଜ, ଜୀବନକୁ ନିଜେ ଆନନ୍ଦମୟ ସପରିବାର କରିବା ସହ ଅନ୍ୟ ପରିବାର ପାଇଁ ଆନନ୍ଦର କାରକ ସାଜ। ଏହା ହେଉ ଜୀବନ ଧର୍ମ।




## ଜନ୍ମମାଟିରେ ପାଦ ରଖିବା ପରେ ଶୁଭାଂଶୁଙ୍କୁ ଭବ୍ୟ ସ୍ୱାଗତ

**ଲକ୍ଷ୍ନୌ,୨୫।୮:** ମହାକାଶରୁ ଫେରିବା ପରେ ଜନ୍ମମାଟି ଲକ୍ଷ୍ନୌରେ ଆଜି ପହଞ୍ଚିଛନ୍ତି ମହାକାଶଚାରୀ ଶୁଭାଂଶୁ ଶୁକ୍ଲା। ସେଠାରେ ସେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ତାଙ୍କ ସମ୍ମାନ ଉଦ୍ଦେଶ୍ୟରେ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହାବ୍ୟତୀତ ଶୁଭାଂଶୁ ଶୁକ୍ଲାଙ୍କୁ ଗୋମତୀ ନଗର ଏକ୍ସଟେସନ୍ କ୍ୟାମ୍ପସ୍ ଅଡିଟୋରିୟମରେ ସମ୍ମାନିତ କରାଯିବ। ଯାହା ପରେ ପ୍ରେସମିଟ୍ କରାଯିବ। ଏହା ସହିତ ସେ ଯୋଗୀ ଆଦିତ୍ୟନାଥଙ୍କୁ ମଧ୍ୟ ଭେଟିବେ। ତାଙ୍କ ସଫଳତା ପାଇଁ ସେଠାରେ ମଧ୍ୟ ତାଙ୍କୁ ସନ୍ଧ୍ୟାରେ ପୁଣି ସମ୍ମାନିତ କରାଯିବ। ଏହା ପୂର୍ବରୁ ତାଙ୍କୁ ବିମାନବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଥିଲା। ସେହି ସମୟରେ ସ୍ୱାଗତ ପାଇଁ ଏୟାରପୋର୍ଟରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ, ରାଜ୍ୟମନ୍ତ୍ରୀଙ୍କ ସମେତ ଶୁଭାଂଶୁଙ୍କ ପୁଅ ଏବଂ ସ୍ତ୍ରୀ ମଧ୍ୟ ଉପସ୍ଥିତ ଥିଲେ।

ପ୍ରଧାନମନ୍ତ୍ରୀ ମୋଦିଙ୍କ ଡିଗ୍ରୀ ବିବାଦ

# ରେକର୍ଡ ସାର୍ବଜନୀନ କରିବା ନିର୍ଦ୍ଦେଶ ଖାରଜ

**ନୂଆଦିଲ୍ଲୀ,୨୫।୮:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଗ୍ରୀକୁ ନେଇ ଚାଲିଥିବା ବିବାଦରେ ବଡ଼ ଟ୍ୱିଷ୍ଟ ଆସିଛି। ୨୦୧୬ରେ କେନ୍ଦ୍ରୀୟ ସୂଚନା କମିଶନ(ସିଆଇସି) ରେକର୍ଡ ସାର୍ବଜନୀନ କରିବାକୁ ଦେଇଥିବା ନିର୍ଦ୍ଦେଶକୁ ଆଜି ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ସିଆଇସି ଜଣେ ଆରଟିଆଇ କର୍ମୀଙ୍କୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ୧୯୭୮ ମସିହା ବିଏ ରେକର୍ଡକୁ ଯାଞ୍ଚ ପାଇଁ ଅନୁମତି ଦେଇଥିଲେ। ସେହିବର୍ଷ ପ୍ରଧାନମନ୍ତ୍ରୀ ମୋଦି ଗ୍ରାଜୁଏଟ ହୋଇଥିଲେ। ତେଣୁ ତାଙ୍କ ଡିଗ୍ରୀକୁ ମଧ୍ୟ ଆରଟିଆଇ କର୍ମୀ ଦେଖିବାର ଅନୁମତି ପାଇଥିଲେ।

କିନ୍ତୁ ଆଜି ଦିଲ୍ଲୀ ହାଇକୋର୍ଟ ଏହି ନିର୍ଦ୍ଦେଶକୁ ଖାରଜ କରିଦେଇଛନ୍ତି। ସିଆଇସି ୨୦୧୬ ଡିସେମ୍ବର ୨୧ରେ ରେକର୍ଡ ଯାଞ୍ଚକୁ ଅନୁମତି ଦେଇଥିଲେ।



ଏହା ବିରୋଧରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ପ୍ରଥମ ଶୁଣାଣି ଅର୍ଥାତ ୨୦୧୭ ମସିହା ଜାନୁଆରୀ ୨୪ରେ ହିଁ ଏହି ନିର୍ଦ୍ଦେଶ ଉପରେ କୋର୍ଟ ରୋକ ଲଗାଇଥିଲେ। ଏବେ ଏହାକୁ ବିଧିବଦ୍ଧ ଭାବେ ଖାରଜ କରି ଦିଆଯାଇଛି।

ଆରଟିଆଇ କର୍ମୀ ନୀରଜଙ୍କ ଆବେଦନକୁ ଗ୍ରହଣ କରି ସିଆଇସି ପକ୍ଷରୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ୧୯୭୮ ମସିହାରେ ବିଏ ପରୀକ୍ଷା ପାସ୍ କରିଥିବା ସମସ୍ତ ଶିକ୍ଷାର୍ଥୀଙ୍କ ତଥ୍ୟ ସାର୍ବଜନୀନ କରିବାକୁ କୁହାଯାଇଥିଲା। ରୋଲ ନମ୍ବର, ବାପା ମା'ଙ୍କ ନାଁ ଓ ମାର୍କ ଆଦିର ତଥ୍ୟ ଆବେଦନକାରୀଙ୍କୁ ଦେବାକୁ ସିଆଇସି କହିଥିଲା।

ହେଲେ ଏହା ଜଣେ ଶିକ୍ଷାର୍ଥୀଙ୍କ ଗୋପନୀୟତାର ଉଲ୍ଲଙ୍ଘନ କରିବ ବୋଲି ଦାବି କରି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ହାଇକୋର୍ଟରେ ପହଞ୍ଚିଥିଲା। ୧୯୭୮ରେ ପରୀକ୍ଷା ଦେଇଥିବା ସମସ୍ତ ଶିକ୍ଷାର୍ଥୀଙ୍କ ବ୍ୟକ୍ତିଗତ ତଥ୍ୟକୁ ବିଶ୍ୱବିଦ୍ୟାଳୟ ସାର୍ବଜନୀନ କରିପାରିବ ନାହିଁ ବୋଲି କହିଥିଲା।

ବିଶ୍ୱବିଦ୍ୟାଳୟ ଯୁକ୍ତି ଉପସ୍ଥାପନ କରି କହିଥିଲା ଯେ, ଶିକ୍ଷାର୍ଥୀଙ୍କ ତଥ୍ୟ ପ୍ରତ୍ୟେକ କ୍ଷମତାରେ ରଖାଯାଏ। ଏହା ଆରଟିଆଇ ଆକ୍ଟ ଅଧୀନରେ ସାର୍ବଜନୀନ ହୋଇପାରିବ ନାହିଁ। ଏହାକୁ ଆରଟିଆଇରୁ ବାଦ ଦିଆଯାଇଛି।

ଜେଲରେ ଥିବା ପ୍ରଧାନମନ୍ତ୍ରୀ-ମୁଖ୍ୟମନ୍ତ୍ରୀଙ୍କୁ ବହିଷ୍କାର ମାମଲା

## ଜେପିସି ନେଇ ଇଣ୍ଡି ମେଣ୍ଟ ଦୁଇଫାଳ

**ନୂଆଦିଲ୍ଲୀ,୨୫।୮:** ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କୁ ବହିଷ୍କାର କରିବା ପାଇଁ ସର୍ବନିମ୍ନ ୩୦ ଦିନର ଜେଲ ଦଣ୍ଡ ବ୍ୟବସ୍ଥା କରୁଥିବା ଏନଡିଏ ସରକାରଙ୍କ ଦ୍ୱାରା ଆଗତ ତିନୋଟି ବିଲ୍ ବିରୋଧୀ ଇଣ୍ଡି ମେଣ୍ଟ ଶିବିରରେ ଫାଟ ସୃଷ୍ଟି କରିଛି। ବିଲ୍ ଟି ମିଳିତ ସଂସଦୀୟ କମିଟି(ଜେପିସି)କୁ ପଠାଯାଇପାରେ। କିନ୍ତୁ ଏହି ବିଲ୍ ସମ୍ପର୍କରେ ଜେପିସିରେ ଯୋଗଦେବା ପ୍ରସଙ୍ଗରେ ବିରୋଧୀ ଇଣ୍ଡି ମେଣ୍ଟ ଶିବିର ଦୁଇଟି ଭାଗରେ ବିଭକ୍ତ ହୋଇଥିବା ପରି ମନେ ହେଉଛି। ବିରୋଧୀ ଦଳଗୁଡ଼ିକ ସଂସଦରେ ଏହି ବିଲ୍ ଗୁଡ଼ିକୁ ମିଳିତ ଭାବରେ ବିରୋଧ କରିଥିଲେ। ବର୍ତ୍ତମାନ ବିରୋଧୀ ଇଣ୍ଡି ମେଣ୍ଟ ଶିବିରର ସହଯୋଗୀ ଦଳ ଏହି ବିଲ୍‌କୁ ଯାଞ୍ଚ କରୁଥିବା ମିଳିତ ସଂସଦୀୟ କମିଟିରେ ଯୋଗଦେବା ନେଇ ଦୁଇ ଫାଳ ହୋଇଛନ୍ତି। କଂଗ୍ରେସ ନେତୃତ୍ୱ ଏହି କମିଟିରେ ଯୋଗଦେବା ସପକ୍ଷରେ ଅଛନ୍ତି। ଅନ୍ୟପକ୍ଷରେ, ତୃଣମୂଳ କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ଏହାକୁ ନାଟକ ବୋଲି କହି କମିଟିରୁ ଦୂରେଇ ରହିବାକୁ ଘୋଷଣା କରିଛନ୍ତି। ଏହି ଉଭୟ ଦଳ ସେମାନଙ୍କ ଗୋଷ୍ଠୀ ଭିତରେ ଥିବା ଭିନ୍ନ ଭିନ୍ନ ମତାମତକୁ ସାର୍ବଜନୀନ କରିବାକୁ ବିକଳ୍ପ ଭାବେ ଗ୍ରହଣ କରିଛନ୍ତି। ଏବେ ଶିବସେନା ମଧ୍ୟ ଏହି ଧାରା ଉପରେ ବିଚାର କରୁଛି। ଆମ ଆଦମୀ ପାର୍ଟି ମଧ୍ୟ ଜେପିସିରୁ ଦୂରରେ ରହିବାକୁ ନିଷ୍ପତ୍ତି ନେଇଛି। ଯଦି ବିଜେଡି, ୱାଇଏସଆରସିପି ଏବଂ ବିଆରଏସ ଭଳି ତଥାକଥିତ ନିରପେକ୍ଷ ଦଳଗୁଡ଼ିକ କମିଟିରେ ଯୋଗ ଦିଅନ୍ତି, ତେବେ ସେମାନେ କମିଟିରେ ବିରୋଧୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ବିରୋଧୀ ଭାବରେ ସେମାନଙ୍କର ମତାମତ ରଖିବେ।

# ବିସ୍ଫୋରଣରେ ୩ ସାମ୍ବାଦିକଙ୍କ ସମେତ ୧୫ ମୃତ

**ଜେରୁଜେଲମ,୨୫।୮:** ଇସ୍ରାଏଲ-ଗାଜା ମଧ୍ୟରେ ଚାଲିଛି ନିରନ୍ତର ଆକ୍ରମଣ । ଇସ୍ରାଏଲ ପୁଣି ଥରେ ଗାଜାର ବିମାନ ଉପରେ କରିଛି ଆକ୍ରମଣ। ଇସ୍ରାଏଲର ବୋମା ବିସ୍ଫୋରଣରେ ୩ ଜଣ ସାମ୍ବାଦିକଙ୍କ ସମେତ ୧୫ ଜଣଙ୍କର ମୃତ୍ୟୁ ହୋଇଛି। ଯାହାର ସୂଚନା ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ଦେଇଛନ୍ତି। ଏହି ଆକ୍ରମଣ ଦକ୍ଷିଣ ଗାଜାର ଏକ ହସ୍ପିଟାଲ ଉପରେ କରାଯାଇଛି।



ସୂଚନାନୁଯାୟୀ, ଯେଉଁ ସମୟରେ ଇସ୍ରାଏଲର ସୁରକ୍ଷା କ୍ୟାବିନେଟ୍ ଗାଜା ଦଖଲ କରିବାକୁ ଯୋଜନା ଅନୁମୋଦନ କରୁଥିଲା ସେହି ସମୟରେ ଗାଜାରେ ଆକ୍ରମଣ ହୋଇଛି। ସୁରକ୍ଷା କ୍ୟାବିନେଟଠାରୁ ଅନୁମୋଦନ ପାଇବା ପରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି ଯେ, ଇସ୍ରାଏଲ ସମଗ୍ର ଅଞ୍ଚଳକୁ ପୁଣି ନିୟନ୍ତ୍ରଣ କରିବା ସହିତ ହମାସ ବିରୋଧୀ ବନ୍ଧୁ ଆରବୀୟମାନଙ୍କୁ ହସ୍ତାନ୍ତର କରିବାକୁ ଯୋଜନା କରୁଛି।

ସେପଟେ ଗାଜା ପୂର୍ବରୁ ଇସ୍ରାଏଲ ୟେମେନର ରାଜଧାନୀ ସାନାରେ ବିମାନ ଆକ୍ରମଣ କରିଥିଲା। ଇସ୍ରାଏଲୀ ଆକ୍ରମଣରେ ସାନାର ପାୱାର ହାଉସ୍ ଏବଂ ପେଟ୍ରୋଲ ଷ୍ଟେସନ୍ ସମେତ ଅନେକ ଅଞ୍ଚଳକୁ ଟାର୍ଗେଟ କରିଥିଲା। ରାଷ୍ଟ୍ରପତି ଭବନ ନିକଟ ସମେତ ଅନେକ ଅଞ୍ଚଳରେ ବିସ୍ଫୋରଣର ଜୋରଦାର ଶବ୍ଦ ଶୁଣିବାକୁ ମିଳିଥିଲା। ଯେଉଁଥିରେ ରାଷ୍ଟ୍ରପତି ଭବନ ଏବଂ ଏକ ବନ୍ଦ ସାମରିକ ଏକାଡେମୀ ମଧ୍ୟଭାଗ ସାମିଲ୍। ସାନାର ଏକ କେନ୍ଦ୍ରୀୟ ଏବଂ ଘନ ଜନବସତି ଅଞ୍ଚଳ ସାବିଏନ୍ ସ୍କୋୟାର ପାଖରେ ପ୍ରବଳ ବିସ୍ଫୋରଣ ଏବଂ ଧୂଆଁ ଉଠୁଥିବା ପ୍ରତ୍ୟକ୍ଷଦର୍ଶୀମାନେ ଦେଖିଥିଲେ।

## ନିଜ ଝିଅକୁ ଜାଳିଦେଲେ ଶିକ୍ଷୟିତ୍ରୀ

**ଯୋଧପୁର, ୨୫।୮:** ନିଜର ୩ ବର୍ଷର ଝିଅ ସହ ନିଜକୁ ନିଜେ ଜାଳି ଦେଇଛନ୍ତି ଜଣେ ଶିକ୍ଷୟିତ୍ରୀ। ରାଜସ୍ଥାନର ଯୋଧପୁର ଜିଲ୍ଲାରେ ଏପରି ଘଟଣା ଘଟିଛି। ନିଆଁ ଲାଗିବା ଯୋଗୁ ଶିକ୍ଷୟିତ୍ରୀଙ୍କ ୩ ବର୍ଷର ଝିଅ ଯଶସ୍ୱୀ ଘଟଣା ସ୍ଥଳରେ ପ୍ରାଣ ହରାଇଥିଲେ। ତାଙ୍କ ମା' ଅର୍ଥାତ ଶିକ୍ଷୟିତ୍ରୀ ସଞ୍ଜୁ ବିଷ୍ଣୋଇ ଚିକିତ୍ସାଧୀନ ଅବସ୍ଥାରେ ଦିନକ ପରେ ଆଖି ବୁଜିଛନ୍ତି। ପୁଲିସ୍ ଗୋଟିଏ ସୁଇସାଇଡ ନୋଟ ଜବତ କରିଛି। ଏଥିରେ ସଞ୍ଜୁ ବିଷ୍ଣୋଇ ସ୍ୱାମୀ ଓ ଶାଶୂ ଘରର ଲୋକମାନେ ତାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେଉଥିଲେ ବୋଲି ଉଲ୍ଲେଖ ରହିଛି। ସର୍ନାଦା ଗାଁରେ ରହୁଥିବା ସଞ୍ଜୁ ଶୁକ୍ରବାର ମଧ୍ୟାହ୍ନରେ ସ୍କୁଲରୁ ଘରକୁ ଫେରିଥିଲେ। ଏହାପରେ ଗୋଟିଏ ଚେୟାରରେ ବସି ନିଜ ଦେହରେ ଓ ନିଜର ଛୋଟ ଝିଅ ଉପରେ ପେଟ୍ରୋଲ ଢାଳି ଦେଇଥିଲେ। ପ୍ରଥମେ ଝିଅ ଓ ପରେ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଘଟଣା ବେଳେ ସ୍ୱାମୀ କିମ୍ବା ଶାଶୂ ଘରେ କେହି ବି ନଥିଲେ। ପଡ଼ୋଶୀମାନେ ଘରୁ ଧୂଆଁ ବାହାରୁ ଥିବା ଦେଖି ଦୌଡ଼ି ଆସିଥିଲେ ଓ ପରିବାର ଲୋକ ଏବଂ ପୁଲିସ୍‌କୁ ଖବର ଦେଇଥିଲେ। ହେଲେ ସେମାନେ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ବହୁତ ବିଳମ୍ବ ହୋଇ ସାରିଥିଲା। ପ୍ରଥମେ




ଛୋଟ ଝିଅ ଓ ଶନିବାର ସଞ୍ଜୁ ପ୍ରାଣ ହରାଇଥିଲେ। ମୃତଦେହ ନେବାକୁ ସଞ୍ଜୁଙ୍କ ବାପ ଘର ଓ ଶାଶୂ ଘର ମଧ୍ୟରେ ବେଶ ଟଣାଓଟରା ହୋଇଥିଲା। ଶେଷରେ ପୁଲିସ୍ ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ସଞ୍ଜୁଙ୍କ ବାପା ମା'ଙ୍କୁ ହସ୍ତାନ୍ତର କରିଥିଲା। ମା' ଓ ଝିଅଙ୍କ ଅନ୍ତିମ ସଂସ୍କାର ଏକାଠି କରାଯାଇଛି। ପୁଲିସ୍ ଏବେ ଏଫଆଇଆର ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଟ୍ରାକ୍ଟରକୁ ଧକ୍କା ଦେଲା ଟ୍ରକ: ୮ ମୃତ



**ଜୟପୁର,୨୫।୮:** ସୋମବାର ବୁଲନ୍ଦସହରରେ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି। ଯେଉଁଥିରେ ଆଠ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୪୩ ଜଣ ଆହତ ହୋଇଛନ୍ତି। କାସଗଞ୍ଜରୁ ଗୋଗାମେଡି ରାଜସ୍ଥାନକୁ ଜହରବୀର (ଗୋଗାଜୀ) ଦର୍ଶନ ପାଇଁ ଯାଉଥିବା ଶ୍ରଦ୍ଧାଳୁ ଭର୍ତ୍ତି ଟ୍ରାକ୍ଟରକୁ ଏକ ଟ୍ରକ ଧକ୍କା ଦେଇଥିଲା। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ଏବଂ ଦୁଇଜଣ ମହିଳା ମଧ୍ୟ ଅଛନ୍ତି, ସମସ୍ତ ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି, ଯେଉଁଥିରେ ଦୁଇଜଣଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଉଛି। ଟ୍ରକଟି ଧାନ ଗୁଣ୍ଡ ବୋଝେଇ କରି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଦୁର୍ଘଟଣା ପରେ ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ମୃତଦେହକୁ ହେପାଜତକୁ ନେଇ ପୋଷ୍ଟମର୍ଟମ ପାଇଁ ପଠାଯାଇଥିଲା। ଘଟଣାଟି ବିଳମ୍ବିତ ରାତି ୨.୧୦ ରେ ଘଟିଥିଲା। ପୋଲିସ କହିଛି ଯେ, ଆରନିଆ ଥାନା ଅଞ୍ଚଳ ଅନ୍ତର୍ଗତ ଆରନିଆ ବାଇପାସରେ ଏକ ଦୁର୍ଘଟଣା ସମ୍ପର୍କରେ ସୂଚନା ମିଳିଥିଲା। ଦୁର୍ଘଟଣା ସମ୍ପର୍କରେ ଜଣାପଡିବା ମାତ୍ରେ, ଆର୍ନିଆ ପୋଲିସ ଏବଂ ନିକଟସ୍ଥ ପୋଲିସ ଷ୍ଟେସନର ପୋଲିସ ଫୋର୍ସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ଜାଣିବାକୁ ପାଇଲେ ଯେ, ଟ୍ରାକ୍ଟର-ଟ୍ରଲିଟି ଏକ ଡବଲ-ଡେକର ଥିଲା ଯେଉଁଥିରେ ମୋଟ ୬୧ ଜଣ ଲୋକ ରଫତପୁର ଥାନା ସୋରୋନ ଜିଲ୍ଲା କାସଗଞ୍ଜ ଗ୍ରାମରୁ ଜହରପୀର (ରାଜସ୍ଥାନ)କୁ ଧାର୍ମିକ ତୀର୍ଥଯାତ୍ରା ପାଇଁ ଯାଉଥିଲେ। ସେହି ସମୟରେ ପଛରୁ ଆସୁଥିବା ଏକ କଣ୍ଟେନର ଟ୍ରକ ଟ୍ରାକ୍ଟର-ଟ୍ରଲିକୁ ଧକ୍କା ଦେଇଥିଲା । ଏହି ଧକ୍କାରେ ଟ୍ରାକ୍ଟର-ଟ୍ରଲିଟି ଓଲଟି ପଡ଼ିଥିଲା । ଏହି ଘଟଣାରେ ପ୍ରାୟ ୪୩ ଜଣ ଆହତ ହୋଇଛନ୍ତି ଏବଂ ଆଠ ଜଣଙ୍କର ମୃତ୍ୟୁ ମଧ୍ୟ ହୋଇଛି । ବର୍ତ୍ତମାନ ୧୦ ଜଣ ଆହତଙ୍କୁ ମେଡିକାଲ କଲେଜ ଆଲିଗଡ଼ରେ ଏବଂ ୧୦ ଜଣ ଆହତଙ୍କୁ ଜିଲ୍ଲା ହସ୍ପିଟାଲ ବୁଲନ୍ଦସହରରେ ଚିକିତ୍ସା କରାଯାଉଛି ଏବଂ ଅନ୍ୟ ୨୩ ଜଣ ଆହତଙ୍କୁ କୈଳାସ ହସ୍ପିଟାଲ ଖୁର୍ଜାରେ ଚିକିତ୍ସା କରାଯାଉଛି । ଆହତମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ରହିଛି ।



## ଜମ୍ମୁ-କାଶ୍ମୀରରେ ବର୍ଷା ଭାଙ୍ଗିଛି ୨୭ ବର୍ଷର ରେକର୍ଡ

**ଶ୍ରୀନଗର, ୨୫।୮:** ବନ୍ୟାରେ ଭାସୁଛି ପାହାଡ଼ିଆ ରାଜ୍ୟର ଅନେକ ଜିଲ୍ଲା। କେଉଁଠି ଭାସିଛି ଘରଦ୍ୱାର ତ ପୁଣି କେଉଁଠି ପାହାଡ଼ରୁ ଖସୁଛି ପଥରଖଣ୍ଡ । ଜାତୀୟ ରାଜପଥ ଅବରୋଧ କାରଣରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଜଳବନ୍ଦୀ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ନିଆଯାଉଛି । ଜମ୍ମୁ-କାଶ୍ମୀରରେ ଗତ ୨୪ ଘଣ୍ଟାରେ ୧୯୦.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଜମ୍ମୁରେ ପ୍ରବଳ ବର୍ଷା ହେତୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ନାଳରେ ପାଣି ଭର୍ତ୍ତି ହୋଇଯିବାରୁ ରାସ୍ତା ଜଳମଗ୍ନ ହୋଇଗଲା ଏବଂ ଜାନିପୁର, ରୂପ ନଗର, ତାଲାବ ଟିଲ୍ଲୁ, ଜ୍ୱେଲ ଚୌକ, ନିୟୁ ପ୍ଲଟ ଓ ସଞ୍ଜୟ ନଗର ସହିତ ଅନେକ ଜାଗାରେ ବନ୍ୟା ପାଣି ଘରେ ପଶିଯାଇଛି। ଅନେକ ଘରର କାନ୍ଥ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି,ଯେତେବେଳେକି ପ୍ରାୟ ଏକ ଡଜନ ଗାଡ଼ି ହଠାତ୍ ଆସିଥିବା ବନ୍ୟାରେ ଭାସିଗଲା। ଜମ୍ମୁ-କାଶ୍ମୀରର ଅଧିକାଂଶ ଭାଗରେ ରାତିସାରା ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଅନେକ ନିମ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ଜମ୍ମୁ-ପଠାନକୋଟ ନ୍ୟାସନାଲ ହାଇୱେରେ ଏକ ପୋଲ କ୍ଷତିଗ୍ରସ୍ତ ହୋଇଛି। ଅଧିକାରୀମାନେ ଲୋକମାନଙ୍କୁ ଜଳାଶୟ ଏବଂ ଭୂସ୍ଖଳନ ସମ୍ଭାବିତ କ୍ଷେତ୍ରରୁ ଦୂରରେ ରହିବା ପାଇଁ ଆଡଭାଇଜରୀ ଜାରି କରିଛନ୍ତି । ୨୭ ଅଗଷ୍ଟ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସହିତ ଉଚ୍ଚ ସ୍ଥାନରେ ବାଦଲ ଫାଟିବା, ହଠାତ୍ ବନ୍ୟା ଏବଂ ଭୂସ୍ଖଳନର ପୂର୍ବାନୁମାନ କରାଯାଇଛି ।

● ଶିକ୍ଷକ ନିଯୁକ୍ତିରେ ବ୍ୟାପକ ଦୁର୍ନୀତି |

## ଟିଏମ୍‌ସି ବିଧାୟକଙ୍କୁ ବାନ୍ଧିଲା ପୁଲିସ

**ମୁର୍ଶିଦାବାଦ, ୨୫।୮:** ଇଡିର ଅଧିକାରୀମାନେ ଆଜି ପଶ୍ଚିମବଙ୍ଗର ମୁର୍ଶିଦାବାଦ ଅନ୍ତର୍ଗତ ବୁରୱାନ ସ୍ଥିତ ବିଧାୟକ ଜୀବନ କୃଷ୍ଣଙ୍କ ବାସଭବନରେ ରେଡ କରିଛନ୍ତି। ବିଧାୟକ ଜୀବନ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ଇଡି ଅଧିକାରୀମାନେ ତାଙ୍କୁ ଧରିବାରେ ସକ୍ଷମ ହୋଇଛନ୍ତି। ଏଥିସହ



ସେ ବୁଦା ମୂଳରେ ଫିଙ୍ଗିଥିବା ମୋବାଇଲ ଫୋନକୁ ମଧ୍ୟ ଜବତ କରାଯାଇଛି। ୨୦୨୩ରେ ମଧ୍ୟ ଟିଏମସିର ଏହି ବିଧାୟକ ଜଣଙ୍କ ସିବିଆଇ ରେଡ ବେଳେ ନିଜର ଦୁଇଟି ଯାକ ଫୋନକୁ ଗୋଟିଏ ପୋଖରୀକୁ ଫିଙ୍ଗି ଦେଇଥିଲେ। ଏବେ ଇଡି ତାଙ୍କ ବାସଭବନରେ ରେଡ କରିବା ବେଳେ ବି ସେ ଫୋନକୁ ବୁଦା ମୂଳରେ ଫିଙ୍ଗି ସମସ୍ତଙ୍କୁ ଚକମା ଦେବାକୁ ଚେଷ୍ଟା କରିଥିଲେ। ଏସ୍‌ଏସ୍‌ସି ନିଯୁକ୍ତି ମାମଲାରେ ସୋମବାର ଇଡି ପକ୍ଷରୁ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ରେଡ ଆରମ୍ଭ କରାଯାଇଛି। କୋଲକାତା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଏପରି ରେଡ ଚାଲିଛି। ଏକାଧିକ ଇଡି ଟିମ ମୁର୍ଶିଦାବାଦ ଓ ବୀରଭୂମି ଜିଲ୍ଲାକୁ ଯାଇଛନ୍ତି। ବିଧାୟକଙ୍କ ଜୀବନଙ୍କ ବାସଭବନ ବ୍ୟତୀତ ତାଙ୍କ ଶ୍ୱଶୁର ଘର ଭିତରେ ମଧ୍ୟ ଇଡି ପକ୍ଷରୁ ଛାନଭିନ କରାଯାଇଛି। ଅତିରିକ୍ତ ଭାବେ କେନ୍ଦ୍ରୀୟ ଏଜେନ୍ସିର ଅଧିକାରୀମାନେ ଟିଏମସି କାଉନସିଲର ମାୟା ସାହାଙ୍କ ଘରେ ମଧ୍ୟ ରେଡ କରିଛନ୍ତି। ମାୟା ହେଉଛନ୍ତି ବୀରଭୂମି ଜିଲ୍ଲାର ସୈନଥିଆ ଅନ୍ତର୍ଗତ ୱାର୍ଡ ନମ୍ବର ୯ର କାଉନସିଲର। ଏଥିସହ ବିଧାୟକ ଜୀବନଙ୍କ ମାଉସୀ ହେଉଛନ୍ତି ମାୟା। ତେଣୁ ଜୀବନଙ୍କ ଲିଙ୍କରେ ମାୟାଙ୍କ ଠିକଣାରେ ବି ରେଡ ହୋଇଛି।

● ଶତ୍ରୁ ପାଇଁ ବଡ଼ପଣ ଦେଖାଇଲା ଭାରତ

## ବନ୍ୟା ସମ୍ପର୍କରେ ପାକିସ୍ତାନକୁ କଲା ସତର୍କ

**ନୂଆଦିଲ୍ଲୀ,୨୫।୮:** ପହଲଗାମ ଆକ୍ରମଣ ପରଠାରୁ ଜାରି ରହିଛି ଭାରତ-ପାକିସ୍ତାନର ଉତ୍ତେଜନା। ଫଳରେ ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ଅସ୍ଥାୟୀ ଭାବେ ବନ୍ଦ କରିଥିଲା। ଏହାରି ମଧ୍ୟରେ ବଡ଼ପଣ ଦେଖାଇଛି ଭାରତ। ଏଥି ସହିତ ଭାରତ ପାକିସ୍ତାନକୁ ପରାମର୍ଶ ଦେବା ସହିତ ବନ୍ୟା ସମ୍ପର୍କରେ ସତର୍କ କରିଛି । ସୂଚନାନୁଯାୟୀ, ବନ୍ୟା ସମ୍ପର୍କରେ ସୂଚନା ପାଇଁ ପାକିସ୍ତାନ ସହିତ ଯୋଗାଯୋଗ କରିଛି ଭାରତ। ଯାହା ଅପରେସନ୍ ସିନ୍ଦୂର ପରେ ଭାରତର ପ୍ରଥମ ଯୋଗାଯୋଗ। ଜମ୍ମୁର ତାୱି ନଦୀରେ ପ୍ରବଳ ବନ୍ୟା ଆସିବାର ସମ୍ଭାବନା ରହିଛି। ଯାହା ପାକିସ୍ତାନ ଉପରେ ଗମ୍ଭୀର ପ୍ରଭାବ ପକାଇପାରେ ବୋଲି ଭାରତୀୟ ଉଚ୍ଚାୟୋଗ ଇସଲାମାବାଦକୁ ଜଣାଇଛି। ଭାରତର ଚେତାବନୀ ପରେ ପାକ୍ ପ୍ରଶାସନ ମଧ୍ୟ ଏକ ସତର୍କତା ଜାରି କରିଛି। ଭାରତ-ପାକିସ୍ତାନ ମଧ୍ୟ ଦେଇ ସିନ୍ଧୁ ଜଳ ପ୍ରବାହିତ ହୁଏ। ଯାହାଫଳରେ ପାକିସ୍ତାନ ପ୍ରଭାବିତ ହୋଇଥାଏ। ଦୁଇ ଦେଶର ବିବାଦ ସତ୍ତ୍ୱେ ସାଧାରଣ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଭାରତ ପାକିସ୍ତାନକୁ ବନ୍ୟା ସତର୍କତା ପଠାଇଛି। ଯାହାକି ଭାରତର ବଡ଼ପଣର ପରିଚୟ ଦେଇଛି।



ରାଜ ଠାକରେଙ୍କ ଚାଞ୍ଚଲ୍ୟକର ଅଭିଯୋଗ

# ୧୦ ବର୍ଷ ଧରି ଦେଶରେ ଭୋଟ ଚୋରି ହେଉଛି

**ମୁମ୍ବାଇ,୨୫।୮:** ଭୋଟ ଚୋରିକୁ ନେଇ ଦେଶର ରାଜନୈତିକ ପରିବେଶ ସରଗରମ ରହିଛି। ଏହି କ୍ରମରେ ଏବେ ମହାରାଷ୍ଟ୍ର ନବନିର୍ମାଣ ସେନାର ଅଧ୍ୟକ୍ଷ ରାଜ ଠାକରେ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ରାଜ ଠାକରେ ପୁଣି ଥରେ ଭୋଟ ଚୋରିକୁ ନେଇ ଏକ ବଡ଼ ଅଭିଯୋଗ ଆଣିଛନ୍ତି। ସେ ଏକ ବଡ଼ ଦାବି କରିଛନ୍ତି ଯେ, ଗତ ୧୦ ବର୍ଷ ଧରି ଦେଶରେ ଭୋଟ ଚୋରି ହେଉଛି। ୨୦୧୬ଠାରୁ ଏହା ଚାଲିଛି। ନିର୍ବାଚନ କମିସନଙ୍କ ଦ୍ୱାରା ଏହାର ତଦନ୍ତ କରାଯିବା ଉଚିତ୍ ଥିଲା।



ରାଜ ଠାକରେ କହିଛନ୍ତି, ରାହୁଲ ଗାନ୍ଧୀ ଏବଂ ଅନୁରାଗ ଠାକୁର ମଧ୍ୟ ଭୋଟର ତାଲିକାରେ ଅନିୟମିତତା ଅଭିଯୋଗ କରିଥିଲେ। ଯେତେବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ବିଜେପିର ଅନୁରାଗ ଠାକୁର ଭୋଟର ତାଲିକାରେ ଅନିୟମିତତା ଅଭିଯୋଗ କରିଥିଲେ, ସେତେବେଳେ ନିର୍ବାଚନ କମିସନ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବା ଉଚିତ୍ ଥିଲା। ସେ ସ୍ଥାନୀୟ ଅଧିକାରୀମାନଙ୍କୁ କହିଛନ୍ତି, ଯଦି ଆଗାମୀ ପୌର ନିର୍ବାଚନ ଜିତିବାକୁ ଚାହୁଁଛ, ତେବେ ସମସ୍ତ କର୍ମୀଙ୍କୁ ଭୋଟର ତାଲିକାକୁ ଭଲ ଭାବରେ ଯାଞ୍ଚ କରିବାକୁ ପଡ଼ିବ। ରାଜ ଠାକରେ କହିଛନ୍ତି, ଯେତେବେଳେ ସରକାର ଏବଂ ବିରୋଧୀ ଉଭୟ ଅଭିଯୋଗ କରୁଥିଲେ, ନିର୍ବାଚନ କମିସନ ସେତେବେଳେ ଏହାର ତଦନ୍ତ କରିବା ଉଚିତ ଥିଲା। କିନ୍ତୁ ନିର୍ବାଚନ କମିସନ ମାମଲାକୁ ଚାପି ଦେଇଥିଲେ। ସେ କହିଛନ୍ତି, ନିର୍ବାଚନ କମିସନ ଏହାର ତଦନ୍ତ କରିବେ ନାହିଁ କାରଣ କମିସନ ଭୟ କରୁଛନ୍ତି, ଗତ ୧୦ ବର୍ଷର ଭୋଟ ଚୋରିର ସତ୍ୟ ସମସ୍ତଙ୍କ ସାମ୍ନାକୁ ଆସିଯିବ। କାହାର ନାମ ନ ନେଇ, ସେ ଅଭିଯୋଗ କରିଛନ୍ତି, ଏତେ ବର୍ଷ ଧରି ଭୋଟ ଚୋରି କରି ସରକାର ଗଠନ କରାଯାଇଛି। ସେ ଦାବି କରିଛନ୍ତି ଯେ, ବିଧାନସଭା ନିର୍ବାଚନରେ ଏମଏନଏସ ଦ୍ୱାରା ଛିଡ଼ା କରାଯାଇଥିବା ପ୍ରାର୍ଥୀମାନେ ହାରିଗଲେ କାରଣ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଭୋଟ ସେମାନଙ୍କ ପାଖରେ ପହଞ୍ଚି ନଥିଲା। ରାଜ ଠାକରେ କହିଛନ୍ତି, ମୁଁ ୨୦୧୬ ମସିହାରୁ ଏହି ପ୍ରସଙ୍ଗ ଉଠାଇ ଆସୁଛି। ଏଥିପାଇଁ ମୁଁ ଶରଦ ପାୱାର, ସୋନିଆ ଗାନ୍ଧୀ, ମମତା ବାନାର୍ଜୀ ଏବଂ ଅନ୍ୟାନ୍ୟ ବିରୋଧୀ ନେତାଙ୍କ ସହ ସାକ୍ଷାତ କରି କଥାବାର୍ତ୍ତା କରିଥିଲି। ୨୦୧୭ ମସିହାରେ ମୁଁ ନିର୍ବାଚନ ବର୍ଜନ କରିବାକୁ ପରାମର୍ଶ ଦେଇଥିଲି। ସେ କହିଛନ୍ତି, ଯଦି ଆମକୁ ନିର୍ବାଚନରେ ସଫଳତା ହାସଲ କରିବାକୁ ପଡିବ, ତେବେ ଭୋଟ ଚୋରିର ପର୍ଦ୍ଦାଫାସ କରିବାକୁ ପଡିବ। ସେ ପ୍ରତ୍ୟେକ କର୍ମୀଙ୍କୁ ଭୋଟର ତାଲିକାକୁ ଭଲ ଭାବରେ ଯାଞ୍ଚ କରିବାକୁ ଅନୁରୋଧ କରିଛନ୍ତି। ଏହା ଦ୍ୱାରା ପ୍ରକୃତ ଜନାଦେଶ ସୁରକ୍ଷିତ ରହିବ ବୋଲି ସେ କହିଛନ୍ତି।

ମୋଦୀଙ୍କ ବଡ଼ ବୟାନ

## ଯେତେ ଚାପ ପଡ଼ିଲେ ବି ଆମେ ଶକ୍ତି ବଢ଼ାଇବୁ

**ଅହମଦାବାଦ,୨୫।୮ :** ଅହମଦାବାଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ରୋଡ ସୋ କରିବା ସହ ଖୋଡାଲଧାମ ଗ୍ରାଉଣ୍ଡରେ ୫୪୦୦ କୋଟି ଟଙ୍କାର ଅନେକ ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଆୟୋଜିତ ଏକ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କ ଶୁଳ୍କ ଉପରେ ଏକ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ, ଆଜି ବିଶ୍ୱରେ ଆମେ ଆର୍ଥିକ ସ୍ୱାର୍ଥର ରାଜନୀତିକୁ ଭଲ ଭାବରେ ଦେଖୁଛୁ, ସମସ୍ତେ ନିଜ ନିଜ କାମ କରିବାରେ ବ୍ୟସ୍ତ ଅଛନ୍ତି। କିନ୍ତୁ 'ଯେତେ ଚାପ ଆସିଲେ ମଧ୍ୟ, ଆମେ ଆମର ଶକ୍ତି ବୃଦ୍ଧି କରିବୁ'। ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି ଯେ, ଦେଶର ଚାଷୀ ଏବଂ ଗୋପାଳକଙ୍କ ସ୍ୱାର୍ଥ ତାଙ୍କ ପାଇଁ ସର୍ବୋପରି। ସେ କହିଛନ୍ତି, "ମୁଁ ଗାନ୍ଧୀଙ୍କ ଭୂମିରୁ କହୁଛି, ମୋ ଦେଶର ଛୋଟ ଉଦ୍ୟୋଗୀ, ଚାଷୀ, ଗୋପାଳକ ହେଉ, ସେମାନଙ୍କ ସ୍ୱାର୍ଥ ମୋ ପାଇଁ ସର୍ବୋପରି। ଯେତେ ଚାପ ଆସିଲେ ମଧ୍ୟ, ଆମେ ଆମର ଶକ୍ତି ବୃଦ୍ଧି କରିବୁ।"

## ମସ୍କୋ ସପିଂ ସେଣ୍ଟରରେ ବିସ୍ଫୋରଣ, ଜଣେ ମୃତ ଏବଂ ୩ ଆହତ

**ମସ୍କୋ, ୨୫।୮:** ମସ୍କୋର ଏକ ସପିଂ ସେଣ୍ଟରରେ ଏକ ବିରାଟ ବିସ୍ଫୋରଣ ଘଟିଛି। ଏଥିରେ ଅତି କମରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥି ବେଳେ ୩ ଜଣ ଜଣ ଆହତ ହୋଇଛନ୍ତି। ବିସ୍ଫୋରଣ ପରେ ଅଞ୍ଚଳରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ରିଲିଫ୍ ଏବଂ ଉଦ୍ଧାର ଦଳ ସହିତ ସୁରକ୍ଷା ଏଜେନ୍ସିଗୁଡ଼ିକ ଘଟଣାସ୍ଥଳରେ ପହଞ୍ଚିଛନ୍ତି। କୁହାଯାଉଛି ଯେ, ରବିବାର ମସ୍କୋର କେନ୍ଦ୍ରୀୟ ସ୍ଥାନରେ ଥିବା ଏକ ପ୍ରମୁଖ ଖୁଚୁରା ବିଲ୍ଡିଂରେ ଏହି ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ଜରୁରୀକାଳୀନ ସେବା ଏହି ସୂଚନା ଦେଇଛି । ଲୁବ୍ୟାଙ୍କା ସ୍କୋୟାରରେ ଅବସ୍ଥିତ ସେଣ୍ଟ୍ରାଲ୍ ଚିଲ୍ଡ୍ରେନ୍ସ ଷ୍ଟୋର୍ ସପିଂ ମଲର ତୃତୀୟ ମହଲାରେ ବିସ୍ଫୋରଣ ଘଟିଥିଲା । ସେହି ସମୟରେ ସପିଂ ସେଣ୍ଟରରେ ଅନେକ ଲୋକ ଉପସ୍ଥିତ ଥିଲେ। ଏକ ରିପୋର୍ଟ ଅନୁଯାୟୀ, ଜରୁରୀକାଳୀନ ସେବା କହିଛି ଯେ ବିସ୍ଫୋରଣ ଏକ ଗ୍ୟାସ୍ ସିଲିଣ୍ଡର ଯୋଗୁଁ ହୋଇଥିଲା । ମସ୍କୋର ସ୍ୱାସ୍ଥ୍ୟ ବିଭାଗ କହିଛି ଯେ, ଦୁଇଜଣ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସହରର ମେୟର ସେରଗେଇ ସୋବୟାନିନ୍ କହିଛନ୍ତି ଯେ, ଏହି ଘଟଣା ସମ୍ଭବତଃ ଉପକରଣରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଘଟିଛି। ଏଥିସହ ବିସ୍ଫୋରଣ ପରେ କୋଠାକୁ ସମ୍ପୂର୍ଣ୍ଣ ଖାଲି କରାଯାଇଥିଲା। ଏହାପରେ ରୁଷର ତଦନ୍ତ କମିଟି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ସ୍ୱତନ୍ତ୍ର କାରାଗାର ପରିଦର୍ଶନ କଲେ ଏସ୍‌ପି

**ଜୟପୁର, ୨୫।୮ (ସଂଚାର ବ୍ୟୁରୋ):** ଜୟପୁର ସ୍ଥିତ ସ୍ୱତନ୍ତ୍ର କାରାଗାର ପରିଦର୍ଶନ କଲେ କୋରାପୁଟ ଏସପି ରୋହିତ ବର୍ମା। ଏନେଇ ଜୟପୁର ଟାଉନ ଥାନାରେ ଗଣମାଧ୍ୟମକୁ ସୂଚନା ଦେଲେ ଏସପି। କେତେ ଅଭିଯୁକ୍ତ ଜେଲରୁ ବାହାରିଛନ୍ତି ସେମାନଙ୍କ କାର୍ଯ୍ୟକଳାପ କ'ଣ ରହିଛି। ଜେଲରୁ ବାହାରିବା ପରେ ମଧ ଅପରାଧ କାର୍ଯ୍ୟରେ ଲିପ୍ତ ଅଛନ୍ତି କି ଯଦି ଅଛନ୍ତି କ'ଣ ପଦକ୍ଷେପ ନିଆଯାଇ ପାରିବ ସେ ନେଇ ଆଲୋଚନା କରାଯାଇଛି। ଅପରାଧୀ ମାନେ ଜେଲରୁ ବାହାରିବା ପରେ ତାଙ୍କୁ କିପରି ଭଲ ରାସ୍ତାକୁ ଅଣାଯାଇ ପାରିବ ସେ ନେଇ ମଧ ପଦେକ୍ଷପ ନିଆଯାଇଛି। ଏହା ସହ ଜୟପୁର ଅପରାଧିକ ମାମଲା ଉପରେ ମଧ ଟାଉନ ଥାନାରେ ସମିକ୍ଷା କରିଥିଲେ। ଏଂଟି କ୍ରାଇମ ରେଡ୍ ଚାଲିଛି। ଗତ ମାସରେ ଅପରାଧୀ ଓ ମାଫିଆଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଯେଉଁ ମାଫିଆ ମାନେ ବାହାରେ ଅଛନ୍ତି ସେମାନଙ୍କୁ ଗିରଫ କରାଯିବ ନୂଆ ଆଇନ ବଳରେ ଗୁଣ୍ଡା ମାନଙ୍କୁ କିପରି କାବୁ କରାଯାଇ ପାରିବ ସେନେଇ ପଦକ୍ଷେପ ନିଆଯାଇଛି। ସାଧାରଣ ଜନତାର ଯେପରି କିଛି କ୍ଷତି ନହୁଏ ସେଥିପ୍ରତି ପୋଲିସ ସଜାଗ ରହିଥିବା ଏସପି ସୂଚନା ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ଜେଲରେ କୌଣସି ନିଶା ଦ୍ରବ୍ୟ କିଛି ଜବତ କରାଯାଇ ନାହିଁ। ଆଗରୁ ମଧ ଏସଡିପିଓ ମଧ ଅଚାନକ ପରିଦର୍ଶନ କରିଥିଲେ ସେହି ସମୟରେ ମଧ କିଛି ଜବତ କରାଯାଇ ନଥିଲା। ଜେଲର ସୁରକ୍ଷା ଉପରେ ଆଜି ସମୀକ୍ଷା କରାଯାଇଥିଲା। ଲୋକେ ଘର ଭଡା ଦେଲେ ପୋଲିସକୁ ଜଣାଇବା ସହ ଆଧାର ଗାର୍ଡ ମାଗି ରଖିବାକୁ ପୋଲିସ ତରଫରୁ ପରାମର୍ଶ ଦିଆଯାଇଛି। ଗଣେଶ ପୂଜା ଓ ଦଶହରା କିପରି ଶାନ୍ତି ଶୃଙ୍ଖଳାରେ ହେବ ସେନେଇ ପୋଲିସ ସଜାଗ ରହଛି। ପ୍ରଶାସନର ସହାୟତାରେ ପୋଲିସ ତରଫରୁ ସବୁ ବ୍ୟବସ୍ଥା କରାଯିବ। ଏହି ସମୟରେ ଟାଉନ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ରାଉତ, ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଫେସ୍‌ବୁକ୍ ହ୍ୟାକ୍

**ବାରିପଦା, ୨୫।୮ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଫେସବୁକ୍ ହ୍ୟାଣ୍ଡଲ୍‌କୁ ଅଜଣା ଲୋକେ ହ୍ୟାକ୍ କରିଛନ୍ତି। ସାଇବର ଅପରାଧୀ ମାନେ ଏହାକୁ ହ୍ୟାକ୍ କରି ସାଧାରଣ ଲୋକଙ୍କୁ ଟଙ୍କା ଦାବି କରୁଛନ୍ତି। ଏନେଇ ଜନସାଧାରଣଙ୍କୁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି। ସାଇବର ଠକ ମାନେ ବର୍ତ୍ତମାନ ଜିଲ୍ଲାପାଳ, ନେତା, ମନ୍ତ୍ରୀ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଫେସବୁକ ଆଇଡି ଜରିଆରେ ଠକେଇ ପାଇଁ ମାଧମ ପାଇଛନ୍ତି। ବିଭିନ୍ନ ମିଥ୍ୟା ବାହାନା ଓ ପ୍ରଲୋଭନ ଦେଖାଇ ଲୋକଙ୍କ ଠାରୁ ଟଙ୍କା ଦାବି କରୁଛନ୍ତି। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରିଛନ୍ତି ଯେ, ପ୍ରଶାସନ କିମ୍ବା କୌଣସି ଅଧିକାରୀଙ୍କ ପକ୍ଷରୁ କେବେବି ଏପରି ଅନୁରୋଧ ହୋଇନି। ଜିଲ୍ଲାପାଳଙ୍କ ଫେସବୁକ ପୃଷ୍ଠାରୁ ଯଦି କୌଣସି ଟଙ୍କା ଦାବି କରି ମେସେଜ୍ ଯାଇଥିବ, ତେବେ ତାହାକୁ କୌଣସି ପ୍ରତିକ୍ରିୟା ଦିଅନ୍ତୁ ନାହିଁ କିମ୍ବା ଟଙ୍କା ପଠାନ୍ତୁ ନାହିଁ ବୋଲି ଜନସାଧାରଣ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ସୟ ଅନୁରୋଧ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ହ୍ୟାକିଂ ବିଷୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନେଇଛନ୍ତି। ଏନେଇ ସାଇବର୍ ସେଲ୍‌ଫ କୁ ଅବଗତ କରାଯାଇଛି। ତଦନ୍ତ ପ୍ରକ୍ରିୟା ଜାରି ରହିଛି। କେବଳ ସରକାରୀ ୱେବସାଇଟ୍ କିମ୍ବା ପ୍ରେସ ବିଜ୍ଞପ୍ତିକୁ ଜନସାଧାରଣ ବିଶ୍ୱାସ କରନ୍ତୁ। କୌଣସି ସନ୍ଦେହଜନକ ମେସେଜ୍ ଦେଖିଲେ, ତାହାକୁ ତୁରନ୍ତ ଜିଲ୍ଲା ପ୍ରଶାସନଙ୍କୁ ସୂଚନା ଦେବାକୁ ଜିଲ୍ଲାପାଳ ନିବେଦନ କରିଛନ୍ତି।

# ୨ କିମି ଖଟିଆରେ ମୃତଦେହକୁ ବୋହିଲେ ସମ୍ପର୍କୀୟ

**କାମାକ୍ଷାନଗର, ୨୫।୮ (ସଂଚାର ବ୍ୟୁରୋ):** ପୁଣି ରାସ୍ତା ସମସ୍ୟା ପାଇଁ ୨ କିଲୋମିଟର ଖଟିଆରେ ମୃତଦେହକୁ ବୋହିଲେ ସମ୍ପର୍କୀୟ। ମହାବିରୋଡ଼ ଥାନା ବାମ ପଞ୍ଚାୟତ ପାକଟମୁଣ୍ଡା ଗାଁରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ପାକଟମୁଣ୍ଡା ଗାଁ ଢ଼ିପସାହିର ସିଧ ମୁଣ୍ଡା ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡିଥିଲା। ଚିକିତ୍ସା ପାଇଁ ସିଧ ମୁଣ୍ଡାଙ୍କୁ ମେଡିକାଲ ନେଇଥିଲେ ମଧ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ମରଶରୀରକୁ ପରିବାର ଲୋକ ଗାଁକୁ ଆଣିଥିଲେ କିନ୍ତୁ ରାସ୍ତା ଖରାପ ଥିବାରୁ ୨ କିଲୋମିଟର ଖଟିଆରେ ମୃତଦେହକୁ ବୋହିଥିଲେ ସମ୍ପର୍କୀୟ।

### ସୁଧୁରୁନି ରାସ୍ତା ସମସ୍ୟା

ଅନନ୍ତପୁର ସଂରକ୍ଷିତ ଜଙ୍ଗଲ ପାଦ ଦେଶରେ ଘଞ୍ଚ ଜଙ୍ଗଲ ଭିତରେ ପାକଟମୁଣ୍ଡା ଗାଁ ଅବସ୍ଥିତ। ଗାଁରେ ମୋବାଇଲ ନେଟୱାର୍କ ନଥିବାରୁ ଆମ୍ବୁଲାନ୍ସ ଯୋଗାଯୋଗ ହେବାରେ ବିଳମ୍ବ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଗାଁକୁ ଆଣୁଥିବାବେଳେ ରାସ୍ତା ଖରାପ ଥିବାରୁ ୨ କିମି ମୃତଦେହକୁ ଖଟିଆରେ ବୋହି ସମ୍ପର୍କୀୟମାନେ ଘରକୁ ଆଣିଥିଲେ। ପରେ ଦାହସଂସ୍କାର ହୋଇଥିଲା ଗାଁରେ। ରାସ୍ତା ଭଳି ମୌଳିକ ସୁବିଧାରୁ ବଂଚିତ ହୋଇ ଅନ୍ଧାରୀ ଜୀବନ କାଟୁଥିବାବେଳେ ଏହାର ସମାଧାନ ପାଇଁ ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ନିତ୍ୟାନ୍ତ ଜରୁରୀ ହୋଇପଡ଼ିଛି।



## ଅପରାଧ ହ୍ରାସ ପାଇଁ ବିଭିନ୍ନ ଥାନାରେ ଗୁଣ୍ଡା ପରେଡ୍

**ପୁରୀ, ୨୫।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଅଭିନ୍ନ ଉପାୟରେ ଅପରାଧ ହ୍ରାସ ପାଇଁ ନୂଆ ତରିକାରେ ବିଭିନ୍ନ ଥାନାରେ ଅଭିଯୁକ୍ତ ଅପରାଧୀମାନଙ୍କୁ ନେଇ ଗୁଣ୍ଡା ପରେଡ ଅନୁଷ୍ଠିତ ହୋଇଯାଇଛି। ସେମାନେ ସଚେତନ କରୁଛନ୍ତି ଯେ, ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ଗୁଣ୍ଡାଗିରି କରନାହିଁ। ଜୀବନରେ ଶାନ୍ତିରେ ଚଳିବା ପାଇଁ ଏହି ବ୍ୟବସ୍ଥା ଚିରସ୍ଥାୟୀ ନୁହେଁ। ଅପରାଧିକ କାର୍ଯ୍ୟ ନ କରିବା ପାଇଁ ସଚେତନ କରୁଛନ୍ତି। ଭଲ ଲୋକ ହୋଇ ସାହି, ବସ୍ତି, ଗାଁ ରେ ମିଳିମିଶି ଚଳିବା ପାଇଁ ଚେଷ୍ଟା କର। ପୁରୀ ପୋଲିସର ଏହି ବ୍ୟବସ୍ଥାକୁ ଅନେକ ବୁଦ୍ଧିଜୀବୀ ପସନ୍ଦ କରିଛନ୍ତି। ତେବେ ବିଶ୍ୱ ସ୍ତରୀୟ ପର୍ଯ୍ୟଟନ ଓ ଧାର୍ମିକ ସହର ରେ ଜିରୋ ଅପରାଧ ପାଇଁ ପୋଲିସ ଚେଷ୍ଟା ଚଳାଇଛି। ନୂଆ ଏସପି ପ୍ରତୀକ ସିଂ ଯୋଗ ଦେବା ପରେ ନୂଆ ତରିକାରେ ଅପରାଧ ନିୟନ୍ତ୍ରଣ ପାଇଁ ଉଦ୍ୟମ କରିବେ ବୋଲି ଜିଲ୍ଲାବାସୀ ଆଶା ବାନ୍ଧିଛନ୍ତି।

### ଯୋଜନ ଦୂରରେ ସରକାରୀ ଯୋଜନା

# ଗାଁ ବିକାଶରେ ବାଧକ ସାଜିଛି ପାହାଡ଼ିଆ ନଦୀ

**ଜୟପୁର, ୨୫।୮ (ସଂଚାର ବ୍ୟୁରୋ):** ଗ୍ରାମାଚଂଳର ସୁଗମନାଗମନ ପାଇଁ ସରକାରଙ୍କ କାହିଁ କେତେ ଯୋଜନା, ହେଲେ ଯୋଜନା ଯୋଜନ ଦୂରରେ। ଗାଁ ଲୋକେ ଦୀର୍ଘ ବର୍ଷ ଧରି ଦାବି କରିଆସୁଥିଲେ ମଧ ଆଜି ପର୍ଯ୍ୟନ୍ତ ପୋଲ ଖଣ୍ଡିଏ ନିର୍ମାଣ ହୋଇପାରୁନାହିଁ। ଯାହାକୁ ନେଇ ଏବେ ବଢ଼ୁଛି ଅସନ୍ତୋଷ। ବର୍ଷା ଦିନେ ନଦୀ ଫୁଲିଲେ ଜୀବନକୁ ବାଜି ଲଗାଇ ରଶି ସାହାଯ୍ୟରେ ନଦୀ ପାର୍ ହେବାକୁ ପଡେ। ଏଭଳି ଚିତ୍ର ଦେଖିବାକୁ ମିଳିଛି କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଚେରକା ପଞ୍ଚାୟତର କାଙ୍ଗୁଗୁଡା ନିକଟରେ। ଚେରକା ପଞ୍ଚାୟତର କାଙ୍ଗୁଗୁଡା, ଅଟାଳଗୁଡା ଏବଂ ଝାଲିଆଗୁଡା ତିନୋଟି ଗ୍ରାମର ଏକ ଶହରୁ ଊର୍ଦ୍ଧ୍ୱ ପରିବାର ଲୋକେ ଜୀବନକୁ ବାଜି ଲଗାଇ ଦଉଡ଼ି ସାହାଯ୍ୟରେ ନଦୀ ପାର୍ ହେଉଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟ ଶିକ୍ଷକ, ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ମାନେ କଷ୍ଟେ ମଷ୍ଟେ ଯିବା ଆସିବା କରୁଛନ୍ତି। ସ୍କୁଲ ପିଲା ଏବଂ ଅଙ୍ଗନବାଡ଼ି ଛୁଆ ଠାରୁ ଆରମ୍ଭ କରି ମହିଳା ପୁରୁଷ ସମସ୍ତେ ହନ୍ତସନ୍ତ ହେଉଛନ୍ତି। ଆଉ ଜରୁରିକାଳୀନ ପରିସ୍ଥିତରେ ସେମାନଙ୍କ କଷ୍ଟ ଦୁଇଗୁଣିତ ହେଉଛି ବୋଲି ଗାଁ ଲୋକେ କହିଛନ୍ତି।

ଶିକ୍ଷା, ସ୍ୱାସ୍ଥ୍ୟ ହେଉ ଅବା ନିତିଦିନିଆ ଆବଶ୍ୟକିୟ ସାମଗ୍ରୀ କିମ୍ବା ପିଡିଏସ ସାମଗ୍ରୀ ହେଉ ସବୁବେଳେ ଏ ଅଞ୍ଚଳବାସୀ ନିର୍ଭରଶୀଳ ପଞ୍ଚାୟତ କାର୍ଯ୍ୟାଳୟ ଉପରେ। ଏବେ ଏହି ଗାଁ ପାଇଁ ରହିଛି ରାସ୍ତା ଓ ପୋଲ ସମସ୍ୟା। ଭଲ ରାସ୍ତାଟିଏ ନଥିବାରୁ ଅନେକ ହଇରାଣ ହୁଅନ୍ତି ଅଞ୍ଚଳବାସୀ। ହେଲେ ଗାଁକୁ ଯିବାକୁ ଏହି କଚ୍ଚା ରାସ୍ତା ଦେଇ ପାହାଡ଼ିଆ ନଦୀ ପାରି ହେବାକୁ ପଡେ। ଆଉ ବର୍ଷା ଦିନେ ଜଳବନ୍ଦୀ ଜୀବନ। ସରକାର ଅପହଞ୍ଚ ଇଲାକାରେ ରାସ୍ତା ସହ ପୋଲ ନିର୍ମାଣ କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ସବୁ ନେଉଛନ୍ତି। ହେଲେ ଶାସନ କାଳର ଦୂରଦୃଷ୍ଟି ଅଭାବରୁ ବିକାଶର ସ୍ରୋତରେ ସାମିଲ୍ ହେବାରୁ ବଞ୍ଚିତ ରହିଯାଇଛି ଚେରକା ପଞ୍ଚାୟତର ୩ ଖଣ୍ଡ ଗାଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଗାଁ ର ଭୀମ ସନ୍ତା, ଶଶି ଅନ୍ତିଆ, ଜୟନ୍ତୀ ଭୂମିଆ, ବିଦ୍ୟାବତୀ ପୋଲାଇ ପ୍ରମୁଖ ଦାବି କରିଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ, ୩୦ରୁ ଅଧିକ ଗୁରୁତର

**ବଣାଇ, ୨୫।୮ (ସଂଚାର ବ୍ୟୁରୋ):** ସୁନ୍ଦରଗଡ ଜିଲ୍ଲା ବଣାଇ ଥାନା କେଲୋ ଛକରେ ଘଟିଛି ଦୁର୍ଘଟଣା। ଭାରସାମ୍ୟ ହରାଇ ଗଛରେ ପିଟିହେଇଛି ଏକ ପିକଅପ୍ ଗାଡ଼ି । ଜଣେ ମୃତ ହୋଇଥିବା ବେଳେ ୩୦ରୁ ୪୦ ଗୁରୁତର ହୋଇଛନ୍ତି। ବନ ବିଭାଗର ଚାରା ରୋପଣ ପାଇଁ କେନ୍ଦ୍ରିକଳା ଗାଁର ୩୦ ରୁ ୪୦ ଯୁବକ ଓ ମହିଳା ପିକଅପ୍ ଗାଡ଼ିରେ ଯାଉଥିବା ବେଳେ ଗାଡ଼ିଟି ଭାରସାମ୍ୟ ହରାଇ ଗଛରେ ବାଡେଇ ହୋଇଥିଲା। ଫଳରେ ଗାଡ଼ିରେ ଥିବା ସମସ୍ତ ଯାତ୍ରୀ ଗୁରୁତର ଥିବା ବେଳେ ଜଣଙ୍କ ମୃତ ହୋଇଛି। ଗୁରୁତରଙ୍କୁ ଉଦ୍ଧାର କରାଯାଇ ବଣାଇ ମେଡିକାଲ ଆଣି ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇ ଅଧିକ ଚିକିତ୍ସା ପାଇଁ ରାଉରକେଲା ପଠାଯାଇଛି। ମେଡିକାଲରେ ଗ୍ରାମବାସୀ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆତଙ୍କିତ...

ଆସିଛି। ଯାହାଦ୍ୱାରା କାଣୀ ନଦୀରେ ୩୦ ଫୁଟର ଘାଇ ସୃଷ୍ଟି ହୋଇଛି। ଦଶରଥପୁର ବ୍ଲକ ଅନ୍ତର୍ଗତ ଅହିୟାସ ମୁସଲିମ ସାହି ନିକଟରେ ସୋମବାର ଭୋର୍ ସମୟରେ ୩୦ ଫୁଟର ଘାଇ ସୃଷ୍ଟି ହେବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ରବିବାର ରାତିରେ ଏଠାରେ ଘଳିଆ ପଡ଼ିଥିଲା। ପରେ ୩୦ ଫୁଟର ଘାଇ ସୃଷ୍ଟି ହୋଇଛି। ଫଳରେ ଅହିୟାସ ମଲ୍ଲିକା ପୁର, କସପା, ମହାନ୍ତି ପାଟଣା ଆଦି ପଞ୍ଚାୟତ ପ୍ରଭାବିତ ହୋଇଛି।

ସେପଟେ ବ୍ରାହ୍ମଣୀ ଓ ତା'ର ଶାଖା ନଦୀଗୁଡିକରେ ତୃତୀୟ ବନ୍ୟାଜଳ ଆସିବା ଫଳରେ ନଦୀ କୂଳିଆ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଉପର ମୁଣ୍ଡରେ ବର୍ଷା ଲାଗିରହିବା ଫଳରେ ରେଙ୍ଗାଲିର ୩ ଗୋଟି ଗେଟ ଖୋଲାଯାଇଛି। ପୂର୍ବରୁ ରେଙ୍ଗାଲିର ୨ ଗୋଟି ଗେଟ ଖୋଲାଯାଇଥିବା ବେଳେ ଆଜି ଭୋରରୁ ଗୋଟିଏ ଗେଟ ଖୋଲାଯାଇଛି। ସେହିପରି ସମଲ ବ୍ୟାରେଜର ୧୦ ଗୋଟି ଗେଟ ଖୋଲାଯାଇଛି। ଫଳରେ ଆଜି ସନ୍ଧ୍ୟା ୭ଟା ସୁଦ୍ଧା ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ୬୩.୭୦ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଛି ଏବଂ ଏହା କ୍ରମଶ ବୃଦ୍ଧି ପାଉଥିବା ବେଳେ ଆଜି ଭୋର ସମୟରେ ରେଙ୍ଗାଲି ଡ୍ୟାମର ଖୋଲାଯାଇଥିବା ଗୋଟିଏ ଗେଟର ପାଣି କାଲି ସକାଳ ସୁଦ୍ଧା ଜେନାପୁର ନିକଟରେ ପହଞ୍ଚିବ। ଫଳରେ ବନ୍ୟା ଜଳ ବୃଦ୍ଧି ପାଇ ଜେନାପୁରଠାରେ ବିପଦ ସଙ୍କେତ ଥିବା ୬୭ ଫୁଟ ପାଖାପାଖି ଯିବାର ଆଶଙ୍କା କରାଯାଉଛି। ତେବେ ଉପରମୁଣ୍ଡରେ ବର୍ଷା ପରିମାଣ ନକମିଲେ ରେଙ୍ଗାଲି ଡ୍ୟାମର ଆଉ ଏକ ଗେଟ ଖୋଲାଗଲେ ଭୟଙ୍କର ବନ୍ୟା ହେବାର ଆଶଙ୍କା କରାଯାଇଛି। ଏହି ବନ୍ୟାରେ ବିଶେଷ କରି ତଳିଆ ଅଞ୍ଚଳଗୁଡିକ ବିଶେଷ ଭାବେ ପ୍ରଭାବିତ ହେବେ। ତେବେ ନଦୀକୂଳିଆ ଲୋକେ ସଜାଗ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଦାଦନ...

କଭରେଜ୍ ପ୍ରମାଣିତ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଉପଲବ୍ଧ ତଥ୍ୟ ଅନୁଯାୟୀ, ଖରିଫ୍ ଓ ରବି ଋତୁରେ ଚାଷୀମାନଙ୍କୁ ଇନପୁଟ୍ ସହାୟତା କାର୍ଯ୍ୟକାରୀ ହେବା ଯୋଗୁଁ ପ୍ରବାସ ହାର କିଛି ମାତ୍ରାରେ ହ୍ରାସ ପାଇଛି ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଏଥିସହ ଶ୍ରମ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, କୃଷି ବିଭାଗ ଦ୍ୱାରା ଅଧିକ ଜଳସେଚନ ସହାୟତା/ଚାନେଲ୍, କେନାଲ, ଏମ୍‌ଜିନରେଗା ଯୋଜନାରେ ରାଜ୍ୟ ସମର୍ଥନ ଭାବେ ଅଣକୁଶଳୀ ଶ୍ରମିକଙ୍କ ପାଇଁ ଅତିରିକ୍ତ ୨୦୦ ମଜୁରୀ ଦିନ, ଗ୍ରାମୋଦୋୟ, ମଡେଲ ଗ୍ରାମ ପଞ୍ଚାୟତ ଆରମ୍ଭ, କଣ୍ଟ୍ରାକ୍ଟ ଫାର୍ମିଂ ଭଳି ଯୋଜନା ଆରମ୍ଭ କରାଯାଇ ପ୍ରବାସ ସମୟର ଆୟ ସହ ସମାନ ଆୟ ପ୍ରଦାନ କରାଯିବା ପାଇଁ ଆଲୋଚନା କରାଯାଇଛି। ପରିବାରଗୁଡ଼ିକର ଆୟ ବୃଦ୍ଧି କରିବା ସହ ଦାଦନ ଶ୍ରମିକ ହାର ହ୍ରାସ, ଶ୍ରମିକ ସର୍ଦ୍ଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏକ କମିଟି ଗଠନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି କମିଟି ପ୍ରବର୍ତ୍ତନ ଅଧିକାରୀ, ପୁଲିସ ଅଧିକାରୀ, ରେଳ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରଖି ମିଶନ ମୋଡ୍‌ରେ କାର୍ଯ୍ୟ କରିବ। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଗଣଶିକ୍ଷା, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଙ୍ଗଲ ଓ ପରିବେଶ, ଶ୍ରମ ଓ ରାଜ୍ୟବୀମା କର୍ମଚାରୀ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଏମ୍‌ଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପ୍ରମୁଖ ସଚିବ, ଅର୍ଥ, କୃଷି ଓ କୃଷକ ସଶକ୍ତିକରଣ, ପଞ୍ଚାୟତିରାଜ ଓ ପାନୀୟଜଳ, ଡିଜି, ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ, ରେଳ, ନନ୍ ଫାଉଣ୍ଡେସନର କାର୍ଯ୍ୟକର୍ତ୍ତା, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଏହି ବୈଠକରେ ଯୋଗ ଦେଇଥିଲେ।

## ଓଡ଼ିଶା ହେବ...

ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପରିକଳ୍ପନା କରାଯାଇଛି। ଏହା ଆଇଟି ପାର୍କ, ଆଇଟି ଟାୱାର ଏବଂ ଏସ.ଇ.ଜେଡ୍ ପରି ବିଶ୍ୱସ୍ତରୀୟ ଭିତ୍ତିଭୂମି ବିକାଶ କରିବା ସହିତ ଗବେଷଣାତ୍ମକ ବିକାଶ, ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ସମନ୍ୱୟ ଏବଂ ଷ୍ଟାର୍ଟଅପ୍ ସହିତ ସହଯୋଗ ମାଧ୍ୟମରେ ବୈଷୟିକ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଇଥାଏ। ଏହି ନୀତି ସାଇବର ସୁରକ୍ଷା, ଡାଟା ଆନାଲିଟିକ୍ସ, ୫ଜି ନେଟୱର୍କ, ଆଇଓଟି, କ୍ଲାଉଡ୍ କମ୍ପ୍ୟୁଟିଂ, ଡିପ୍ ଲର୍ଜିଙ୍ଗ୍, ବ୍ଲକଚେନ୍, ଏ.ଆଇ ଏବଂ ଏମ.ଏଲ୍ ପରି ଉଦୀୟମାନ ପଯୁକ୍ତିକୁ ପୋତ୍ସାହିତ କରିବ ବୋଲି ସେ କହିଛନ୍ତି। ନିବେଶ ଆକର୍ଷିତ କରିବା ପାଇଁ, ଏହି ନୀତି ପୁଞ୍ଜି ଏବଂ ସୁଧ ସବସିଡି, ଜମି ଏବଂ ଭଡା ସହାୟତା ଭଳି ବ୍ୟବସାୟ-ଅନୁକୂଳ ପ୍ରୋସାହନ ପ୍ରଦାନ କରିବ। ଅତିରିକ୍ତ ସୁବିଧା ମଧ୍ୟରେ ଉପଯୋଗିତା ଚାର୍ଜ ଛାଡ଼, ମାର୍କେଟିଂ ସହାୟତା, ପେଟେଣ୍ଟ ପଞ୍ଜୀକରଣ ପ୍ରୋସାହନ ଏବଂ ଦକ୍ଷତା ବିକାଶ, ଇଣ୍ଟର୍ନସିପ୍, ଉତ୍କର୍ଷ କେନ୍ଦ୍ର, କେବୁଲ ଲ୍ୟାଣ୍ଡିଂ ଷ୍ଟେସନର ବିକାଶ ପାଇଁ ସହାୟତା, ବୃହତ ଓ ମେଗା ଆଇଟି ନିବେଶ ପାଇଁ ନିର୍ଦ୍ଦିଷ୍ଟ ପ୍ରୋତ୍ସାହନ, କାର୍ଯ୍ୟ ସ୍ଥାନର ବିକାଶକୁ ଏବଂ ନିଯୁକ୍ତି ପାଇଁ ଆର୍ଥିକ ସହାୟତା ଅନ୍ତର୍ଭୁକ୍ତ। ଏକ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ସିଷ୍ଟମ୍ ଏବଂ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ସହ ଭାଗିଦାରୀ ରାଜ୍ୟରେ ବ୍ୟବସାୟ କରିବାର ସହଜତାକୁ ଆହୁରି ଉନ୍ନତ କରିବ ବୋଲି ମୁଖ୍ୟ ଶାସନ ସଚିବ ଆଶା ପ୍ରକାଶ କରିଛନ୍ତି। ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓକାକ ) ନୋଡାଲ୍ ଏଜେନ୍ସି ଭାବେ କାର୍ଯ୍ୟ କରିବ ଏବଂ ଇ ଆଣ୍ଡ ଆଇଟି ବିଭାଗ ନିୟମିତ ସମୀକ୍ଷା କରିବା ସହ ଆବଶ୍ୟକତା ଅନୁସାରେ ମଧ୍ୟବର୍ତ୍ତୀ ସମୟରେ ସଂଶୋଧନ କରିବ। ଓଡ଼ିଶା ଆଇଟି ନୀତି-୨୦୨୫ ବୈଶ୍ୱିକ ବ୍ୟବସାୟକୁ ଓଡ଼ିଶା ଆଡ଼କୁ ଆକୃଷ୍ଟ କରିବ, ଯାହା ଆର୍ଥିକ ଅଭିବୃଦ୍ଧିକୁ ବଢ଼ାଇ ନିଯୁକ୍ତି ସୃଷ୍ଟି କରିବ। ସେହିପରି ରାଜ୍ୟ ସରକାର ଓଡ଼ିଶାକୁ ଏକ ଇଲେକ୍ଟ୍ରୋନିକ୍ସ ହବ୍‌ରେ ପରିଣତ କରିବା ପାଇଁ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ନୀତି କରିଛନ୍ତି। ଏହି ରଣନୈତିକ ପଦକ୍ଷେପର ଲକ୍ଷ୍ୟ ହେଉଛି ଓଡ଼ିଶାକୁ ଏକ ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କେନ୍ଦ୍ର ଭାବେ ପ୍ରତିଷ୍ଠା କରିବା, ଉଚ୍ଚ-କୁଶଳୀ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରିବା ଓ ଆମଦାନୀ ହେଉଥିବା ଯନ୍ତ୍ରାଂଶ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବା ବୋଲି ଶ୍ରୀ ଆହୁଜା କହିଛନ୍ତି। ବିଶେଷକରି କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତି ଉତ୍ପାଦନ ପରିଯୋଜନା ଦ୍ୱାରା ପ୍ରଦାନ କରାଯାଉଥିବା ସହାୟତାର ସମତୁଲ ସହାୟତା ପ୍ରଦାନ କରିବା ସହ ଏହି ନୀତି ପ୍ରୋତ୍ସାହନ ଉପରେ ଏକ ବଳିଷ୍ଠ ଢାଞ୍ଚା ପ୍ରସ୍ତୁତ କରିଛି। ନିବେଶକମାନେ ପ୍ରଥମ ଦଶଟି ମେଗା ପ୍ରକଳ୍ପ ପାଇଁ ୫୦ ପ୍ରତିଶତ ପୁଞ୍ଜି ସବସିଡ଼ି କିମ୍ବା ଟର୍ଣ୍ଣଓଭର-ଲିଙ୍କ ପ୍ରୋତ୍ସାହନ ଏବଂ ଅତିରିକ୍ତ ପୁଞ୍ଜି ସବସିଡ଼ି ଦ୍ୱାରା ପରିପୂରକ ସମତୁଲ ସବସିଡ଼ି ମଧ୍ୟରୁ ଗୋଟିକୁ ବାଛିପାରିବେ। ଏହି ଯୋଜନା ଜମି ଆବଣ୍ଟନ, ଭଡ଼ା ସହାୟତା, ବିଦ୍ୟୁତ୍ ଶୁଳ୍କରେ ଦଶ ବର୍ଷର ଛାଡ଼ ଏବଂ ବିଦ୍ୟୁତ୍ ଶୁଳ୍କ ପ୍ରତିପୂର୍ତ୍ତି ମାଧ୍ୟମରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରୁଛି ଯାହା ପ୍ରକଳ୍ପ ନିବେଶର ୭୫% ମଧ୍ୟରେ ସୀମିତ। ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କିମ୍ବା ୧,୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ମେଗା ପ୍ରକଳ୍ପଗୁଡ଼ିକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଉପଲବ୍ଧ। ସେମାନଙ୍କୁ କଷ୍ଟୋମାଇଜ୍ ରିହାତି ପ୍ରଦାନର ବ୍ୟବସ୍ଥା ରହିଛି। ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ସହିତ ସମନ୍ୱିତ ଏହି ବିସ୍ତୃତ ନୀତି ଓଡ଼ିଶାକୁ ଏକ ଆତ୍ମନିର୍ଭରଶୀଳ ଇଲେକ୍ଟ୍ରୋନିକ୍ସ ଇକୋସିଷ୍ଟମ୍ ଗଠନ ଦିଗରେ ଏବଂ ଆର୍ଥିକ ଅଭିବୃଦ୍ଧିକୁ ଆଗେଇ ନେବାରେ ରେ ସହାୟକ ହେବ ବୋଲି ସେ କହିଛନ୍ତି। ଏଥିସହ ଓଡିଶା ଲୋକସେବା ଆୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଥିବା ନିଯୁକ୍ତିକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ସେହିଭଳି ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବାକୁ ଥିବା ବିଧାନସଭାର ମୌସୁମୀ ଅଧିବେଶନକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି।

## ନବୀନଙ୍କୁ...

ହୋଇପଡ଼ିବା ସହ ସମ୍ ଅଲ୍ଟିମେଟ୍ ମେଡିକେୟାର ରେ ଭର୍ତ୍ତି ହୋଇଥିଲେ। ସୁସ୍ଥ ହେବା ପରେ ବୁଧବାର ସନ୍ଧ୍ୟାରେ ହସ୍ପିଟାଲରୁ ଡିସଚାର୍ଜ ହୋଇଥିଲେ। ଶନିବାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନବୀନ ପଟ୍ଟନାୟକଙ୍କୁ ଭେଟିବା ସହ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ନବୀନ ସୁସ୍ଥ ହୋଇ ଘରକୁ ଫେରିବା ପରେ ନିୟମିତ ଭାବେ ତାଙ୍କୁ ଭେଟିବାକୁ ନେତା ଓ ଶୁଭେଚ୍ଛୁ ନବୀନ ନିବାସ ଆସୁଛନ୍ତି। ଶୁକ୍ରବାର ବଡ଼ ଭାଇ ପ୍ରେମ୍ ପଟ୍ଟନାୟକ ଓ ତାଙ୍କ ପତ୍ନୀ ନବୀନ ନିବାସରେ ପହଞ୍ଚିଥିଲେ। ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହି ସମୟରେ ଭି.କେ. ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିଲେ। ବିଜେଡିର ବହୁ ବରିଷ୍ଠ ନେତା ମଧ୍ୟ ନବୀନ ନିବାସରେ ପହଞ୍ଚିଥିଲେ। ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ଗଣେଶ୍ୱର ବେହେରା, ନିରଞ୍ଜନ ପୂଜାରୀ, ରଜନୀକାନ୍ତ ସିଂ, ମନ୍ମଥ ରାଉତରାୟ ପ୍ରମୁଖ ନବୀନଙ୍କୁ ସାକ୍ଷାତ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଏହାଛଡ଼ା ଗତକାଲି ନବୀନଙ୍କୁ ଭେଟିଥିଲେ ସାଂସଦ ସୁଲତା ଦେଓ ଓ ନିରଞ୍ଜନ ବିଶି। ସେମାନେ ମଧ୍ୟ ନବୀନଙ୍କ ସହ ଆଲୋଚନା ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ।

## ଖୁବ୍‌ଶୀଘ୍ର...

କହିଛନ୍ତି। ସେ କହିଛନ୍ତି ଯେ ଆସନ୍ତା ୧୦ ବର୍ଷରେ ଦେଶରେ ୧୨୦ଟି ନୂଆ ଗନ୍ତବ୍ୟସ୍ଥଳ ସୃଷ୍ଟି ଲକ୍ଷ୍ୟ ରହିଛି। ଏହାଛଡ଼ା ପୁରୀରେ ବିମାନବନ୍ଦର ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ମଧ୍ୟ ମିଳିସାରିଛି। ତାଙ୍କ କହିବାନୁସାରେ, ଗତ ୨୦୨୪ରେ ଦେଶରେ ୨୪ କୋଟି ଯାତ୍ରୀ ବିମାନ ଯାତ୍ରା କରିଛନ୍ତି, ଯାହାକି ୬୫ ବର୍ଷର ରେକର୍ଡ ଭାଙ୍ଗିଛି। ଦେଶରେ ୯୨ଟି ଏୟାରପୋର୍ଟ ଉଡାନ ଯୋଜନାରେ ସଂଯୋଗ ହୋଇଥିବା ବେଳେ ଆଗକୁ ଉତ୍ତର-ପୂର୍ବ ଭାରତର ହିଲ ଷ୍ଟେସନରେ ବି ବିମାନବନ୍ଦର ତିଆରି ହେବ। ଦେଶରେ ପ୍ରତି ୪୦ ଦିନରେ ଗୋଟିଏ ବିମାନବନ୍ଦର ନିର୍ମାଣ ହେଉଛି। ଗତ ୨୦୧୪ରେ ଦେଶରେ ୭୪ଟି ବିମାନବନ୍ଦର ଥିବା ବେଳେ ଚଳିତ ବର୍ଷ ଏହା ୧୬୨ରେ ପହଞ୍ଚିଛି। ସେହିପରି ଉଡାନ୍ ଯୋଜନାରେ ଦେଶର ଦେଢ଼ କୋଟି ଯାତ୍ରୀ ଲାଭ ପାଇଛନ୍ତି। ଆଗାମୀ ୧୦ ବର୍ଷରେ ଏହା ୪ କୋଟିରେ ପହଞ୍ଚିବ। ଅନ୍ୟପକ୍ଷରେ ଦୁବାଇ ଓ ସିଙ୍ଗାପୁରକୁ ବିମାନ ଚଳାଚଳ ବନ୍ଦ ଆଶଙ୍କା କରାଯାଉଥିବା ବେଳେ ପରିବହନ ବିଭାଗ ସଚିବ ଉଷା ପାଢ଼ୀ ଏହି ଆଶଙ୍କାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସେ କହିଛନ୍ତି ଯେ କୌଣସି ଅନ୍ତର୍ଜାତୀୟ କନେକ୍ଟିଭିଟି ବନ୍ଦ ହୋଇନାହିଁ। ଏୟାରଲାଇନ୍ କନେକ୍ଟିଭିଟିରେ ଦୁଇଟି ସିଜିନ ଥିବା ବେଳେ ଅକ୍ଟୋବର ଶେଷ ରବିବାରରେ ଖରା ସିଜନ୍ ଶେଷ ହେବ। ସେବେଠାରୁ ଶୀତ ସିଜନ ଆରମ୍ଭ ହେବ। ଇଣ୍ଡିଗୋ ପକ୍ଷରୁ ସୂଚନା ଆସିଥିଲା ଦୁବାଇ ପାଇଁ ଭିଜିଏ ଭାୟାବିଲିଟି ଗ୍ୟାପ୍ ଫଣ୍ଡ୍ ଦିଆଯାଉଥିଲା। ଅଧିକ ଲୋକ ଯା'ଆସ କରୁଥିବାରୁ ସରକାର ଆଉ ଭିଜିଏ ଦେବେ ନାହିଁ। ଭିଜିଏ ନଥିଲେ ଟିକେଟ ଦାମ୍ ବହୁତ ଅଧିକ ହେବ। ଅଧିକ ଦାମ୍ ଦେଇ ଲୋକେ ଯିବାଆସିବା କରିବାକୁ କୁଣ୍ଠାବୋଧ କରିବେ। ତେଣୁ ଇଣ୍ଡିଗୋ ପକ୍ଷରୁ କୁହାଯାଇଛି ଏବେ ଯାଏ ଉକ୍ତ ରୁଟ୍‌ରେ ଭାୟାବିଲିଟ ଆସିନାହିଁ। କମ୍ପାନୀ ସହ ଆଲୋଚନା ଚାଲିଛି। ସରକାର ଟଙ୍କା ଖର୍ଚ୍ଚ କରି ଉକ୍ତ ରୁଟ୍‌ରେ ବିମାନ ଚଳାଇବା ପାଇଁଚେଷ୍ଟା କରୁଥିବା ଶ୍ରୀମତୀ ପାଢ଼ୀ କହିଛନ୍ତି।

## ମାଧ୍ୟମିକ...

ଭାଉଚର ଦିଆନଯିବ, ତେବେ ନିୟମ ଅନୁସାରେ ଉକ୍ତ ରାଶି ଆଦାୟ ନିମନ୍ତେ ଗଣନା ହେବା କଥା। କିନ୍ତୁ ସେ ବାବଦରେ କୌଣସି ଉତ୍ତର ରଖିନାହାଁନ୍ତି ଜିଲ୍ଲା ଅଡିଟ ଅଧିକାରୀ। କେଉଁ ଅଧିକାରୀଙ୍କଠାରୁ କେତେ ଟଙ୍କା ଆଦାୟ ହେବ, ସମ୍ପୃକ୍ତ ଅଧିକାରୀ କେଉଁ ପଦବୀରେ ଥିବା ବେଳେ ରାଶି ଆଦାୟ କରିନାହାଁନ୍ତି, ସେମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେ ସମ୍ପର୍କରେ ସୂଚନା ଅଧିକାର ଆଇନରେ ସବିଶେଷ ତଥ୍ୟ ମଗାଯାଇଥିଲା। କିନ୍ତୁ ସୂଚନା ଅଧିକାରୀ ଏ ସଂକ୍ରାନ୍ତ ତଥ୍ୟ ଦେବାକୁ ସିଧା ସିଧା ମନା କରିଦେଇଛନ୍ତି। ବ୍ୟକ୍ତିଗତ ତଥ୍ୟ ଆଉ ଏହି ତଥ୍ୟ ଜନତାଙ୍କ ବୃହତ୍ତର ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ସେ କହିଛନ୍ତି। କିନ୍ତୁ ଅଧିକାରୀଙ୍କ ଏପରି ମନ୍ତବ୍ୟ ସୂଚନା ଅଧିକାର ଆଇନର ଖୋଲାଖୋଲି ଉଲ୍ଲଂଘନ ବୋଲି ସୂଚନାଧିକାର କର୍ମୀ ପ୍ରତାପ ମହାନ୍ତି ଅଭିଯୋଗ କରିଛନ୍ତି। ସାଧାରଣ ଜନତାଙ୍କ ଟିକସରୁ ଦରମା ନେଉଥିବା ବେଳେ କାହାଠୁ କେତେ ଟଙ୍କା ଆଦାୟ ହେବ, ଆଉ ଯଦି ଆଦାୟ ନ ହେଲା କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ତାହା ଜାଣିବାର ଅଧିକାର ସାଧାରଣ ଲୋକଙ୍କର ରହିଛି ବୋଲି ସେ ଯୁକ୍ତି ବାଢ଼ିଛନ୍ତି।

## ଓଡ଼ିଶାରୁ...

କୁମାର ଦାଶ କୋରାପୁଟର ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ସେ ଗୁଣାତ୍ମକ ଶିକ୍ଷା ଓ ଛାତ୍ରଛାତ୍ରୀଙ୍କ ବିକାଶ ଦିଗରେ ଶିକ୍ଷାଦାନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଛନ୍ତି। ଉଭୟ ଶିକ୍ଷକଙ୍କୁ ପୁରସ୍କାର ବାବଦରେ ପ୍ରମାଣପତ୍ର ସହ ୫୦ ହଜାର ଟଙ୍କା ନଗଦ ଓ ରୌପ୍ୟ ପଦକ ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ ଏହି ପୁରସ୍କାର ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖରେ ଗୁରୁ ଦିବସ ଅବସରରେ ପ୍ରଦାନ କରାଯାଇଆସିଛି, ଯାହା ଭାରତର ପ୍ରଖ୍ୟାତ ଦାର୍ଶନିକ, ଶିକ୍ଷାବିତ ତଥା ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ଜୟନ୍ତୀ ଅବସରରେ ପାଳନ କରାଯାଉଛି। ଗତ ବର୍ଷ ଓଡ଼ିଶାରୁ ମଧ୍ୟ ଦୁଇ ଜଣ ଶିକ୍ଷକ ଏହି ପୁରସ୍କାର ହାସଲ କରିଥିଲେ। ସେମାନେ ହେଲେ ରାୟଗଡ଼ାର ବିଷ୍ଣୁ ବିଲେଶୁ ହାଇସ୍କୁଲ୍‌ର ଦ୍ୱିତୀକୃଷ୍ଣ ସାହୁ ଓ କଳାହାଣ୍ଡିର ସନ୍ତୋଷ କୁମାର କର।

## କାହିଁକି...

ପାଇଁ ରାଜା ଜଣେ ବ୍ୟକ୍ତିଙ୍କୁ ଦାୟୀ କରୁଥିବା ବେଳେ ୫୦ ଜଣଙ୍କ ବିଜୟ ପାଇଁ କିନ୍ତୁ କାହାକୁ ବି ଶ୍ରେୟ ଦେଉନାହାନ୍ତି। ଏହାକୁ ନେଇ ଦଳୀୟ କର୍ମୀମାନେ ପ୍ରଶ୍ନ ଉଠାଉଛନ୍ତି। କିଛି କର୍ମୀଙ୍କ କହିବା କଥା ଯେ ରାଜା ନିଜେ ହାରୁ ହାରୁ ଗୋଡ଼ ହାତ ଧରି ଜିତିଲେ। ଏହା ତାଙ୍କର ଶେଷ ନିର୍ବାଚନ ବୋଲି ସଭାମଞ୍ଚରେ ଆଣ୍ଠେଇ କନ୍ଦାକଟା କରିବାରୁ କୌଣସି ପ୍ରକାରେ ବୈତରଣୀ ପାର୍ ହୋଇଗଲେ। ସେହିଭଳି ଋଷି କଟକରେ ବାରମ୍ବାର ଫେଲ୍ ମାରିବା ପରେ କାହା ଦୟାରୁ ରାଜ୍ୟସଭା ଯାଇଛନ୍ତି, ତାହା ସିଏ ବେଶ୍ ଭଲ ଭାବେ ଜାଣିଛନ୍ତି। ହେଲେ ଦଳର ସଙ୍କଟ ସମୟରେ ଏହି ଦୁଇ ଜଣ ଏବେ ଦଳକୁ ଖାଲରେ ପକାଇବା ପାଇଁ ଯେଭଳି ବୟାନବାଜି କରିବା କଥା, ସେଥିରେ ଆଦୌ ହେଳା କରୁନାହାନ୍ତି। ବିଜେଡି କ୍ଷମତାରେ ଥିବା ବେଳେ ଅନ୍ୟମାନଙ୍କ ଭଳି ଏହି ଦୁଇ ନେତା ବେଶ୍ ଫାଇଦା ଉଠାଇଛନ୍ତି। ରାଜା ସ୍ୱାଇଁ ମନ୍ତ୍ରୀ ହୋଇଛନ୍ତି। ଦେବାଶିଷ ନିର୍ବାଚନରେ ବାରମ୍ବାର ହାରିଥିଲେ ମଧ୍ୟ ବ୍ୟବସାୟରେ ବେଶ୍ ଲାଭ କମାଇଛନ୍ତି। ଶେଷରେ ଏହି ବରିଷ୍ଠ ନେତାଙ୍କ ସମ୍ମାନ ରକ୍ଷା ଲାଗି ତାଙ୍କୁ ରାଜ୍ୟସଭା ପଠାଯାଇଛି। ଏଭଳି ସ୍ଥିତିରେ ଏହି ଦୁଇ ନେତା କାହିଁକି ଆଡ଼ରୁଷା ମାରୁଛନ୍ତି, ତାହାର ଅସଲ କାରଣ ନେଇ କେହି କିଛି ଆକଳନ କରିପାରୁନାହାନ୍ତି। କିନ୍ତୁ କିଛି କର୍ମୀ ଏହାକୁ ଦଳଡିଆଁର ଲକ୍ଷଣ ବୋଲି କହିବାକୁ ପଛାଉନାହାନ୍ତି। ଯଦିଓ ଏହି ଦୁଇ ଜଣଙ୍କ ପକ୍ଷେ ବର୍ତ୍ତମାନ ଦଳଡିଆଁ ସମ୍ଭବ ନୁହେଁ, କିନ୍ତୁ ଭବିଷ୍ୟତ ପାଇଁ ସେମାନେ ନିଅଁ ପକାଉଥିବା ନେଇ ଦଳୀୟ କର୍ମୀମାନେ ଚର୍ଚ୍ଚା ଚଳାଇଛନ୍ତି।

## ନବୀନଙ୍କ...

ଶାଳୀନତାକୁ ଗୁରୁତ୍ୱ ଦେଉଥିବା ବେଳେ ତାଙ୍କ ମୁଖପାତ୍ରମାନେ କିନ୍ତୁ ସଂଯମତା ରଖୁନାହାନ୍ତି। ନବୀନଙ୍କ ଟିମକୁ ସୁରକ୍ଷା ଦେବା ବଦଳରେ ବିଜେଡିର ଏଭଳି ମୁଖପାତ୍ରମାନେ ତାଙ୍କୁ ଅଧିକ ବିବାଦୀୟ କରିଦେଉଛନ୍ତି। ପ୍ରକୃତରେ ବିଜେଡି ମୁଖପାତ୍ରମାନେ ପ୍ରତିଦିନ ଯେଉଁ ସାମ୍ବାଦିକ ସମ୍ମିଳନୀ କରୁଛନ୍ତି, ଏଥିପାଇଁ ତାଙ୍କୁ ନବୀନ କିମ୍ବା ତାଙ୍କ ଟିମ ନିର୍ଦ୍ଦେଶ ଦେଉଛନ୍ତି ନା ଏମାନେ ସବଜାନ୍ତା ପରି ମିଡିଆରେ ବାଇଟ ଦେଇ ବାହାଦୁରୀ ମାରୁଛନ୍ତି ତାହା ସ୍ପଷ୍ଟ ନୁହେଁ। କିନ୍ତୁ ଏପରି ଦିଶାହୀନ ସାମ୍ବାଦିକ ସମ୍ମିଳନୀ ଦ୍ୱାରା ବିଜେଡି ଅଧିକ ବଦନାମ ହେଉଛି। ଯେଉଁଠି ଦଳର ନେତାମାନେ ନବୀନଙ୍କ ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି, ସେଠି ଲେଲିନ କାହାକୁ ସୁରକ୍ଷା ଦେଉଛନ୍ତି। ସେଥିରେ ପୁଣି ନବୀନଙ୍କ ନିର୍ଦ୍ଦେଶକୁ ବେଖାତିର କରି ଅଶାଳୀନ ଶବ୍ଦ ବି ବ୍ୟବହାର କରୁଛନ୍ତି।

## ଓଡ଼ିଆ...

ସରକାର। ସେହିଭଳି ଶସ୍ତାରେ ପର୍ଯ୍ୟଟନସ୍ଥଳୀ ବୁଲିବା ପାଇଁ ଆରମ୍ଭ ହେବ ହେଲିଟାକ୍ସି ଯୋଜନା। ଭୁବନେଶ୍ୱରରୁ ପୁରୀ, କୋଣାର୍କ, ଚିଲିକା, ତାରାତାରିଣୀ ଓ ଗୋପାଳପୁର ଭଳି ପ୍ରମୁଖ ପର୍ଯ୍ୟଟନସ୍ଥଳକୁ ଅଳ୍ପ ଭଡ଼ାରେ ହେଲିକପ୍ଟରରେ ଉଡ଼ାଣ ଭରିପାରିବେ ପର୍ଯ୍ୟଟକ। ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କ ସମ୍ମିଳନୀରେ ଓଡ଼ିଶା ଏଭଳି ପ୍ରସ୍ତାବ ରଖିବା ସହ ରାଜ୍ୟ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଆଉ ପାଦେ ଆଗକୁ ବଢ଼ିଛି।ଭୁବନେଶ୍ୱର, ୨୫।୮ (ସଂଚାର ବ୍ୟୁରୋ): ଆଜି ଏଠାରେ ପୂର୍ବାଞ୍ଚଳ ବେସାମରିକ ବିମାନ ପରିବହନ ମନ୍ତ୍ରିସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟ ସରକାରଙ୍କ ପ୍ରମୁଖ ପ୍ରୟାସ ବି-ମାନ୍(ବିଲ୍ଡିଂ ଏଣ୍ଡ୍ ମ୍ୟାନେଜ୍‌ମେଣ୍ଟ୍ ଅଫ୍ ଆଭିଏସନ୍ ଆସେଟ୍ସ ଏଣ୍ଡ୍ ନେଟ୍‌ୱାର୍କ) ଅଧୀନରେ କ୍ୟାଡେଟ୍ ପାଇଲଟ୍ ପ୍ରୋଗ୍ରାମ୍ ଆରମ୍ଭ ହେବ ଏବଂ ଏଠାରେ ପ୍ରଶିକ୍ଷଣ ନେଇ ଆଦିବାସୀ ଝିଅମାନେ ପାଇଲଟ ହୋଇପାରିବେ ବୋଲି ଘୋଷଣା କରିଛନ୍ତି। ଏହି ଅବସରରେ ରାଜ୍ୟ ସରକାର ଆଜି ଦେଶର ପ୍ରମୁଖ ବିମାନ ଏମ୍‌ଆର୍‌ଓ (ମେଣ୍ଟେନାନ୍ସ, ରିପେୟାର୍ ଓ ଓଭରହଲ୍) ସେବାଦାତା ଏୟାର୍ ୱାର୍କ୍ସ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହା ଅନୁଯାୟୀ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର (ବିପିଆଇଏ)ରେ ଏକ ଆଧୁନିକ ଏମଆର୍‌ଓ ସୁବିଧା ସ୍ଥାପିତ ହେବ। ଏଥିସହ ରାଜ୍ୟର ଯୁବକମାନଙ୍କ ପାଇଁ ଦକ୍ଷତା ବିକାଶ, ପ୍ରଶିକ୍ଷଣ ଓ ଚାକିରି ସୁଯୋଗ ସୃଷ୍ଟି କରିବା ନିମନ୍ତେ ରାଜ୍ୟ ସରକାର ଏୟାର୍ ୱାର୍କ୍ସ ସହ ଏକ ଚୁକ୍ତି ମଧ୍ୟ ସ୍ୱାକ୍ଷର କରିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁରୀରେ ଏକ ବିଶ୍ୱସ୍ତରୀୟ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ହେଉଛି ଓ ଏହି ବିମାନବନ୍ଦର ସାରା ବିଶ୍ୱର କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ପାଇଁ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଦ୍ୱାରପଥ ହେବ। ଏଥିସହ ଝାରସୁଗୁଡା ବିମାନବନ୍ଦରର ବିସ୍ତାର ପାଇଁ ଜମି ବ୍ୟବସ୍ଥା କରାଯାଇଛି। ନୂଆ ସରକାର ଗଠନର ୧୪ ମାସ ମଧ୍ୟରେ ଓଡ଼ିଶାର ବିମାନବନ୍ଦରଗୁଡ଼ିକ ୧୫ଟି ନୂଆ ଗନ୍ତବ୍ୟ ସହ ଯୋଡ଼ିହୋଇଛି। ଆମର ଏହି ନୀତି ଓଡିଶାକୁ ଜାତୀୟ ଓ ଆନ୍ତର୍ଜାତୀୟ ବିମାନ ପରିବହନ ନେଟୱାର୍କ ସହ ଯୋଡ଼ିବାରେ ସଫଳ ହୋଇଛି। ଆମେ ଏହି କ୍ଷେତ୍ରରେ ଓଡ଼ିଶାକୁ ଆଗକୁ ନେବା ପାଇଁ ଭୂମିକା ସୃଷ୍ଟି ଓ କୌଶଳ ବିକାଶ ଉପରେ ମଧ୍ୟ ଜୋର ଦେଉଛୁ। ଏହି କ୍ରମରେ ଢେଙ୍କାନାଳ ଜିଲ୍ଲାର ବିରାଶାଳଠାରେ ଏକ ବିଶ୍ୱସ୍ତରୀୟ ବିମାନ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ହେବ। ଭୁବନେଶ୍ୱରରେ ରକ୍ଷଣାବେକ୍ଷଣ, ମରାମତି, ପୁନର୍ନିର୍ମାଣ କେନ୍ଦ୍ର ସ୍ଥାପନ କରୁଛୁ। ଏଥିସହ ରାଜ୍ୟର ବିମାନବନ୍ଦରଗୁଡ଼ିକ ପାଇଁ ସରକାର ଏକ ପ୍ରୋଗ୍ରେସିଭ୍ ଲ୍ୟାଣ୍ଡ ଆଲଟ୍‌ମେଣ୍ଟ୍ ପଲିସି ଆଣିବେ। ଏହା ଅନୁସାରେ ଆମ ବିମାନବନ୍ଦରମାନଙ୍କରେ ଫ୍ଲାଇଂ ପ୍ରଶିକ୍ଷଣ, ୟୁଏଭି ପ୍ରଶିକ୍ଷଣ ଓ ବିମାନ କ୍ରୀଡ଼ା କାର୍ଯ୍ୟକଳାପ ସମ୍ଭବପର ହୋଇପାରିବ। ବହୁସଂଖ୍ୟକ ଫ୍ଲାଇଂ ପ୍ରଶିକ୍ଷଣ ସଂସ୍ଥା ଆମ ବିମାନବନ୍ଦରମାନଙ୍କରେ ଏହି କାର୍ଯ୍ୟ କରିବେ। ସେହିପରି ରାଜ୍ୟରେ ଯେତେସବୁ ବ୍ୟବହାର ହେଉନଥିବା ବିମାନ ପଥ ରହିଛି, ସେଗୁଡ଼ିକୁ ସରକାର ବିମାନବନ୍ଦର ରୂପେ ବିକଶିତ କରୁଛନ୍ତି। ଏଭଳି ୧୪ଟି ବିମାନବନ୍ଦର ହେବ ଓ ଯେଉଁ ଜିଲ୍ଲାରେ ବିମାନବନ୍ଦର ନାହିଁ, ସେଠାରେ ସମୁଦାୟ ୧୫ଟି ହେଲିପୋର୍ଟ ସ୍ଥାପନ ଦିଗରେ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ସେ ପୁଣି କହିଛନ୍ତି ଯେ ଉଡାନ୍ ସ୍କିମ୍ ପରି ଟ୍ରାନ୍ସଫର୍ମେଟିଭ୍ ପଦକ୍ଷେପକୁ ପ୍ରେରଣା ଦେଇଛି, ଯାହା ଏଭିଏସନ୍‌କୁ ଡେମୋକ୍ରେଟାଇଜ୍ କରିବା ସହ ପୂର୍ବ ଭାରତ ପାଇଁ ନୂଆ ଦିଗ ଖୋଲିଛି। ଏଭିଏସନ୍ କେବଳ ବିମାନବନ୍ଦର ଓ ବିମାନସେବାରେ ସୀମିତ ନୁହେଁ, ଏହା ଆମ ଲୋକଙ୍କର ସ୍ୱପ୍ନକୁ ସୁଯୋଗ ସହ ଯୋଡିବ, ଆମର ଅର୍ଥନୀତିକୁ ସଶକ୍ତ କରିବ ଓ ବିକଶିତ ଭାରତ-୨୦୪୭ର ସ୍ୱପ୍ନକୁ ମଧ୍ୟ ସାକାର କରିବା ଦିଗରେ ଏକ ଅନନ୍ୟ ପ୍ରୟାସ। ପ୍ରଧାନମନ୍ତ୍ରୀଙ୍କର ଅବିରତ ପ୍ରୟାସ ୨୦୪୭ ମଧ୍ୟରେ ଏକ ବିକଶିତ ଭାରତ ଗଢ଼ିବା ପାଇଁ ଆମକୁ ସଦା ଉତ୍ସାହିତ କରୁଛି। ଆମେ ସମସ୍ତେ ମିଶି ଓଡ଼ିଶାର କନେକ୍ଟିଭିଟିକୁ ସୁଦୃଢ଼ କରିବା ସହ ଆମର ଲୋକମାନଙ୍କର ଆକାଂକ୍ଷାକୁ ସାକାର କରିବା ସକାଶେ ନିରନ୍ତର କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି କାର୍ଯ୍ୟକ୍ରମରେ ଯୋଗଦେଇ ବେସାମରିକ ବିମାନ ପରିବହନ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ 'ହାୱାଇ ଚପଲ୍ ପିନ୍ଧିଥିବା ଲୋକଙ୍କୁ ମଧ୍ୟ ଏବେ ଉଡ଼ାଜାହାଜରେ ଯିବା ସୁଯୋଗ ମିଳିବ'କୁ ସରକାର ସମ୍ପୂର୍ଣ୍ଣ ରୂପରେ କାର୍ଯ୍ୟକାରୀ କରିବା ସକାଶେ ସମସ୍ତ ପ୍ରୟାସକୁ କାର୍ଯ୍ୟକାରୀ କରାଯିବ। ଓଡ଼ିଶାର ବିମାନ ଚଳାଚଳ ଭିତ୍ତିଭୂମି ପାଇଁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଶ୍ରୀ କିଞ୍ଜାରାପୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଓଡ଼ିଶା ପର୍ଯ୍ୟଟନର ବିକାଶ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। କମ୍ ସମୟରେ, କମ୍ ଭଡ଼ାରେ ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ବୁଲିବେ ପର୍ଯ୍ୟଟକ। ଆଉ ତାହା ବି ପୁଣି ହେଲିକପ୍ଟରରେ। ସେହିଭଳି ଚିଲିକା ଓ ହୀରାକୁଦରେ ସି-ପ୍ଲେନ ଚଳାଇ ପର୍ଯ୍ୟଟକଙ୍କୁ ଓଡ଼ିଶାମୁହାଁ କରିବାକୁ ଅଣ୍ଟା ଭିଡ଼ିଛନ୍ତି ସରକାର। ଆସନ୍ତା ଅକ୍ଟୋବରରୁ ଚିଲିକା ଓ ହୀରାକୁଦରେ ଆରମ୍ଭ ହେବ ସି- ପ୍ଲେନ ସେବା। ଏଥିପାଇଁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ଲୋଡ଼ିଛନ୍ତି ରାଜ୍ୟ ସରକାର। ସେହିଭଳି ଶସ୍ତାରେ ପର୍ଯ୍ୟଟନସ୍ଥଳୀ ବୁଲିବା ପାଇଁ ଆରମ୍ଭ ହେବ ହେଲିଟାକ୍ସି ଯୋଜନା। ଭୁବନେଶ୍ୱରରୁ ପୁରୀ, କୋଣାର୍କ, ଚିଲିକା, ତାରାତାରିଣୀ ଓ ଗୋପାଳପୁର ଭଳି ପ୍ରମୁଖ ପର୍ଯ୍ୟଟନସ୍ଥଳକୁ ଅଳ୍ପ ଭଡ଼ାରେ ହେଲିକପ୍ଟରରେ ଉଡ଼ାଣ ଭରିପାରିବେ ପର୍ଯ୍ୟଟକ। ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କ ସମ୍ମିଳନୀରେ ଓଡ଼ିଶା ଏଭଳି ପ୍ରସ୍ତାବ ରଖିବା ସହ ରାଜ୍ୟ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଆଉ ପାଦେ ଆଗକୁ ବଢ଼ିଛି। ଏହି ଅବସରରେ କେନ୍ଦ୍ର ବେସାମରିକ ବିମାନ ପରିବହନ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହଲ, ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଛତିଶଗଡ଼ ଅର୍ଥମନ୍ତ୍ରୀ ଓମ ପ୍ରକାଶ ଚୌଧୁରୀ ପ୍ରମୁଖ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ବେସାମରିକ ବିମାନ ପରିବହନ ମନ୍ତ୍ରଣାଳୟର ସଚିବ ସମୀର ସିହ୍ନା ସ୍ୱାଗତ ଭାଷଣ ଦେଇଥିବା ବେଳେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ବିବରଣୀ ରଖିବା ସହ ଧନ୍ୟବାଦ ଦେଇଥିଲେ।

## ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲା; ଅଭିଯୁକ୍ତକୁ ଆଜୀବନ ଜେଲ

**ବ୍ରହ୍ମପୁର,୨୫।୮ (ସଂଚାର ବ୍ୟୁରୋ):** ପାଟପୁର ଥାନା ଅଞ୍ଚଳରେ ୫ ବର୍ଷର ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ୍ ପ୍ରଣତୀ ପଟ୍ଟନାୟକ ସମ୍ପୃକ୍ତ ଅଭିଯୁକ୍ତକୁ ଆଜୀବନ ଜେଲ ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ କାଳିଆ ନାହାକ ଓରଫ ଷଣ୍ଡ କାଳିଆ (୨୭) । ଅଭିଯୁକ୍ତ କାଳିଆ ନାହାକ ଗତ ଏପ୍ରେଲ ୨୫ ତାରିଖରେ ଗାଁ ଦାଣ୍ଡରେ ୫ବର୍ଷର ନାବାଳିକା ଜଣଙ୍କ ଖେଳୁଥିବା ବେଳ ଅପହରଣ କରି ନିକଟସ୍ଥ ପୁରୁଣା ଅଙ୍ଗନବାଡି କେନ୍ଦ୍ର ବାରଣ୍ଡାରେ ଦୁଷ୍କର୍ମ ପରେ ହତ୍ୟା କରି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ଘଟଣାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର ନିଜେ ଘଟଣାର ସୁପରଭିଜନ କରିଥିଲେ । ଅନ୍ୟପକ୍ଷରେ ତଦନ୍ତକାରୀ ଅଧିକାରୀ ଶୁଭଲକ୍ଷ୍ମୀ କଂହର ଓ ଚାର୍ଜସିଟ ଦାଖଲ କରିଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ଘଟଣାର ତନାଘନା କରି ଅଭିଯୁକ୍ତ କାଳିଆକୁ ଗିରଫ କରିବା ସହ ମୃତ ନାବାଳିକାଙ୍କ ପରିବାରଙ୍କୁ ନ୍ୟାୟ ଦେବା ପାଇଁ ଆବଶ୍ୟକ ପ୍ରମାଣ କୋର୍ଟରେ ଉପସ୍ଥାପନ କରିଥିଲେ। ସାକ୍ଷୀ ଓ ପୁଲିସର ଚାର୍ଜସିଟକୁ ଆଧାର କରି କୋର୍ଟ ଉପଯୁକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ ।

## ମୋବାଇଲ ଫୋନ୍ ଫେରାଇଲା ପୁଲିସ୍

● ଅଭିଯୋଗ ପାଇଁ ପୁଲିସର ଅନ୍‌ଲାଇନ ସେବା ଆରମ୍ଭ



**ବ୍ରହ୍ମପୁର,୨୫।୮ (ସଂଚାର ବ୍ୟୁରୋ):** ସ୍ଥାନୀୟ ସାଇବର ଥାନା ପୁଲିସ୍ ପକ୍ଷରୁ ହଜିଯାଇଥିବା ମୋବାଇଲ ଫୋନ୍ ଗୁଡିକୁ ଉଦ୍ଧାର କରାଯାଇ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଆଜି ବ୍ରହ୍ମପୁର ପୁଲିସ୍ ଜିଲ୍ଲା କାର୍ଯ୍ୟାଳୟ ଠାରେ ଉଦ୍ଧାର କରାଯାଇଥିବା ମୋବାଇଲ ଗୁଡ଼ିକୁ ବଣ୍ଟନ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନରେ ହଜିଯାଇଥିବା ଆଇ ଫୋନ୍ ସହ ଅନ୍ୟାନ୍ୟ କମ୍ପାନୀର ୫୧ଟି ମୋବାଇଲ ଫୋନ୍‌କୁ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ୍ ଏମ୍ ଅସଲ ମାଲିକଙ୍କୁ ପ୍ରଦାନ କରିଥିଲେ। ସେହିପରି ହଜିଯାଇଥିବା ମୋବାଇଲ ସମ୍ପର୍କରେ ଅଭିଯୋଗକାରୀଙ୍କ ସୁବିଧାକୁ ଦୃଷ୍ଟରେ ରଖି ବ୍ରହ୍ମପୁର ସାଇବର ସେଲ୍ ଓ ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଅନଲାଇନ ସେବା ପ୍ରଦାନ କରାଯାଇଛି। ଏଣିକି ପୁଲିସ୍ ଷ୍ଟେସନ ଯିବା ବଦଳରେ ଲୋକେ ହ୍ୱାଟ୍ସଆପ ଓ ଇ-ମେଲ୍ ଜରିଆରେ ଅଭିଯୋଗ କରିପାରିବେ। ଅଭିଯୋଗ ଦାଖଲ କରିବା ପାଇଁ ଜାରି ହ୍ୱାଟ୍ସଆପ୍ ନମ୍ବର ୮୯୫୦୮୩୮୭୩ ଏବଂ ଇ-ମେଲ୍ missingmobile.cyber@odishapolice.gov.in ଆଜିଠାରୁ କାର୍ଯ୍ୟକ୍ଷମ ହୋଇଛି।

## ଜମି ଜାଲିଆତି ମାମଲାରେ ୩ ଗିରଫ



**ଛତ୍ରପୁର,୨୫।୮ (ସଂଚାର ବ୍ୟୁରୋ):** ଗଞ୍ଜାମ ପୁଲିସ ଏକ ଜମି ଜାଲିଆତି ଓ ବିକ୍ରି ମାମଲାର ପର୍ଦ୍ଦାଫାଶ କରିଛି। ପୁଲିସ ପ୍ରାଥମିକ ତଦନ୍ତରେ ମନୋଜ କୁମାର ଗୌଡ଼ (୩୦), ଦିଲୀପ୍ ମାଳି (୫୧) ଓ ଦଣ୍ଡପାଣି ବେହେରା (୭୮)ଙ୍କୁ ଗିରଫ କରି କୋର୍ଟକୁ ଚାଲାଣ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କଠାରୁ ନକଲି ଆଧାର କାର୍ଡ ଓ ବ୍ୟାଙ୍କ ପାସବୁକ ଜବତ କରାଯାଇଛି। ପୁଲିସ ଅନୁସାରେ, ଗିରଫ ହୋଇଥିବା ମଧ୍ୟରେ ଜଣେ ନକଲି ମାଲିକ ସହ ଦୁଇଜଣ ଦଲାଲ ରହିଛନ୍ତି, ଯେଉଁମାନେ ମୃତ୍ୟୁ ଲୋକଙ୍କୁ ଜୀବିତ ପରିଚୟ ଦେଇ ଜମି ବିକ୍ରି କରିଥିଲେ। ରିପୋର୍ଟ ଅନୁସାରେ, ଦଣ୍ଡପାଣି ବେହେରା ୨୦୦୪ରେ ମୃତ୍ୟୁବରଣ କରିଥିଲେ। ମୃତ ବ୍ୟକ୍ତିଙ୍କ ନାମରେ ମଲାଡ଼ ପଞ୍ଚାୟତରେ ୨ ଏକର ୬୪୨ ଡେସିମେଲ ଜମି ଥିଲା। ଜମି ମାଲିକଙ୍କ ମୃତ୍ୟୁ ପରେ ପରିବାର ପ୍ରାୟ ସଦସ୍ୟମାନେ ବାହାରେ ସ୍ଥାୟୀ ଭାବରେ ଥିବାରୁ ସେହି ଜମିକୁ ପ୍ରାୟ ସମୟ ଆସୁନଥିଲେ। ଏହି ସୁଯୋଗର ଲାଭ ନେଇ, କିଛି ଦଲାଲ ମିଶି ନକଲି ଭାବରେ ଜମି ବିକ୍ରି କରିଥିଲେ। ୨୦ ଅଗଷ୍ଟ ୨୦୦୫ରେ ମାନସ ବେହେରା ଗଞ୍ଜାମ ଥାନାରେ ଏନେଇ ଅଭିଯୋଗ କରିଥିଲେ, ଯାହା ଆଧାରରେ କେସ୍ ନଂ. ୨୭୦/୨୦୨୫ରେ ମାମଲା ରୁଜୁ ହୋଇଥିଲା।

ଚୁପ ବସିଛି ପୁଲିସ ଓ ଅବକାରୀ ବିଭାଗ

# ବଢୁଛି ମଦୁଆଙ୍କ ଉତ୍ପାତ

ଚିନ୍ତା ବଢ଼ାଉଛି ତ୍ରିଭୁଜାକୃତି ରାସ୍ତା ପାର୍ଶ୍ୱ ମଦ ଦୋକାନ

ସନ୍ଧ୍ୟା ହେଲେ ନିଘୋଡ଼ ନିଦ୍ରାରେ ପୁଲିସ, ଗଡୁନି ପାଟ୍ରୋଲିଂ ଗାଡ଼ି



**କାକଟପୁର/ଅସ୍ତରଙ୍ଗ,୨୫।୮ (ସଂଚାର ବ୍ୟୁରୋ):** ରାତି ବଢ଼ିଲେ ତାତି ବଢୁଛି। ତ୍ରିଭୁଜାକୃତି ମଦ ଦୋକାନ ସାମ୍ନାରେ ସନ୍ଧ୍ୟା ହେଲେ ଭିଡ଼ ଜମୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ରାସ୍ତା ପାର୍ଶ୍ୱରେ ସନ୍ଧ୍ୟା ହେଲେ ଜମୁଛି ମଦୁଆଙ୍କ ଆସର। ମୁଖ୍ୟ ରାସ୍ତା ସମେତ ଆଖପାଖରେ ଥିବା ଫାଷ୍ଟ ଫୁଡ ଦୋକାନରେ ମଦୁଆଙ୍କ ଆଡ୍ଡା ଜମୁଛି। ମଦ ଓ ଚାଖଣା ଧରି ଉତ୍ପାତ କରୁଛନ୍ତି ମଦୁଆ। ଅବକାରୀ ବିଭାଗ ଓ ପୁଲିସ ସବୁ ଜାଣି ଚୁପ ବସିଛି।

ସୂଚନାରୁ ପ୍ରକାଶ, ଅସ୍ତରଙ୍ଗରୁ କାକଟପୁର ମୁଖ୍ୟ ରାସ୍ତା ହେଉଛି ଜନଗହଳି ପୂର୍ଣ୍ଣ। ଏହି ରାସ୍ତା ପାର୍ଶ୍ୱରେ ତ୍ରିଭୁଜାକୃତି ମଦ ଦୋକାନ ଥିବା ବେଳେ ଜନବସତି ସହିତ ଶିକ୍ଷାନୁଷ୍ଠାନ, ହସ୍ପିଟାଲ ଓ ମନ୍ଦିର ରହିଛି। ଏହା ସତ୍ତ୍ୱେ ରାସ୍ତା ପାର୍ଶ୍ୱରେ ୩ଟି ସରକାରୀ ମଦ ଦୋକାନ ସହିତ କିଛି ମାତ୍ରାରେ ବେଆଇନ ଚୋରା ମଦ ଦୋକାନ ରହିଛି। କିନ୍ତୁ ନିୟମକୁ ଖୁଲମ୍ ଖୁଲ୍ଲା ଉଲ୍ଲଘନ କରୁଛନ୍ତି ମଦ ଦୋକାନୀ ମାଲିକ। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ ଦୋକାନ ଖୋଲା ରହୁଥିବା ବେଳେ ଅସ୍ତରଙ୍ଗ ପୁଲିସ ସବୁ ଜାଣି ନିରବଦ୍ରଷ୍ଟା ପାଲଟିଛି। ରାତି ସାରା ମଦୁଆମାନେ ହାତରେ ବୋତଲ ଧରି ଉତ୍ପାତ କରୁଛନ୍ତି। ଆଉ ମଦ ବୋତଲକୁ ରାସ୍ତାରେ ଭାଙ୍ଗି ଫୋପାଡୁଛନ୍ତି। ସେହି କାଚକୁ ମାଡି ପଥଚାରୀମାନେ ରକ୍ତାକ୍ତ ହେଉଛନ୍ତି। ମଧ୍ୟାହ୍ନ ସମୟରେ ନିଶାଡୀ ରାସ୍ତା ବୁଲୁଥିବା ନଜିର ରହିଥିବା ବେଳେ ଏଥିରେ ବେଶୀ ଅସୁବିଧା ହେଉଛନ୍ତି ମହିଳା ଓ ସ୍କୁଲ କଲେଜ ଛାତ୍ରଛାତ୍ରୀ। ସେମାନେ ଏହି ରାସ୍ତାରେ ଯିବା ପାଇଁ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ଯାହା ଫଳରେ ଦିନକୁ ଦିନ ଏହି ଅଂଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି। ସ୍ଥାନୀୟ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଅସ୍ତରଙ୍ଗ ପୁଲିସ ସେମିତି କିଛି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ନୂଆ ଥାନା ଅଧିକାରୀ ଯୋଗଦେବା ପରେ କୌଣସି ଦିନ ପାଟ୍ରୋଲିଂ ହୋଇନାହିଁ କି ବଜାର ଭିଡ଼ ପାଇଁ ପଦକ୍ଷେପ ଗ୍ରହଣ କରିନାହାନ୍ତି, ଯାହା ପୂର୍ବରୁ ଥିଲା ସେମିତି। ଯାହାକି ପୁଲିସ ଉପରେ ସାଧାରଣ ଲୋକଙ୍କ ଆଶା ତୁଟିଲାଣି।ଏ ନେଇ ନିମାପଡା ଉପଖଣ୍ଡ ଅଧିକାରୀ କହିଛନ୍ତି ପାଟ୍ରୋଲିଂ କରାଯିବ ସେଥିପ୍ରତି ଯତ୍ନବାନ ହେବୁ। ଦରକାର ପଡିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।

## ଗଣେଶ ପୂଜା ପାଇଁ ବିଭିନ୍ନ ପୂଜାମଣ୍ଡପ ଉତ୍ସବ ମୁଖର

**ସାଲେପୁର,୨୫।୮ (ସଂଚାର ବ୍ୟୁରୋ):** ପ୍ରଥମ ପୂଜ୍ୟ ପ୍ରଭୁ ଗଜାନନଙ୍କ ପୂଜା ପାଇଁ ସାଲେପୁର ଅଞ୍ଚଳର ବିଭିନ୍ନ ସ୍କୁଲ, କଲେଜ ଓ ବିଭିନ୍ନ କ୍ଲବ୍ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରୋଧପୁର ଶାରଳା କ୍ଲବ୍ ପକ୍ଷରୁ ପୂଜା ମଣ୍ଡପକୁ ବିଭିନ୍ନ ଆଲୋକମାଳାରେ ସୁସଜ୍ଜିତ କରିବା ସହ ପ୍ରଭୁ ଗଣେଶଙ୍କ ପ୍ରତିମା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସେହିପରି ସାହେଶ୍ୱରୀ କ୍ଲବ୍, ଇଲେଭେନ୍ ଷ୍ଟାରକ୍ଲବ୍, ମହାବୀର କ୍ଲବ୍ ଲୁଣାହାର, ଚିତ୍ରେଶ୍ୱରୀ କ୍ଲବ୍ ଚନ୍ଦ୍ରାଦେଇପୁର, ଅରବିନ୍ଦ ମାର୍ଗ ପୂଜା କମିଟି, ମା'ମଙ୍ଗଳା କ୍ଲବ୍, ଜୀବନଜ୍ୟୋତି କ୍ଲବ୍, ସଂଗ୍ରାମ କ୍ଲବ୍, ସତ୍ୟନାରାୟଣ କ୍ଲବ୍ ସମେତ ବିଭିନ୍ନ ପୂଜା କମିଟି ପକ୍ଷରୁ ଗଜାନନଙ୍କ ପୂଜା ପାଇଁ ପ୍ରସ୍ତୁତି କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ମଣ୍ଡପଗୁଡ଼ିକୁ ଆଧୁନିକ ସାଜସଜ୍ଜାରେ ସଜ୍ଜିତ କରାଯାଇଥିବାବେଳେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆୟୋଜନ କରାଯାଇଛି। ସେହିପରି ଭସାଣୀ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ ସହ ପାରମ୍ପରିକ ବାଦ୍ୟ ଉପରେ ସମସ୍ତ ପୂଜା କମିଟି ଗୁରୁତ୍ୱ ଦେଉଥିବା ଜଣାଯାଇଛି।

## କାମ କଲାନି ପୂର୍ତ୍ତ ବିଭାଗ, ରାସ୍ତା ମରାମତି କଲେ ଯୁବପରିଷଦ ସଦସ୍ୟ

**ଗୋପ,୨୫।୮ (ସଂଚାର ବ୍ୟୁରୋ):** କୋଣାର୍କ ଏକ ବିଶ୍ୱ ପର୍ଯ୍ୟଟନ ସ୍ଥଳୀ ଗୋପ ମୁଖ୍ୟ ରାସ୍ତା ଦେଇ ହଜାର ହଜାର ପର୍ଯ୍ୟଟକ ପ୍ରତ୍ୟକ ଦିନ କୋଣାର୍କ ପୁରୀ ଯାତାୟାତ କରିଥାନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଗୋପ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତାଟି ଏବେ ମରଣାଯନ୍ତା ପାଲଟିଛି। ଗୋପ ବଜାର ଠାରୁ ଚାରିଛକ ରାସ୍ତା, କୋଣାର୍କ ରାସ୍ତା ଏବଂ ବାଲିଘାଇ ମୁଖ୍ୟରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗାତ ଥିବାରୁ ପର୍ଯ୍ୟଟମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଗୋପ ବଜାର ଛକ ଠାରେ ରାସ୍ତା ମଝିରେ ବିରାଟ ବିରାଟ ଗାତ ସୃଷ୍ଟି ହୋଇଥିବାରୁ ଲୋକମାନେ ଦୁର୍ଘଟଣାରେ ଆହତ ହେଉଥିବାର ଅଭିଯୋଗ ହେଉଛି।



କିଛି ମାସ ତଳେ କୋଟି କୋଟି ଟଙ୍କା ଅର୍ଥବ୍ୟୟରେ ଗୋପ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଗୋପ କୋଣାର୍କ ରାସ୍ତା କାର୍ଯ୍ୟ ହୋଇଥିଲା କିନ୍ତୁ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଏବେ ଅବସ୍ଥା ଶୋଚନୀୟ ହୋଇପଡିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଗୋପ ବଜାରରେ ଥିବା ଡ୍ରେନେଜ ଯାମ ହୋଇଯିବାରୁ ରାସ୍ତାରେ ବର୍ଷା ପାଣି ଜମି ରହି ସ୍ଥାନେ ସ୍ଥାନେ ବିରାଟ ବିରାଟ ଖାଲ ଖମାର ସୃଷ୍ଟି ହୋଇଛି। ଫଳରେ ପୁରୀ କୋଣାର୍କ ଯାଉଥିବା ଏବଂ ଫେରୁଥିବା ପର୍ଯ୍ୟଟକଙ୍କ ଗାଡି ଏହି ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ସମ୍ପର୍କରେ ଗୋପ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କିଛି ସୁଫଳ ନମିଳାଇବାରୁ ଆଜି କୁସୁପୁର ଯୁବପରିଷଦ ସଦସ୍ୟମାନେ ନିଜ ଖର୍ଚ୍ଚରେ ରାସ୍ତା କାର୍ଯ୍ୟ କରିଛନ୍ତି। ମୁଖ୍ୟରାସ୍ତାର ବିଭିନ୍ନ ସ୍ଥାନରେ ହୋଇଥିବା ବଡ଼ ବଡ଼ ଖାଲକୁ ମେଣ୍ଟାଲ ଏବଂ ବଜୁରୀ ପକାଇ ସମାନ କରିଛନ୍ତି। କୁସୁପୁର ଯୁବ ପରିଷଦର ଏପରି କାର୍ଯ୍ୟକୁ ଗୋପ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ନିଲମ୍ବିତ ଥାନା ଅଧିକାରୀ ରହୁଥିବା ଭଡ଼ାଘରେ ସ୍ୱତନ୍ତ୍ର ଟିମ୍‌ର ତଦାରଖ



**କାକଟପୁର/ଅସ୍ତରଙ୍ଗ,୨୫।୮ (ସଂଚାର ବ୍ୟୁରୋ):** ପୂର୍ବତନ ଥାନା ଅଧିକାରୀ ରାଜେଶ ବଳିୟାର ସିଂ ଅସ୍ତରଙ୍ଗରେ ରହୁଥିବା ଭଡାଘର ମାଲିକଙ୍କୁ ତଦନ୍ତକାରୀ ଟିମ୍‌ର ପଚରା ଉଚରା। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଏକ ଗଂଜେଇ ଚୋରା ଚାଲାଣ ମାମଲାରେ ସମ୍ପୃକ୍ତି ଅବା ମାଫିଆଙ୍କ ସହିତ ଲିଙ୍କ ଥିବା ପଦାକୁ ଆସିଛି। ଯାହାକି ଖାକିରେ ଦାଗ ଲାଗିଛି। ଅଭିଯୋଗର ଫର୍ଦ କ୍ରମଶଃ ବୃଦ୍ଧି ପାଉଥିବା ବେଳେ ନିଜ ପଦପଦବୀର ଅପବ୍ୟବହାର ପାଇଁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ରାଜେଶ ବଳିୟାର ସିଂଙ୍କୁ ନିଲମ୍ବନ କରିଛନ୍ତି। ସୋମବାର ଅପରାହ୍ନରେ ଭୁବନେଶ୍ୱରରୁ ଜଣେ ଅଧିକାରୀଙ୍କ ସହ ଆଉ ଦୁଇ ଅଧିକାରୀ ସମେତ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ରହୁଥିବା ଅସ୍ତରଙ୍ଗ ଭଡା ଘରେ ପହଂଚି ଘର ମାଲିକଙ୍କୁ ପଚରା ଉଚରା କରିଥିଲେ। ଏହା ସହ ଏହି ଭଡାଘରକୁ ବିଭିନ୍ନ ସମୟରେ ବିଭିନ୍ନ କାର ଚଳପ୍ରଚଳ ହେଉଥିବା ବେଳେ ଭଡାଘର ସହ ଏ ଘଟଣାକୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ସାଧାରଣରେ ଦାବୀ ହୋଇଛି।

## ଚଳିତବର୍ଷ ପୂଜା କମିଟିଙ୍କୁ ମିଳିବ 'ଶ୍ରୀ ଗଣେଶ' ସମ୍ମାନ

**ବାଲିଅନ୍ତା,୨୫।୮ (ସଂଚାର ବ୍ୟୁରୋ):** ପାର୍ବଣରତୁର ଆଗମନରେ ଗାଁ ଠାରୁ ସହର ପର୍ଯ୍ୟନ୍ତ ଚଳଚଞ୍ଚଳ । ଆଉ ଦିନକ ପରେ ଧରାପୃଷ୍ଠକୁ ଆସିବେ ବିଘ୍ନବିନାଶକ ଶ୍ରୀ ଗଣେଶ । ଏହି ପରିପ୍ରେକ୍ଷୀରେ ଏକ ନୂତନ ଚିନ୍ତାଧାରା ନେଇ ଶାନ୍ତିସ୍ତୁପ ପ୍ରିଣ୍ଟ ମେଡ଼ିଆ, ଗ୍ରିନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଓ ଉତ୍କଳ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ବାଲିଅନ୍ତା ବ୍ଲକର ବିଭିନ୍ନ ଅଞ୍ଚଳରେ ହୋଇଥିବା ପୂଜାକମିଟିକୁ ଶ୍ରୀ ଗଣେଶ ସମ୍ମାନରେ ସମ୍ମାନିତ କରାଯିବ । ସୁନ୍ଦର ମୂର୍ତ୍ତି, ସାଜସଜା, ପରିଷ୍କାର ପରିଚ୍ଛନ୍ନତା, ଶାନ୍ତିଶୃଙ୍ଖଳା ଏବଂ ସମାଜକୁ ଦେଉଥିବା ଉତ୍ତମ ବାର୍ତ୍ତାଭିତ୍ତିକ ଏହି ପାଞ୍ଚଟି ଦିଗକୁ ଲକ୍ଷ କରି ସମ୍ପୃକ୍ତ ପୂଜାକମିଟିକୁ ସମ୍ମାନିତ କରାଯିବ ବୋଲି ଆଜି ଚଢେଇବର ସ୍ଥିତ ମା' ବୁଢ଼ୀ ଠାକୁରାଣୀଙ୍କ ପ୍ରାଙ୍ଗଣରେ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ସେହିପରି ଆସନ୍ତା ୨୭ ତାରିଖରୁ ଅଞ୍ଚଳର ମୂର୍ତ୍ତିକାର, ଚିତ୍ରଶିଳ୍ପୀ ମାନେ ଆୟୋଜକଙ୍କ ସହ ଏକ ସ୍ୱତନ୍ତ୍ର ଦଳ ବ୍ଲକର ଅଞ୍ଚଳରେ ଥିବା ବିଭିନ୍ନ ପୂଜାକମିଟି ପରିଦର୍ଶନ କରିବେ । ଏଥିରେ ପ୍ରଥମ ୫ ଗୋଟି ପୂଜାକମିଟିକୁ ଶ୍ରୀ ଗଣେଶ ସମ୍ମାନରେ ସମ୍ମାନିତ କରାଯିବ । ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ପୂଜାକମିଟିକୁ ଯଥାକ୍ରମେ ୫ ହଜାର, ୩ ହଜାର, ୨ ହଜାର, ୧୫୦୦ ଏବଂ ୧ ହଜାର ଟଙ୍କା ପୁରସ୍କୃତ କରାଯିବ । ଆଜିର ସାମ୍ବାଦିକ ସମ୍ମିଳନୀରେ ଶାନ୍ତିସ୍ତୁପର ସମ୍ପାଦକ ରଞ୍ଜନ ମହାପାତ୍ର, ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷ ଦୀନବନ୍ଧୁ ଭୋଇ, ଉତ୍କଳ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ଗୋବିନ୍ଦ ବେହେରା, ମନୋଜ ବେହେରା, ସରୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ପରିଆ ପାଟପୁରରେ ମେଗା ସ୍ୱାସ୍ଥ୍ୟ ଶିବିର



**ବାଲିଅନ୍ତା,୨୫।୮ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ପରିଆପାଟପୁର ଗ୍ରାମରେ ଶାଳିନୀ ଫାଉଣ୍ଡେଶନ୍ ଓ ମା ବାସେଳୀ ଗ୍ରାମ୍ୟ କମିଟି ମିଳିତ ଉଦ୍ୟମରେ ଆଜି ଏକ ବିଶାଳ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ଉଦଘାଟନ କରିଥିଲେ ପ୍ରସିଦ୍ଧ ଏମ୍.ଡି. ଗାଷ୍ଟ୍ରୋଏଣ୍ଟୋଲୋଜିଷ୍ଟ ଓ ସ୍ଥାପକ ଡା. ସଞ୍ଜୀବ କର ଓ ଆଇଆଇଜିଏଚ ହସ୍ପିଟାଲ୍, କଟକର ମ୍ୟାନେଜିଂ ଡାଇରେକ୍ଟର ସ୍ୱାତି ଦାସ। ସିଲଭର ସିଟି ହସ୍ପିଟାଲ୍, କଟକର ଡା. ପ୍ରମୋଦ କୁମାର ସାହୁ, ଡା. ସରଦା ପ୍ରସାଦ ବେହେରା ଓ ଡା. ମନ୍ଦାକିନୀ ସେଠୀ ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୋଟ ୧୫ ଜଣ ବିଶିଷ୍ଟ ଡାକ୍ତର ଓ ୨୦ ଜଣ ସହାୟକ କର୍ମଚାରୀଙ୍କ ସହଯୋଗରେ ୨୦୦ରୁ ଅଧିକ ଗ୍ରାମବାସୀଙ୍କର ହୃଦରୋଗ, ଯକୃତ୍, ଚକ୍ଷୁ, ଡାଏବେଟିସ୍, ରକ୍ତଚାପ ଓ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା ଏବଂ ପରାମର୍ଶ ସହିତ ଔଷଧ ଯୋଗାଣ କରାଯାଇଥିଲା। ମା' ବାସେଳୀ ମନ୍ଦିର ପ୍ରାଙ୍ଗଣରେ ଶାଳିନୀ ଫାଉଣ୍ଡେଶନ୍‌ର ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିଲ । ଏଥିରେ ୧୦୦ରୁ ଅଧିକ ଚାରା ରୋପଣ କରାଯାଇଥିଲା।

## ବିଦେଶୀ ମଦ ଜବତ, ଜଣେ ଗିରଫ



**କାକଟପୁର/ଅସ୍ତରଙ୍ଗ,୨୫।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ନିମାପଡା ଅବକାରୀ ବିଭାଗ ପକ୍ଷରୁ ବିଦେଶୀ ମଦ ଜବତ କରିବା ସହ ଜଣକୁ ଗିରଫ କରିଛନ୍ତି। ଗିରଫ ବ୍ୟକ୍ତିଙ୍କ ନାମ ଅରକ୍ଷିତ ନାୟକ (୫୦) । ତାଙ୍କ ଠାରୁ ୬ଲିଟର ୫୦୦ମିଲି ବିଦେଶୀ ମଦ ମିଳିଥିଲା। ଅବକାରୀ ଥାନା କେଶ ନମ୍ବର ୪୭/୨୫, ୨୬ରେ ତାଙ୍କ ନାମରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉ ରେ ନିମାପଡା ଅବକାରୀ ନିରୀକ୍ଷକ ପ୍ରଭାକର ସେଠୀ,ଅବକାରୀ ଥାନା କର୍ମଚାରୀ ତପନ ପ୍ରଧାନ, ଏସ କେ ୱାରୀଶ, ସବିତା ସାହୁ ପ୍ରମୁଖ ସାମିଲ ଥିଲେ। ମଦ ବ୍ୟବସାୟୀ ରଖୁଥିବା ବିଭିନ୍ନ ସ୍ଥାନ ଖୋଜିବା ପରେ ଅଧିକ କିଛି ମଦ ମିଳିନଥିଲା।

ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

## ସଠିକ ସମୟରେ କାର୍ଯ୍ୟାଳୟକୁ ଆସନ୍ତୁ, ନଚେତ ଦୃଢ଼ କାର୍ଯ୍ୟାନୁଷ୍ଠାନ



**କାକଟପୁର/ଅସ୍ତରଙ୍ଗ,୨୫।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ଅକ୍ଷୟ କୁମାର ଶତପଥୀ ସୋମବାର ପୂର୍ବାହ୍ନ ସମୟରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଫେରିଛନ୍ତି। ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ ସମୟରେ ଭିତ୍ତିଭୂମି ତଦାରଖ କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ଆଉଟ ଡୋର, ବିଭିନ୍ନ ୱାର୍ଡ ପରିଦର୍ଶନ କରି ରୋଗୀ ମାନଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝି ଥିଲେ। ଏମିତିକି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପରିଦର୍ଶନ ସମୟରେ ଦେଖିଥିଲେ ଜଣେ ଡକ୍ଟର ମୋବାଇଲି ଫୋନ୍ ଚଲାଉଥିବାରୁ ତାଙ୍କୁ ତାଗିଦ କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ପରୀକ୍ଷାଗାର, ନିରାମୟ କେନ୍ଦ୍ର, ମେଡିକାଲ ପରିସରରେ ଥିବା ଗୃହ ପରିଦର୍ଶନ କରିଥିଲେ। ଏହା ଶହ କର୍ମଚାରୀମାନେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଠିକ ସମୟରେ ଆସୁ ନଥିବାରୁ କର୍ମଚାରୀଙ୍କୁ ତାଗିଦ କରିବା ସହ ସମୟାନୁବର୍ତ୍ତିତା ହୁଅନ୍ତୁ, ନଚେତ ଆଗାମୀ ସମୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେବା ସହ ଯେଉଁ ମାନେ ସଠିକ ସମୟରେ ସୋମବାର ଆସି ନଥିଲେ ଉପସ୍ଥାନ ରେ ଅନୁପସ୍ଥିତ ପକାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## "ସଣ୍ଡେ ଅନ୍ ସାଇକଲ"- ଫିଟ୍ ଇଣ୍ଡିଆ ମିଶନ ସଚେତନତା କାର୍ଯ୍ୟକ୍ରମ

**ଛତ୍ରପୁର,୨୫।୮ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟବସ୍ଥା, ଫିଟନେସ ଓ ସୁସ୍ଥ ଜୀବନ ଶୈଳୀ ପ୍ରତି ସଚେତନତା ବୃଦ୍ଧି ପାଇଁ ଛତ୍ରପୁର ଅଷ୍ଟମ ବାଟାଲିୟନ ପକ୍ଷରୁ "ସଣ୍ଡେ ଅନ ସାଇକଲ" କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଅଷ୍ଟମ ବାଟାଲିୟନ କମାଣ୍ଡେଣ୍ଟ ସାରଦା ପ୍ରସାଦ ଦାସଙ୍କ ନେତୃତ୍ୱରେ ସିପାହୀ ଓ ହାବିଲଦାରମାନେ ବାଟାଲିୟନ ପରିସରରୁ ବାଟାଲିୟନ ପରିସରରୁ ଜାତୀୟ ରାସ୍ତା ପର୍ଯ୍ୟନ୍ତ ବୃହତ ସାଇକଲ ଯାତ୍ରା କରି ଲୋକମାନଙ୍କୁ ସୁସ୍ଥ ଜୀବନ ଓ ଦୈନିକ ଅଭ୍ୟାସର ଗୁରୁତ୍ୱ ବିଷୟରେ ସଚେତନ କରିଛନ୍ତି। ପ୍ରତିଦିନ ଅଧା ଘଣ୍ଟା ଶାରୀରିକ କାର୍ଯ୍ୟକଳାପ କରିବା ପ୍ରତିଜ୍ଞା କରିବା, ସ୍ୱାସ୍ଥ୍ୟ ଓ ଫିଟନେସ ସଚେତନତା ବୃଦ୍ଧି କରିବା ଏବଂ ସମାଜରେ ସକ୍ରିୟ ଫିଟନେସ ସଂସ୍କୃତି ସ୍ଥାପନ କରିବା ପାଇଁ ସଚେତନତା କରାଯାଇଛି। ସିପାହୀ ଓ ହାବିଲଦାର ଏଥିରେ ସକ୍ରିୟ ଭାଗ ନେଇ ସ୍ଥାନୀୟ ନାଗରିକଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମ ସାରା ଦେଶରେ ସୁସ୍ଥ ଜୀବନଶୈଳୀ ପ୍ରଚାରରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ହିସାବରେ ପରିଗଣିତ ହେଉଛି।




## ପାଚିକା ସଂଘ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ

**ନାଉଗାଁ,୨୫।୮ (ସଂଚାର ବ୍ୟୁରୋ):** ଏଆଇୟୁଟିୟୁସି ସହବନ୍ଧିତ ନାଉଗାଁ ବ୍ଲକ ପାଚିକା ସଂଘ ପକ୍ଷରୁ ୭ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀ ଉମେଶ ରାଉତଙ୍କୁ ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ରହିଛି ଛାତ୍ରଛାତ୍ରୀ ଅନୁସାରେ ସରକାରୀ ନ୍ୟିମାନୁଯାୟୀ ପାଚିକା ନିଯୁକ୍ତି କରାଯାଉ। ନୂତନ ପାଚିକା, ସହାୟିକା ନିଯୁକ୍ତି ସମୟରେ ପୂର୍ବରୁ କାର୍ଯ୍ୟ କରୁଥିବା କିମ୍ବା ବିଦ୍ୟାଳୟ ମିଶ୍ରଣ ହେତୁ ବାଦ ପଡ଼ିଥିବା ପାଚିକାଙ୍କୁ ଅଗ୍ରାଧିକାର ପ୍ରଦାନ, ନିୟମିତ ପାରିଶ୍ରମିକ ପ୍ରଦାନ, ଅଧିକ କାର୍ଯ୍ୟ ପାଇଁ ଅଧିକ ପାରିଶ୍ରମିକ ପ୍ରଦାନ, ଉପଯୁକ୍ତ ପାରିଶ୍ରମିକ ସହ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ମାନ୍ୟତା ପ୍ରଦାନ, ପୋଷାକ ପ୍ରଦାନ ଆଦି ଦାବି ରହିଛି। ଏହି ଦାବିପତ୍ରକୁ ଅନ୍ନପୂର୍ଣ୍ଣା ବିଶ୍ୱାଳ, ସୁରମା ବେହେରା, ପ୍ରତିମା ମହାନ୍ତି ଆଦି ପ୍ରଦାନ କରିଥିଲେ। ପାଚିକାଙ୍କ ସମସ୍ୟା ବିଷୟରେ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ରାଉତ ମତବ୍ୟକ୍ତ କରିଛନ୍ତି।




## ଜମିପଟ୍ଟା ଦାବିରେ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ

**ନାଉଗାଁ,୨୫।୮ (ସଂଚାର ବ୍ୟୁରୋ):**ଭୂମିହୀନ ସ୍ୱାର୍ଥ ସୁରକ୍ଷା ସଂଗ୍ରାମ କମିଟି ପକ୍ଷରୁ ଭୂମିହୀନମାନଙ୍କୁ ଜମିପଟ୍ଟା ପ୍ରଦାନ ଦାବିରେ ଏକ ସ୍ମାରକପତ୍ର ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲଦାର ଅକ୍ଷୟ କୁମାର ବଡୁଙ୍କୁ ସୋମବାର ପ୍ରଦାନ କରାଯାଇଛି। ଉକ୍ତ ତହସିଲ ଅଧିନରେ ଥିବା ବିଭିନ୍ନ ଗ୍ରାମରୁ ୩୦ରୁ ଉର୍ଦ୍ଧ୍ୱ ଭୂମିହୀନ ଜମିପଟ୍ଟା ପାଇଁ ଦୀର୍ଘଦିନ ହେବ ଆବେଦନ କରିଥିଲେ ମଧ ତାଙ୍କୁ ଏଯାବତ୍ ପଟ୍ଟା ପ୍ରଦାନ କରାଯାଇନାହିଁ। ତେଣୁ ଯଥା ଶୀଘ୍ର ଆବେଦନକାରୀଙ୍କୁ ପଟ୍ଟା ପ୍ରଦାନ ପାଇଁ କମିଟିର ସଭାପତି ସୁବାସ ସ୍ୱାଇଁଙ୍କ ନେତୃତ୍ୱରେ କମିଟିର ସଦସ୍ୟ ମନୋଜ କାଣ୍ଡି, ମକର ମୁଦୁଲି, ରେକେଶ ଦାସ, କପିଳ କାଣ୍ଡି, ଛବିନ୍ଦ୍ର ଭୋଇ, ଗୋବିନ୍ଦ ବାଘ, ଲକ୍ଷ୍ମୀଧର ମୁଦୁଲି, ନୀଳାଞ୍ଚଳ ବେହେରା, ରଘୁନାଥ ଭୋଇ, ପ୍ରତମା ଦାସ ଆଦି ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ଖୁବଶୀଘ୍ର ଭୂମିହୀନମାନଙ୍କୁ ପଟ୍ଟା ପ୍ରଦାନ କରାଯିବ ବୋଲି ତହସିଲଦାର ବଡୁ ସଦସ୍ୟମାନଙ୍କୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।




## ସୋଆ କୃଷି କଲେଜ ପକ୍ଷରୁ ଗାଜର ଘାସ ସଚେତନତା ସପ୍ତାହ ଉଦ୍‌ଯାପିତ



**ଭୁବନେଶ୍ୱର,୨୫।୮ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ଅଗଷ୍ଟ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ 'ଗାଜର ଘାସ ସଚେତନତା ସପ୍ତାହ' ପାଳିତ ହୋଇଯାଇଛି। ପାର୍ଥେନିୟମ୍ ଭାବେ ପରିଚିତ ଏହି ଗାଜର ଘାସର ଅନିଷ୍ଟକାରୀ ପ୍ରଭାବ ଓ କୃଷି ପ୍ରତି ଏହା କିପରି କ୍ଷତିକାରକ ଏହି ବିଷୟରେ ଜନ ସଚେତନତା ସୃଷ୍ଟି କରିବା ନିମନ୍ତେ ଏହି ସପ୍ତାହ ପାଳିତ ହୋଇଥିଲା।

ଏହି ଉପଲକ୍ଷେ ଶିକ୍ଷାନୁଷ୍ଠାନର କ୍ଷେତ୍ର ବିଜ୍ଞାନ ଓ ଉଦ୍ଭିଦ ଶରୀରତତ୍ତ୍ୱ ବିଭାଗ ପକ୍ଷରୁ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା ଯେଉଁଥିରେ ଉଦ୍ଭିଦ ଶରୀରତତ୍ତ୍ୱ ବିଭାଗର ମୁଖ୍ୟ ପ୍ରଫେସର ସରୋଜ କୁମାର ମହାନ୍ତି ଓ କ୍ଷେତ୍ର ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ବାସୁଦେବ ବେହେରା ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ସତ୍ୟାନନ୍ଦ ଜେନା ଓ ବିଶେଷଜ୍ଞ ବଳରାମ ସୁବୁଦ୍ଧି ବିଷୟ ଭିତ୍ତିକ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସମାପନ ଉତ୍ସବରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ।

# ପୂଜା ଓ ଉତ୍ସବ ପାଇଁ ଟିପିଏସ୍‌ଓଡିଏଲ୍ ଜାରି କଲା ସୁରକ୍ଷା ପରାମର୍ଶ

**ବ୍ରହ୍ମପୁର,୨୫।୮ (ସଂଚାର ବ୍ୟୁରୋ):** ପାର୍ବଣ ଋତୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ଦକ୍ଷିଣ ଓଡ଼ିଶାର ଉପଭୋକ୍ତା ଓ ଜନସାଧାରଣଙ୍କୁ ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ହିସାବରେ ପୂଜା, ପର୍ବପର୍ବାଣୀ ତଥା ଉତ୍ସବ ପାଳନ କରିବାକୁ ଅନୁରୋଧ କରିଛି। ଏଥିସହିତ ବିଦ୍ୟୁତ ସୁରକ୍ଷା ନିୟମ ପାଳନ କରିବାରେ କୌଣସି ଅବହେଳା ନ କରିବା ପାଇଁ କମ୍ପାନୀ ସମସ୍ତଙ୍କୁ ଆହ୍ୱାନ ଦେଇଛି।

ପୂଜା ଓ ଉତ୍ସବକୁ ସୁରକ୍ଷିତ ଭାବରେ ପାଳନ କରିବା ପାଇଁ ଟିପିଏସ୍‌ଓଡିଏଲ୍ ତରଫରୁ ପୂଜା ମଣ୍ଡପ, ସାମୁଦାୟିକ କାର୍ଯ୍ୟକ୍ରମ ଏବଂ ସାଂସ୍କୃତିକ ସମାରୋହ ପାଇଁ ଅସ୍ଥାୟୀ ବିଦ୍ୟୁତ ସେବା ସଂଯୋଗ ଯୋଗାଇ ଦେଉଛି । ଏହି ସେବା ଟିପିଏସ୍‌ଓଡିଏଲ୍ ଅନ୍ତର୍ଭୁକ୍ତ ସମସ୍ତ ସେକ୍ସନ, ସବଡିଭିଜନ ଏବଂ ଡିଭିଜନ ଅଫିସ କିମ୍ବା ଏହାର ବିଦ୍ୟୁତ ସେବା ନମ୍ବର ଦ୍ୱାରା ଯୋଗାଇ ଦିଆଯାଉଛି। ଉତ୍ସବ ଆୟୋଜକମାନଙ୍କୁ କେବଳ ସ୍ୱୀକୃତିପ୍ରାପ୍ତ ଲାଇନମ୍ୟାନଙ୍କ ଦ୍ୱାରା ସାଜସଜ୍ଜା ତଥା ୱାଏରିଂ ଆଦି କରାଇବାକୁ ଅନୁରୋଧ କରାଯାଇଛି। ବିଦ୍ୟୁତ ତାରକୁ ଭଲଭାବେ ଯାଞ୍ଚ କରାଯିବା, ଛିଣ୍ଡା ବିଦ୍ୟୁତ ତାର ତଥା ଭଙ୍ଗା ପ୍ଲଗଗୁଡ଼ିକୁ ତୁରନ୍ତ ବଦଳାଇବା ଏବଂ ଉପଯୁକ୍ତ ଆର୍ଥିଂ ଅତ୍ୟନ୍ତ ଜରୁରୀ ବୋଲି କମ୍ପାନୀ ପକ୍ଷରୁ ଜାରି ହୋଇଥିବା ସୁରକ୍ଷା ନିୟମାବଳୀରେ କୁହାଯାଇଛି। ଗୋଟିଏ ସକେଟରେ ଏକାଧିକ ପ୍ଲଗ୍ ବ୍ୟବହାର କରିବା ତଥା ଅଧିକ ଲୋଡ୍ ଦେବା, ନିମ୍ନମାନର ବିଦ୍ୟୁତ ଉପକରଣ ବ୍ୟବହାର କରିବା ବିପଦପୂର୍ଣ୍ଣ ହୋଇପାରେ।

ସେହିପରି ମୁଣ୍ଡ ଉପର ଦେଇ ଯାଇଥିବା ବିଦ୍ୟୁତ ତାରରେ କୌଣସି ସାଜସଜ୍ଜା ନ କରିବା ତଥା ଏସବୁରୁ ନିବୃତ୍ତ ରହିବା ପାଇଁ କମ୍ପାନୀ ତରଫରୁ କୁହାଯାଇଛି। ବିସର୍ଜନ ସମୟରେ ସତର୍କ ରହିବା ପାଇଁ ମଧ ଟିପିଏସ୍‌ଓଡିଏଲ୍ ତରଫରୁ ଜୋର ଦିଆଯାଇଛି। ବାଣ ଫୁଟାଇବା ସମୟରେ ବୈଦ୍ୟୁତିକ ଉପକରଣ, ମୁଣ୍ଡ ଉପର ଦେଇ ଯାଇଥିବା ବିଦ୍ୟୁତ ତାରଠାରୁ ଦୂରେଇ ରହିବା ପାଇଁ କୁହାଯାଇଛି। ଯେକୌଣସି ବିଦ୍ୟୁତ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହେଲେ ଉପଭୋକ୍ତାଙ୍କୁ ସହାୟତା ପ୍ରଦାନ କରିବା ପାଇଁ କମ୍ପାନୀର ଫ୍ୟୁଜ କଲ ସେଣ୍ଟର କିମ୍ବା ୨୪×୭ ଗ୍ରାହକ ସେବା ଟୋଲ-ଫ୍ରି ନମ୍ବର ୧୯୧୨ କିମ୍ବା ୧୮୦୦୩୪୫୬୭୯୭ ରେ ତୁରନ୍ତ ଜଣାଇବାକୁ ଅନୁରୋଧ କରାଯାଇଛି।

# କେନ୍ଦ୍ର ସମବାୟ ମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା



## ସମବାୟ ବିକାଶ ନେଇ ବିଭିନ୍ନ ପ୍ରସ୍ତାବ ରଖିଲେ

**ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନରେ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ସହ ଓଡିଶାରେ ସମବାୟ କ୍ଷେତ୍ରର ଅଭିବୃଦ୍ଧି ବିଷୟରେ ଆଲୋଚନା କରିଛନ୍ତି। ଉକ୍ତ ବୈଠକରେ ରାଜ୍ୟରେ ସମବାୟ କ୍ଷେତ୍ରର ଅଗ୍ରଗତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ସମବାୟ କ୍ଷେତ୍ରରେ ରାଜ୍ୟ ହାସଲ କରିଥିବା ସଫଳତା ସମ୍ପର୍କରେ ମଧ୍ୟ ଶ୍ରୀ ମାଝୀ କେନ୍ଦ୍ର ସମବାୟ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ପ୍ୟାକ୍ସର ଋଣ ପରିଶୋଧ ସମୟ ସୀମାକୁ ୫ ବର୍ଷରୁ ୧୦ ବର୍ଷକୁ ବୃଦ୍ଧି କରିବା, ବଡ଼ମ୍ବା ଓ ବଲାଙ୍ଗୀରର ଚିନିକଳକୁ କାର୍ଯ୍ୟକ୍ଷମ କରିବା, ଗୋପାଳପୁରଠାରେ ଜାତୀୟ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟର ଏକ ସାଟେଲାଇଟ୍ ସେଣ୍ଟର ପ୍ରତିଷ୍ଠା, ପ୍ରତି ଜିଲ୍ଲା ତଥା ସବ୍‌ଡିଭିଜନରେ ଶୀତଳଭଣ୍ଡାର ଓ ପଣ୍ୟାଗାର ସ୍ଥାପନ, କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ବୃଦ୍ଧି କରିବା, ସମସ୍ତ ନୂତନ ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ଆଦି ବିଷୟରେ ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କେନ୍ଦ୍ର ସରକାରଙ୍କ ସହଯୋଗ ଓ ସମର୍ଥନ କାମନା କରିଥିଲେ। କେନ୍ଦ୍ର ମନ୍ତ୍ରୀ ଓଡିଶା ସରକାରଙ୍କ ସମବାୟ କ୍ଷେତ୍ରର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସନ୍ତୋଷବ୍ୟକ୍ତ କରି କହିଥିଲେ ଯେ ଭାରତ ସରକାର ବିଭିନ୍ନ ରାଜ୍ୟରେ ସମବାୟ ବିକାଶ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। କିଛି ରାଜ୍ୟକୁ ମଧ୍ୟ ପାଇଲଟ ପ୍ରୋଜେକ୍ଟ ଭାବେ ଗ୍ରହଣ କରାଯାଇଛି। ସେ ସବୁ ରାଜ୍ୟ ଗୁଡିକର କାର୍ଯ୍ୟପ୍ରଣାଳୀକୁ ଅନୁଧ୍ୟାନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥି ସହିତ ଓଡିଶା ସରକାରଙ୍କ ପକ୍ଷରୁ ସମବାୟ ବିକାଶ ପାଇଁ ଯାହା ଆବଶ୍ୟକ ହେବ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ରମଣ କୁମାର, ଆନନ୍ଦ ଝା ଓ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ୧୫ ଦିନରେ ୧୮ ଜଣଙ୍କୁ କାମୁଡ଼ିଲେ ବୁଲା କୁକୁର

**ବାଲେଶ୍ୱର, ୨୫।୮ (ସଂଚାର ବ୍ୟୁରୋ) :** ଡରାଉଛନ୍ତି ବୁଲା କୁକୁର । ଛକ ଛକରେ ବୁଲା କୁକୁରଙ୍କ ଆତଙ୍କରେ ଅତିଷ୍ଠ ହେଲେଣି ବାଲେଶ୍ୱରବାସୀ। କେତେବେଳେ ଗାଡ଼ି ଆଗକୁ ମାଡି ଆସୁଛନ୍ତି ତ ଆଉ କେତେବେଳେ କାମୁଡି ଦେଉଛନ୍ତି। ସହରରେ ୧୫ ଦିନ ଭିତରେ ୧୮ ଜଣଙ୍କୁ କାମୁଡି ନିଜର ଆତଙ୍କ ସୃଷ୍ଟି କଲେଣି ବୁଲା କୁକୁର । ଅନ୍ୟପଟେ ପୌରାଧ୍ୟକ୍ଷା କହିଛନ୍ତି, ଫଣ୍ଡ୍ ଅଛି, ଉପଯୁକ୍ତ ତାଲିମ ପ୍ରାପ୍ତ କୁକୁର ଧରାଳି ନାହାନ୍ତି ଓ ସରକାରଙ୍କ ଅନୁମତି ମିଳିଲେ ବନ୍ଧ୍ୟାକରଣ ଆରମ୍ଭ ହେବ।

ଛୋଟ ଛୋଟ ପିଲାମାନଙ୍କୁ ବୁଲା କୁକୁରଙ୍କ ଆତଙ୍କ ସମ୍ପର୍କରେ ବୁଝାଇଛନ୍ତି ଜଣେ ଶିକ୍ଷୟିତ୍ରୀ । ରାସ୍ତାରେ ଏକା ନ ଯିବା ସହ ଅଭିଭାବକଙ୍କ ସହ ଯିବା ପାଇଁ କହୁଥିବା ବେଳେ ହାତରେ ବାଡି ଧରି ଚାଲିବା ପାଇଁ ପିଲାଙ୍କୁ ଅବଗତ କରିଛନ୍ତି । କାରଣ ଏବେ ଛକ ଛକରେ କୁକୁରମାନେ ଆଡ୍ଡା ଜମାଇଛନ୍ତି । ଏଥିରୁ ଅନୁମାନ କରାଯାଉଛି ବୁଲା କୁକୁରଙ୍କ ଆତଙ୍କରେ କିଭଳି ହନ୍ତସନ୍ତ ହେଉଛନ୍ତି ବାଲେଶ୍ୱର ସହରବାସୀ । ଗୋଡେଇ ଗୋଡ଼େଇ ଲୋକଙ୍କୁ ଆକ୍ରମଣ କରୁଛନ୍ତି ନହେଲେ ପରସ୍ପର ମଧ୍ୟରେ ଗୋଡା ଗୋଡ଼ି ହୋଇ ଗାଡ଼ି ଆଗକୁ ମାଡି ଆସୁଛନ୍ତି ଏହି ବୁଲା କୁକୁର । କେତେବେଳେ କିଏ ଦୁର୍ଘଟଣାଗ୍ରସ୍ତ ହୋଇ ଖଣ୍ଡିଆ ଖାବରା ହେଉଛି ତ ଆଉ କାହାକୁ କାମୁଡି ଗୁରୁତର କଲେଣି ଏହି ବୁଲା କୁକୁରମାନେ । ଏତିକି ନୁହଁ ବରଂ ଜନ ଗହଳି ପୂର୍ଣ୍ଣ ଅଞ୍ଚଳରେ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ଏବେ ଲୋକଙ୍କ ମନରେ ଡର ଆଣିଛି । ନିକଟରେ କେବଳ ବାଲେଶ୍ୱର ସହରର ବାରବାଟି ଅଞ୍ଚଳର ବାସନ୍ତୀ ସେଣ୍ ନିଜ ନାତିକୁ ସ୍କୁଲ ଛାଡ଼ିବାକୁ ଯାଉଥିବା ବେଳେ ବୁଲା କୁକୁରଙ୍କ ଆକ୍ରମଣର ଶିକାର ହୋଇଥିଲେ । ଜୀବନ ବିକଳରେ ନାତିକୁ ଡ୍ରେନ କୁ ଠେଲି ଦେଇ ସେଠାରୁ ବଞ୍ଚିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ବୁଲା କୁକୁରଙ୍କ ଆକ୍ରମଣର ଶିକାର ହୋଇଥିଲେ ୬୫ ବର୍ଷୀୟ ବାସନ୍ତୀ । ବାଲେଶ୍ୱର ସହରର ବିଭିନ୍ନ ୱାର୍ଡରେ ଗତ ୧୫ ଦିନ ମଧ୍ୟରେ ବୁଲା କୁକୁରଙ୍କ ଆତଙ୍କରେ ୨୦ ଜଣ କୁକୁର କାମୁଡ଼ାରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ କୁକୁର କାମୁଡ଼ା ଇଞ୍ଜେକ୍ସନ ପାଇଁ ମଧ୍ୟ ମେଡିକାଲରେ ଭିଡ଼ ଲାଗୁଛି । ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ ପାଖରୁ ମିଳିଥିବା ସୂଚନା ଅନୁଯାୟୀ ସହରର ୩୧ ଟି ୱାର୍ଡରେ ପାଖାପାଖି ୧୫୦୦ରୁ ଊର୍ଦ୍ଧ୍ୱ ବୁଲା କୁକୁର ରହିଛନ୍ତି । ପୂର୍ବରୁ ପୌରପାଳିକା ଦ୍ୱାରା ବୁଲା କୁକୁରଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଗାଡ଼ି ବ୍ୟବହାର ହେଉଥିଲା କିନ୍ତୁ ବାଲେଶ୍ୱର ପୌର ପାଳିକାରେ ଏଭଳି ସୁବିଧା ଉପଲବ୍ଧ କି ନାହିଁ ତାହା ଦେଖିବାକୁ ମିଳିଲା ନାହିଁ । ପୌରପାଳିକା ଅଧ୍ୟକ୍ଷା କହିଛନ୍ତି , ସହର ବିଭିନ୍ନ ସ୍ଥାନରୁ ବହୁଳ ମାତ୍ରାରେ କୁକୁର କାମୁଡ଼ା ଅଭିଯୋଗ ଆସୁଛି ମାତ୍ର ଏହାକୁ ନେଇ ଏବେ ସରକାରୀ ନିୟମ କିଛି ନାହିଁ। ପୌରପାଳିକା ନିକଟରେ ଅର୍ଥ ଅଛି କିନ୍ତୁ ଉପଯୁକ୍ତ ତାଲିମ ପ୍ରାପ୍ତ କୁକୁର ଧରାଳି ନାହାନ୍ତି । ଏହା ସହ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଆସିଲେ ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି ।



# ଚାଉଳ ବୋଝେଇ ଗାଡ଼ିରୁ କୋଟିଏ ଟଙ୍କାର ଗଞ୍ଜେଇ ଜବତ



**ବଲାଙ୍ଗୀର,୨୫।୮(ସଂଚାର ବ୍ୟୁରୋ):** ଗଞ୍ଜେଇ ମାଫିଆଙ୍କ ପାଇଁ ଚୋରା ଚାଲାଣର ସହଜ ମାର୍ଗ ପାଲଟିଛି ବୌଦ୍ଧ ଜାମୁଟ ଭାୟା ତୁଷୁରା ରାସ୍ତା। ଦିନ ଦ୍ୱିପ୍ରହର ହେଉ ଅବା ରାତି, ଏହି ରାସ୍ତାରେ ଖୁବ୍ ହେଉଛି ଗଞ୍ଜେଇ ଚୋରା ଚାଲାଣ । ଅବଶ୍ୟ ଅନେକ ସମୟରେ ପୋଲିସ ହାବୁଡ଼ରେ ପଡୁଛନ୍ତି ଚୋରା ଚାଲାଣକାରୀ। ତଥାପି କିନ୍ତୁ ଥମିବାର ନାଁ ନେଉନାହିଁ ଗଞ୍ଜେଇ ଚୋରା ଚାଲାଣ। ନୂଆ ନୂଆ ଉପାୟରେ ଗଞ୍ଜେଇ ଚାଲଣ କରୁଛନ୍ତି ମାଫିଆମାନେ। ଏମିତି ଏକ ଭିନ୍ନ ଉପାୟରେ ଚାଉଳ ଗାଡ଼ିରେ ହେଉଥିବା ଗଞ୍ଜେଇ ଚୋରା ଚାଲାଣର ପର୍ଦ୍ଦାଫାଶ କରିଛି ପୋଲିସ। ସୂଚନା ଅନୁଯାୟୀ, ସୋମବାର ଗୁଡ଼ଭେଲା ତୁଷୁରା ରାସ୍ତାରେ ତୁଷୁରା ପୋଲିସ ପାଟ୍ରୋଲିଙ୍ଗ କରୁଥିଲା। ଏହି ସମୟରେ ତେନ୍ତୁଳିଖୁଣ୍ଟି କଲେଜ ସମ୍ମୁଖରେ ଏକ ନାଲି ରଙ୍ଗର ମିନି ଟ୍ରକ ନମ୍ବର ସିଜି ୦୪ ଏମଜେଡ ୪୨୯୦ ପୋଲିସ ଗାଡ଼ିକୁ ଦେଖି ଡ୍ରାଇଭର ଗାଡ଼ି ଛାଡି ଫେରାର ମାରିଥିଲା । ପରେ ପୋଲିସ ମିନିଟ୍ରକକୁ ସନ୍ଦେହରେ ଯାଞ୍ଚ କରିବା ପରେ ଖୁଦ ଚାଉଳ ବସ୍ତା ସହ ବିପୁଳ ପରିମାଣର ଗଞ୍ଜେଇଥିବା ମିଳିଥିଲା। ଏହାପରେ ତୁଷୁରା ତହସିଲଦାର ଆର୍ତ୍ତତ୍ରାଣ ଥାଟିଙ୍କ ଉପସ୍ଥିତିରେ ଉକ୍ତ ଗଞ୍ଜେଇକୁ ଓଜନ କରାଯାଇଥିଲା। ଯେଉଁଥିରେ ୧୧୦୦ ପ୍ୟାକେଟର ଗଞ୍ଜେଇ ରହିଥିଲା। ଜବତ ଗଞ୍ଜେଇର ପରିମାଣ ୧୧ କୁଇଣ୍ଟାଲ ରହିଥିବାବେଳେ ଏହାର ଆନୁମାନିକ ମୂଲ୍ୟ ୧ କୋଟି ୧୦ ଲକ୍ଷ ହେବ ବୋଲି ଜଣାପଡ଼ିଛି। ତେବେ ଏତେ ପରିମାଣରେ ଗଞ୍ଜେଇ କେଉଁଠାରୁ କେଉଁ ସ୍ଥାନକୁ ଚାଲାଣ ହେଉଥିଲା ? ତାହାବି ପୁଣି ଦିନ ଦ୍ୱିପ୍ରହରରେ ତାହାକୁ ନେଇ ବେଶ୍ ଚର୍ଚ୍ଚା। ଏନେଇ ତୁଷୁରା ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଥିବା ତୁଷୁରା ଥାନା ଅଧିକାରୀ ମନୋଜ ପ୍ରଧାନ କହିଛନ୍ତି ।

## ୫୦ କିଲୋରୁ ଊର୍ଦ୍ଧ୍ୱ ଗୋମାଂସ ଜବତ

**ମାଲକାନଗିରି,୨୫।୮(ସଂଚାର ବ୍ୟୁରୋ):** କୋରକୋଣ୍ଡା ପୁଲିସ ଖବର ପାଇ କୋରକୁଣ୍ଡା ଗ୍ରାମର ଖ୍ରୀଷ୍ଟିଆନସାହି ସ୍ଥିତ ତମସା ନଦୀ କୂଳରେ ପହଞ୍ଚିଥିଲେ। ସେଠାରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପୁଲିସକୁ ଦେଖି ଦୌଡ଼ି ପକାଇଲେ ଗୋହତ୍ୟାକାରୀ। କୋରକୋଣ୍ଡା ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ସେଠାରୁ ପ୍ରାୟ ୫୦ କିଲୋରୁ ଅଧିକ ଗୋମାଂସ, ଚମଡା, ମୁଣ୍ଡ ପ୍ରଭୃତି ଜବତ କରି ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତିରେ ବ୍ଲିଚିଂ ଲୁଣ ଦେଇ ମାଟିତଳେ ପୋତି ଦିଆଯାଇଥିଲା। ଗାଁ ନିକଟରେ ଗୋମାଂସ କଟାଯାଇ ବଣ୍ଟନ କରାଯାଉଥିବା ଲୋକେ କିପରି ଜାଣିପାରିଲେ ନାହିଁ ବୋଲି ଆଲୋଚନା ହେଉଛି। ଗୋ ହତ୍ୟାରେ ସରକାର ରୋକ ଲଗାଇଥିଲେ ମଧ୍ୟ କିଭଳି ଚାଲିଛି ଖୋଲାମଖୋଲା ଗୋ ହତ୍ୟା ଏ ବିଷୟ ସମସ୍ତଙ୍କୁ ଚର୍ଚ୍ଚାର ଖରାକ ଯୋଗାଇଥିଲା। ଗୋହତ୍ୟାକାରୀ ଫେରାର ହୋଇଯାଇଥିବାରୁ ପୁଲିସ କାହାରିକୁ ଧରିବାରେ ସଫଳ ହୋଇନଥିବା ଜଣାପଡିଛି। ତେବେ ପୁଲିସ ଏହି ଗୋହତ୍ୟାକାରୀକୁ ଗିରଫ କରିପାରୁଛି କି ନାହିଁ ତାହା ଦେଖିବାକୁ ବାକି ରହିଲା।

## ଭିଜିଲାନ୍ସ ଜାଲରେ ଲାଞ୍ଚୁଆ ପୁଲିସ ଏସ୍‌ଆଇ



**କଟକ,୨୫।୮(ସଂଚାର ବ୍ୟୁରୋ) :** ଭିଜିଲାନ୍ସ ଜାଲରେ ପୁଲିସ ଏସଆଇ। ୭ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ ବରଗଡ଼ ବିଜେପୁର ଏସଆଇ ଜଗା ବରିହା । ଜଣେ ସ୍କ୍ରାପ ଡିଲରଙ୍କ ଠାରୁ ସେ ନେଉଥିଲେ ଲାଞ୍ଚ। ସୁରୁଖୁରୁରେ ବ୍ୟବସାୟ କରିବା ଓ ତାଙ୍କ ନାଁରେ କୌଣସି ମାମଲା ନ କରିବାକୁ ସେ ମାଗିଥିଲେ ଲାଞ୍ଚ। ୧୦ ହଜାର ଟଙ୍କାରେ ହୋଇଥିଲା ଡିଲ। ଆଜି ୭ ହଜାର ନେଉଥିବା ବେଳେ ଏସଆଇକୁ କାବୁ କରିଥିଲା ଭିଜିଲାନ୍ସ । ଲାଞ୍ଚ ଟଙ୍କା ଜବତ କରି ଏସଆଇଙ୍କ ୩ ସ୍ଥାନରେ ରେଡ୍ କରୁଛି ଭିଜିଲାନ୍ସ। ବିଶେଷ ଖୋଳତାଡ଼ କରିବା ପରେ ସବୁ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ଜଣାପଡ଼ିଛି।

## ଅଜଣା ରୋଗ: ମୃତ୍ୟୁ ସଂଖ୍ୟା ୫କୁ ବୃଦ୍ଧି

**କୋରାପୁଟ,୨୫।୮(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଅନ୍ତର୍ଗତ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଓଡ଼ପୁର ଗାଁରେ ଅଜଣା ରୋଗ ବ୍ୟାପିବାରେ ଲାଗିଛି। ଏଥିରେ ଗାଁର ୮ଜଣ ଆକ୍ରାନ୍ତ ହୋଇଥିବା ବେଳେ ମୃତକଙ୍କ ସଂଖ୍ୟା ୫ କୁ ବୃଦ୍ଧି ପାଇଛି। ଗତ ସପ୍ତାହରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଗତକାଲି ଆଉ ଜଣଙ୍କର ଜୀବନ ଯାଇଛି । ଖଗପତି ଗୌଡ଼ ନାମକ ବ୍ୟକ୍ତିଙ୍କର କୋରାପୁଟ ଜିଲ୍ଲା ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି । ଏହି ଖବର ଜାଣିବା ପରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଓଡପୁର ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଥମେ ଝାଡ଼ାବାନ୍ତି ପରି ଲକ୍ଷଣ ଦେଖାଯାଉଥିଲେ ବି ଏହା କେଉଁ ରୋଗ ଏଯାଏଁ ସ୍ପଷ୍ଟ ହୋଇନି। ଅନ୍ୟ ପକ୍ଷରେ ବିଧାୟକ ପବିତ୍ର ସାଉଁତା ଗାଁରେ ପରିସ୍ଥିତିକୁ ଦେଖି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଚିକିତ୍ସା ବ୍ୟବସ୍ଥା ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି।

# ଯୋଗ୍ୟତା ନଥାଇ ଅଧ୍ୟାପକ, ଜାରିହେଲା କାରଣ ଦର୍ଶାଅ ନୋଟିସ



**ଉଦଳା,୨୫।୮(ସଂଚାର ବ୍ୟୁରୋ):** ଯୋଗ୍ୟତା ନ ଥାଇ ବି ପଦବୀ। ଆଉ ଏହି ଅଧ୍ୟାପକଙ୍କ ଉପରେ ଏବେ ଉଚ୍ଚ ଶିକ୍ଷା ବିଭାଗର ପଡିଛି ଛାଟ। ଅଧ୍ୟାପକଙ୍କୁ ଆସିଛି କାରଣ ଦର୍ଶାଅ ନୋଟିସ। ଅଧ୍ୟାପକ ଜଣକ ହେଲେ କପ୍ତିପଦା ବ୍ଲକ ନୁଦଡିହା ମେଘାସନ ମହାବିଦ୍ୟାଳୟର ଗଣିତ ଅଧ୍ୟାପକ ରୁପେଶ କୁମାର ମହାପାତ୍ର। ୨୦୦୩ ମସିହାରେ ମେଘାସନ କଲେଜରେ ଗଣିତ ଅଧ୍ୟାପକ ଭାବେ ନିଯୁକ୍ତି ପାଇଥିଲେ ରୁପେଶ। ହେଲେ ସେତେବେଳେ ସେ ଏମଏସସି ପାସ କରିଥିଲେ ସୁଦ୍ଧା ଅଧ୍ୟାପକ ପଦବୀ ନିମନ୍ତେ ଆବଶ୍ୟକ ୫୫ ପ୍ରତିଶତ ମାର୍କ ରଖି ନ ଥିଲେ। ୫୪.୩ ପ୍ରତିଶତ ମାର୍କ ରଖିଥିଲେ ସୁଦ୍ଧା ସେ ଅଧ୍ୟାପକ ଭାବେ ନିଯୁକ୍ତି ପାଇଛନ୍ତି। ଯାହାକି ତାଙ୍କ ନିଯୁକ୍ତିରେ ଠକିଥିବା ଜାଣି ଉଚ୍ଚ ଶିକ୍ଷା ବିଭାଗ ଆରମ୍ଭ କରିଛି ଖୋଳତାଡ଼ । ୨୦୦୩ ମସିହାରୁ ଅଧ୍ୟାପକ ହେବାର ଯୋଗ୍ୟତା ନ ଥାଇ ନିଯୁକ୍ତି ପାଇ ବ୍ଲକ ଗ୍ରାଣ୍ଟରେ ଥାଇ ସରକାରଙ୍କ ସମସ୍ତ ସୁବିଧା ହାସଲ କରି ସରକାରଙ୍କୁ ଠକିଛନ୍ତି। ଯୋଗ୍ୟତା ନ ଥାଇ ସରକାରଙ୍କୁ ଠକି ସେ ଲକ୍ଷ ଲକ୍ଷ ଟଙ୍କା ଲୁଟିଥିବା ଉଚ୍ଚ ଶିକ୍ଷା ବିଭାଗ ଜାଣିବା ପରେ ଠକ ଅଧ୍ୟାପକ ରୁପେଶ ମହାପାତ୍ରଙ୍କୁ ବ୍ଲକ ଗ୍ରାଣ୍ଟ ଉଚ୍ଛେଦ କରିବା ପାଇଁ କାରଣ ଦର୍ଶାଅ ନୋଟିସ ଦେଇଛନ୍ତି ଉଚ୍ଚ ଶିକ୍ଷା ବିଭାଗ ଡାଇରେକ୍ଟର । ଏହି କାରଣ ଦର୍ଶାଅ ନୋଟିସ ଆସିବା ପରେ ଏବେ ଠକାମୀ ନେଇ ଚର୍ଚ୍ଚାରେ ଗଣିତ ଅଧ୍ୟାପକ। ସେପଟେ ତାଙ୍କର ସବୁ ଦସ୍ତାବିଜ ଏବଂ ନିଯୁକ୍ତି ଠିକ ଥିବା କହି ସଫେଇ ଦେଇଛନ୍ତି ଗଣିତ ଅଧ୍ୟାପକ ରୁପେଶ ମହାପାତ୍ର। ଅନ୍ୟପଟେ ପ୍ରିନ୍ସିପାଲ କହିଛନ୍ତି ନିୟମ ଅନୁସାରେ ଆମେ ସବୁ ଦସ୍ତାବିଜ ଦେଇଛୁ ଉଚ୍ଚ ଶିକ୍ଷା ବିଭାଗ ଯାହା ନିଷ୍ପତ୍ତି ନେବେ । ତେବେ ଏହି ମାମଲାରେ କାହା କଥା ସତ ସେକଥା ତଦନ୍ତ ହେଲା ପରେ ହିଁ ଜଣାପଡିବ। ଏନେଇ ଉଚ୍ଚ ଶିକ୍ଷା ବିଭାଗ କ'ଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା।

### କଟକ ଦୁର୍ଗାପୂଜା ପାଇଁ ଆସିଲା ନିର୍ଦ୍ଦେଶନାମା

# ରାସ୍ତା ଉପର ଦେଇ ନିର୍ମାଣ ହେବନି ସୁଉଚ୍ଚ ତୋରଣ କିମ୍ବା ଲାଇଟ ଗେଟ୍

**କଟକ,୨୫।୮(ସଂଚାର ବ୍ୟୁରୋ) :** ଦୁର୍ଗା ପୂଜା ପାଇଁ ଜାରି ହେଲା ସର୍କୁଲାର। କଟକ ଦୁର୍ଗାପୂଜା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି ଜିଲ୍ଲାପାଳ। ରାସ୍ତା ଉପର ଦେଇ ନିର୍ମାଣ ହେବନି ସୁଉଚ୍ଚ ତୋରଣ କିମ୍ବା ଲାଇଟ ଗେଟ। ବିଶେଷ କରି ସଂକୀର୍ଣ୍ଣ ରାସ୍ତା ପାଇଁ ଏହି ନିୟମ ଲାଗୁ କରାଯାଇଛି। ଆଜି ଆୟୋଜିତ ମହାନଗର ଶାନ୍ତି କମିଟି ବୈଠକରେ ପୂଜା କମିଟିଗୁଡ଼ିକୁ ଏହି ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ସେହିପରି ମଣ୍ଡପର ସୁରକ୍ଷା, ଅଗ୍ନି ଓ ବିଦ୍ୟୁତ ନିରାପତ୍ତା ଏବଂ ଶ୍ରଦ୍ଧାଳୁଙ୍କ ଗମନାଗମନ ସୁନିଶ୍ଚିତ କରିବେ ପୂଜା କମିଟି। ଏଥିପାଇଁ ପ୍ରତିଟି ପୂଜା କମିଟି ପ୍ରଶାସନ ନିକଟରେ ସତ୍ୟପାଠ ଦାଖଲ କରିବେ। ଯଦି ତୋରଣ ନିର୍ମାଣ କରାଯାଉଥାଏ, ତେବେ ପୂର୍ବ ନିର୍ଦ୍ଧାରିତ ନକ୍ସା ପ୍ରଶାସନ ନିକଟରେ ଦାଖଲ କରିବାକୁ ପଡ଼ିବ। ଏହି ସତ୍ୟପାଠ ଆଧାରରେ ପୂଜା କମିଟିମାନଙ୍କୁ ଏନଓସି ପ୍ରଦାନ କରାଯିବ। ବ୍ୟବସ୍ଥାକୁ ଅଧିକ ସହଜ କରିବାକୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସିଂଗଲ ୱିଣ୍ଡୋ ବ୍ୟବସ୍ଥା କରାଯିବ। ଏହାସହ ପୂଜାରେ ଡିଜେ, ୬୫ ଡେସିବିଲରୁ ଅଧିକ ଶବ୍ଦ ପ୍ରଦୂଷଣ, ଲେଜର ଲାଇଟ ଓ ଫାୟାର ଗନ ବ୍ୟବହାର ଉପରେ କଟକଣା ରହିବ। ସେପଟେ ଏଭଳି ନିର୍ଦ୍ଦେଶନାମାକୁ ପୂଜା କମିଟି ନାପସନ୍ଦ କରିଛି। ଜିଲ୍ଲାପାଳଙ୍କ ଏହି ସର୍କୁଲାର ବିରୋଧରେ ଆବଶ୍ୟକ ପଡ଼ିଲେ କମିଟି ହାଇକୋର୍ଟ ଯିବାକୁ ଚେତାବନୀ ଦେଇଛି।

### ଯାତ୍ରୀଙ୍କ ପାଇଁ ଖୁସି ଖବର

# ପାଟନାରୁ ପୁରୀକୁ ସ୍ୱତନ୍ତ୍ର ଟ୍ରେନ୍



**ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ):** ଆସନ୍ତା ପାର୍ବଣ ଋତୁରେ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧିକୁ ପରିଚାଳନା କରିବା ଏବଂ ଉନ୍ନତ ଯାତ୍ରା ସୁବିଧା ପ୍ରଦାନ କରିବା ପାଇଁ, ଭାରତୀୟ ରେଳବାଇ ପାଟନା ଏବଂ ପୁରୀ ମଧ୍ୟରେ ସାପ୍ତାହିକ ପୂଜା ସ୍ୱତନ୍ତ୍ର ଟ୍ରେନ୍ ସେବା ପରିଚାଳନା କରିବାକୁ ନିଷ୍ପତ୍ତି ନେଇଛି। ଏହି ଟ୍ରେନ୍‌ଟି ୦୩୨୩୦/୦୩୨୨୯ ପାଟନା-ପୁରୀ-ପାଟନା ପୂଜା ସ୍ପେଶାଲ ହୋଇଥିବା ବେଳେ ଏହା ଆସନ୍ତା ୨୮ରୁ ଡିସେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ପାଟନାରୁ ପ୍ରତି ଗୁରୁବାର ଚଳାଚଳ କରିବ। ସେହିପରି ପୁରୀରୁ ଆଗାମୀ ୨୯ରୁ ଡିସେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ଚଳାଚଳ କରିବ। ପାଟନା-ପୁରୀ-ପାଟନା ଏକ୍ସପ୍ରେସରେ ଗୋଟିଏ ଦ୍ୱିତୀୟ ଶ୍ରେଣୀ ଏସି କୋଚ୍, ଦୁଇଟି ତୃତୀୟ ଶ୍ରେଣୀ ଏସି କୋଚ୍, ୯ଟି ସ୍ଲିପର ଶ୍ରେଣୀ କୋଚ୍, ୬ଟି ଦ୍ୱିତୀୟ ଶ୍ରେଣୀ ସିଟିଂ କୋଚ୍ ଓ ୨ଟି ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ସୁବିଧା ସହ ଲଗେଜ୍ ଭ୍ୟାନ୍-କମ୍-ଦ୍ୱିତୀୟ ଶ୍ରେଣୀ କୋଚ୍ ରହିଛି। ଏହି ଟ୍ରେନ୍‌ଟି ବଖତିଆରପୁର, ବାରହ, ମୋକାମେହ, କିଉଲ, ଝାଝା, ଜସିଡିହ, ମଧୁପୁର, ଚିତ୍ତରଂଜନ, ଆସାନସୋଲ, ଦୁର୍ଗାପୁର, ବର୍ଦ୍ଧମାନ, ଡାନକୁନି, ଅଣ୍ଡୁଲ, ଖଡ଼ଗ୍ପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର ରୋଡ, କଟକ, ଭୁବନେଶ୍ୱର, ଖୋର୍ଦ୍ଧାରୋଡ ଓ ସାକ୍ଷୀ ଗୋପାଳ ଆଦି ଷ୍ଟେସନ୍‌ରେ ରହଣି କରିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି।

# ବିଧାନସଭାରେ କରେନ୍ଦ୍ର ମାଝୀଙ୍କୁ ଅନ୍ତିମ ସମ୍ମାନ



**ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ାର ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀଙ୍କ ମରଶରୀର ଆଜି ବିଧାନସଭାକୁ ଅଣାଯାଇଥିବାବେଳେ ପୁଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ମନ୍ତ୍ରୀ ରବି ନାରାୟଣ ନାଏକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଧାୟକ ବାବୁ ସିଂ, ପୁଲିସ କମିଶନର ଏସ. ଦେବଦତ୍ତ ସିଂ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମାଝୀଙ୍କୁ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶେଷ ଦର୍ଶନ କରିଥିଲେ ।

### ବୀରମିତ୍ରପୁର ତହସିଲ ଗୁଳିକାଣ୍ଡ ଘଟଣା

# ୩ ଗିରଫ, ବାଇକ୍ ଓ ପିସ୍ତଲ ଜବତ



**ରାଉରକେଲା।/ବୀରମିତ୍ରପୁର,୨୫।୮(ସଂଚାର ବ୍ୟୁରୋ):** ଗତ ମାସକ ତଳେ ବୀରମିତ୍ରପୁର ତହସିଲ ଗୁଳିକାଣ୍ଡ ଘଟଣାରେ ବୀରମିତ୍ରପୁର ପୁଲିସ ତିନି ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ବାଇକ ଓ ପିସ୍ତଲ ଜବତ କରିଛି। ଜମି ଦଲାଲି କାରବାରକୁ ନେଇ ଗୁଳିକାଣ୍ଡ ହୋଇଥିଲା। ଜମି ଦଲାଲ ଉତ୍ତମ ଘୋଷ ରିପୋର୍ଟ କରିଥିଲେ ଯେ, ସେହିଦିନ ସେ କୌଣସି ଅଫିସ୍ କାମ ପାଇଁ ବୀରମିତ୍ରପୁର ତହସିଲକୁ ଯାଇଥିଲେ। ସେ ତାଙ୍କ କାର୍ ରେ ଫେରୁଥିବା ସମୟରେ ଦୁଇଜଣ ବାଇକ ଆରୋହୀ ବାଇକ୍ ରେ ଆସିଥିଲେ ଏବଂ ପଛ ଆରୋହୀ ତାଙ୍କୁ ଜୀବନରେ ମାରିବା ଉଦ୍ଦେଶ୍ୟରେ ଏକ ପିସ୍ତଲରେ ଗୁଳି ଚଳାଇଥିଲେ। କିନ୍ତୁ ସେ ଅଳ୍ପକେ ରକ୍ଷା ପାଇଯାଇଥିଲେ। ସେ ସନ୍ଦେହ କରନ୍ତି ଯେ ଜଣେ ୱାଜିଦ୍ ଅନସାରି ଏବଂ ଅନ୍ୟମାନେ ତାଙ୍କୁ ଜୀବନରେ ମାରିବାକୁ ଚେଷ୍ଟା କରିଛନ୍ତି। ଗୁଳିଟି କାରର ଆଗ କାଚ ଭାଙ୍ଗି ପଛ ସିଟ୍ ରେ ବାଜିଥିଲା। ତା'ପରେ, ସେ ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ଯାଇ ସେଠାରେ ଘଟଣା ବିଷୟରେ ବର୍ଣ୍ଣନା କରିଥିଲେ।

## ରୋଡ୍ ରୋମିଓଙ୍କୁ ସାବାଡ଼ କରିବା ପାଇଁ ଆକ୍ସନ ମୋଡ଼ରେ ପୁଲିସ

**ଅନୁଗୁଳ, ୨୫।୮ (ସଂଚାର ବ୍ୟୁରୋ) :** ରୋଡ୍ ରୋମିଓଙ୍କୁ ସାବାଡ଼ କରିବା ପାଇଁ ଆକ୍ସନ ମୋଡ୍‌କୁ ଆସିଛି ପୋଲିସ। ଆରମ୍ଭ ହୋଇଛି ସ୍ପେସାଲ ଡ୍ରାଇଭ । ଅନୁଗୁଳ ସହରରେ ବିକଟାଳ ଶବ୍ଦ କରୁଥିବା ମୋଟରସାଇକେଲ ଓ ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି ପ୍ରଶାସନ । ଅନୁଗୁଳ ଏମ୍ ଭି ଆଇ ବିଭୁ ରଞ୍ଜନଙ୍କ ନେତୃତ୍ୱରେ ଯାଞ୍ଚ ବେଳେ ୧୭ ମୋଟରସାଇକେଲ ଜବତ କରାଯାଇଛି। ଏଥିମଧ୍ୟରୁ ୬ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ନଥିବା ବେଳେ ୭ଟିର ଇନ୍ସୁରାନ୍ସ ନଥିବା ଜଣା ପଡିଥିଲା। ଇନ୍ସୁରାନ୍ସ ବାବଦକୁ ୨୦୦୦, ଡ୍ରାଇଭିଂ ଲାଇସେନ୍ସ ବାବଦକୁ ୫୦୦୦ଏବଂ ବିକଟାଳ ଶବ୍ଦପାଇଁ ୫୦୦୦ ଜରିମନା ଲଗାଯାଇ ମୋଟ ୧ ଲକ୍ଷ ୨୭ ହଜାର ଜୋରିମନା ପାଇଁ ନିର୍ଦ୍ଦେଶ ଦିଆ ଯାଇଛି ।

# ଅବଧି ସରିଲାଣି, ଏପର୍ଯ୍ୟନ୍ତ ପିଲାଙ୍କୁ ମିଳିଲାନି ୟୁନିଫର୍ମ



**ବୋରିଗୁମା,୨୫।୮(ସଂଚାର ବ୍ୟୁରୋ) :** ପିଲା କିଭଳି ସ୍କୁଲ ମୁହାଁ ହେବେ ତାକୁ ଦୃଷ୍ଟିରେ ରଖି ସରକାର ବିଦ୍ୟାଳୟରେ ଭିତ୍ତିଭୂମି ଠାରୁ ଆରମ୍ଭ କରି ସ୍ମାର୍ଟ କ୍ଲାସ, ସ୍ମାର୍ଟ କିଚେନ ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ମଧ୍ୟାନ ଭୋଜନ ଠାରୁ ଆରମ୍ଭ କରି ପିଲାଙ୍କୁ ମାଗଣା ୟୁନିଫର୍ମ ସୁବିଧା ମିଳୁଛି। ହେଲେ ଚଳିତ ବର୍ଷ ଅବଧି ଶେଷ ହୋଇଛି ତଥାପି ଏ ପର୍ଯ୍ୟନ୍ତ ବୋରିଗୁମ୍ମା ବ୍ଲକରେ ପିଲାଙ୍କୁ ମିଳିନି ସ୍କୁଲ ୟୁନିଫର୍ମ।

ପୋଷାକ ଯୋଗାଣକୁ ନେଇ ଚାଲିଛି ଟଣାଓଟରା। ପୁରୁଣା ଚିରା ଫଟା ଡ୍ରେସ ପିନ୍ଧି ସ୍କୁଲ ଆସୁଛନ୍ତି ପିଲା। ଅଗଷ୍ଟ ୧୫ ରେ ପିଲା ପୁରୁଣା ଡ୍ରେସ ପିନ୍ଧି ଆସିଲେ। ଗତ ଜୁଲାଇ ସୁଦ୍ଧା ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ ବଣ୍ଟନ ପାଇଁ କଡ଼ା ନିର୍ଦ୍ଦେଶ ଥିଲେ ମଧ୍ୟ ଏହାକୁ ଭୁଲିଗଲେ। କେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ପୋଷାକ ବିତରଣ ଦାୟିତ୍ୱ ନେବେ ତାଙ୍କ ମଧ୍ୟରେ ଟଣା ଓଟରା ହେଉଛନ୍ତି। ଗତ ଜୁଲାଇ ୧୫ ସୁଦ୍ଧା ସମସ୍ତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ ବଣ୍ଟନ ପାଇଁ ନିଷ୍ପତ୍ତି ହୋଇଥିଲା। ରାଜ୍ୟର ସମସ୍ତ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ ଓ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ସ୍କୁଲର ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ ବଣ୍ଟନ ପାଇଁ ଲକ୍ଷ୍ୟ ଥିଲା। ଜଣେ ପିଛା ୫୦୦ ଟଙ୍କା ମୂଲ୍ୟରେ ଦୁଇ ହଳ ପୋଷାକ ଦିଆଯିବ। ଟେଲରିଂ ୟୁନିଟ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପୋଷାକ ତିଆରି ୟୁନିଟ୍ ଥିବା ଏମଏସଇଙ୍କଠାରୁ ପୋଷାକ କ୍ରୟ କରାଯିବ ଯଦି କୌଣସି କ୍ଷେତ୍ରରେ ଏମାନେ ରାଜି ନ ହୁଅନ୍ତି ତେବେ ଜିଲ୍ଲାପାଳଙ୍କ ଅନୁମୋଦନରେ ସ୍କୁଲ ପରିଚାଳନା କମିଟି ପୋଷାକ କିଣି ବଣ୍ଟନ କରି ପାରିବେ। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଏହି ମାର୍ଗଦର୍ଶିକା ଜାରି ହୋଇଥିଲା। ମାର୍ଗଦର୍ଶିକା ଅନୁଯାୟୀ ପୋଷାକ ରଙ୍ଗ ସ୍ୱଚ୍ଛତା ଓ ଗୁଣବତ୍ତାକୁ ବିଶେଷ ଧ୍ୟାନ ଦିଆଯିବ। ନିର୍ଦ୍ଧାରଣ ସମୟ ସୀମା ସହ ଛାତ୍ରଛାତ୍ରୀଙ୍କୁ ସଠିକ ମାପ ହିସାବରେ ପୋଷାକ ଦିଆଯିବ। ଚଳିତ ଶିକ୍ଷା ବର୍ଷ ସମଗ୍ର ଶିକ୍ଷା ପକ୍ଷରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ୪୧ ଲକ୍ଷ ୩୧ ହଜାର ୨୪ ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ଯୋଗାଣ ପାଇଁ ପାଣ୍ଠି ମଞ୍ଜୁର ହୋଇଛି। ତେବେ ପୋଷାକ ବିତରଣରେ କାହିଁକି ବିଳମ୍ବ ବୋଲି କହିଛନ୍ତି ଅଭିଭାବକ।

ପ୍ରତ୍ୟେକ ବର୍ଷ ଅଗଷ୍ଟ ୧୫ସୁଦ୍ଧା ପୋଷାକ ବିତରଣ ଶେଷ ହୋଇଥାଏ। ପିଲା ଅଗଷ୍ଟ ୧୫ରେ ନୂଆ ପୋଷକ ପିନ୍ଧି ସ୍କୁଲ ଆସନ୍ତି ହେଲେ ଚଳିତ ବର୍ଷ ପୁରୁଣା ପୋଷାକ ପିନ୍ଧି ସ୍କୁଲ ଆସିଲେ ଆଉ ପ୍ରଥମ ଶ୍ରେଣୀର ପିଲା ବିନା ୟୁନିଫର୍ମ ରେ ସ୍କୁଲ ଆସୁଛନ୍ତି। ବର୍ଷା ଦିନେ ପୋଷାକ ଓଦା ହୋଇଗଲା ତେବେ ପିଲା ପରଦିନ ବିନା ୟୁନିଫର୍ମ ରେ ସ୍କୁଲ ଆସିବାକୁ ବାଧ୍ୟ ହେଉଛନ୍ତି। ଏ ସମ୍ପର୍କରେ ଆମେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପଚାରି ଥିଲୁ। ମନ୍ତ୍ରୀ ପ୍ରତିକ୍ରିୟାରେ କହିଛନ୍ତି ୟୁନିଫର୍ମ ଦେବା ପାଇଁ ସବୁ ପ୍ରୋସେସ ଚାଲୁ ରହିଛି ଆଉ ଯେତେ ଶୀଘ୍ର ଏସଏସଜି ଗ୍ରୁପ ଏବଂ ଏମଏ ସଏମ ଇ ହେଉ ଏମାନଙ୍କ ମାଧ୍ୟମରେ ପୋଷାକ ବଣ୍ଟନ କରାଯିବ। ପୋଷାକ ବିତରଣ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କହିଛନ୍ତି। ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ ବିତରଣ ପାଇଁ ସମୟ ସୀମା ସରିଲାଣି କିନ୍ତୁ ଏ ପର୍ଯ୍ୟନ୍ତ ପିଲା ୟୁନିଫର୍ମ ପାଇଲେ ନାହିଁ, କେବେ ୟୁନିଫର୍ମ ପାଇବେ ତାକୁ ହିଁ ଅପେକ୍ଷା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ୮ ବର୍ଷ ପରେ ମହଙ୍ଗା ହେଲା ଦିଲ୍ଲୀ ମେଟ୍ରୋ ଭଡ଼ା



ନୂଆଦିଲ୍ଲୀ, ୨୫।୮: ଦିଲ୍ଲୀ ମେଟ୍ରୋରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଏକ ଛୋଟ ଝଟକା ଲାଗିଛି। ୮ ବର୍ଷ ପରେ ଦିଲ୍ଲୀ ମେଟ୍ରୋ ପକ୍ଷରୁ ଭଡ଼ା ବୃଦ୍ଧି ଘୋଷଣା କରାଯାଇଛି। ଅର୍ଥାତ୍, ଏବେଠାରୁ ଯାତ୍ରୀମାନଙ୍କୁ ସେମାନଙ୍କର ଯାତ୍ରା ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଡିଏମଆରସି କହିଛି ଯେ, ଦିଲ୍ଲୀ ମେଟ୍ରୋ ସେବାର ଯାତ୍ରୀ ଭଡ଼ା ସୋମବାର ଠାରୁ ଅର୍ଥାତ୍ ୨୫ ଅଗଷ୍ଟ ୨୦୨୫ ଠାରୁ ସଂଶୋଧିତ କରାଯାଇଛି। ବୃଦ୍ଧି ଏକ ସର୍ବନିମ୍ନ ବୃଦ୍ଧି ବୋଲି କୁହାଯାଇଛି। ଏବେଠାରୁ, ଯାତ୍ରାର ଦୂରତା ଉପରେ ନିର୍ଭର କରି ଯାତ୍ରୀମାନଙ୍କୁ ୧ ରୁ ୪ ଟଙ୍କା ଅତିରିକ୍ତ ଦେୟ ଦେବାକୁ ହେବ।

ସୋମବାରଠାରୁ ଦିଲ୍ଲୀ ମେଟ୍ରୋରେ ଯାତ୍ରା କରିବା ମହଙ୍ଗା ହୋଇଛି। ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ କହିଛି ଯେ, ୨୫ ଅଗଷ୍ଟ ୨୦୨୫ ଠାରୁ ମେଟ୍ରୋ ଭଡ଼ା ବୃଦ୍ଧି କରାଯାଇଛି। ଦୂରତା ଆଧାରରେ ବର୍ଦ୍ଧିତ ରାଶି ଦେବାକୁ ପଡିବ। ଏହାକୁ ୧ ଟଙ୍କାରୁ ୪ ଟଙ୍କା ବୃଦ୍ଧି କରାଯାଇଛି। ସେହି ସମୟରେ,ଏୟାରପୋର୍ଟ ଏକ୍ସପ୍ରେସ ଲାଇନରେ ଭଡ଼ା ୫ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଡିଏମଆରସି ଅନୁଯାୟୀ, ପୂର୍ବରୁ ୦ ରୁ ୨ କିଲୋମିଟର ପାଇଁ ୧୦ ଟଙ୍କା ଦେବାକୁ ପଡୁଥିଲା, ଯାହା ପାଇଁ ଆଜିଠାରୁ ୧୧ ଟଙ୍କା ଦେବାକୁ ପଡିବ। ୨ ରୁ ୫ କିଲୋମିଟର ଦୂରତା ପାଇଁ ୨୦ ଟଙ୍କା ଦେବାକୁ ପଡୁଥିଲା, ଯାହା ପାଇଁ ଏବେଠାରୁ ୨୧ ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡିବ। ତଥାପି, ରବିବାର ଏବଂ ଜାତୀୟ ଛୁଟିଦିନଗୁଡ଼ିକରେ କେବଳ ୧୧ ଟଙ୍କା ଦେବାକୁ ପଡିବ। ପୂର୍ବରୁ ୧୨ ରୁ ୧୫ କିଲୋମିଟର ପାଇଁ ୩୦ ଟଙ୍କା ଦେବାକୁ ପଡୁଥିଲା, ଯାହା ପାଇଁ ଏବେ ୩୨ ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡିବ। ତଥାପି, ରବିବାର ଏବଂ ଛୁଟିଦିନଗୁଡ଼ିକରେ କେବଳ ୨୧ ଟଙ୍କା ଦେବାକୁ ପଡିବ। ୧୨ ରୁ ୨୧ କିଲୋମିଟର ଦୂରତା ପାଇଁ ୪୦ ଟଙ୍କା ବଦଳରେ ୪୩ ଟଙ୍କା ଦେବାକୁ ପଡିବ। ତେବେ ରବିବାର ଏବଂ ଛୁଟିଦିନଗୁଡ଼ିକରେ ୩୨ ଟଙ୍କା ଦେବାକୁ ପଡିବ।

ସେହିପରି ୨୧ ରୁ ୩୨ କିଲୋମିଟର ପାଇଁ ୫୦ ଟଙ୍କା ବଦଳରେ ୫୪ ଟଙ୍କା ଦେବାକୁ ପଡିବ। ରବିବାର ଏବଂ ଛୁଟିଦିନରେ ୪୩ ଟଙ୍କା ଦେବାକୁ ପଡିବ। ଏହା ବ୍ୟତୀତ ୩୨ କିଲୋମିଟର ଦୂରତା ପାଇଁ ୬୦ ଟଙ୍କା ବଦଳରେ ୬୪ ଟଙ୍କା ଦେବାକୁ ପଡିବ। ତେବେ ରବିବାର ଏବଂ ଜାତୀୟ ଛୁଟିଦିନରେ ଆପଣଙ୍କୁ ୫୪ ଟଙ୍କା ଦେବାକୁ ପଡିବ।

ସୂଚନାଯୋଗ୍ୟ, ପୂର୍ବରୁ, ଚତୁର୍ଥ ଭଡା ନିର୍ଦ୍ଧାରଣ କମିଟି (ଏଫଏଫସି)ର ସୁପାରିଶ ଆଧାରରେ ଡିଏମଆରସି ଶେଷ ଥର ପାଇଁ ୨୦୧୭ରେ ଭଡା ସଂଶୋଧନ କରିଥିଲା। ୨୪ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ସର୍ବନିମ୍ନ ଭଡା ୧୦ ଟଙ୍କା ଏବଂ ସର୍ବାଧିକ ଭଡା ୬୦ ଟଙ୍କା ଥିଲା।

## ଆଜିର ସୁନା ଦର



ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୧, ୫୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୩,୦୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୧,୫୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୩, ୦୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୧,୫୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୩ ହଜାର ୦୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୧,୬୬୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩, ୨୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୧,୫୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୩ହଜାର ୦୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୧,୫୧୦ ଓ ୯୩ ହଜାର ୦୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୧,୦୦୦ ଟଙ୍କା ହୋଇଛି।

# ତେଲ କିଣିବା ପାଇଁ କାହାର ଚାପକୁ ଖାତିର କରିବ ନାହିଁ ଭାରତ: ଭାରତୀୟ ରାଷ୍ଟ୍ରଦୂତ



ମସ୍କୋ, ୨୫।୮: ରୁଷିଆରେ ଭାରତୀୟ ରାଷ୍ଟ୍ରଦୂତ ବିନୟ କୁମାର ସ୍ପଷ୍ଟ କରିଛନ୍ତି ଯେ, ଭାରତ ତୈଳ କ୍ରୟ ପ୍ରକ୍ରିୟାରେ କୌଣସି ଚାପ କାମ କରିବ ନାହିଁ। ଭାରତୀୟ କମ୍ପାନିଗୁଡ଼ିକ ଯେଉଁଠାରୁ ସର୍ବୋତ୍ତମ ଡିଲ୍ ପାଇବେ ସେଠାରୁ ତେଲ କିଣିବା ଜାରି ରଖିବେ। ଆମେରିକାକୁ ସମାଲୋଚନା କରି ସେ କହିଛନ୍ତି, ନୂଆଦିଲ୍ଲୀ ନିଜର ଜାତୀୟ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବ। ଆମେରିକା ଦ୍ୱାରା ଭାରତ ଉପରେ ଅତିରିକ୍ତ ଶୁଳ୍କ ଘୋଷଣା ନେଇ ବିନୟଙ୍କର ଏହି ମନ୍ତବ୍ୟ ଆସିଛି। ଆମେରିକା କହିଥିଲା, ଭାରତ ଉପରେ ଶୁଳ୍କ ଲଗାଇବାର ଉଦ୍ଦେଶ୍ୟ ହେଉଛି ଏହାକୁ ରୁଷିଆରୁ ତେଲ କିଣିବାରୁ ରୋକିବା। ରୁଷିଆର ସରକାରୀ ସମାଚାର ଏଜେନ୍ସି ଟିଏଏସଏସ ସହିତ ଏକ ସାକ୍ଷାତକାରରେ ବିନୟ କୁମାର ଭାରତର ତୈଳ କ୍ରୟ ଏବଂ ଆମେରିକା ସହିତ ଉତ୍ତେଜନା ବିଷୟରେ କହିଛନ୍ତି। ସେ କହିଛନ୍ତି, ନୂଆଦିଲ୍ଲୀର ପ୍ରାଥମିକତା ହେଉଛି ଦେଶର ୧.୪ ବିଲିୟନ ଲୋକଙ୍କ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା। ଭାରତ ଏବଂ ରୁଷିଆ ମଧ୍ୟରେ ବାଣିଜ୍ୟ ପାରସ୍ପରିକ ସ୍ୱାର୍ଥ ଏବଂ ବଜାର କାରକ ଉପରେ ଆଧାରିତ। ଭାରତରଲୋକଙ୍କ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବାର ସାମଗ୍ରିକ ଉଦ୍ଦେଶ୍ୟ ହାସଲ ପାଇଁ ଏହା କରାଯାଉଛି।

ବିନୟ କୁମାର ରୁଷିଆ ସହିତ ନୂଆଦିଲ୍ଲୀର ନିରନ୍ତର ଶକ୍ତି ବାଣିଜ୍ୟର ଜବାବରେ ଭାରତୀୟ ଆମଦାନୀ ଉପରେ ଶୁଳ୍କ ଦ୍ୱିଗୁଣିତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଛନ୍ତି। ଏପରି ଶୁଳ୍କ ବୃଦ୍ଧି ନ୍ୟାୟପୂର୍ଣ୍ଣ ବାଣିଜ୍ୟର ନୀତିକୁ କ୍ଷୁର୍ଣ୍ଣ କରେ। ସେ ସ୍ପଷ୍ଟ ଭାବରେ କହିଛନ୍ତି, ଭାରତ ଉପରେ ଶୁଳ୍କ ଲାଗୁ କରିବା ପାଇଁ ଆମେରିକାର ନିଷ୍ପତ୍ତି ଅଯୌକ୍ତିକ ଏବଂ ଅନୁଚିତ। ବିନୟ କୁମାର ଟ୍ରମ୍ପଙ୍କୁ ସିଧାସଳଖ ବାର୍ତ୍ତା ଦେଇ କହିଛନ୍ତି, ଭାରତର ଶକ୍ତି ନୀତି ବାହ୍ୟ ରାଜନୈତିକ ଚାପ ଦ୍ୱାରା ନୁହେଁ, ବରଂ ନିଜର ଲୋକଙ୍କୁ ନିର୍ଭରଯୋଗ୍ୟ ଯୋଗାଣ ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ଆଧାରିତ ବାଣିଜ୍ୟିକ ଭିତ୍ତିରେ କରାଯାଇଥାଏ। ଭାରତୀୟ କମ୍ପାନିଗୁଡ଼ିକ ଯେଉଁଠାରୁ ସର୍ବୋତ୍ତମ ଡିଲ୍ ପାଇବେ ସେଠାରୁ ତେଲ କିଣିବା ଜାରି ରଖିବେ। ଏହା ବର୍ତ୍ତମାନର ପରିସ୍ଥିତି।

ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ମଧ ରୁଷିଆରୁ ତେଲ କିଣିବା ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଜୟଶଙ୍କର ଆମେରିକାର ଶୁଳ୍କ ବୃଦ୍ଧି ପଦକ୍ଷେପକୁ ଅନୁଚିତ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ନୂଆଦିଲ୍ଲୀ ଭାରତୀୟ ଚାଷୀ ଏବଂ କ୍ଷୁଦ୍ର ଉତ୍ପାଦକଙ୍କ ସ୍ୱାର୍ଥ ସହିତ କୌଣସି ସାଲିସ୍ କରିବ ନାହିଁ।

# ଏଆଇ ରେସ୍‌ର ଗ୍ରାଉଣ୍ଡ ଜିରୋ ପାଲଟୁଛି ଭାରତ




ନୂଆଦିଲ୍ଲୀ,୨୫।୮: ଗ୍ଲୋବାଲ ଟେକ୍ନୋଲୋଜି କମ୍ପାନିଗୁଡ଼ିକ ଲାଗି ଭାରତ ଏବେ ପ୍ରମୁଖ ବଜାର ଭାବେ ଉଭା ହୋଇଛି। ଏବେ କୃତ୍ରିମ ବୁଦ୍ଧିମତାକୁ ନେଇ ବିଶ୍ୱ ବଜାରରେ କଡ଼ା ପ୍ରତିଯୋଗିତା ଲାଗି ରହିଥିବା ବେଳେ ଭାରତ ଏବେ ଗ୍ରାଉଣ୍ଡ ଜିରୋ ପାଲଟିଛି। ବିଶ୍ୱର ପ୍ରମୁଖ କମ୍ପାନି ଓପନ ଏଆଇ ନୂଆଦିଲ୍ଲୀରେ ଏହାର କାର୍ଯ୍ୟାଳୟ ସ୍ଥାପନ କରିବାକୁ ଘୋଷଣା କରିବା ପରେ ଭାରତ ବଜାରକୁ ନେଇ ଏବେ ଉତ୍କଣ୍ଠା ବଢ଼ିଛି। ଓପନ ଏଆଇ ସହପ୍ରତିଷ୍ଠାତା ତଥା ସିଇଓ ସାମ୍ ଅଲ୍ଟମ୍ୟାନ କହିଛନ୍ତି, ଏଆଇ କ୍ଷେତ୍ରରେ ଭାରତରେ ବଡ଼ ସୁଯୋଗ ରହିଛି। ଗ୍ଲୋବାଲ ଏଆଇ ଲିଡର ହେବା ଦିଗରେ ଭାରତ କ୍ଷମତା ରଖେ। ଏଠାରେ ଟେକ୍ ଟାଲେଣ୍ଟ, ବିଶ୍ୱ ସ୍ତରୀୟ ଡେଭଲପର ଇକୋସିଷ୍ଟମ ଇଣ୍ଡିଆ ଏଆଇ ମିଶନ ଭଳି ସରକାରଙ୍କ ସହଯୋଗ ଏହି କ୍ଷେତ୍ରକୁ ଉତ୍ସାହିତ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଓପନ ଏଆଇ ପ୍ଲାଟଫର୍ମ ଲାଗି ଭାରତ ବିଶ୍ୱର ୫ମ ବୃହତ ଡେପଲପର ମାର୍କେଟ ଭାବେ ଉଭା ହୋଇଛି। ଭାରତରେ ଚାଟ୍‌ଜିପିଟିର ଅଭିବୃଦ୍ଧି ଉଲ୍ଲେଖନୀୟ ରହିଛି। ଘରୋଇ ବଜାର ହେଉଛି ଏଆଇ ଲାଗି ଦ୍ୱିତୀୟ ବଡ ବଜାର। କମ୍ପାନି ନିକଟରେ ଭାରତ ବଜାର ଲାଗି ମଧ ୩୯୯ ଟଙ୍କାର ଏକ ଅଫର ଆଣିଛି। କେନ୍ଦ୍ର ଇଲେକଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ସହ ମିଳିତ ହୋଇ କମ୍ପାନି ଓପନଏଆଇ ଏକାଡେମୀ ଲଞ୍ଚ କରିଛି। ଏହା ଦ୍ୱାରା ଘରୋଇ ବଜାରରେ ଏଆଇ ସଚେତନତା ସୃଷ୍ଟି ଉପରେ କମ୍ପାନି ଧ୍ୟାନ କେନ୍ଦ୍ରିତ କରିବ। ଓପନ ଏଆଇର ଏହି ନିଷ୍ପତ୍ତିକୁ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ୱାଗତ କରିଛନ୍ତି। ଡିଜିଟାଲ ନବସୃଜନ ଏବଂ ଏଆଇ ଗ୍ରହଣୀୟତା ଦିଗରେ ଏହା ଭାରତର କ୍ଷମତାକୁ ପ୍ରତିପାଦିତ କରୁଛି ବୋଲି କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ପ୍ରତି ଲୋକ ଯେଭଳି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଲାଭ ପାଇବେ ସେଥିଲାଗି ଏକ ଇକୋସିଷ୍ଟମ ଗଠନ ଦିଗରେ କେନ୍ଦ୍ର ସରକାର ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବେ। ଡାଟା କ୍ଷେତ୍ରରେ ଜିଓ ଭଳି ଏଆଇକୁ ଘରୋଇ ବଜାରରେ ଲୋକପ୍ରିୟ କରିବା ଲାଗି ଓପନ ଏଆଇ ଏଭଳି ସୁଲଭ ପ୍ଲାନ ଉପରେ ଧ୍ୟାନ କେନ୍ଦ୍ରିତ କରିଥିବା କୁହାଯାଉଛି। କେବଳ ଓପନ ଏଆଇ ନୁହେଁ ଅନ୍ୟ ପ୍ରମୁଖ କମ୍ପାନି ଗୁଗଲ, ମାଇକ୍ରୋସଫ୍ଟ ଏବଂ ପରପ୍ଲେକ୍ସିଟି ଭଳି କମ୍ପାନି ମଧ ଭାରତ ବଜାରକୁ ନେଇ ବେଶ ଆଶାବାଦୀ ରହିଛନ୍ତି।

ଗୁଗଲର ଜେମିନି ପ୍ରିମିୟମ ପ୍ଲାନ ୧୯୫୦ ଟଙ୍କାରେ ଉପଲବ୍ଧ ହେଉଛି। ଏଥିରେ ବିଭିନ୍ନ ସେବା ଲୋକଙ୍କ ଲାଗି ଉପଲବ୍ଧ କରାଉଛି କମ୍ପାନି। ସେହିଭଳି ଭାରତୀୟଙ୍କ ଦ୍ୱାରା ପ୍ରତିଷ୍ଠିତ ପରପ୍ଲେକ୍ସିଟି ଏଆଇ ବାର୍ଷିକ ୧୭ ହଜାର ଟଙ୍କିଆ ପ୍ଲାନ ଲାଗି ଏୟାରଟେଲ ସହ ଚୁକ୍ତି କରିଛି। ଏଲନ ମସ୍କଙ୍କ ଏକ୍ସଏଆଇ ଭାରତରେ ସୁପର ଗ୍ରୋକ୍ ସୁବିଧା ମାସିକ ୭୦୦ ଟଙ୍କାରେ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

କମ୍ପାନିଙ୍କ ମଧ୍ୟରେ ଏହି ପ୍ଲାନ ଗୁଡ଼ିକୁ ନେଇ ମଧ ପ୍ରତିଯୋଗିତା ଲାଗିଲାଣି। ତେବେ ଭାରତୀୟ କମ୍ପାନି ମଧ ଏଆଇ ବିକାଶରେ ପଛରେ ନାହାନ୍ତି। ୟୁନିକର୍ଣ୍ଣ ଷ୍ଟାର୍ଟଅପ୍ କୃତ୍ରିମ ଏବଂ ଚ୍ୟାଲେଞ୍ଜର୍ସ ସର୍ଭମ ଏଆଇ ଏବଂ ଭାରତ ଜିପିଟି ବିକଶିତ କରିଛନ୍ତି। ଏହାକୁ ଦେଶର ପ୍ରଥମ ଲାର୍ଜ ଲାଙ୍ଗୁଏଜ ମଡେଲ ବୋଲି କୁହାଯାଉଛି। ସେହିଭଳି କ୍ୟୁରଏଆଇ, ନିରମଏଆଇ, ମ୍ୟାଡଷ୍ଟ୍ରିଟ ଡେନ, ୟେଲୋ ଏଆଇ ମଧ ଘରୋଇ ବଜାରରେ କାମ କରୁଛନ୍ତି। ୨୦୪୭ ସୁଦ୍ଧା ଭାରତକୁ ଗ୍ଲୋବାଲ ଏଆଇ ହବ୍ ଭାବେ ବିକଶିତ କରିବା ସରକାରଙ୍କ ଲକ୍ଷ୍ୟ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱାଧୀନତା ଦିବସରେ ଦେଶବାସୀଙ୍କୁ ବାର୍ତ୍ତାରେ କହିଥିଲେ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# 'ଇ୨୦' ପେଟ୍ରୋଲ୍‌ରେ ମାଇଲେଜ୍ ୫% କମୁଛି




ନୂଆଦିଲ୍ଲୀ, ୨୫।୮: ଇଥାନଲ୍ ମିଶାଯାଉଥିବା ପେଟ୍ରୋଲ୍ ଗାଡ଼ିର ମାଇଲେଜ୍ ହ୍ରାସ କରୁଥିବା ଦାବି କରାଯାଉଛି। ଅଟୋମୋବାଇଲ୍ ଶିଳ୍ପର ବିଶେଷଜ୍ଞ କହିଛନ୍ତି ଯେ 'ଇ୨୦' (୨୦% ଇଥାନଲ ମିଶିଥିବା ପେଟ୍ରୋଲ୍) ପକାଇଲେ ଗାଡ଼ିର ମାଇଲେଜ୍ ୨-୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଉଛି। ବିଶେଷ କରି ପୁରୁଣା ଗାଡ଼ିଗୁଡ଼ିକୁ ତାହା ଅଧିକ ପ୍ରଭାବିତ କରିବା ଆଶଙ୍କା ରହିଛି। ସେହି ଗାଡ଼ିଗୁଡ଼ିକର ଗ୍ୟାସ୍‌କେଟ୍, ଇନ୍ଧନ ରବର ହୋସ୍ ଓ ପାଇପ୍‌କୁ ତାହା ନଷ୍ଟ କରିବା ଆଶଙ୍କା ରହିଛି। ପେଟ୍ରୋଲ୍ ତୁଳନାରେ ଇଥାନଲ୍‌ର କ୍ୟାଲୋରିଫିକ୍ ଭ୍ୟାଲୁ କମ୍ ରହୁଥିବାରୁ ତାହା ଗାଡ଼ିର ଯନ୍ତ୍ରାଂଶକୁ କ୍ଷତି ପହଞ୍ଚାଉଛି।

'ଇ୨୦' ପେଟ୍ରୋଲ୍‌ରେ ମାଇଲେଜ୍ କମ୍ ରହୁଥିବା ନେଇ ସୋସିଆଲ୍ ମିଡିଆରେ ବ୍ୟାପକ ଚର୍ଚ୍ଚା ହେଉଥିବା ବେଳେ ଚଳିତ ମାସରେ ତୈଳ ମନ୍ତ୍ରଣାଳୟ ପକ୍ଷରୁ ତାହା ଉପରେ ସ୍ପଷ୍ଟୀକରଣ ଦିଆଯାଇଥିଲା। ଯଦିଓ ମାଇଲେଜ୍‌କୁ ତାହା ସାମାନ୍ୟ ପ୍ରଭାବିତ କରୁଥିବା ମନ୍ତ୍ରଣାଳୟ ସ୍ୱୀକାର କରିଥିଲା, କିନ୍ତୁ କେତେ ଶତାଂଶ କମ୍ ହେଉଛି ତାହା ଜଣାଇନଥିଲା। 'ଇ୨୦'କୁ ନେଇ ମିଥ୍ୟା ପ୍ରଚାର କରୁଥିବା ପେଟ୍ରୋଲ ଲବିକୁ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତୀନ ଗଡ଼କରୀ ଗତ ଶୁକ୍ରବାର କଡ଼ା ସମାଲୋଚନା କରିଥିଲେ। ଇ୨୦ ଇନ୍ଧନ ଗାଡ଼ିର ଇଞ୍ଜିନକୁ କ୍ଷତି ପହଞ୍ଚାଉଥିବା ନେଇ ହେଉଥିବା ଦାବିକୁ ସେ ଖଣ୍ଡନ କରିଥିଲେ। ସେ କହିଥିଲେ, ଆମେ ପୁରୁଣା ଗାଡ଼ିରେ ପରୀକ୍ଷଣ କରିଛୁ। ବ୍ରାଜିଲରେ ୨୭% ଇଥାନଲ୍ ମିଶୁଛି। ସେଠାରେ କିଛି ଅଭିଯୋଗ ନାହିଁ। ବୈଷୟିକ ଦୃଷ୍ଟିରୁ ଆମେ ସବୁ ପ୍ରକାର ପରୀକ୍ଷଣ କରିଛୁ ବୋଲି ଗଡ଼କରୀ କହିଥିଲେ।

### ବିଶେଷଜ୍ଞଙ୍କ ଦାବି, ମନ୍ତ୍ରୀଙ୍କ ଖଣ୍ଡନ

## ଅନ୍‌ଲାଇନ୍ ମନି ଗେମ୍ ନିଷିଦ୍ଧ

# ବିଜ୍ଞାପନ ଦୁନିଆକୁ ଶକ୍ତ ଧକ୍କା

ନୂଆଦିଲ୍ଲୀ, ୨୫।୮: ଅନଲାଇନ୍ ମନି ଗେମ୍ ଓ ଫାଣ୍ଟାସି ସ୍ପୋର୍ଟସ୍ ବିଜ୍ଞାପନ ଦୁନିଆକୁ ବଦଳାଇ ଦେଇଥିଲା। ଗତ ଦଶ ବର୍ଷରୁ ଅଧିକ ସମୟ ଧରି କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରାୟୋଜକଠାରୁ ଆରମ୍ଭ କରି ସେଲିବ୍ରିଟି ପ୍ରଚାର ପର୍ଯ୍ୟନ୍ତ, ସେମାନେ ବେଶ୍ ଆଗରେ ରହିଥିଲେ। ଡ୍ରିମ୍୧୧, ମାଇଁ୧୧ସର୍କଲ୍ ଓ ଏମ୍‌ପିଏଲ୍ ଭଳି ବ୍ରାଣ୍ଡ ବିଜ୍ଞାପନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ। ନିକଟରେ ସଂସଦରେ ଅନଲାଇନ୍ ଗେମିଂ ବିଲ୍ ୨୦୨୫ରେ ମନି ଗେମ୍‌କୁ ନିଷିଦ୍ଧ କରାଯିବା ପରେ ବିଜ୍ଞାପନ ଦୁନିଆରେ ଝଡ଼ ସୃଷ୍ଟି ହୋଇଛି। କିଛି ସମୟ ପର୍ଯ୍ୟନ୍ତ ତାହା ଶିଳ୍ପକୁ ପ୍ରଭାବିତ କରିବା ଆଶଙ୍କା କରାଯାଉଛି। ବିଶେଷ କରି କ୍ରିକେଟ ଟୁର୍ଣ୍ଣାମେଣ୍ଟର ବିଜ୍ଞାପନରେ ମନି ଗେମ୍‌ଗୁଡ଼ିକର ବେଶ୍ ପ୍ରଭାବ ଥିଲା। ଡ୍ରିମ୍୧୧ କ୍ରିକେଟ୍ ପ୍ରାୟୋଜକ ଭାବେ ୩୫୦ କୋଟି ଟଙ୍କା ବ୍ୟୟ କରିଛି। ମାଇଁ୧୧ସର୍କଲ୍ ମଧ ଆଇପିଏଲ୍‌ର ଫାଣ୍ଟାସି ଅଧିକାରକୁ ପାଞ୍ଚବର୍ଷ ପାଇଁ ୬୨୫ କୋଟି ଟଙ୍କାରେ ହାସଲ କରିଛି। ଏହି କମ୍ପାନିଗୁଡ଼ିକ ପ୍ରଭାବରେ ଭାରତୀୟ କ୍ରୀଡ଼ା କ୍ଷେତ୍ରର ବିଜ୍ଞାପନ ବଜାର ୧୬,୬୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏକ ଆକଳନରୁ ଜଣାପଡ଼ିଛି ଯେ ମନି ଗେମିଂ କମ୍ପାନିଗୁଡ଼ିକ ବିଜ୍ଞାପନରେ ବର୍ଷକୁ ୪୫୦୦ କୋଟି ଟଙ୍କାରୁ ଅଧିକ ବ୍ୟୟ କରୁଥିଲେ।

# ୨୭ ଅଗଷ୍ଟ ବନ୍ଦ ରହିବ ଷ୍ଟକ୍ ମାର୍କେଟ



ନୂଆଦିଲ୍ଲୀ,୨୫।୮: ଆଗାମୀ ସପ୍ତାହରେ ନିବେଶକମାନଙ୍କ ପାଇଁ ଶେୟାର ବଜାରରେ ମାତ୍ର ୪ ଦିନ ଟ୍ରେଡିଂ ହେବ। ଗଣେଶ ଚତୁର୍ଥୀ ଅବସରରେ ବୁଧବାର, ୨୭ ଅଗଷ୍ଟରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଓ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ବନ୍ଦ ରହିବ। ଏହା ବ୍ୟତୀତ ୩୧ ଅଗଷ୍ଟ (ଶନିବାର) ଓ ୧ ସେପ୍ଟେମ୍ବର (ରବିବାର) ସପ୍ତାହନ୍ତ ହେତୁ ମଧ ବଜାର ବନ୍ଦ ରହିବ। ଅର୍ଥାତ ଆଗାମୀ ସପ୍ତାହରେ ନିବେଶକମାନେ କେବଳ ସୋମବାର, ମଙ୍ଗଳବାର, ଗୁରୁବାର ଓ ଶୁକ୍ରବାର ଦିନ ଟ୍ରେଡିଂ କରିପାରିବେ। ମୁମ୍ବାଇ ସ୍ଥିତ ଉଭୟ ବିଏସଇ ଓ ଏନଏସଇ ପ୍ରତିବର୍ଷ ଗଣେଶ ଚତୁର୍ଥୀ ଦିନ ବନ୍ଦ ରହିଥାଏ, କାରଣ ମହାରାଷ୍ଟ୍ର ସରକାର ଏହାକୁ ବାଧ୍ୟତାମୂଳକ ଛୁଟି ଘୋଷଣା କରିଛନ୍ତି। ଅଗଷ୍ଟ ଶେଷ ହେବା ପରେ ସେପ୍ଟେମ୍ବର ମାସରେ କେବଳ ଶନିବାର ଓ ରବିବାର ଛୁଟି ରହିବ। କିନ୍ତୁ ଅକ୍ଟୋବରରେ ଗାନ୍ଧୀ ଜୟନ୍ତୀ ଓ ଦୀପାବଳୀ ଅବସରରେ ବଜାର ବନ୍ଦ ରହିବ। ବିଶେଷ କଥା ହେଉଛି, ୨୧ ଅକ୍ଟୋବରରେ ମୁହୂର୍ତ୍ତ ଟ୍ରେଡିଂ ହେବ, ଯାହାକୁ ଶୁଭ ବୋଲି ବିବେଚନା କରାଯାଏ ଏବଂ ଏହି ସମୟରେ ନିବେଶକମାନେ ବହୁଳ ଭାବେ କ୍ରୟ କରନ୍ତି। ବିଶେଷଜ୍ଞମାନଙ୍କ ମତରେ, ଆମେରିକୀୟ ଫେଡ ରିଜର୍ଭର ସୁଧ ହାର ହ୍ରାସ ସମ୍ଭାବନା ଏବଂ ବିଶ୍ୱ ବଜାରରେ ତେଜିର ପ୍ରଭାବ ଭାରତୀୟ ଶେୟାର ବଜାର ଉପରେ ପଡ଼ିବ। ଏହା ସହ ଡଲାର ଇଣ୍ଡେକ୍ସରେ ଦୁର୍ବଳତା ମଧ ଘରୋଇ ବଜାରକୁ ସମର୍ଥନ ଯୋଗାଇବ। ତେବେ ଆମେରିକା ପକ୍ଷରୁ ଅତିରିକ୍ତ ଟାରିଫ ଲାଗୁ କରିବାର ସମୟସୀମା ନିକଟତର ହେଉଛି, ଯାହା ଉପରେ ନିବେଶକମାନଙ୍କ ନଜର ରହିବ।

# ଓଡ଼ିଶାରେ ୧୭% ଆୟକରଦାତାଙ୍କ ଆୟ ୧୨ ଲକ୍ଷରୁ ଅଧିକ

ନୂଆଦିଲ୍ଲୀ, ୨୫।୮: ଯେଉଁ ରାଜ୍ୟଗୁଡ଼ିକ ଧନୀ ଭାବେ ଗଣା ହେଉଛନ୍ତି, ସେଠାରେ ଅଧିକ ମଧ୍ୟବିତ୍ତ ବାସ କରୁନାହାନ୍ତି। ୨୦୨୪-୨୫ ଆକଳନ ବର୍ଷ ପାଇଁ ଦାଖଲ ହୋଇଥିବା ଆୟକର ରିଟର୍ଣ୍ଣରୁ ସେଭଳି ଚିତ୍ର ସାମ୍ନାକୁ ଆସିଛି। ବାର୍ଷିକ ୧୨ ଲକ୍ଷରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ଟିକସଦାତାଙ୍କ ହାର ଝାଡ଼ଖଣ୍ଡରେ ୨୦ ପ୍ରତିଶତ ରହିଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି ଧନୀ ରାଜ୍ୟ ଗୁଜରାଟ ଏହି ତାଲିକାର ଶୀର୍ଷ ୧୦ରେ ସ୍ଥାନ ପାଇନାହିଁ। ଓଡ଼ିଶାର ୧୭ ପ୍ରତିଶତ ଟିକସଦାତା ଏହି ଆୟ ବର୍ଗରେ ରହିଛନ୍ତି। ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ଦେଶର ସିଂହଭାଗ ଟିକସଦାତା ନିଜର ବାର୍ଷିକ ଆୟ ଅଢ଼େଇ ଲକ୍ଷ ଟଙ୍କାରୁ ସାଢ଼େ ସାତ ଲକ୍ଷ ଟଙ୍କା ଭିତରେ ଦର୍ଶାଇଛନ୍ତି। ଅଧାରୁ ଅଧିକ ମଧ୍ୟବିତ୍ତ ଲୋକ ସେହି ବର୍ଗରେ ରହିଛନ୍ତି। ମାତ୍ର ୨.୫ ପ୍ରତିଶତ ଟିକସଦାତା ନିଜର ବାର୍ଷିକ ଆୟ ୨୫ ଲକ୍ଷ ଟଙ୍କାରୁ ଅଧିକ ଥିବା ଘୋଷଣା କରିଛନ୍ତି।

### ମହାରାଷ୍ଟ୍ରଠାରୁ ଆଗରେ

ବର୍ଷକୁ ୧୨-୫୦ ଲକ୍ଷ ଟଙ୍କା ମଧ୍ୟରେ ଆୟ କରୁଥିବା ଟିକସଦାତାଙ୍କ ହାର କର୍ଣ୍ଣାଟକରେ ସର୍ବାଧିକ ୨୦.୬% ରହିଛି। ଶୀର୍ଷ ୧୦ଟି ସ୍ଥାନରେ କର୍ଣ୍ଣାଟକ ପଛକୁ ଥିବା ରାଜ୍ୟଗୁଡ଼ିକ ହେଉଛି ତେଲେଙ୍ଗାନା (୧୯.୮%), ଝାଡ଼ଖଣ୍ଡ (୧୯.୫%), ତାମିଲନାଡୁ(୧୮.୮%), ଦିଲ୍ଲୀ (୧୭.୬%), ପୁଡୁଚେରି (୧୭.୪%), ଓଡ଼ିଶା (୧୬.୮%), ମହାରାଷ୍ଟ୍ର(୧୬.୨%), ଆନ୍ଧ୍ରପ୍ରଦେଶ(୧୫.୯%) ଓ ଉତ୍ତରାଖଣ୍ଡ (୧୪.୨%)। ତେବେ ବର୍ଷକୁ ୨୫ ଲକ୍ଷ ଟଙ୍କାରୁ ୫୦ ଲକ୍ଷ ଟଙ୍କା ମଧ୍ୟରେ ଆୟ କରୁଥିବା ଟିକସଦାତାଙ୍କ ସଂଖ୍ୟା ଓଡ଼ିଶାରେ ଏତେ ଅଧିକ ନାହିଁ। ଏହି ତାଲିକାର ଶୀର୍ଷ ୧୦ଟି ରାଜ୍ୟ ଭିତରେ ଓଡ଼ିଶାକୁ ସ୍ଥାନ ମିଳିନାହିଁ। ଏହି ତାଲିକାରେ କ୍ରମାନ୍ୱୟରେ ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, ଉତ୍ତରପ୍ରଦେଶ, ତେଲେଙ୍ଗାନା, ପଶ୍ଚିମବଙ୍ଗ, ଦିଲ୍ଲୀ, ହରିୟାଣା, କେରଳ ଓ ଆନ୍ଧ୍ରପ୍ରଦେଶ ରହିଛନ୍ତି। ମହାରାଷ୍ଟ୍ରରେ ସର୍ବାଧିକ ୪୬ ଲକ୍ଷରୁ ଅଧିକ ଆୟକର ରିଟର୍ଣ୍ଣ ଦାଖଲ ହୋଇଥିଲା। ଅଧିକାଂଶ ରାଜ୍ୟର ମୋଟ୍ ଜନସଂଖ୍ୟାର ପ୍ରାୟ ୩ ପ୍ରତିଶତ ଲୋକ ଆୟକର ରିଟର୍ଣ୍ଣ ଦାଖଲ କରୁଛନ୍ତି। ଜନବହୁଳ ରାଜ୍ୟ ଉତ୍ତରପ୍ରଦେଶରେ ଏହି ହାର ମାତ୍ର କିନ୍ତୁ ୧.୫ ପ୍ରତିଶତ ରହିଛି।



# ଲଗାଣ ବର୍ଷାରେ ସନ୍ତୋଷଙ୍କ ଭାଙ୍ଗିଲା ଘର



**ବୈଶିଙ୍ଗା,୨୫।୮ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ବିଗତ ଲଗାଣ ବର୍ଷାରେ ବହୁ କ୍ଷୟ କ୍ଷତି ହୋଇ ଥିବାର ଜଣା ଯାଇଛି। ଧାନ ଚାଷ ପାଇଁ ଅନୁକୂଳ ଥିଲେ ମଧ୍ୟ ଏହି ଲଗାଣ ବର୍ଷା ପାଇଁ ଧାନ ଫସଲରେ ରୋଗ ପୋକ ଲାଗିବା ଦ୍ୱାରା ବହୁ ସ୍ଥାନରେ କ୍ଷତି ହୋଇଥିବାର ଦେଖିବାକୁ ମିଳିଛି। ସେହିପରି କଚ୍ଚା ଘର ଗୁଡିକ ଭାଙ୍ଗି ଯାଇଥିବାର ନଜରକୁ ଆସିଛି। ବେତନଟୀ ବ୍ଲକ ଅନ୍ତର୍ଗତ ଗଡ଼ଦେଉଳିଆ ପଞ୍ଚାୟତର ଶ୍ରୀବସ୍ତପୁର ଗ୍ରାମର ସନ୍ତୋଷ ମହାନ୍ତି ଙ୍କ ଘର ସଂପୂର୍ଣ୍ଣ ଭାଙ୍ଗି ରୁଜି ଯାଇଥିବା ଜଣାଯାଇଛି।ଏହି ଖବର ପାଇ ଗଡ଼େଦେଉଳିଆ ସରପଞ୍ଚ ବବିତା ସିଂ, ବିଜେଡି ର ବ୍ଲକ ସଭାପତି ରାଜୀବ ରଞ୍ଜନ ସେନାପତି ଙ୍କ ସମେତ ୱାର୍ଡ ମେମ୍ବର ଘଟଣା ସ୍ଥଳରେ ପହଞ୍ଚି କ୍ଷୟ କ୍ଷତି ଦେଖିବା ସହିତ ପଞ୍ଚାୟତ ତରଫରୁ ସାହାଯ୍ୟ କରିଥିଲେ ଏବଂ ସରକାରୀ ସହାୟତା ପାଇଁ ତହସିଲଦାରଙ୍କୁ ଅବଗତ କରାଇଥିଲେ। ପୀଡିତ ବ୍ୟକ୍ତି ସରକାରୀ ଘର ଖଣ୍ଡିଏ ପାଇବା ପାଇଁ ସରପଞ୍ଚ ବବିତା ସିଂ ବେତନଟୀ ବିଡିଓ ଙ୍କୁ ଅବଗତ କରାଇଥିବା ପ୍ରକାଶ କରିଥିଲେ।

## ଅବ୍ୟବସ୍ଥାରେ ସାର୍ତ୍ତାଗୁଡ଼ା ପ୍ରାଥମିକ ବିଦ୍ୟାଳୟ, ବାହାରେ ଘାସ ଲଟା ବୁଦାରେ ଭର୍ତ୍ତି

# ପାଳି କରି ଆସୁଛନ୍ତି ଶିକ୍ଷକ, ସମୟ ପୂର୍ବରୁ ବିଦ୍ୟାଳୟ ଛୁଟି



**ଫୁଲବାଣୀ,୨୫।୮ (ସଂଚାର ବ୍ୟୁରୋ):** ରାଜ୍ୟ ଓ କେନ୍ଦ୍ର ସରକାର ଛାତ୍ର ଛାତ୍ରୀ ମାନଙ୍କ ଗୁଣାତ୍ମକ ମାନର ଶିକ୍ଷା ପାଇଁ ବିଦ୍ୟାଳୟ କୋଠା ହେଉ କି ବିଭିନ୍ନ ଉର୍ନତ ମାନର ଶିକ୍ଷଣୀୟ ଉପକରଣ ସହ ବିଦ୍ୟାଳୟ କୋଠା କୁ ରଙ୍ଗ ମାରି ବିଭିନ୍ନ ଚିତ୍ର ଆଙ୍କି ଶିକ୍ଷାକୁ କିଭଳି ଛାତ୍ର ଛାତ୍ରୀ ଆଗ୍ରହ ସହ ପାଠ ପଢି ପାରିବେ ଗୁରୁତ୍ୱ ଦେଉଛନ୍ତି କିନ୍ତୁ ବିଦ୍ୟାଳୟ ର ଶିକ୍ଷକ ଙ୍କ ଇଚ୍ଛାଶକ୍ତି ର ଅଭାବ ଏବଂ ବିଦ୍ୟାଳୟ କୁ ଆସୁଥିବା ଅର୍ଥ ଆତ୍ମସାତ ଯୋଗୁଁ ସହ ବିଦ୍ୟାଳୟ କୁ ଠିକ ଭାବରେ ଆସୁନଥିବାରୁ ଅନେକ ବିଦ୍ୟାଳୟ ଏବେବି ଅବ୍ୟବସ୍ଥା ଦେଇ ଗତି କରୁଛି। ଏମିତି ଏକ ବିଦ୍ୟାଳୟ ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ପକାରୀ ପଞ୍ଚାୟତ ର ଉପାନ୍ତ ଅଞ୍ଚଳ ସରକାରୀ ପ୍ରାଥମିକ ବିଦ୍ୟାଳୟ ସାର୍ତ୍ତା ଗୁଡ଼ା ରେ। ଏହି ବିଦ୍ୟାଳୟ ଟି ପୁରାତନ ଏବଂ ଉପାନ୍ତ ଅଞ୍ଚଳ ରେ ଥିବା ବେଳେ ବର୍ତ୍ତମାନ ବହୁ ଅବ୍ୟବସ୍ଥା ଦେଇ ଗତି କରୁଛି ଯାହାଦ୍ୱାରା ଛାତ୍ର ଛାତ୍ରୀ ଉପଯୁକ୍ତ ଶିକ୍ଷା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ବିଦ୍ୟାଳୟ ର କାନ୍ଥ ବାଡ଼ ରେ ମଇଳା ହୋଇ କଦର୍ଯ୍ୟ ହୋଇଥିବା ବେଳେ ବିଦ୍ୟାଳୟ ବାହାରେ ଘାସ ଲଟା ବୁଦା ରେ ଭର୍ତି ହୋଇ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟାଳୟ କୋଠରୀ ରେ ସାଧାରଣ ଭାବରେ ଛାତ ସିଲିଂ ରେ ମଧ୍ୟ ଦୀର୍ଘ ବର୍ଷ ପରେବି କୋଠା ଭାଙ୍ଗିବାକୁ ବସିଥିଲେ ମଧ୍ୟ ଚୂନ କିମ୍ବା ରଙ୍ଗ ଲାଗି ପାରିନାହିଁ। ବିଦ୍ୟାଳୟ ରେ ୨ ଜଣ ଶିକ୍ଷକ ରଘୁନାଥ ବଗାର ଏବଂ ଅଦିଲ କୁମାର ଦେହୁରୀ ଅଛନ୍ତି ୨ ଶିକ୍ଷକ ରେ ପ୍ରଥମ ଶ୍ରେଣୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ପ୍ରଥମ ରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ୧୪ ଜଣ ଛାତ୍ର ଛାତ୍ରୀ ଅଛନ୍ତି ପଞ୍ଚମ ଶ୍ରେଣୀ ଛାତ୍ର ଛାତ୍ରୀ ନାହାନ୍ତି। ବର୍ତ୍ତମାନ ବାଲ ବାଟିକା ରେ ୧୨ ଜଣ ଛାତ୍ର ଛାତ୍ରୀ ପଢୁଥିବା ବେଳେ ସର୍ବମୋଟ ୨୬ ଜଣ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି। ୨ ଟି ଶ୍ରେଣୀ କୋଠରୀ ଥିଲେ ମଧ୍ୟ ବହୁ ଅବ୍ୟବସ୍ଥା ରେ ଶ୍ରେଣୀ କୋଠରୀ ରହିଛି। ଶନିବାର ଦିନ ଦଶଟା ପର୍ଯ୍ୟନ୍ତ କୌଣସି ଛାତ୍ର ଛାତ୍ରୀ ଆସିନଥିବା ବେଳେ ଆଦିଲ କୁମାର ଦେହୁରୀ ଶିକ୍ଷକ ମଧ୍ୟ ଆସିନଥିବା ଦେଖିବାକୁ ମିଳିଥିବା ବେଳେ ଦଶଟା ପରେ ୪ ରୁ ୫ ଜଣ ଛାତ୍ର ଛାତ୍ରୀ ଆସିଥିଲେ। ଗ୍ରାମବାସୀ ଙ୍କ ଅଭିଯୋଗ ଅନୁସାରେ ବିଦ୍ୟାଳୟ ର ଦୁଇ ଶିକ୍ଷକ ନିଜ ଇଛା ମୁତାବକ ଆସୁଛନ୍ତି ଓ ଯାଉଛନ୍ତି ଏମିତି କି ବିଦ୍ୟାଳୟ ରେ ପାଠ ପଢ଼ାଇବା ଦୂରର କଥା ପାଳି କରି ଶିକ୍ଷକ ମାନେ ଆସୁଥିବା ଅଭିଯୋଗ କରିଛନ୍ତି କିଛି ଅଭିଭାବକ। ବିଦ୍ୟାଳୟ କୁ ଦେଖିଲେ ପାଠ ପଢା କିଭଳି ହେଉଥିବ ଓ ଦୈନନ୍ଦିନ ଦିଆ ଯାଉଥିବା ଏମ ଡ଼ି ଏମ କିଭଳି ଦିଆ ଯାଉଥିବ ତାହା ସ୍ପଷ୍ଟ ବାରି ହୋଇ ପଡୁଛି। ବିଦ୍ୟାଳୟ କୁ ଆସୁଥିବା ଟି ଏଲ ଏମ ଟଙ୍କା ସହ ବିଦ୍ୟାଳୟ ର ଭିତିଭୂମି ର ବିକାଶ ପାଇଁ ଆସୁଥିବା ଟଙ୍କା କୁଆଡେ ଯାଉଛି ତାହା ଜଣା ପଡୁନଥିବା କହିଛନ୍ତି ଅଭିଭାବକ ମାନେ। ଅନ୍ୟପଟେ ବିଦ୍ୟାଳୟ ର ଆସୁଥିବା ଟଙ୍କା କେଉଁ ଠାରେ ଖର୍ଚ୍ଚ ହେଉଛି ତଦନ୍ତ କରିବା ସହ ଉପଯୁକ୍ତ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛନ୍ତି ଅଞ୍ଚଳ ବାସୀ। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରଘୁନାଥ ବଗାର ଙ୍କୁ ପଚାରିବାରୁ ବିଦ୍ୟାଳୟ ର ଅନ୍ୟଜଣେ ଶିକ୍ଷକ କୌଣସି ଛୁଟି ଦରଖାସ୍ତ ମଧ୍ୟ ଦେଇନଥିବା କହିଥିବା ବେଳେ କାହିଁକି ଆସିନାହାନ୍ତି ଜାଣି ନଥିବା କହିଛନ୍ତି ।

# ଗଣେଶ ପୂଜା ପାଇଁ ହିଞ୍ଜିଳି ପୋଲିସର ବୈଠକ



**ହିଞ୍ଜିଳିକାଟୁ,୨୫।୮(ସଂଚାର ବ୍ୟୁରୋ):** ରାତି ପାହିଲେ ଗଣେଶ ପୂଜା। ଏଥିପାଇଁ ସଜେଇ ହେଲାଣି ବିଭିନ୍ନ ପୂଜା ମଣ୍ଡପ। ମୂର୍ତ୍ତି ତିଆରି ବି ଶେଷ ହୋଇ ସାରିଛି। ଗାଁରୁ ସହର ସବୁଠି ଜମିଲାଣି ପାର୍ବଣର ମାହୋଲ। ଏବେ ବିଘ୍ନନାଶକଙ୍କ ଆବାହନ ପାଇଁ ସମସ୍ତଙ୍କ ଭିତରେ ବଢ଼ିବାରେ ଲାଗିଛି ଉତ୍କଣ୍ଠା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ହିଞ୍ଜିଳିକାଟୁ ସହର ସମେତ ବ୍ଲକର ବିଭିନ୍ନ ସ୍ଥାନ। ଏହାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀଙ୍କ ତତ୍ତ୍ୱବଧାନରେ ରବିବାର ଦିନ ଥାନାର ଅଭ୍ୟର୍ଥନା କକ୍ଷ ପରିସରରେ ସହରର ବିଭିନ୍ନ ପୂଜା କମିଟି ସଦସ୍ୟ ମାନଙ୍କ ସହ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଇବେ ଗଜାନନ। ସେଇପରି ସେପ୍ଟେମ୍ବର ୨ରେ ଭସାଣିର ନିଷ୍ପତି ନିଆଯାଇଛି। ସହରର ସମସ୍ତ ଗଣେଶ ପୂଜାର ଅନୁଷ୍ଠାନ ଗୁଡିକ ଏହି ଶୋଭାଯାତ୍ରାରେ ସାମିଲ ହେବେ ବୋଲି ସୂଚନା ଦିଆଯାଇଛି। ରାତ୍ର ୧୦ଟା ସୁଦ୍ଧା ଭସାଣି ସମ୍ପନ୍ନ ହେବ ବୋଲି ସ୍ଥିର କରାଯାଇଛି।

# ଏନ୍‌ଏସି ଘୋଷଣା ଦାବି ନେଇ ଶୋଭାଯାତ୍ରା



**ନର୍ଲା,୨୫।୮(ସଂଚାର ବ୍ୟୁରୋ):** ନର୍ଲା ଓ ମ.ରାମପୁରକୁ ଏନଏସସି ଘୋଷଣା ଦାବୀ କରିଛି ସ୍ୱାଭିମାନ ନର୍ଲା ନିର୍ବାଚନ ମଣ୍ଡଳୀ ବିକାଶ ମଞ୍ଚ। ସୋମବାର ସ୍ୱାଭିମାନ ନର୍ଲା ନିର୍ବାଚନ ମଣ୍ଡଳୀ ବିକାଶ ମଞ୍ଚ ପକ୍ଷରୁ ଏନେଇ ବିଶାଳ ଶୋଭାଯାତ୍ରା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଛି। ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତିଙ୍କ ସଂଯୋଜନା ଓ ମଞ୍ଚର ସଭାପତି ରୋମାଞ୍ଚ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳମତ ନିର୍ବିଶେଷରେ ଶତାଧିକ ଜନତା ସାମିଲ ହୋଇ ନର୍ଲା ଓ ମଦନପୁର ରାମପୁରକୁ ଏନଏସସି ଘୋଷଣା ଦାବୀ ଦୋହରାଇଥିଲେ। ବିଗତ ସରକାରଙ୍କ ସମୟରେ ନର୍ଲା ଓ ମଦନପୁର ରାମପୁରକୁ ଏନଏସସି ଘୋଷଣା କରାଯାଇଥିଲା। କିନ୍ତୁ କିଛିଦିନ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ହୋଇଥିବା ନୂତନ ଏନଏସି ତାଲିକାରେ ନର୍ଲା ଓ ମଦନପୁର ରାମପୁରର ନାମ ନାହିଁ। ତେଣୁ ରାଜ୍ୟ ସରକାର ତୁରନ୍ତ କଳାହାଣ୍ଡିର ଏହି ଦୁଇ ସ୍ଥାନକୁ ଏନଏସି ଘୋଷଣା କରିବାକୁ ଦାବୀ ହୋଇଛି। ଏନେଇ ନର୍ଲା ଡ଼ାକବଙ୍ଗଳାରୁ ଏକ ଶୋଭାଯାତ୍ରା ବାହାରି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଶୋଭାଯାତ୍ରା ଓ ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ନର୍ଲା ବିଧାୟିକା ମନୋରମା ମହାନ୍ତି, ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ସ୍ୱାଭିମାନ ନର୍ଲା ନିର୍ବାଚନ ମଣ୍ଡଳୀ ବିକାଶ ମଞ୍ଚ ସଭାପତି ରୋମାଞ୍ଚ ସାହୁ, ସାଧାରଣ ସମ୍ପାଦକ ସରୋଜ କୁମାର ରାଉତ, ଉପସଭାପତି ଚନ୍ଦ୍ରଶେଖର ପୁଝାରୀ, ଯୁବନେତା ଗୋବିନ୍ଦ ତାଣ୍ଡି, ସୁଦର୍ଶନ ଦୋରା, ଘାସିରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ହିଞ୍ଜିଳି ବ୍ଲକରେ ୮ ପ୍ରୋବେସନାରୀ ଓଏଏସ୍



**ହିଞ୍ଜିଳିକାଟୁ,୨୫।୮(ସଂଚାର ବ୍ୟୁରୋ):** ହିଞ୍ଜିଳି ବ୍ଲକ ଅନ୍ତର୍ଗତ ରାଳବ ଓ ସାହାପୁର ଗ୍ରାମ ପଞ୍ଚାୟତରେ ରବିବାର ଦିନ ତାଲିମ ନେଉଥିବା ୮ ପ୍ରୋବେସନାରୀ ଓଏଏସ୍ ପହଞ୍ଚି ସରକାରୀ ଯୋଜନାର ସଫଳ କାର୍ଯ୍ୟକାରୀତା ବୁଲି ଦେଖିଥିଲେ। ୮ ପ୍ରୋବେସନାରୀ ଓଏଏସ୍ ଅଧିକାରୀ ମାନେ ୩୦ ଅଗଷ୍ଟ ପର୍ଯ୍ୟନ୍ତ ଉକ୍ତ ବ୍ଲକରେ ରହିବେ। ୨ୟ ଦିନରେ ବ୍ଲକର ବେଲ ଗାଁ ଗ୍ରାମ ପଞ୍ଚାୟତରେ ପହଂଚି ତଦାରଖ କରିବା ସହ ସରକାରଙ୍କ ବିଭିନ୍ନ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ତାହା ଅନୁଧ୍ୟାନ କରି ଫେରିଥିଲେ। ଆଗାମୀ ଦିନରେ ବ୍ଲକର ସମସ୍ତ ପଞ୍ଚାୟତ ଯିବା ସହ ସରକାରଙ୍କ ଯୋଜନା ଜନସାଧାରଣଙ୍କୁ କିଭଳି ସେବା ପ୍ରଦାନ କରାଯାଉଛି ତାହା ଦେଖିବେ ନେଇ ସୂଚନା ମିଳିଛି।

# କୁମାରଗୁଡ଼ା ବୁଢ଼ାରଜା ଯୁଥ କ୍ଲବ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



**ଲାଞ୍ଜିଗଡ଼, ୨୫।୮(ସଂଚାର ବ୍ୟୋରୋ):** ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ କୁମାର ଗୁଡା ବୁଢ଼ାରଜା ଯୁଥ କ୍ଲବର ଉଦ୍ୟମ ଅଞ୍ଚଳରେ ଏକ ଉଦାହରଣ ସୃଷ୍ଟିକରିଛି। ବୁଢ଼ାରଜା ଯୁଥ କ୍ଲବର ସଦସ୍ୟ ମାନେ ଗାଁ ପରିବେଶ, ସୁସ୍ଥ ସମାଜ ଗଠନ ଦିଗରେ ଅଗ୍ରସର ହୋଇଛନ୍ତି। ତେବେ ବୁଢ଼ାରଜା ଯୁଥ କ୍ଲବ ପକ୍ଷରୁ ଅନେକ ନିରୀହ ଲୋକଙ୍କୁ ସହାୟତାର ହାତ ବଢ଼େଇ ଆସୁଥିବା ବେଳେ ଆଜି ରୋଘାଗୁଡ଼ା ବସଷ୍ଟପ, ରାସ୍ତା କଡ଼ରେ ଥିବା ଆବର୍ଜନା ଓ ଅନାବନା ଗଛ କାଟି ପରିଷ୍କାର ପରିଚ୍ଛନ୍ନତା ପ୍ରତି ଯତ୍ନବାନ ହେବା ସହ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇଛନ୍ତି। ବୁଢ଼ାରଜା ଯୁଥ କ୍ଲବର ସଭାପତି ହରିଶଚନ୍ଦ୍ର ସାହୁ ଓ ସମ୍ପାଦକ ରାଜେଶ ନାଏକଙ୍କ ନେତୃତ୍ୱରେ ଏହି ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ କ୍ଲବର ସଦସ୍ୟା ପିଣ୍ଟୁ ଲାଲସି, ରତିକାନ୍ତ, ସୁଦାମା ହରିଜନ, ସୁମିତ ନାଏକ ଦୟାରମା ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଗାଁର ମୁଖ୍ୟ ରାସ୍ତା କଡ଼ରେ ଜମି ରହିଥିବା ପାଣି, ବସ ଷ୍ଟପ, ଅନାବନା ଗଛ, ପ୍ଲାଷ୍ଟିକ ଆବର୍ଜନା ସାମଗ୍ରୀ ସଂଗ୍ରହ କରି ରାସ୍ତା ଘାଟ ସଫେଇ କରିଥିଲେ।ଆଗକୁ ପଞ୍ଚାୟତର ସମସ୍ତ ଗାଁରେ ଏଭଳି ସଚେତନା ବାର୍ତା ଦେବା ସହ ପରିବେଶ ସୁରକ୍ଷା ଓ ସଫେଇ କାର୍ଯ୍ୟକ୍ରମ କରାଯିବ ବୋଲି ସଭାପତି ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

# ସୁହାନା ନିଟ୍ ପରୀକ୍ଷା ଦେଇ ସଫଳ ହେଲେ



**ନବରଂଗପୁର/ରାଇଘର,୨୫।୮(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଉପାନ୍ତ ରାଇଘର ବ୍ଲକ ର କଦ ଭାଟା ସାହିର ବଳରାମ ବେହେରା ଓ ମାତା ମମତା ରାଣୀ ଙ୍କ ଏକମାତ୍ର ଝିଅ ସୁହାନା ବେହେରା ନିଟ ପରୀକ୍ଷା ଦେଇ ପ୍ରଥମ ଥରରେ ଉତୀର୍ଣ୍ଣ ହୋଇଛନ୍ତି ଯାହାଫଳରେ ସାରା ଅଞ୍ଚଳ ରେ ଖୁସିର ବାତାବରଣ ସୃଷ୍ଟି ହୋଇଛି। ଖବର ନେବାରୁ ଜଣା ପଡ଼ିଛି ଯେ ସୁହାନା ପ୍ରଥମ ଶ୍ରେଣୀ ରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରାଇଘର ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲ ରେ ଅଧ୍ୟୟନ କରି ପ୍ରଥମ ସ୍ଥାନ ହାସଲ କରି ନବରଙ୍ଗପୁର ନବଦୟ ବିଦ୍ୟାଳୟ ରେ ବି ଦଶମ ଶ୍ରେଣୀ ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ପରବର୍ତୀ ଦଶମ ଶ୍ରେଣୀ ପରେ ସେ ପୁନେ ଠାରେ ଥିବା ଜବାହର ନବଦୟ ବିଦ୍ୟାଳୟ ରେ ଯୁକ୍ତ ଦୁଇ ରେ ବି ପ୍ରଥମ ସ୍ଥାନ ଅଧିକାର କରି ନିଟ ପାଇଁ ପ୍ରସ୍ତୁତ ହୋଇ ନିଟ ପରୀକ୍ଷା ରେ ଉତୀର୍ଣ୍ଣ ହାସଲ କରି ବର୍ତମାନ ହାଇଦ୍ରାବାଦ ଏମ୍ସ ମେଡିକାଲ କଲେଜ ରେ ଏମ ବି ବି ଏସ କରିବାକୁ ସ୍ଥାନ ପାଇଛନ୍ତି। ସୁହାନା ପିଲାବେଳୁ ଜଣେ ମେଧାବୀ ଛାତ୍ରୀ ଓ ରାତିଦିନ ପାଠପଢା ରେ ମନଦେଇ ନିଜ ପରିବାର ଓ ଅଞ୍ଚଳ ବାସୀଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସୁହାନା କହିବା ଅନୁସାରେ ସେ ଜଣେ ଭଲ ଡାକ୍ତର ହୋଇ ସମାଜର ସେବା କରିବା ପାଇଁ ଆଗଭର ଅଛନ୍ତି।

## ଅସରାଏ ବର୍ଷାରେ ଜହ୍ନା ମୁଖ୍ୟ ରାସ୍ତା ଶୋଚନୀୟ

# ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦୁର୍ନୀତି ଅଭିଯୋଗ



**ଯାଜପୁର ରୋଡ଼, ୨୫।୮(ସଂଚାର ବ୍ୟୁରୋ):** କୋରେଇ ବ୍ଲକ ଅନ୍ତର୍ଗତ ଏନ.ଏଚ. ୨୧୫ ରୁ ଫର୍ତିପୁର ଭାୟା ଜହ୍ନାର ରାସ୍ତା ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଅସରାଏ ବର୍ଷାରେ ବେହାଲ ହୋଇପଡ଼ିଛି। ଏହି ରାସ୍ତାରେ ବଡ ବଡ କୃତ୍ରିମ ଗର୍ତ୍ତ ସୃଷ୍ଟି ହୋଇ ଏହା ଗମନାଗମନ ଅନୁପଯୋଗୀ ହୋଇଯାଇଛି। ପଞ୍ଚାୟତର ଏହି ମୁଖ୍ୟ ରାସ୍ତା ଉପରେ ଅନେକ ଗ୍ରାମର ଲୋକ ନିର୍ଭର କରୁଥିବା ବେଳେ ରାସ୍ତାର ଏହି ଦୂରବସ୍ଥା ପାଇଁ ଅସନ୍ତୋଷ ଦେଖାଦେଇଛି। ଏହି ରାସ୍ତା ଦେଇ ଅନେକ ଛାତ୍ରଛାତ୍ରୀ ସ୍କୁଲ, କଲେଜ, ମାର୍କେଟ ଯିବା ଆସିବା କରିବା ସହ ପଞ୍ଚାୟତ ଅଫିସ, ପୋଷ୍ଟ ଅଫିସ ଓ ଜାତୀୟକରଣ ବ୍ୟାଙ୍କ କୁ ଆସିବାକୁ ଲୋକମାନେ ମଧ୍ୟ ନାନାଦି ହଇରାଣ ହେଉଛନ୍ତି । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନ୍ତର୍ଗତ ଏହି ପ୍ର ରାସ୍ତାର ୪.୭କିମି ନିର୍ମାଣ ଓ ରକ୍ଷଣାବେକ୍ଷଣା ପାଇଁ ସମୁଦୟ ୨.୫ କୋଟିରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳ ଥିବାବେଳେ ରାସ୍ତା ନିର୍ମାଣର ଅବଧି ୨ ବର୍ଷ ତଳୁ ସରିଯାଇଥିଲେ ମଧ୍ୟ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଯେତିକି'ବି କାମ ହୋଇଛି ଠିକାଦାରଙ୍କ ମୁନଫାଖୋର ମନୋବୃତ୍ତି, ବେପାରୁଆ ମନୋଭାବ, ନିମ୍ନମାନର କାମ ଯୋଗୁଁ ରାସ୍ତାର ଅବସ୍ଥା ଖରାପ ହୋଇପଡ଼ିଛି । ଗ୍ରାମ୍ୟ ଉନ୍ନୟନ ବିଭାଗର ଅସାଧୁ ଅଧିକାରୀ ଓ ଠିକାଦାରଙ୍କ ମିଳିତ ସହଯୋଗରେ ଏହି ରାସ୍ତା କାମରେ ବ୍ୟାପକ ଦୁର୍ନୀତ ହେବା ସହ ଏହା ଗମନାଗମନ ଅନୁପଯୋଗୀ ହୋଇପଡ଼ିଛି ବୋଲି କୋରେଇର ଯୁବନେତା ବିକ୍ରମ ବିଶ୍ୱାଳ ଅଭଯୋଗ କରିଛନ୍ତି ଓ ଏହାର ତୁରନ୍ତ ଯୁଦ୍ଧକାଳୀନ ଭିର୍ତିରେ ମରାମତି କରିବା ସହ, ଏହି ପ୍ରକଳ୍ପର ଦୁର୍ନୀତିର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଶ୍ରୀ ବିଶ୍ୱାଳଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

## ପିଲାଙ୍କୁ ଝୁରୁଛି କଳାହାଣ୍ଡି

# ନୂଆ ଖାଇପାରିବେନି ହଜାର ହଜାର ଦାଦନ ଶ୍ରମିକ



**କଳାହାଣ୍ଡି,୨୫।୮(ସଂଚାର ବ୍ୟୁରୋ):** ଆଉ ୨ ଦିନ ପରେ ନୂଆଁଖାଇ ।ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ପୂରା ପଶ୍ଚିମ ଓଡ଼ିଶା । ହେଲେ କଳାହାଣ୍ଡି ଜିଲ୍ଲାରେ ଦେଖିବାକୁ ମିଳିଛି ଭିନ୍ନ ଦୃଶ୍ୟ । କେଉଁଠି ହଜାର ହଜାର ଯୁବକ ଯୁବତୀ ଦାଦନ ଖଟିବାକୁ ଯାଇ ଘରକୁ ଫେରିନାହାନ୍ତି । ପରିବାର ଲୋକ କିଏ ନିଜ ପୁଅ, କିଏ ନିଜ ବାପା,ମା'ଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି ।ଆଉ କେଉଁଠି ବର୍ଷ ସାରା ଘରେ ତାଲା ଝୁଲୁଥିବାର ଦେଖିବାକୁ ମିଳିଥାଏ । ନୂଆଁଖାଇ ପାଇଁ ଭିଟା ମାଟିକୁ ବାହୁଡ଼ିଛନ୍ତି ଅନେକ ଲୋକ। କେସିଙ୍ଗା ବ୍ଲକ ଅଧୀନ ପଥର୍ଲା ଗାଁରେ ଗଣପର୍ବ ନୂଆଖାଇକୁ ସର୍ବ ପ୍ରଥମେ ପାଳନ କରିଛନ୍ତି ।ହେଲେ ଏସବୁ ଭିତରେ କଳାହାଣ୍ଡିରେ ଦାଦନ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି ।

# ନିଲମ୍ବିତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ପରେ ପୁଣି ଦୁର୍ନୀତି ଅଭିଯୋଗ

**ଆନନ୍ଦପୁର,୨୫।୮(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଦେଓଗାଁ ସେବା ସମବାୟ ସମିତିରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହୋଇଛି। ଏନେଇ କେନ୍ଦୁଝର ଜିଲ୍ଲାପାଳଙ୍କ ନିକଟରେ ସମିତି ଅଧୀନରେ ଥିବା ଶତାଧିକ ଚାଷୀ ଅଭିଯୋଗ କରିଛନ୍ତି। ସବୁଠାରୁ ବଡ଼କଥା ଚାରିବର୍ଷ ତଳେ ଦୁର୍ନୀତି ଅଭିଯୋଗରେ ଜିଲ୍ଲାପାଳଙ୍କ ଦ୍ୱାରା ନିଲମ୍ବିତ ହୋଇଥିବା ଡାଟା ଏଣ୍ଟ୍ରି ଅପରେଟର ଲକ୍ଷ୍ମୀଧର ରାଉତଙ୍କ ନାମରେ ଏହି ଅଭିଯୋଗ ଆସିଛି। ନିଲମ୍ବିତ ହୋଇଥିବା ଅସ୍ଥାୟୀ କର୍ମଚାରୀଙ୍କୁ କିଏ ନିଯୁକ୍ତି ଦେଲା ଏହାକୁ ନେଇ ପ୍ରଶ୍ନ ଉଠିଛି। ସୂଚନା ଅନୁସାରେ କାର୍ଯ୍ୟରତ ଡିଇଓ ଲକ୍ଷ୍ମୀଧରଙ୍କୁ ୨୦୨୧ ନଭେମ୍ବରରେ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଲକ୍ଷ୍ମୀଧରଙ୍କ ନାମରେ ୨୧୮ଜଣ ଚାଷୀଙ୍କ ନାମ ପଞ୍ଜିକରଣରେ ଜାଲିଆତି ଅଭିଯୋଗ ହୋଇଥିଲା। ପ୍ରକୃତ ଚାଷୀଙ୍କର ପଞ୍ଜିକରଣ ନକରି ନକଲି ଚାଷୀଙ୍କ ପଞ୍ଜିକରଣ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ନିଲମ୍ବନରେ କରାଯାଇଥିବା ଦୁର୍ନୀତିର ତଦନ୍ତ ମଧ୍ୟ କରାଯାଇନଥିବା ଅଭିଯୋଗ ହୋଇଛି। ତେବେ ତଞ୍ଚକତା କରାଯାଇ ଲକ୍ଷ୍ମୀଧରଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରାଯାଇଛି। ଲକ୍ଷ୍ମୀଧର ପୁଣି ଚାଷୀମାନଙ୍କଠାରୁ ଋଣ ଓ ସାର ବିକ୍ରିରେ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ନିଲମ୍ବିତ କର୍ମଚାରୀଙ୍କୁ ପୁଣି କିଭଳି ନିଯୁକ୍ତି ଦିଆଯାଇଛି ସେ ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ତଥା ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ରସ୍ତାରେ ବୁଲୁଥିବା ଗାଈଗୋରୁଙ୍କ ପ୍ରାଦୁର୍ଭାବ: ଲୋକେ ହନ୍ତସନ୍ତ



**ମ.ରାମପୁର,୨୫।୮(ସଂଚାର ବ୍ୟୁରୋ):** ଗୃହପାଳିତ ଗାଈଗୋରୁଙ୍କ ନିରାପଦ ଆଶ୍ରୟ ସ୍ଥଳୀ ପାଲଟିଛି ରାଜରାସ୍ତା ଓ ଗଳିକନ୍ଦି। ମ.ରାମପୁର ସହରର ବିଭିନ୍ନ ସମସ୍ୟା ମଧ୍ୟରେ ରାସ୍ତାରେ ଗୃହପାଳିତ ଗାଈଗୋରୁଙ୍କ ସମସ୍ୟା ମଧ୍ୟ ଗୋଟିଏ। ସହରର ଚାରିଛକରେ ବେଶୀ ଗାଈ ଗୋରୁଙ୍କ ପାର୍ଦୂର୍ଭାବ। ଗାଈ ମାଲିକମାନେ ନିଜ ଗାଈ ଠାରୁ କ୍ଷୀର ଆଦାୟ କଲା ପରେ ଗାଈ ଗୁଡ଼ିକୁ ରାସ୍ତା କଡ଼ରେ ଛାଡି ଦିଅନ୍ତି। ଫଳରେ କେତେ ବେଳେ ଗାଈ ତ ଆଉ କେତେବେଳେ ଗାଡ଼ି ଚାଳକ ଦୁର୍ଘଟଣାର ଶିକାର ହେଉଥିବା ନଜିର ରହିଛି। ଉକ୍ତ ସହରର କିଛି ବ୍ୟକ୍ତି ଗୋପାଳନ କରୁଛନ୍ତି ସତ କିନ୍ତୁ କିଛି ବ୍ୟକ୍ତିଙ୍କ ଗୁହାଳ ରହିଥିବା ବେଳେ ଅଧିକାଂଶ ବ୍ୟକ୍ତି ରାସ୍ତାକୁ ଗୁହାଳ କରି ଦେଇଥିବା ଦେଖାଦେଇଛି। ଗର୍ଭିଣୀ ଗାଈକୁ ମଧ୍ୟ ଗୁହାଳରେ ନରଖି ରାସ୍ତାରେ ଛାଡ଼ି ଦିଅନ୍ତି ଗୋପାଳକ ମାନେ ଯାହାଫଳରେ ଟ୍ରାଫିକ ସମସ୍ୟା ଉପୁଜିବା ସହ ଦୁର୍ଘଟଣା ଘଟୁଛି। ବେଳେ ବେଳେ ଗାଈ ବଳଦ ମଧ୍ୟରେ ହେଉଥିବା ଯୁଦ୍ଧରେ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଆହାତ ତ କେତେବେଳେ ଉଠା ଦୋକାନୀ ଦୋକାନୀଙ୍କ ସାମଗ୍ରୀ ଭାଙ୍ଗିବା ଫଳରେ ଦୋକାନୀ ନୟାନ୍ତ। ପୂର୍ବେ ଷଣ୍ଢ, ଗାଈ, ମଇଁଷି, ଛେଳି ଓ ମେଣ୍ଢା ଆଦି ପ୍ରାଣୀଙ୍କ ପ୍ରାଦୁର୍ଭାବରେ ଲୋକଙ୍କ ଧନଜୀବନ ଓ ଫସଲହାନୀ ରୋକିବା ପାଇଁ ପ୍ରତି ଗ୍ରାମପଞ୍ଚାୟତ ମାନଙ୍କରେ କେଉଁ ଆବାହନ କାଳରୁ କାଞ୍ଜିଆହୁଦାର (କାନିହସ୍) ପରିକଳ୍ପନା କରାଯାଇଥିଲା। ଗୃହପାଳିତ ଗାଈଗୋରୁଙ୍କୁ ସର୍ବସାଧାରଣ ସ୍ଥାନରେ ଖୋଲା ଛାଡିଦେଲେ ତାହାକୁ ଧରି କାଞ୍ଜିଆହୁଦାରେ ରଖା ଯାଉଥିଲା। ମାଲିକ ସେମାନଙ୍କ ଗାଈଗୋରୁଙ୍କୁ ନେବା ପାଇଁ ଆସିଲେ ମୋଟା ଅଙ୍କର ଜରିମାନା ଦେବାକୁ ପଡୁଥିଲା। କାଞ୍ଜିଆହୁଦା ଯୋଗୁଁ ବାସ୍ତବରେ ଅନେକ ଉପକାର ହେଉଥିଲା। ଲୋକେ ସେମାନଙ୍କ ଗୃହପାଳିତ ପଶୁମାନଙ୍କୁ ଖୋଲାରେ ଛାଡ଼ିବାକୁ ଡରୁଥିଲେ। ଅନ୍ୟପକ୍ଷରେ କାଞ୍ଜିଆହୁଦାରେ ସରକାର ଏହି ପ୍ରାଣୀମାନଙ୍କ ରହିବା, ଖାଇବା, ପିଇବା ପାଇଁ ବନ୍ଦୋବସ୍ତ କରୁଥିଲେ। କିନ୍ତୁ ଆଜି ଏହି ଯୋଜନା ପାଣିରେ ଗାର ସଦୃଶ୍ୟ। ରାଜ୍ୟର ଅଧିକାଂଶ ସ୍ଥାନରେ କାଞ୍ଜିଆହୁଦା ଆଉ ଦେଖିବାକୁ ମିଳୁନାହିଁ।

# ବହୁଭାଷୀ ଶିକ୍ଷଣ ପ୍ରକ୍ରିୟାରେ ଭୂମିଜ ସମାଜକୁ ଅବହେଳାର ପ୍ରତିବାଦ

**ବୈଶିଙ୍ଗା,୨୫।୮(ସଂଚାର ବ୍ୟୋରୋ):** ବହୁଭାଷି ଶିକ୍ଷଣ ପ୍ରକ୍ରିୟାରେ ସରକାର ଗୁରୁତ୍ ନ ଦେବା କାରଣରୁ ଭୂମିଜ ସମାଜ ତରଫରୁ ଏକ ପ୍ରତିନିଧି ଦଳ ମୟୂରଭଞ୍ଜ ସାଂସଦ ଶ୍ରୀଯୁକ୍ତ ନବ ଚରଣ ମାଝୀ ଙ୍କୁ ବହୁଭାଷୀ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ରେ ଭୂମିଜ ଭାଷା କୁ ଉପେକ୍ଷା କରିବା ପ୍ରତିବାଦ ରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପକାଶ ଥାଉକି ଭୂମିଜ ଏକ ସ୍ୱତନ୍ତ୍ର ଜନଜାତି ଅଟେ।ଏହାର ନିଜସ୍ୱ ଲିପି 'ଅଲ ଅନଲ ' ଅଟେ।ଭୂମିଜ ଭାଷା ର ନିଜସ୍ୱ ଡିକ୍ସନାରି ମଧ୍ୟ ଉପଲବ୍ଧ ଅଛି।ଭୂମିଜ ଭାଷା ର ୟୁନିକୋଡ ମଧ ରହିଛି। ତଥାପି ନିକଟ ଅତୀତରେ ବହୁଭାଷୀ ଶିକ୍ଷକ ନିଯୁକ୍ତି ନିମନ୍ତେ ବିଜ୍ଞାପନ ପ୍ରକାଶିତ ହେଇ ୨୧ଟି ଜନଜାତି ରେ ଶିକ୍ଷକ ନିଯୁକ୍ତି ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଥିଲା। କିନ୍ତୁ ଭୂମିଜ ଭାଷାକୁ କୁ ଜାଣି ଶୁଣି ଅବହେଳିତ କରା ଯାଇଛି। ଏଥି ନିମନ୍ତେ ସମଗ୍ର ଭୂମିଜ ସମାଜରେ ଅସନ୍ତୋଷ ଦେଖାଦେଇଛି।ବିଗତ ଦିନ ରେ ଭୂମିଜ ଭାଷା ରେ ପ୍ରାଥମିକ ଶିକ୍ଷା ଗ୍ରହଣ ପାଇଁ, ଭୂମିଜ ଶିକ୍ଷକ ନିଯୁକ୍ତି ନିମନ୍ତେ ଅନେକେ ଥର ବିକ୍ଷୋଭ। ଧାରଣା, ଆନ୍ଦୋଳନ କରାଯାଇଥିଲା।

# କୋଟପାଡ଼ ଅଞ୍ଚଳରେ ମିଳୁଛି ନକଲି ପଟାସ ସାର, ଚାଷୀ ହନ୍ତସନ୍ତ



**ବୋରିଗୁମ୍ମା/କୋଟପାଡ଼,୨୫।୮(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା କୋଟପାଡ଼ ଅଞ୍ଚଳରେ ଚାଷୀଙ୍କୁ ଘାରିଛି ସାର ଟେନ୍ସନ ପ୍ରତିଦିନ ସକାଳୁ ସକାଳୁ ଲ୍ୟାମ୍ପସ ଆଗରେ ଲମ୍ବା ଲାଇନ ରେ ଠିଆ ହୋଇ ଦିନ କୋଟିଗଲେ ମଧ ସାର ମିଳୁନାହିଁ।ଅନ୍ୟ ପଟେ ଚାଷୀ ବିକଳ ହୋଇ ଦୋକାନ ରୁ ସାର କିଣିବାକୁ ବାଧ ହେଉଛନ୍ତି ହେଲେ ସାର ମିଳୁଛି ନକଲି। ଏବେ କୋଟପାଡ଼ ଅଞ୍ଚଳରେ ମିଳୁଛି ନକଲି ବାଲି ରଙ୍ଗ ମିଶ୍ରିତ ପଟାସ ସାର, ଏହା ଚାଷୀଙ୍କ ପାଇଁ ବଡ଼ ଧୋକ୍କା ସଦୃଶ୍ୟ, ପଟାସ ବଦଳରେ ମିଳୁଛି ଲାଲ ରଙ୍ଗ ମିଶା ବାଲି।ଏଭଳି ଠକାମୀର ଶିକାର ହୋଇଛନ୍ତି କୋଟପାଡ଼ ବ୍ଲକ ଘୁମର ଏବଂ ନୂଆଗୁଡା ଅଞ୍ଚଳରେ। ନୂଆଗୁଡା ଏବଂ ଘୁମର ଅଞ୍ଚଳର ଚାଷୀ କୋଟପାଡ଼ ରୁ ୫୦ କେଜି ପଟାସ ବସ୍ତା ୨୦୦୦ ଟଙ୍କା ଦେଇ କିଣି ଆଣିଲେ। ସେହିପରି ଘୁମର ଗାଁ ରେ ପ୍ରାୟ ୫୦୦ ବସ୍ତା ପଟାସ ସାର କୋଟପାଡ଼ ଏକ ଫର୍ଟିଲାଇଜେର ଦୋକାନ ରୁ ଆଣିଥିଲେ ଅନେକ ଚାଷୀ।ସମସ୍ତଙ୍କ ସେହି ଏକା ପ୍ରକାର ଅବସ୍ଥା, ପାଣିରେ ମିଳେଇଲେ ରଙ୍ଗ ଛାଡି ଯାଉଛି ଏବଂ ବାଲି ରହି ଯାଉଛି।କୋଟପାଡ଼ ଲ୍ୟାମ୍ପସ ରୁ ପଟାସ ସାର ଠିକ ଥିବା କହିଛନ୍ତି ଚାଷୀ କିନ୍ତୁ ଏବେ ଲ୍ୟାମ୍ପସ ରେ ଆଉ ପଟାସ ମହଜୁତ ନାହିଁ ସେଥିପାଇଁ ଚାଷୀ ବାଧ ହୋଇ ଚଢ଼ା ଦରରେ ବାହାରୁ ଦୋକାନ ରୁ କିଣିବାକୁ ପଡୁଛି ତାହା ମଧ ନକଲି। ଏ ସମ୍ପର୍କରେ ଚାଷୀଙ୍କ ସହ ଅଧିକ ଆଲୋଚନା କରିଛନ୍ତି ଆମ ବୋରିଗୁମ୍ମା ପ୍ରତିନିଧି ସୁଶାନ୍ତ କୁମାର ପଣ୍ଡା।




# ଆଲକାଲାଇନ୍ ପାଣି ପିଇଲେ କ୍ୟାନସର୍ ରୋଗକୁ ଭଲ କରି ହେବ କି ?





ଆଜିକାଲି, ସୁପରମାର୍କେଟରେ ହେଉ କି ସୋସିଆଲ ମିଡିଆରେ, ଆଲକାଲାଇନ୍ ପାଣିକୁ ସର୍ବୋତ୍ତମ ପାନୀୟ ଭାବରେ ପ୍ରଚାର କରାଯାଉଛି। ଏହାର ଦାବିଗୁଡ଼ିକ ମଧ୍ୟ ବଡ଼ ବଡ଼ । ଯେପରିକି ଏହା ଶକ୍ତି ବୃଦ୍ଧି କରେ, ବୟସ ହ୍ରାସ କରେ ଏବଂ କର୍କଟ ଭଳି ରୋଗକୁ ରୋକେ। ଏହା ବହୁତ ଭଲ ଶୁଣାଯାଏ କାରଣ ସମସ୍ତେ ଏକ ଶୀଘ୍ର ଏବଂ ସହଜ ଚିକିତ୍ସା ଚାହାଁନ୍ତି । କିନ୍ତୁ ପ୍ରଶ୍ନ ହେଉଛି ଆଲକାଲାଇନ୍ ପାଣି ପ୍ରକୃତରେ ଏତେ ପ୍ରଭାବଶାଳୀ କି ? ନା ଏହା କେବଳ ଏକ ମାର୍କେଟିଂ ଟ୍ରିକ୍। ଆସନ୍ତୁ ଆମେ ଆପଣଙ୍କୁ ଏହା ବିଷୟରେ ଜାଣିବା।

**ଆଲକାଲାଇନ୍ ପାଣି ପ୍ରକୃତରେ କ'ଣ କରେ ?:** ଯେତେବେଳେ ବି କୌଣସି ନୂତନ ସ୍ୱାସ୍ଥ୍ୟ ଧାରା ଆସେ, ଏଥିରେ କିଛି ସତ୍ୟ ଥାଏ ଏବଂ ବାକିସବୁ ଅତିରଞ୍ଜିତ ହୋଇଥାଏ। ଆଲକାଲାଇନ୍ ପାଣି ମଧ୍ୟ ସେହିପରି ଏକ ପାନୀୟ। ଏହାର ସବୁଠାରୁ ବଡ଼ ଲାଭ ହେଉଛି, ଏହା ଅଳ୍ପ ସମୟ ପାଇଁ ପେଟର ଏସିଡ୍ ହ୍ରାସ କରିପାରେ। ଏହା ଯୋଗୁଁ କିଛି ଲୋକଙ୍କୁ ଏସିଡିଟିରୁ ମୁକ୍ତି ମିଳିଥାଏ । ଏହି ପ୍ରଭାବ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ। ଏହି ପାଣି ଶରୀରକୁ ହୋଇଡ୍ରେଟେଡ୍ କରିଥାଏ। କିନ୍ତୁ ସାଧାରଣ ପାଣି ମଧ୍ୟ ସମାନ କାମ କରେ। ଏପର୍ଯ୍ୟନ୍ତ କୌଣସି ପ୍ରମାଣ ନାହିଁ ଯେ ଆଲକାଲାଇନ୍ ପାଣି ସାଧାରଣ ପାଣି ଅପେକ୍ଷା ଅଧିକ ଲାଭଦାୟକ। କିଛି ଗବେଷଣାରୁ ଜଣାପଡିଛି ଯେ, କ୍ଷାରୀୟ ପାଣି ପିଇବା ଦ୍ୱାରା ପରିସ୍ରାର ପିଏଚ୍ ପରିବର୍ତ୍ତନ ହୋଇପାରେ। କିନ୍ତୁ ଶରୀରର ରକ୍ତର ପିଏଚ୍ କେବେ ପରିବର୍ତ୍ତନ ହୁଏ ନାହିଁ। ଆମେ ଯାହା ଖାଉ କିମ୍ବା ପିଉ, ଶରୀରର ରକ୍ତ ପିଏଚ୍ ସର୍ବଦା ୭.୩୫ରୁ ୭.୪୫ ମଧ୍ୟରେ ରହିଥାଏ।

**କର୍କଟ ରୋଗ ନିବାରଣ ଦାବି କିପରି ଜଡିତ ?:** ୧୯୩୦ରେ ବୈଜ୍ଞାନିକ ଓଟୋ ୱାରବର୍ଗ ଆବିଷ୍କାର କରିଥିଲେ ଯେ, କର୍କଟ ରୋଗର କୋଷଗୁଡ଼ିକ ଏକ ଅମ୍ଳୀୟ ପରିବେଶ ଏବଂ ଅମ୍ଳଜାନର ଅଭାବରେ ବଢନ୍ତି । ଏହା ପରେ, ଏହି ଭୁଲ ଧାରଣା ବ୍ୟାପିଗଲା ଯେ ଯଦି ଶରୀରକୁ ଆଲକାଲାଇନ୍ ବା କ୍ଷାରୀୟ କରାଯାଏ, ତେବେ କର୍କଟ ରୋଗ ଆଉ ହେବନାହିଁ । କିନ୍ତୁ ପ୍ରକୃତ ସତ୍ୟ ହେଉଛି ଯେ, କର୍କଟ କୋଷଗୁଡ଼ିକ ନିଜେ ଏକ ଅମ୍ଳୀୟ ପରିବେଶ ସୃଷ୍ଟି କରନ୍ତି। ଏହିଠାରୁ ଭୁଲ ଧାରଣା ଆରମ୍ଭ ହୋଇଥିଲା। ଲୋକମାନେ ବିଶ୍ୱାସ କରୁଥିଲେ ଯେ, ଯଦି ଆମେ କ୍ଷାରୀୟ ପାଣି ପିଇବୁ, ତେବେ ଶରୀରର pH ପରିବର୍ତ୍ତନ ହେବ ଏବଂ କର୍କଟ ବନ୍ଦ ହୋଇଯିବ। କିନ୍ତୁ ସତ୍ୟ ହେଉଛି ଖାଦ୍ୟ ଏବଂ ପାନୀୟ ସହିତ ରକ୍ତ ପିଏଚ୍ ପରିବର୍ତ୍ତନ ହୁଏ ନାହିଁ।

**ଅତ୍ୟଧିକ କ୍ଷାରୀୟ ହେବା ମଧ୍ୟ କ୍ଷତିକାରକ:** ବୈଜ୍ଞାନିକମାନେ କହିଛନ୍ତି ଯେ, କ୍ଷାରୀୟ ପାଣି କର୍କଟ ରୋଗକୁ ରୋକିପାରେ ବୋଲି କୌଣସି ପ୍ରମାଣ ନାହିଁ। ଯଦି ଶରୀରରେ ଅତ୍ୟଧିକ କ୍ଷାରୀୟ ଥାଏ, ତେବେ ଅନେକ ସମସ୍ୟା ଦେଖାଦିଏ। ଏଥିରେ ଶରୀରର ପ୍ରାକୃତିକ ସନ୍ତୁଳନ ବିଗିଡ଼ିଯାଏ। ଅତ୍ୟଧିକ କ୍ଷାରୀୟ ଯୋଗୁଁ, ଏନଜାଇମଗୁଡ଼ିକ ଠିକ୍ ଭାବରେ କାମ କରେ ନାହିଁ । ଅକ୍ସିଜେନ ଟିସୁ ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ ଏବଂ ପୋଟାସିୟମ-କ୍ୟାଲସିୟମ ଭଳି ଅତ୍ୟାବଶ୍ୟକୀୟ ଖଣିଜ ପଦାର୍ଥ ଅନିୟନ୍ତ୍ରିତ ହୁଏ। ଏହା ଯୋଗୁଁ, ମାଂସପେଶୀରେ ଚାପ, ଝିମ୍‌ଝିମ୍, ବାନ୍ତି, ମୁଣ୍ଡ ବୁଲାଇବା ଏବଂ ଗୁରୁତର କ୍ଷେତ୍ରରେ, ହୃଦସ୍ପନ୍ଦନରେ ସମସ୍ୟା କିମ୍ବା ଝାଳ ମଧ୍ୟ ହୋଇପାରେ। ସରଳ ଭାଷାରେ କହିବାକୁ ଗଲେ, କ୍ଷାରୀୟ ପାଣି କୌଣସି ଯାଦୁ କରି ପାରେ ନାହିଁ । ଏହା କର୍କଟ ରୋଗକୁ ରୋକିପାରିବ ନାହିଁ କିମ୍ବା ଏହା ଦୀର୍ଘାୟୁ କରିବାର କୌଣସି ପ୍ରମାଣ ନାହିଁ। ହଁ, ଯଦି କାହାକୁ ଏସିଡିଟି ଅଛି, ତେବେ ଏହା କିଛି ଆରାମ ଦେଇପାରେ। କିନ୍ତୁ ଏଥିରୁ ଅଧିକ ଆଶା କରିବା ଠିକ୍ ନୁହେଁ।

# ଲକ୍ଷଣରୁ ଜାଣନ୍ତୁ ଡିହାଇଡ୍ରେସନ୍

ମନୁଷ୍ୟ ଶରୀର ପାଇଁ ଜଳ ଅତି ଗୁରୁତ୍ୱପୂର୍ଣ୍ଣ। ହେଲେ କୌଣସି କାରଣରୁ ଶରୀରରେ ଜଳୀୟଅଂଶ କମିଗଲେ ତାହାକୁ ଡିହାଇଡ୍ରେଶନ କୁହାଯାଏ। ବିଭିନ୍ନ କାରଣରୁ ଡିହାଇଡ୍ରେସନ ହୋଇଥାଏ। ଏହାଦ୍ୱାରା ରକ୍ତସଞ୍ଚାଳନ ଠିକ୍ ଭାବେ ହୋଇପାରେନି। ସାଧାରଣତଃ ଖରାଦିନେ ଏହି ସମସ୍ୟା ଅଧିକ ଦେଖାଯାଏ। ତେଣୁ ଡିହାଇଡ୍ରେଶନ୍ ହେବା ଦ୍ୱାରା ଶରୀରରେ ଭିନ୍ନ ଭିନ୍ନ ଲକ୍ଷଣ ଦେଖାଯାଇଥାଏ। ଜଣେ ସୁସ୍ଥ ଲୋକ ଦିନକୁ ପାଖାପାଖି ୪ ରୁ ୫ଲିଟର ପାଣି ପିଇବା ଜରୁରି। ହେଲେ ଅଧିକାଂଶ ଆବଶ୍ୟକତା ଅନୁଯାୟୀ ପାଣି ପିଅନ୍ତିନି। ଯାହାଫଳରେ ଖରାଦିନେ ଶରୀରର ଜଳୀୟଅଂଶ କମିଯାଇ ଡିହାଇଡ୍ରେଶନ ଦେଖାଯାଏ। ଅଂଶୁଘାତ, ତରଳଝାଡା, ଅତ୍ୟଧିକ ଝାଳ ବୋହିବା ଆଦି କାରଣରୁ ମଧ୍ୟ ଡିହାଇଡ୍ରେଶନ୍ ହୁଏ। ଏହାର ପ୍ରାରମ୍ଭିକ ଅବସ୍ଥାରେ ପରିସ୍ରାରେ ରଙ୍ଗ ପରିବର୍ତ୍ତନ ହୋଇଥାଏ। ଶୋଷକା ଲାଗିଥାଏ, ପରିସ୍ରାର ତୀବ୍ରତା କମ୍ ହୁଏ। ଓଠ ଓ ମୁହଁ ଶୁଷ୍କ ଲାଗିବା, ମୁଣ୍ଡ ବିନ୍ଧା, ମୁଣ୍ଡ ବୁଲାଇବା, ଥକ୍କାପଣ, ରକ୍ତଚାପ କମ୍ ହେବା, ବାନ୍ତି, ଡାଇରିଆ, ମାଂସପେଶୀ ଯନ୍ତ୍ରଣା, ତ୍ୱଚା ଲାଲ୍ ପଡ଼ିଯିବା ଆଦି ଲକ୍ଷଣ ଦେଖାଯାଏ। ତେଣୁ ଏଥିରୁ ନିସ୍ତାର ପାଇବା ପାଇଁ ତରଳ ପଦାର୍ଥ ପିଇବାକୁ ଭୁଲନ୍ତୁନି। ଦୈନିକ ନିର୍ଦ୍ଦିଷ୍ଟ ପରିମାଣରେ ପାଣି ପିଇବା ସହ ଓଆରଏସ୍ ପିଇବା, ସାଲାଡ, ଫଳ, କାକୁଡ଼ି, ତରଭୁଜ, ଆଦି ସେବନ କରିବା ଉଚିତ। ଏସବୁ ବାଦ୍ ଯଦି ସ୍ଥିତି ଗମ୍ଭୀର ହେଉଛି, ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସାରେ ରୁହନ୍ତୁ। ଦିନକୁ ଅଳ୍ପ ଅଳ୍ପ କରି ପାଣି ପିଇପାରିବେ। ହାତ ଏବଂ ତ୍ୱଚାରେ ପାଣିର ଅଭାବ ବିଷୟରେ ଜାଣିବାକୁ ସ୍କିନ୍ ପିଞ୍ଚ ଟେଷ୍ଟ କିମ୍ବା ସ୍କିନ୍ ଟର୍ଗର ଟେଷ୍ଟ କରିପାରିବେ। ଆବଶ୍ୟକ ହେଲେ ପରିସ୍ରା ପରୀକ୍ଷା କରିପାରିବେ। ପାଣି ପରି ପ୍ରତିଦିନ ଏକ ଗ୍ଲାସ ବେଲପଣା, ପଇଡ଼ପାଣି, ଓଆର୍‌ଏସ୍ ପାଣି ଆଦି ପିଇପାରିବେ।

# ଆଖିରୁ ପାଣି ବାହାରୁଛି କି ?



ଅନେକ ଲୋକଙ୍କ ଆଖିରୁ ପାଣି ବାହାରିବାର ସମସ୍ୟା ଥାଏ। କେତେବେଳେ ଏହା ସାମାନ୍ୟ ହୁଏ ତ କେତେବେଳେ ଏତେ ଅଧିକ ହୋଇଯାଏ ଯେ ଆଖି ଖୋଲା ରଖିବା କଷ୍ଟକର ହୋଇପଡ଼େ। ତେବେ ପ୍ରାୟତଃ ଥଣ୍ଡା ପବନ,ଧୂଳି,ଧୂଆଁ କିମ୍ବା କମ୍ପ୍ୟୁଟର ଏବଂ ମୋବାଇଲ ସ୍କ୍ରିନକୁ ଦୀର୍ଘ ସମୟ ଧରି ଦେଖିବା ଯୋଗୁଁ ପାଣି ଆସିଥାଏ। ଆଉ ଆଖିରେ ଯଦି ସଂକ୍ରମଣ, ଆଲର୍ଜି କିମ୍ବା ଧୂଳି କଣିକା ଥାଏ ତେବେ ଏହି ସମସ୍ୟା ଆହୁରି ବଢ଼ିପାରେ। ବୟସ ବଢ଼ିବା ସହିତ,ଲୁହ ନଳୀ ଦୁର୍ବଳ ହୋଇଯାଏ, ଯାହା ଫଳରେ ପାଣି ଅଧିକ ବହିବାକୁ ଲାଗେ। କେତେକ ସମୟରେ ଏହି ଲକ୍ଷଣ କିଛି ଗମ୍ଭୀର ଆଖି ରୋଗ ସହିତ ମଧ୍ୟ ଜଡିତ ହୋଇପାରେ। ଆସନ୍ତୁ ଜାଣିବା। ଆଖିରେ ଲାଲପଣ,ଜଳାପୋଡ଼ା,କୁଣ୍ଡାଇ ହେବା, ବିନ୍ଧା କିମ୍ବା ଆଖିରେ ଭାରୀ ଅନୁଭବ ହେବା ସାଧାରଣ କଥା। କିଛି ଲୋକଙ୍କୁ ଆଲୋକରୁ ଅଧିକ ଯନ୍ତ୍ରଣା ଅନୁଭବ ହୋଇଥାଏ କିମ୍ବା ଝାପ୍ସା ଦେଖିବା ଆରମ୍ଭ ହୋଇଥାଏ। ଯଦି ଏହି ସମସ୍ୟା ସଂକ୍ରମଣ ଯୋଗୁଁ ହୋଇଥାଏ, ତେବେ ପାଣି ସହିତ ଆଖିରୁ ପୂଜ ମଧ୍ୟ ବାହାରିପାରେ।

## ନିଜକୁ କିପରି ସୁରକ୍ଷିତ ରଖିବେ

- ଧୂଳି ଏବଂ ଧୂଆଁରୁ ଆପଣଙ୍କ ଆଖିକୁ ରକ୍ଷା କରନ୍ତୁ
- ସ୍କ୍ରିନରେ କାମ କରିବା ସମୟରେ ସମୟ ସମୟରେ ବିରତି ନିଅନ୍ତୁ
- ବାରମ୍ବାର ଆଖି କୁଣ୍ଡାନ୍ତୁ ନାହିଁ
- ଦିନକୁ ୨ ୩ ଥର ସଫା ପାଣିରେ ଆଖି ଧୋଇବା ଉଚିତ
- ସଂକ୍ରମଣ କିମ୍ବା ଆଲର୍ଜି ହେଲେ,ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ
- ବାହାରକୁ ଯିବା ସମୟରେ ସନଗ୍ଲାସ୍ ବ୍ୟବହାର କରନ୍ତୁ

ତେଣୁ ଏହି ଲକ୍ଷଣଗୁଡ଼ିକୁ ହାଲୁକା ଭାବରେ ନ ନେଇ ସମୟ ମଧ୍ୟରେ ସଠିକ୍ ଭାବରେ ଚିହ୍ନଟ କରିବା ଗୁରୁତ୍ୱପୂର୍ଣ୍ଣ ।

ଚକ୍ଷୁ ବିଶେଷଜ୍ଞଙ୍କ ମତରେ, ଆଖିରୁ ଲଗାତାର ପାଣି ବାହାରିବା ଅନେକ ରୋଗର ଲକ୍ଷଣ ହୋଇପାରେ। ଏହାର ସବୁଠାରୁ ସାଧାରଣ କାରଣ ହେଉଛି କଞ୍ଜୁକ୍ଟିଭାଇଟିସ୍ , ଯେଉଁଥିରେ ଆଖି ଫୁଲିଯାଏ ଏବଂ ପାଣି କିମ୍ବା ପୂଜ୍ ବାହାରକୁ ଆସେ। ଏହା ବ୍ୟତୀତ,ଡ୍ରାଏ ଆଇ ସିଣ୍ଡ୍ରୋମ୍ ମଧ୍ୟ ଏକ ବଡ଼ କାରଣ, ଯେଉଁଥିରେ ଆଖି ଶୁଖିବାକୁ ଲାଗେ ଏବଂ ନିଜର ଆର୍ଦ୍ରତା ବଜାୟ ରଖିବା ପାଇଁ ବାରମ୍ବାର ଲୁହ ଆସିଥାଏ। ଆଲର୍ଜିକ୍ କଞ୍ଜୁକ୍ଟିଭାଇଟିସ୍‌ରେ ଧୂଳି, ଧୂଆଁ କିମ୍ବା ପାଳିତ ପଶୁଙ୍କ ପ୍ରତି ଆଲର୍ଜି ହେତୁ ଆଖିରୁ ପାଣି ବାହାରିଥାଏ। କିଛି କ୍ଷେତ୍ରରେ, ଗ୍ଲୁକୋମା, କର୍ଣ୍ଣିଆ ସଂକ୍ରମଣ କିମ୍ବା ଲୁହ ନଳୀର ଅବରୋଧ ମଧ୍ୟ ଦାୟୀ ହୋଇପାରେ। ପିଲାମାନଙ୍କ କ୍ଷେତ୍ରରେ, ଜନ୍ମରୁ ଲୁହ ନଳୀ ବନ୍ଦ ହୋଇଯିବା ଯୋଗୁଁ ପାଣି ବାହାରିଥାଏ। ଯଦି ଆଖିରୁ ପାଣି ବାହାରେ, ଯନ୍ତ୍ରଣା,କିମ୍ବା ଝାପ୍ସା ଭଳି ଲକ୍ଷଣ ଦେଖାଯାଏ, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ଯୋଗାଯୋଗ କରନ୍ତୁ।

# ମଧୁମେହ ଦୂର କରିବ ତୁଳସୀ ପତ୍ର



ହିନ୍ଦୁ ଧର୍ମରେ ଔଷଧୀୟ ଗୁଣରେ ଭରା ତୁଳସୀ ଗଛ ପବିତ୍ର ବୋଲି ମାନ୍ୟତା ରହିଛି। ସକାଳେ ଖାଲି ପେଟରେ ତୁଳସୀ ପତ୍ର ଚୋବାଇବା ଦ୍ୱାରା ଅନେକ ଫାଇଦା ମିଳିଥାଏ। କେବଳ ସ୍ୱାସ୍ଥ୍ୟ ପାଇଁ ଫାଇଦା ହୋଇ ନଥାଏ, ବରଂ ତ୍ୱଚା ଓ କେଶ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ। ଔଷଧୀୟ ଗୁଣରେ ଭରା ତୁଳସୀ ଅନେକ ଫାଇଦା ଦେଇଥାଏ। ତୁଳସୀର ଧର୍ମୀୟ ମହତ୍ତ୍ୱ ସହ ବୈଜ୍ଞାନିକ ଗୁଣ ମଧ୍ୟ ରହିଥାଏ। ମଧୁମେହ ରୋଗୀ ସକାଳେ ଖାଲି ପେଟରେ ୪/୫ଟି ତୁଳସୀ ପତ୍ର ଚୋବାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରିତ ରହିଥାଏ। ଯଦି କୌଣସି ପେଟ ସମସ୍ୟା ରହିଥାଏ, ତେବେ ସକାଳେ ପାଟି ସଫା କରିବା ପୂର୍ବରୁ ୪/୫ଟି ତୁଳସୀ ପତ୍ର ଚୋବାଇ ଖାଇବା ଦ୍ୱାରା ଅନେକ ଫାଇଦା ମିଳିଥାଏ। ଏହା ଗ୍ୟାସ୍, ବଦ୍‌ହଜମୀ ଓ ଅନେକ ପେଟ ସମସ୍ୟା ଦୂର କରିଥାଏ। ତୁଳସୀ ପତ୍ର କେବଳ ଶାରୀରିକ ନୁହେଁ, ବରଂ ମାନସିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଫାଇଦା ଦେଇଥାଏ। ନିୟମିତ ତୁଳସୀ ପତ୍ର ଚୋବାଇବା ଦ୍ୱାରା ଚିନ୍ତା ଓ ଆଙ୍ଗଜାଇଟି ଦୂର ହୋଇଥାଏ। ଏଥିରେ ଏମିତି ତତ୍ତ୍ୱ ରହିଥାଏ, ଯାହା ଷ୍ଟ୍ରେସ୍ ହର୍‌ମୋନ୍‌କୁ ନିୟନ୍ତ୍ରିତ କରିଥାଏ। ପାଟି ଗନ୍ଧକୁ ନେଇ ସମସ୍ୟା ରହିଥିଲେ। ନିୟମିତ ସକାଳେ ତୁଳସୀ ପତ୍ର ଚୋବାଇବା ଦ୍ୱାରା ପାଟି ସଫା ହେବା ସହ ବ୍ୟାକ୍ଟେରିଆ ଦୂର ହୋଇଥାନ୍ତି। ଫଳରେ ଶ୍ୱାସରେ ସତେଜତା ଆସିଥାଏ। ବାରମ୍ବାର ରୋଗ ହେବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇପଡେ। ତୁଳସୀ ପତ୍ର ଖାଇବା ଦ୍ୱାରା ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ଓ ଆଣ୍ଟି ଅକ୍ସିଡାଣ୍ଟସ୍ ଗୁଣ ଯୋଗୁ ଇମ୍ୟୁନିଟି ବଢିଥାଏ। ଫଳରେ ଶରୀର ରୋଗ ସହ ଲଢିବାକୁ ସାମର୍ଥ୍ୟ ହାସଲ କରିଥାଏ।

# କୋଲେଷ୍ଟ୍ରଲ୍ ପାଇଁ ଉପକାରୀ ଅଦା

ବର୍ତ୍ତମାନ କୋଲେଷ୍ଟ୍ରଲ୍ ଏକେ ସାଧାରଣ ସମସ୍ୟାରେ ପରିଣତ ହୋଇଛି । ଶରୀରରେ କୋଲେଷ୍ଟ୍ରଲ୍‌ର ଉଚ୍ଚ ସ୍ତର ହୃଦଘାତ ଆଶଙ୍କା ବୃଦ୍ଧି କରେ। ଏହା ବ୍ୟତୀତ ହାର୍ଟ ସମ୍ବନ୍ଧୀୟ ଅନେକ ସମସ୍ୟା ମଧ୍ୟ ସୃଷ୍ଟି ହୋଇପାରେ। ଯଦି ଶରୀରରେ କୋଲେଷ୍ଟ୍ରଲ୍‌ର ସ୍ତର ଅଧିକ ହୁଏ, ତେବେ ଏହା ଶିରାରେ ଜମା ହେବାକୁ ଲାଗେ । ଶିରାରେ ଜମା ହୋଇଥିବା କୋଲେଷ୍ଟ୍ରଲ୍ ଧିରେ ଧିରେ ରକ୍ତ ପ୍ରବାହକୁ ଅବରୋଧ କରେ। ଏହା ହୃଦ୍‌ରୋଗର ଆଶଙ୍କା ବଢ଼ାଇଥାଏ । ଆୟୁର୍ବେଦିକ ବିଶେଷଜ୍ଞଙ୍କ ଅନୁସାରେ, କୋଲେଷ୍ଟ୍ରଲ୍ ହ୍ରାସ କରିବା ପାଇଁ ଅଦାକୁ ବହୁତ ଉପଯୋଗୀ ବୋଲି ବିବେଚନା କରାଯାଏ । ସକାଳେ ଖାଲି ପେଟରେ ଅଦା ଖାଇବାର ଆହୁରି ଅନେକ ଲାଭ ଅଛି । ଆସନ୍ତୁ ଜାଣିବା କିପରି ଅଦା ସେବନ ଦ୍ୱାରା କୋଲେଷ୍ଟ୍ରଲ୍‌ର ସ୍ତର ହ୍ରାସ ପାଇପାରେ ।

**ଅଦା-ଲେମ୍ବୁ ପାଣି:** ଅଦା ଏବଂ ଲେମ୍ବୁ ପାଣି ମଧ୍ୟ ଖରାପ କୋଲେଷ୍ଟ୍ରଲର ସ୍ତର କମ କରିବାରେ ପ୍ରଭାବଶାଳୀ। ଏଥିପାଇଁ, ସୂକ୍ଷ୍ମ କଟା ଅଦା ଖଣ୍ଡ ନିଅନ୍ତୁ। ଏହି ଅଦା ଖଣ୍ଡଗୁଡ଼ିକୁ ଏକ ଗ୍ଲାସ୍ ପାଣିରେ ଫୁଟାନ୍ତୁ। ତା'ପରେ ପାଣିକୁ ଛାଣି ଏକ ଗ୍ଲାସ୍ ରେ ରଖନ୍ତୁ, ଏବେ ଅଦା ପାଣିରେ ଅଧା ଲେମ୍ବୁ ଚିପୁଡ଼ି ପିଅନ୍ତୁ ।

**କଞ୍ଚା ଅଦା ଖାଇବା ଅଧିକ ଲାଭଦାୟକ:** ଶରୀରରେ ଖରାପ କୋଲେଷ୍ଟ୍ରଲର ସ୍ତର କମ କରିବା ପାଇଁ କଞ୍ଚା ଅଦା ମଧ୍ୟ ସର୍ବୋତ୍ତମ ବିକଳ୍ପ । ସକାଳେ ପ୍ରଥମେ କଞ୍ଚା ଅଦା ଚୋବାଇବା ଦ୍ୱାରା ଶିରାରେ ଜମା ହୋଇଥିବା ଖରାପ କୋଲେଷ୍ଟ୍ରଲ ଦ୍ରବୀଭୂତ ହୋଇଯାଏ। ବିଶେଷଜ୍ଞଙ୍କ ମତରେ ଖାଲି ପେଟରେ ଦୁଇଟି ଛୋଟ ଅଦା ଚୋବାଇବା ଉଚିତ। ବିଶେଷଜ୍ଞଙ୍କ ମତରେ ଅଦା ଖଣ୍ଡରେ ଥିବା ରସ ଭିତରକୁ ଯାଇ ଟ୍ରାଇଗ୍ଲିସେରାଇଡ୍ ସ୍ତରକୁ ହ୍ରାସ କରେ। ସେହିପରି ଅଦା ଏବଂ ଗୁଡ଼ ଏକାଠି ଖାଇବା ଦ୍ୱାରା କୋଲେଷ୍ଟ୍ରଲ ମଧ୍ୟ ହ୍ରାସ ହୁଏ। ଏଥିପାଇଁ, ଆପଣ ଗ୍ରାଟେଡ୍ ଅଦା ଏବଂ ଗୁଡ଼ ଏକାଠି ନେଇପାରିବେ। ହଳଦୀ ଖାଇବା ଦ୍ୱାରା ଖରାପ କୋଲେଷ୍ଟ୍ରଲର ସ୍ତର ମଧ୍ୟ ହ୍ରାସ ପାଏ। ଗରମ ପାଣିରେ ଅଧ ଚାମଚ ହଳଦୀ ମିଶାଇ ପିଇବା ଦ୍ୱାରା କୋଲେଷ୍ଟ୍ରଲ ହ୍ରାସ ପାଏ ଏବଂ ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ।



# ହାଲୁକା ନା ଭାରୀ ମହିଳାଙ୍କ ପାଇଁ କେଉଁ ବ୍ୟାୟାମ ସର୍ବୋତ୍ତମ



ଆଜିକାଲି ମହିଳାମାନଙ୍କ ମଧ୍ୟରେ ଫିଟନେସ୍ ଏବଂ ସୁସ୍ଥ ଜୀବନଶୈଳୀ ପ୍ରତି ସଚେତନତା ବୃଦ୍ଧି ପାଉଛି। କିନ୍ତୁ ପ୍ରାୟତଃ ପ୍ରଶ୍ନ ଉଠେ ଯେ ମହିଳା ହାଲୁକା ବ୍ୟାୟାମ କରିବା ଉଚିତ ନା ଭାରୀ ବ୍ୟାୟାମ କରିବା ଉଚିତ। ଆସନ୍ତୁ ଜାଣିବା ମହିଳାଙ୍କ ପାଇଁ ସନ୍ତୁଳିତ ଏବଂ ନିୟମିତ ବ୍ୟାୟାମ କରିବାର ସର୍ବୋତ୍ତମ ଉପାୟ କ'ଣ, ଯାହା ଶରୀର ଏବଂ ସ୍ୱାସ୍ଥ୍ୟ ଉଭୟ ପାଇଁ ଲାଭଦାୟକ। ଚାଲିବା, ଷ୍ଟ୍ରେଚିଂ, ଯୋଗ ଏବଂ ସାଇକେଲିଂ ଭଳି ହାଲୁକା ବ୍ୟାୟାମ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ। ଏହି ବ୍ୟାୟାମଗୁଡ଼ିକ ହୃଦୟ ସ୍ୱାସ୍ଥ୍ୟ, ରକ୍ତ ସଞ୍ଚାଳନ ଏବଂ ମାଂସପେଶୀ ନମନୀୟତାକୁ ଉନ୍ନତ କରିବାରେ ସାହାଯ୍ୟ କରେ। ଏହା ବ୍ୟତୀତ, ହାଲୁକା ବ୍ୟାୟାମ ଚାପ ଏବଂ ଚିନ୍ତାକୁ ହ୍ରାସ କରେ ଏବଂ ନିଦ ମଧ୍ୟ ଭଲ କରେ। ଭାରୀ ବ୍ୟାୟାମ ଯେପରିକି ଜିମ୍ ୱେଟ ଟ୍ରେନିଂ, ହାଏ ଇଣ୍ଟେସିଟି କାର୍ଡିଓ କିମ୍ବା ପାୱାର ଯୋଗ ସେତେବେଳେ ଲାଭଦାୟକ ହୋଇଥାଏ ଯେତେବେଳେ ଓଜନ କମାଇବା, ମାଂସପେଶୀକୁ ସୁସ୍ଥ ରଖିବା ଏବଂ ଷ୍ଟାମିନା ବୃଦ୍ଧି କରିବାର ଲକ୍ଷ୍ୟ ଥାଏ। ବିଶେଷଜ୍ଞଙ୍କ ଅନୁଯାୟୀ, ଭାରୀ ବ୍ୟାୟାମ ମେଟାବୋଲିଜିମକୁ ତ୍ୱରାନ୍ୱିତ କରେ ଏବଂ କ୍ୟାଲୋରୀ ନଷ୍ଟ କରେ। କିନ୍ତୁ ଏହାକୁ ସଠିକ୍ ଉପାୟରେ ଏବଂ ଧୀରେ ଧୀରେ ଆରମ୍ଭ କରିବା ଉଚିତ ଯାହା ଦ୍ୱାରା କୌଣସି ଆଘାତ କିମ୍ବା ମାଂସପେଶୀରେ ଚାପ ନପଡ଼େ। ତେବେ ବିଶେଷଜ୍ଞଙ୍କ ମତରେ, ମହିଳାମାନଙ୍କ ପାଇଁ ସର୍ବୋତ୍ତମ ଉପାୟ ହେଉଛି ହାଲୁକା ଏବଂ ଭାରୀ ବ୍ୟାୟାମର ମିଶ୍ରଣ କରିବା। ସପ୍ତାହରେ ୩-୪ ଦିନ ହାଲୁକା ବ୍ୟାୟାମ ଏବଂ ସପ୍ତାହରେ ୨-୩ ଦିନ ଭାରୀ ବ୍ୟାୟାମ କରିବା ଦ୍ୱାରା ସନ୍ତୁଳନ ବଜାୟ ରହେ। ଏହା ବ୍ୟତୀତ, ଉପଯୁକ୍ତ ଖାଦ୍ୟ ଏବଂ ଜଳୀୟ ଅଂଶ ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

## ଉଛୁଳୁଛି ବୈତରଣୀ ଓ ସୁବର୍ଣ୍ଣରେଖା; ଶହ ଶହ ଗାଁର ହଜାର ହାଜର ଲୋକ ଜଳବନ୍ଦୀ



**ଯାଜପୁର,୨୫।୮(ସଂଚାର ବ୍ୟୁରୋ):** ଚଳିତ ବର୍ଷ ବୈତରଣୀରେ ତୃତୀୟ ଥର ବନ୍ୟା ଆସିଥିବା ବେଳେ ଏଥର ରୁଦ୍ର ରୂପ ଧାରଣ କରିଛି । ବୈତରଣୀର ଶାଖା ନଦୀ କାଣୀ ନଦୀ କୂଳ ଖାଇ ବନ୍ଧ ଭାଙ୍ଗିଯାଇଛି। ସୁ ସୁ କରି ମାଡ଼ି ଆସିଛି ବନ୍ୟା ଜଳ। ଆଗରେ ଯିଏ ପଡ଼ିଲା ତାକୁ ଭସାଇ ନେଇଛି। ବୈତରଣୀରେ ଜଳସ୍ତର ବଢ଼ିବା ପରେ ଆଜି ଯାଜପୁର ଦଶରଥପୁର ବ୍ଲକ କସପା ପଞ୍ଚାୟତ ଦରଘା ନିକଟରେ ଶାଖା ନଦୀ କାଣୀରେ ୧୦୦ ଫୁଟର ଘାଇ ସୃଷ୍ଟି ହୋଇଛି। ଘାଇ ଦେଇ ବନ୍ୟାଜଳ ଅହିୟାସ ବଜାର ସମେତ ବହୁ ଗାଁରେ ପଶିଛି । ଅଚାନକ ପାଣି ମାଡ଼ି ଆସିବାରୁ ଶତାଧିକ ପରିବାରର ହଜାର ହଜାର ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ପ୍ରଶାସନ ପକ୍ଷରୁ ଜାରି ରହିଛି ଉଦ୍ଧାର କାର୍ଯ୍ୟ । ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଏହାର ଶାଖା ନଦୀରେ ବନ୍ୟା ଆସିବା ଯୋଗୁଁ ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବହୁ ଅଞ୍ଚଳ ପ୍ରଭାବିତ ହୋଇଛି । ବୈତରଣୀ ଉଛୁଳିବା ପରେ ଯାଜପୁରର ଦଶରଥପୁର, କୋରେଇ, ଯାଜପୁର ବ୍ଲକର ଏକାଧିକ ଗାଁରେ ପାଣି ପଶିଛି । ଭଦ୍ରକର ଭଣ୍ଡାରିପୋଖରୀ, ଧାମନଗର ଓ ଚାନ୍ଦବାଲିର ଏକାଧିକ ଗାଁରେ କଲବଲ କରୁଛି ବୈତରଣୀ ପାଣି । କେନ୍ଦୁଝରର ତେଲକୋଇ, ହାଟଡିହି, ଆନନ୍ଦପୁର ଅଞ୍ଚଳରେରେ ବ୍ୟାପକ ଫସଲ ନଷ୍ଟ ହୋଇଛି । ସୁବର୍ଣ୍ଣରେଖା ଜଳସ୍ତର ବଢ଼ିବା ପରେ ବାଲେଶ୍ୱରର ବାଲିଆପାଳ, ଭୋଗରାଇ, ବସ୍ତା, ଜଳେଶ୍ୱର ବ୍ଲକର ବହୁ ଗାଁରେ ବନ୍ୟା ଜଳ ପଶିଛି । ଜାମସୋଲାଘାଟରେ ବର୍ଷା ଲାଗି ରହିଥିବାରୁ ସୁବର୍ଣ୍ଣରେଖା ଆହୁରି ଫୁଲିବ ବୋଲି କୁହାଯାଉଛି । ତେବେ ବନ୍ୟା ପରିସ୍ଥିତି ଉପରେ ସତର୍କ ନଜର ରଖିଛନ୍ତି ରାଜ୍ୟ ସରକାର । ଚଳିତବର୍ଷ ବୈତରଣୀ, ସୁବର୍ଣ୍ଣରେଖାରେ ବାରମ୍ବାର ବନ୍ୟା ଆସି ଲୋକଙ୍କ ଦୁର୍ଦ୍ଦଶାକୁ ବଢ଼ାଇ ଦେଇଛି ।

### ୨୫ ବର୍ଷର ବିଜେଡି ସରକାର ସମୟରେ ଅବହେଳିତ ବୈଶିଙ୍ଗା ହସ୍ପିଟାଲ

# ନୂଆ ସରକାର ଗଠନ ପରେ ପରିବର୍ତ୍ତନ ଆଶାରେ ଅଞ୍ଚଳବାସୀ

**ବୈଶିଙ୍ଗା,୨୫।୮ (ସଂଚାର ବ୍ୟୁରୋ):** ସ୍ୱାଧୀନତା ପୂର୍ବରୁ ୧୯୨୫ ମସିହାରେ ବୈଶିଙ୍ଗା ଠାରେ ତତ୍କାଳୀନ ମହାରାଜାଙ୍କ ଦ୍ୱାରା ଯେଉଁ ଡାକ୍ତରଖାନା ପ୍ରତିଷ୍ଠା କରାଯାଇଥିଲା ଶହେ ବର୍ଷ ବିତିଗଲା ପରେ ମଧ୍ୟ ସେହି ପୂର୍ବଭଳି ଆଜବେଷ୍ଟସ୍ ଛପର ଘରେ ସ୍ୱାସ୍ଥ୍ୟ ସେବା ଚାଲିଛି। ପୂର୍ବରୁ ୪ଜଣ ଡାକ୍ତର ସେବା ଯୋଗାଉ ଥିବା ବେଳେ ତା ମଧ୍ୟରୁ ଜଣେ ପ୍ରସୂତୀ ସହିତ ଶିଶୁ ବିଶେଷଙ୍କ ସେବା ଦେଉଥିବାର ନଜିର ରହିଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବହୁ ଯୋଜନା ପ୍ରସ୍ତୁତ କରୁଛନ୍ତି ସତ ମାତ୍ର କାର୍ଯ୍ୟକାରୀ ଘରେ ଶୂନ। କେତେ




ବିଧାୟକ, ସାଂସଦ, ମନ୍ତ୍ରୀ, ସରପଞ୍ଚ ନିଜର ଦାୟିତ୍ୱ ନିଭାଇ ସାରିଲେଣି କିନ୍ତୁ ଡାକ୍ତରଖାନା ପ୍ରତି କାହାରି ଇଚ୍ଛାଶକ୍ତି ନ ଥିବାର ଜଣାଯାଇଛି। ୨୫ ବର୍ଷର ବିଜେଡି ସରକାରୀ ଦଳର ଗଣ୍ଡା ଗଣ୍ଡା ନେତା ନିର୍ବାଚନ ଆସିଲେ ସବୁ ସମାଧାନ ହୋଇଯିବାର ପ୍ରତିଶ୍ରୁତି ଦିଅନ୍ତି, ମାତ୍ର ତାପରେ ସବୁ ଭୁଲି ଯାଆନ୍ତି। ରାଜ୍ୟର ବିଭିନ୍ନ ସରକାର ଗତ ୭୫ ବର୍ଷ ମଧ୍ୟରେ ରାଜ୍ୟ ରେ କୋଣ ଅନୁକୋଣ ରେ କେତେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରିସାରିଲେଣି ସତ କିନ୍ତୁ ବୈଶିଙ୍ଗା ଡାକ୍ତରଖାନାର ନା ରୂପ ପରିବର୍ତ୍ତନ ହୋଇଛି ନା ସ୍ଥାୟୀ ଏବଂ ଅଭିଜ୍ଞ ଡାକ୍ତର ନିଯୁକ୍ତି ହୋଇ ପାରିଛନ୍ତି। ଏହାକୁ ଭିତ୍ତି କରି ଆଞ୍ଚଳିକ ବିକାଶ ପରିଷଦ ଆନୁକୂଲ୍ୟରେ ୨୦୨୩ ଅକ୍ଟୋବର ୨ ରୁ ଦଶ ଦିନ ପାଇଁ ଡାକ୍ତରଖାନା ପାର୍ଶ୍ୱରେ ଏକ ଅନଶନ ଅନୁଷ୍ଠିତ ହୋଇଥିଲା। ଖୁବ ଶୀଘ୍ର ଏହି ଆଞ୍ଚଳିକ ଡାକ୍ତରଖାନା କୁ ସିଏଚସି -୨ କରାଯିବା ପାଇଁ ସରକାରୀ ଦଳର ନେତା ମାନଙ୍କ ପ୍ରତିଶ୍ରୁତି ମିଳିବା ଏବଂ ସାଧାରଣ ନିର୍ବାଚନ ପୂର୍ବରୁ ଦେଢ କୋଟି ଟଙ୍କା ଦିଆଯିବାର ସିଦ୍ଧାନ୍ତ ହୋଇଥିଲା। ମାତ୍ର ସମୟ ଅନୁସାରେ ଦେଢ କୋଟି ଟଙ୍କା ମିଳି ପାରିନଥିଲା। ସାରା ରାଜ୍ୟରେ ଡାକ୍ତର ନିଯୁକ୍ତି ପ୍ରକ୍ରିୟା ଚାଲିଥିବା ବେଳେ ବୈଶିଙ୍ଗା ଡାକ୍ତରଖାନାରେ ଡାକ୍ତର ପଦବୀ ଆଂଶିକ ଭାବେ ପୂରଣ ହୋଇଛି ସତ ମାତ୍ର ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ସହିତ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ହୋଇ ପାରିନଥିଲା।

ଅତ୍ୟାଧୁନିକ ଯନ୍ତ୍ରପାତି ଥାଇ ମଧ୍ୟ ଟେକନିସିୟନ ଅଭାବରୁ ଯନ୍ତ୍ର ବ୍ୟବହାର ହୋଇ ପାରୁନାହିଁ। ଦୁଇ ଜଣ ଏମବିବିଏସ ଡାକ୍ତର ସହିତ ଜଣେ ଆୟୁଷ ଡାକ୍ତର ଡିପ୍ଲୋଏଟ୍ ରେ, ଆଉ ଜଣେ ବାରିପଦା ଜିଲ୍ଲା ଡାକ୍ତରଖାନାରୁ ଡା.ପ୍ରଦୀପ କୁମାର କର ମଧ୍ୟ ଡିପ୍ଲୋଏଟ୍ ରେ ଅଛନ୍ତି। ଇତି ମଧ୍ୟରେ ୨୦୨୪ ଜୁନ ୪ ତାରିଖରେ ଭାରତୀୟ ଜନତା ପାର୍ଟିର ନୂଆ ସରକାର ଗଠନ ହେଲା।

## ରାସ୍ତାରେ ଫସିଲା ସ୍କୁଲ ଭ୍ୟାନ୍

**କେନ୍ଦୁଝର,୨୫।୮ (ସଂଚାର ବ୍ୟୁରୋ):** କେନ୍ଦୁଝର ସଦର ବ୍ଲକ ନୂଆଗାଁ ପଞ୍ଚାୟତ କାଦଗଡ଼ ରେଳବାଇ ପୋଲ ନିକଟ କାଦୁଅ ରାସ୍ତାରେ ସୋମବାର ବନାଯୋଡି ସାଇଆନନ୍ଦ ସ୍କୁଲକୁ ଛାତ୍ରୀଛାତ୍ରଙ୍କୁ ନେବା
ଆଣିବା କରୁଥିବା ଏକ ସ୍କୁଲ ଭ୍ୟାନ ଫସି ଯାଇଥିଲା। ଫଳରେ ଘଣ୍ଟା ଘଣ୍ଟା ଧରି ଛାତ୍ରୀଛାତ୍ରୀ ଫଶି ରହି ଶିକ୍ଷାନୁଷ୍ଠାନକୁ ଯାଇ ପାରି ନ ଥିଲେ। ଗାଡି ଫସି ରହିବା ଯୋଗୁ ଅନ୍ୟଗାଡିଗୁଡିକ ଯାଆସ କରି ପାରି ନ ଥିଲା। ଏକ ଟ୍ରାକ୍ଟର ଯୋଗେ ସ୍କୁଲ ଭ୍ୟାନକୁ ଉଦ୍ଧାର କରାଯାଇଥିଲା। ମିଳିଥିବା ସୂଚନା ମୁତାବକ, ସମ୍ପୃକ୍ତ ରାସ୍ତାରେ ପୋଲ ନିର୍ମାଣ ହୋଇଥିବା ବେଳେ ମୋରମ କିମ୍ବା କଂକ୍ରିଟ କରାଯାଇ ନାହିଁ। କେବଳ ରାସ୍ତାରେ ମାଟି ପକାଯାଇଥିବାରୁ ଅଳ୍ପ ବର୍ଷା ହେଲେ ଏହା କାଦୁଅ ହୋଇଯାଉଛି।

ଫଳରେ ଲୋକେ ଯାତାୟତରେ ହଇରାଣ ହେଉଛନ୍ତି। ଏପରିକି ରୋଗୀ ନେବା ଆଣିବା ପାଇଁ ୧୦୮ ଆମ୍ବୁଲାନ୍ସ ମଧ୍ୟ ଉକ୍ତ ରାସ୍ତାରେ ନାକେଦମ ହେଉଛି। ଏନେଇ ତୁରନ୍ତ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।



## ଭାରତୀୟ କମ୍ୟୁନିଷ୍ଟପାର୍ଟି ନୀଳଗିରି ଜୋନ କମିଟି ବୈଠକ



**ନୀଳଗିରି,୨୫।୮ (ସଂଚାର ବ୍ୟୁରୋ):** ନୀଳଗିରି ସହର ବାଇପାସ ଛକ ନିକଟସ୍ଥ ବନମାଳୀ ଭବନ ପରିସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରିର ଜୋନସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି।ଦଳର ବରିଷ୍ଠନେତା ସୀତାରାମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ଜିଲ୍ଲାସଭାପତି ନିରଞ୍ଜନ ବାରିକ, ଜୋନ ସମ୍ପାଦକ ବିଜୟ କୁମାର ସ ମଞ୍ଚାସିନ ରହି ସ୍ଥାନୀୟ ସମସ୍ୟା ବିଷୟରେ ଆଲୋଚନା କରିଥିଲେ।ପାଟପୁର ଶାଖା ସମ୍ପାଦକ ହରେକୃଷ୍ଣ ପଣ୍ଡିତ, ଦକ୍ଷିଣ ନରସିଂହପୁର ଶାଖା ସମ୍ପାଦକ ଦେବେନ୍ଦ୍ର ବେହେରା, ମହିଳାଶାଖା ସମ୍ପାଦିକା ଗାୟତ୍ରୀ ପଣ୍ଡାଙ୍କ ସମେତ ବିକ୍ରମ ମିଶ୍ର, ନଟବର ନାୟକ, ନିରଞ୍ଜନ ଜେନା, ବାସନ୍ତୀ ନାୟକ ପ୍ରମୁଖ ଜୋନ କମିଟି ସଭ୍ୟ/ସଭ୍ୟା ଉପସ୍ଥିତ ରହି ଈକୋ ସେନସିଟିଭ ଜୋନ ହଟିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରଖିବା ନେଇ ନିଷ୍ପତି ଗ୍ରହଣ କରିଥିବା ବେଳେ ଉପଖଣ୍ଡର ପ୍ରତ୍ୟେକ ସ୍କୁଲ ମାନଙ୍କରେ ମଧ୍ୟାହ୍ନ ଭୋଜନରେ ଦୁର୍ନୀତି ବିରୁଦ୍ଧରେ ଉତ୍କଳ ମହିଳାସମିତି ନେତ୍ରୀ ଗାୟତ୍ରୀ ପଣ୍ଡାଙ୍କ ଙ୍କ ନେତୃତ୍ୱରେ ଏକ ପ୍ରତନିଧି ମଣ୍ଡଳୀ ନୀଳଗିରି ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦେବାନେଇ ପ୍ରସ୍ତାବ ଆଗତ ହୋଇଛି।

## ଧାନ ଗଛ ଧରି ରାସ୍ତା ଅବରୋଧ କଲେ ଚାଷୀ

### ସାର ନମିଳିଲେ ରାସ୍ତାରୁ ହଟିବୁ ନାହିଁ

**ଉମରକୋଟ,୨୫।୮ (ସଂଚାର ବ୍ୟୁରୋ):** ନବରଂଗପୁର ଜିଲ୍ଲାରେ ଖରିଫ ଋତୁରେ ଚାଷ ସମୟରେ ପ୍ରତିବର୍ଷ ରାସାୟନିକ ସାର ର ସଙ୍କଟ ଦେଖାଦିଏ କିନ୍ତୁ ଚଳିତ ବର୍ଷ ଅନ୍ୟ ବର୍ଷ ତୁଳନା ରେ ଅସହ୍ୟ ହେଇଛି, ବିଶେଷ କରି ୟୁରିଆ ସାରର ଅଭାବ ଯୋଗୁଁ ସରକାରୀ ସାର ବିକ୍ରୟ କେନ୍ଦ୍ର ଗୁଡିକରେ ଭିଡ଼ ଅସମ୍ଭାଳ ହୋଇ ପଡୁଛି। ଆଜି ପରିସ୍ଥିତି ଏତେ ଅସମ୍ଭାଳ ହେଲା ଚାଷୀ ଉମରକୋଟ ସହରରେ ଧାନ ଗଛ ଧରି ରାସ୍ତା ଅବରୋଧ କରି ବସିଛନ୍ତି। ଫଳରେ ଉମରକୋଟ ଓ ନବରଙ୍ଗପୁରକୁ ଗାଡି ଚଳା ଚଳ ବାଧା ପ୍ରାପ୍ତ ହୋଇଛି। ୟୁରିଆ ସାର ନମିଳିଲେ ଆମେ ରାସ୍ତାରୁ ହଟିବୁ ନାହିଁ କହୁଛନ୍ତି ଚାଷୀ। ଗତ ଶନିବାର ଦିନ ଉମରକୋଟ କୁ ୧୭୦୦ କ୍ୟୁଣ୍ଟାଲ



ୟୁରିୟା ସାର ଆସିଥିଲା ଉମରକୋଟ ଲ୍ୟାମ୍ପ କୁ ୬୦୦ ବସ୍ତା ଆସିଥିଲା କିନ୍ତୁ ପ୍ରାୟ ୧୫୦୦ ଜଣ ଚାଷୀ ସାର ନେବାକୁ ଆସିଥିଲେ ଏତେ ଭିଡ଼ ଦେଖି ଲ୍ୟାମ୍ପ କତୃପକ୍ଷ ପୋଲିସ ର ସହାୟତା ନେଇ ସାର ବାଣ୍ଟିବା ଆରମ୍ଭ କରିଥିଲେ ମାତ୍ର ଚାରି ଜଣ ସାର ନେବା ପରେ ଚାଷୀ ଲ୍ୟାମ୍ପ କୁ ଧସେଇ ପଶି ଯିବା ଯୋଗୁଁ ସାର ବାଣ୍ଟିବା ବନ୍ଦ କରିଦିଆ ଯାଇଥିଲା, ଆଜି ଲ୍ୟାମ୍ପ ଖୋଲିବା ପରେ ସମାନ ପରିସ୍ଥିତି ସୃଷ୍ଟି ହୋଇଥିବା ଯୋଗୁଁ ସାର ବାଣ୍ଟିବା ସମ୍ଭବ ହୋଇ ପାରିଲା ନାହିଁ ଉତ୍ୟକ୍ତ ଚାଷୀ ଅଧିକା ସାର ଯୋଗାଣ ଦାବିରେ ରାସ୍ତା ଅବରୋଧ କରି ରଖୁଛନ୍ତି। ଅନ୍ୟ ପକ୍ଷରେ ଜିଲ୍ଲା କୁ ବର୍ତ୍ତମାନ ସୁଦ୍ଧା ଯାହା ସାର ଆସିବା କଥା ତାହାଠାରୁ ଅଧିକା ସାର ଆସି ସାରିଲାଣି ଅସାଧୁ ବ୍ୟବସାୟୀ ସାର କଳାବଜାରୀ କରିବା ଲାଗି ସାର ବିଭିନ୍ନ ଗ୍ରାମରେ ଲୁଚାଇ ରଖି କୃତ୍ରିମ ଅଭାବ ସୃଷ୍ଟି କରି ଅଧିକା ଦରରେ ସାର ବିକ୍ରି କରୁଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ଦୋଳନକାରି ଙ୍କ ସହ ଆଲୋଚନା ଚାଲିଛି କିନ୍ତୁ ରାସ୍ତାରୋକ ହଟି ନାହିଁ ସାର ଦେଲେ ରାସ୍ତାରୁ ହଟିବେ ବୋଲି ଜିଦରେ ଅଡ଼ି ବସିଛନ୍ତି ଚାଷୀ।

## ଗ୍ରାମାଞ୍ଚଳ ବିକାଶ ପାଇଁ ଖର୍ଚ୍ଚ ହେଉଛି କୋଟିକୋଟି ଟଙ୍କା

● ସୁଧୁରୁନି ରାସ୍ତାର ଅବସ୍ଥା



**କଲ୍ୟାଣସିଂହପୁର,୨୫।୮ (ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳର ବିକାଶ ପାଇଁ ସରକାରଙ୍କ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥି ନିମନ୍ତେ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। ମାତ୍ର ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତର ଦୁର୍ଗମ ନୀୟମଗିରି ଅଞ୍ଚଳର ଦୃଶ୍ୟ ଦେଖିଲେ ଯୋଜନା ଲୋକଙ୍କ କାମରେ ଲାଗୁନି ବୋଲି ସହଜରେ ଅନୁମେୟ। ସାନ ଡେଙ୍ଗନେଲି ଛକଠାରୁ ବଡ଼ ଡେଙ୍ଗନେଲି ଛକ ପର୍ଯ୍ୟନ୍ତ ଦୁଇ କିଲୋମିଟର କାଦୁଅ ପଚପଚ ରାସ୍ତା ପାଦରେ ଚାଲିବା କଷ୍ଟକର। ପ୍ରତ୍ୟେକ ଦିନ ଯାତାୟାତରେ କିଛି ନା କିଛି ଅଘଟଣ ଘଟିବା ନଜରରେ ଆସିଥାଏ। ଗ୍ରୀଷ୍ମ ଋତୁରେ ଚଳିଯାଉଥିବାବେଳେ ବର୍ଷାରେ ସ୍ଥିତି ଦୟନୀୟ। ଏ ରାସ୍ତା ନୁହେଁ ତ ସତେ ମରଣଯନ୍ତା। ସାଧାରଣତଃ ଅଞ୍ଚଳର ଲୋକଙ୍କୁ ପଞ୍ଚାୟତକୁ ରାଶନ ଚାଉଳ ହେଉ କିମ୍ବା ଭତ୍ତା ପଇସା ଆଣିବାକୁ ହେଲେ ଏହି ରାସ୍ତା ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଦୁର୍ଭାଗ୍ୟବଶତଃ କାହାର ଦେହ ଖରାପ ହେଇଯାଏ ତାକୁ ଖଟିଆ ଭରସା। ଏହି ରାସ୍ତା ଉପରେ ନିର୍ଭର କରନ୍ତି ନିୟମଗିରି ଅଞ୍ଚଳର ଲାଖପଦର, ପଟାଙ୍ଗ ପଦର, ଡଙ୍ଗା ମାଟି, ଲାମ୍ବା, ଗୁମା, କୋଡ଼ଙ୍ଗେଏଉ, ସାରିଝୋଲା, ବଡ଼ଡେଙ୍ଗନେଲି ଲୋକେ। ଲାଇଫ୍‌ଲାଇନ୍ ପାଲଟି ଥିବା ଏହି ରାସ୍ତା ସୁରକ୍ଷିତ ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଉଛନ୍ତି ନିୟମଗିରି ଅଞ୍ଚଳର ଡଙ୍ଗରିଆ। ଯଦି ଏହି ରାସ୍ତା ମରାମତି ନ ହୁଏ ଆଗାମୀ ଦିନରେ ବ୍ଲକରେ ଧାରଣାରେ ବସିବୁ କହିଛନ୍ତି ନୀୟମଗିରି ଅଞ୍ଚଳବାସୀ।

## ବାଧକ ସାଜିଛି ବର୍ଷା: କାମଧନ୍ଦାକୁ ବାହାରି ପାରୁନାହାନ୍ତି ଲୋକେ



**ଦାରିଙ୍ଗବାଡ଼ି,୨୫।୮(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଗତ ୧୦ ଦିନରୁ ଉର୍ଦ୍ଧ୍ୱ ହେଲା ଲଘୁଚାପ ଜନିତ ବର୍ଷା ପାଇଁ ସୂର୍ଯ୍ୟଦେବଙ୍କୁ ଦେଖିପାରୁନାହାନ୍ତି ଲୋକେ। ବର୍ଷା ପ୍ରଭାବରେ ଲୋକଙ୍କ କାମଧନ୍ଦା ବନ୍ଦ ହୋଇଯାଇଛି। ଅନେକ ଶ୍ରମିକ, ଦିନ ମଜୁରିଆଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସରକାର ଯୋଗାଉଥିବା ଚାଉଳ ନିଅଣ୍ଟିଆ ପଡ଼ିଲାଣି ସମସ୍ତଙ୍କ ମନରେ ଚିନ୍ତା ବଢ଼ିବାରେ ଲାଗିଛି। ଗରୀବ ରେଖା ତଳେ ରହୁଥିବା ଲୋକଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିବା ସହ ପନିପରିବା ଚାଷୀଙ୍କଠାରୁ ଆରମ୍ଭ କରି କ୍ଷୁଦ୍ର ଦାନା ଚାଷୀ ଓ ଧାନ ଚାଷୀଙ୍କ ମଧ୍ୟରେ ଚିନ୍ତା ବୃଦ୍ଧି ପାଇଛି ଏହି ଦିନରେ ବିନ ସମେତ ବାଇଗଣ, ମକା, ଭେଣ୍ଡି, ଟମାଟୋ, ପୋଟଳ, ଜହ୍ନି ଭଳି ପରିବା ଚାଷୀ ଅମଳ କରି ବଜାରରେ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିବା ବେଳେ କିନ୍ତୁ ତୁହାକୁ ତୁହା ବର୍ଷା ପନିପରିବା ଚାଷକୁ ନଷ୍ଟ କରିବା ସହ ରୋଗପୋକ ଲାଗିବା ଆରମ୍ଭ ହୋଇଯାଇଥିବା ବେଳେ ବିନ୍ ଚାଷ ପ୍ରାୟ ନଷ୍ଟ ହେବାରେ ଲାଗିଛି।

## ସାପ୍ତାହିକ ବଜାରକୁ ଯିବା ବାଟରେ ଦୁର୍ଘଟଣା: ଚାଲିଗଲା ନାବାଳକଙ୍କ ଜୀବନ,୨ ଆହତ

**ଝରିଗାଁ, ୨୫/୦୮ :** ସାପ୍ତାହିକ ବଜାରକୁ ଯିବା ବାଟରେ ଦୁର୍ଘଟଣା। ଚାଲିଗଲା ନାବାଳକଙ୍କ ଜୀବନ, ୨ ଆହତ। ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା କନ୍ଦଗୁଡ଼ା ଗାଁ ନିକଟରେ ରବିବାର ଅପରାହ୍ନ ୩ଟାରେ ଏହି ଦୁର୍ଘଟଣା ଘଟିଛି । ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନାନୁଯାୟୀ, ଚଚା ପଞ୍ଚାୟତ ଅନ୍ତର୍ଗତ ଥାଟବେଡା ଗ୍ରାମର ଦୁର୍ଯ୍ୟଧନ ଭତ୍ରା (୨୫ ବର୍ଷ), ଯଜମନ ଭତ୍ରା(୧୭ ବର୍ଷ) ଏବଂ ମଙ୍ଗରୁ ଭତ୍ରା(୨୬ ବର୍ଷ) ରବିବାର ଅପରାହ୍ନ ୩ଟାରେ ଏକ ବାଇକ୍ ଯୋଗେ ଦେଉଳକୋଣା ସ୍ଥିତ ସାପ୍ତାହିକ ବଜାରକୁ ଯାଉଥିଲେ। ବାଟରେ କନ୍ଦଗୁଡ଼ା ଗାଁ ନିକଟରେ ଦୁର୍ଘଟଣା ଘଟିଥିଲା।

### ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୧୫୦ ଅଭିଯୋଗର ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର,୨୫।୮(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବୀରମହାରାଜପୁର ପଞ୍ଚାୟତ ସମିତି ଅନ୍ତର୍ଗତ ଦୁର୍ଜନତୈଲା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୧୫୦ (ଏକ ଶହ ପଚାଶ) ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୨୩ (ଏକ ଶହ ତେଇଶି) ଗୋଟି



ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୨୭ (ସତେଇଶ) ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୧୦(ଦଶ) ଗୋଟି ଅଭିଯୋଗ ପତ୍ର ତୁରନ୍ତ ଅଭିଯୋଗ ଶୁଣାଣୀ ଶିବିର ରେ ସମାଧାନ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ, ବୀରମହାରାଜପୁର, ପୁରୁଷୋତ୍ତମ ଧାରୁଆ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ବୀରମହାରାଜପୁର ସୁରେନ୍ଦ୍ର ମେହେରଙ୍କ ସମେତ ତହସିଲଦାର, ବୀରମହାରାଜପୁର ତଥା ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀ ଅର୍ଜୁନ ମାଝୀ ଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

● ମେଗା ପ୍ରକଳ୍ପର କାର୍ଯ୍ୟରେ ଅନିୟମିତତା ଘଟଣା

## ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ଯନ୍ତ୍ରୀଙ୍କ ବଦଳି

**ନୀଳଗିରି,୨୫।୮(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ୧୭୨ କୋଟି ଟଙ୍କାର ବିନିଯୋଗରେ ମେଗା ଜଳଯୋଗାଣ ପ୍ରକଳ୍ପ ଠିକା ସଂସ୍ଥା ଜୁବେରୀ କମ୍ପାନୀ କାର୍ଯ୍ୟ କରୁଥିବା ବେଳେ ପ୍ରକଳ୍ପର ଦେଖରେଖ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଚାଲୁରହିଛି। ଏବେ ବିଭିନ୍ନ ଗ୍ରାମ ଓ ରାସ୍ତାପାର୍ଶ୍ୱ ଦେଇ ପାଇପ୍ ବିଛାଚାଲିଛି। ଗତ ଶନିବାର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ଘର ପାଖ ଧୋବଶିଳା ପଞ୍ଚାୟତ ଗୋପିନାଥପୁର ଶାସନର ରାସ୍ତାପାର୍ଶ୍ୱ ଦେଇ ଠିକା ସଂସ୍ଥା ପକ୍ଷରୁ ପାଇପ୍ ବିଛାଚାଲିଥିଲା ବେଳେ ଏହି ପାଇପ୍ ତିନି ଫୁଟ ଗଭିର ହେବା ସ୍ଥଳେ ଏକ ଫୁଟ ଗଭିରରେ ବିଛାଯାଉଥିବାର ଦେଖିବାକୁ ପାଇଥିଲେ ସାଂସଦ। ପ୍ରତାପଙ୍କ ହସ୍ତକ୍ଷେପ ପରେ ଆର.ଡବ୍ଲ୍ୟୁ.ଏସ.ଏସ. ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ଏହି ଘଟଣା ପରେ ଠିକା ସଂସ୍ଥା ଜୁବେରୀ ଇଞ୍ଜିନିୟରିଂର ନୀଳଗିରି ଭାଇସ ପ୍ରେସିଡେଣ୍ଟ ଆର୍.ପି ସିଂ, ଇଂ ହରେକୃଷ୍ଣ ଦଳେଇଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାପରେ ନୀଳଗିରି ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସହକାରୀ ଯନ୍ତ୍ରୀ ଶୁଭଲକ୍ଷ୍ମୀ ମହନ୍ତଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଥିଲେ। ଶେଷରେ ଗତ ରବିବାର ସନ୍ଧ୍ୟାରେ ସମ୍ପୃକ୍ତ ଆର.ଡବ୍ଲ୍ୟୁ.ଏସ.ଏସ ସହକାରୀ ଯନ୍ତ୍ରୀ ମହନ୍ତଙ୍କୁ ବାହାନଗା ସେକ୍ସନକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ବାହାନଗାର ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରୀତିପ୍ରଭା ବାରିକଙ୍କୁ ନୀଳଗିରି ବଦଳି କରାଜାଇଛି।

## ପୁରୀରେ ଆୟୋଜିତ ହେବ ନୂଆଁଖାଇ ଭେଟଘାଟ୍



**ସୁବର୍ଣ୍ଣପୁର,୨୫।୮(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ପାତାଳି ଶ୍ରୀକ୍ଷେତ୍ର ଓ ଶ୍ରୀକ୍ଷେତ୍ର ମଧ୍ୟରେ ସାଂସ୍କୃତିକ ସମ୍ପର୍କ ଅତି ପ୍ରାଚୀନ ଓ ଏହି ସମ୍ପର୍କର ସେତୁକୁ ଆହୁରି ଦୃଢ଼ କରିବା ପାଇଁ ଆଗେଇ ଆସିଛନ୍ତି ସୁବର୍ଣ୍ଣପୁରର ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ ରୁମ୍‌କୁଝୁମାନା ଓ ପବିତ୍ର ଗଣ ପର୍ବ ନୂ ଲଆଖାଇ ଅବସରରେ ଲୋକ କଳା, ଲୋକ ନୃତ୍ୟ ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଅନୁଷ୍ଠାନ ତରଫରୁ ପ୍ରଥମ କରି ଶ୍ରୀକ୍ଷେତ୍ରେ ନୂଆଖାଇ ଉତ୍ସବ ପୁରୀ ସଂସ୍କୃତି ଭବନ ଠାରେ ଚଳିତ ଅଗଷ୍ଟ ମାସ ୩୧ ତାରିଖ ସକାଳ ୧୦ ଟା ରୁ ସଂଧ୍ୟା ୫ ଟା ପର୍ଯ୍ୟନ୍ତ ଆୟୋଜନ ହେବାକୁ ଯାଉଛି ଓ ଏ ନେଇ ଉତ୍ସବର ଆବାହକ ଶ୍ରୀମନ୍ତ କୁମାର ଦାଶ, ରୁମ୍‌କୁଝୁମାନାର ସଭାପତି ଶାଶ୍ୱତ କୁମାର ତ୍ରିପାଠୀ, ସଂସ୍କୃତିକ କମିଟି ପ୍ରମୁଖ ଭାଗିରଥି ମିଶ୍ର ଓ ମିଡିଆ ସଂଯୋଜକ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ ଏହି ସୁଚନା ଦେଇଛନ୍ତି ଓ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଏହି ଉତ୍ସବ ପାତାଳି ଶ୍ରୀକ୍ଷେତ୍ର ଓ ଶ୍ରୀକ୍ଷେତ୍ର ମଧ୍ୟରେ ସାଂସ୍କୃତିକ ଭାବର ଆଦାନ ପ୍ରଦାନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମତ ବ୍ୟକ୍ତ କରିବା ସହିତ ଉତ୍ସବରେ ସାମିଲ ହେବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି ଓ ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଓଡିଶା ସଂସ୍କୃତିରେ ସୁବର୍ଣ୍ଣପୁରର ଅବଦାନ କଥା ଉଲ୍ଲେଖ କରିବା ସହ ନିଜେ ଉପସ୍ଥିତ ରହିବାର ସହମତି ପ୍ରକାଶ କରିଛନ୍ତି। ଏହି ଅବସରରେ ଲୋକ କଳା, ଲୋକ ନୃତ୍ୟ ପ୍ରଦର୍ଶନ ସହିତ କବି ଓ କଳାକାର ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହେବ ଓ ବିଭିନ୍ନ କ୍ଷେତ୍ରରେ ଜୀବନବ୍ୟାପି ସାଧନା କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ଓ ସାରା ଓଡିଶାରୁ କବି ଓ କଳାକାର ସାମିଲ ହୋଇ ଏହି ଅବସରରେ ସାଂସ୍କୃତିକ ଭାବର ଆଦାନ ପ୍ରଦାନ କରିବେ ଓ ପୁରୀରେ ଅନୁଷ୍ଠିତ ସମ୍ମିଳନୀରେ ରୁମ୍‌କୁଝୁମାନାର କଳାକାର ମାନେ ମଧ୍ୟ ଉପସ୍ଥିତ ଥିଲେ ।

## ଦିନକପରେ ଆସୁଛନ୍ତି ଗଜାନନ, ବର୍ଷା ସାଜିଛି ବାଧକ

**କଣାସ,୨୫।୮(ସଂଚାର ବ୍ୟୁରୋ):** ଦିନକ ପରେ ଗଜାନନଙ୍କ ପୂଜା ଉତ୍ସବ ଏଥିପାଇଁ ସହର ଠାରୁ ଗ୍ରାମ ପର୍ଯ୍ୟନ୍ତ ସବୁଠି ଚାଲିଛି ମୂର୍ତ୍ତି ତିଆରି ପ୍ରସ୍ତୁତି। ମୂର୍ତ୍ତି ତିଆରି କାମରେ ପ୍ରତ୍ୟେକ ମୂର୍ତ୍ତି ତିଆରି ସ୍ଥାନରେ ୫ରୁ ୧୦ଜଣ କାରିଗର କାମ କରୁଥିବା ଦେଖିବାକୁ ମିଳିଛି କଣାସ ବ୍ଲକର କଣାସ, ଜଙ୍କିଆ, ବିଜିପୁର, କରମଳା, ଗଡ଼ିଶାଗୋଦା, ଅଡାଳ, ଗଡ଼ଖାରଦ, ବକୁ, ମନ୍ଦାରବସ୍ତ ଓ ବିଭିନ୍ନ ଗ୍ରାମରେ। ଏହା ସହ ପ୍ରତ୍ୟେକ ବିଦ୍ୟାଳୟ ଏବଂ ପୂଜାମଣ୍ଡପ ମାନଙ୍କରେ କର୍ମକର୍ତ୍ତାମାନେ ପୂଜାପାଇଁ ଯୋରଦାର ପ୍ରସ୍ତୁତି କରିଚାଲିଥିବା ବେଳେ ଲଘୁଚାପ ଜନିତ ବର୍ଷା କେତେକାଅଂଶରେ ବାଧା ସୃଷ୍ଟି କରିଛି।

ମୂର୍ତ୍ତି କାରିଗରମାନେ ଦୀର୍ଘ ଦୁଇ ମାସ ଆଗରୁ ମାଟି, ଛଣ, କାଠ, ସୂତା ସଂଗ୍ରହ କରି ମୂର୍ତ୍ତି ଗଢିବାରେ



ଲାଗିପଡ଼ିଛନ୍ତି। ଆଉ ମାତ୍ର ଦିନକ ପରେ ଗଜାନନକ ପୂଜା ଉତ୍ସବ ହୋଇଥିବାରୁ ମୂର୍ତ୍ତି କାରିଗରମାନଙ୍କୁ ଫୁରୁସତ୍ ନାହିଁ। ଅନେକ ସ୍ଥାନରେ କାରିଗରମାନେ ମୂର୍ତ୍ତିର ଶେଷ ପର୍ଯ୍ୟାୟରେ ରଙ୍ଗ ଦେଉଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ମୂର୍ତ୍ତି ନିର୍ମାଣ ସ୍ଥାନରେ ୫୦ରୁ ୨୦୦ ପର୍ଯ୍ୟାନ୍ତ ମୂର୍ତ୍ତି ବରାଦ ଅନୁସାରେ କାରିଗରମାନେ ନିର୍ମାଣ କରିଛନ୍ତି।

## ଛାତ୍ରଙ୍କୁ ମାଡ଼ ମାରି ଶିକ୍ଷକ ନିଲମ୍ବିତ

**ଟିଟିଲାଗଡ଼,୨୫।୮(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବୁଦ୍ରାମୁଣ୍ଡା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ତୃତୀୟ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ମାରି ଜଣେ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। ଶିକ୍ଷକ ପ୍ରତାପ ନନ୍ଦଙ୍କୁ ବ୍ଲକ ଶିକ୍ଷାଅଧିକାରୀ ନିଲମ୍ବନ କରିଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷେ ୨୨ ତାରିଖରେ ଛାତ୍ରଙ୍କୁ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

